# ଧରିତ୍ରୀ
DHARITRI

ଶୁକ୍ରବାର, ମେ ୨୨/୨୦୨୦ (୨୦ ପୃଷ୍ଠା) | Friday, May 22/2020

୪୬ଶ ଭାଗ ୧୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଲକ୍‌ଡାଉନ୍ ସରିବାର ସ୍ୱପ୍ନ ଦେଖୁଛନ୍ତି ହୁମା**

ଅଭିନେତ୍ରୀ ହୁମା କୁରେଶି ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଶେୟାର କରି ବୋର୍ ହୋଇଗଲିଣି ବୋଲି କହିଛନ୍ତି। ଲକ୍‌ଡାଉନ୍ ସରିବାର ସ୍ୱପ୍ନ ସେ ବହୁବାର ଦେଖିଥିବା ପ୍ରକାଶ କରିଛନ୍ତି। ୧୦

୨୦ **ଆଇସିସି ଚେୟାରମ୍ୟାନ ପଦବୀ ପାଇଁ ଗାଙ୍ଗୁଲି ଉପଯୁକ୍ତ**

ଆଇସିସି ଚେୟାରମ୍ୟାନ ପଦବୀ ପାଇଁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଉପଯୁକ୍ତ ବ୍ୟକ୍ତି ବୋଲି କହିଛନ୍ତି ଦକ୍ଷିଣ ଆଫ୍ରିକା କ୍ରିକେଟ (ସିଏସ୍ଏ)ର ନିର୍ଦ୍ଦେଶକ ଗ୍ରେମ୍ ସ୍ମିଥ୍।



# ଅମ୍ଫାନ୍‌ରେ ୪୫ ଲକ୍ଷ ଲୋକ ପ୍ରଭାବିତ

**ଭୁବନେଶ୍ୱର,୨୧।୫(ବ୍ୟୁରୋ)**

### ଏନ୍‌ସିଏମ୍‌ସିକୁ ସୂଚନା ଦେଲେ ରାଜ୍ୟ ସରକାର

- ଦୁଇଦିନ ଭିତରେ ଆକଳନ ହେବ କୃଷି କ୍ଷୟକ୍ଷତି
- ବାତ୍ୟା କ୍ଷୟକ୍ଷତି, ପୁନରୁଦ୍ଧାର ସମୀକ୍ଷା କଲେ କ୍ୟାବିନେଟ ସଚିବ

ସାମୁଦ୍ରିକ ଝଡ଼ ଅମ୍ଫାନ୍‌ରେ ରାଜ୍ୟର ୧୫୦୦ ପଞ୍ଚାୟତର ୪୪.୮୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବାତ୍ୟା ପ୍ରଭାବରେ ପ୍ରାୟ ୧ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି। ଗୁରୁବାର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଭିଡିଓ କନ୍‌ଫରେନ୍ସରେ ଜାତୀୟ ଆପତ୍‌କାଳୀନ ପରିଚାଳନା କମିଟି(ଏନ୍‌ସିଏମ୍‌ସି) କମିଟିର ଅଧ୍ୟକ୍ଷ ତଥା କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କୁ ଏହି ସୂଚନା ଦେଇଛନ୍ତି। ବୁଧବାର ବାତ୍ୟା ଅମ୍ଫନ ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ତାଣ୍ଡବ ରଚାଇଥିଲା। ବାତ୍ୟା କ୍ଷୟକ୍ଷତି ନେଇ କ୍ୟାବିନେଟ ସଚିବ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ କୃଷି ସମ୍ପର୍କିତ କ୍ଷୟକ୍ଷତି ନେଇ ଆସନ୍ତା ଦୁଇଦିନ ମଧ୍ୟରେ ଆକଳନ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଏନ୍‌ସିଏମ୍‌ସିକୁ ସୂଚନା ଦେଇଥିଲେ। ଏଥିସହିତ ବାତ୍ୟା ଆସିବା ପୂର୍ବରୁ ରାଜ୍ୟର ୮୯ଟି ବ୍ଲକର ୨ ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ବାତ୍ୟା ପରେ ୮୦ପ୍ରତିଶତ ପ୍ରଭାବିତ ଅଞ୍ଚଳରେ ପୁନଃ ବିଦ୍ୟୁତ ସଂଯୋଗ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବାତ୍ୟା ବିଷୟରେ ଠିକ୍ ଆକଳନ କରାଯିବାରୁ ଅଧିକ ସଂଖ୍ୟାରେ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ସମ୍ଭବ ହୋଇଥିଲା ଏବଂ କ୍ଷୟକ୍ଷତି ପରିମାଣ ମଧ୍ୟ କମ୍ ହୋଇଥିଲା ବୋଲି ବୈଠକରେ ସୂଚନା ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା ଓ ମନ୍ତ୍ରଣାଳୟଗୁଡ଼ିକ ଉଭୟ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସରକାରଙ୍କ ସହ ଯୋଗାଯୋଗରେ ରହି ଯଥାସମ୍ଭବ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କ୍ୟାବିନେଟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ☞ପୃଷ୍ଠା-୪



## ଆକାଶମାର୍ଗରୁ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

### ୩ଦିନରେ ଫସଲ କ୍ଷୟକ୍ଷତି ଆକଳନ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୧।୫(ବ୍ୟୁରୋ)**

ଆସନ୍ତା ୩ଦିନ ମଧ୍ୟରେ ଫସଲ କ୍ଷୟକ୍ଷତିର ଆକଳନ କରିବା ସହିତ ଘରଭଙ୍ଗା ସର୍ଭେ କାର୍ଯ୍ୟ ଆସନ୍ତା ସପ୍ତାହ ମଧ୍ୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ବାତ୍ୟା ଅମ୍ଫନ ପ୍ରଭାବରେ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲାର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳକୁ ☞ପୃଷ୍ଠା-୪

## ପଶ୍ଚିମବଙ୍ଗରେ ୭୨ ମୃତ

**କୋଲକାତା/ନୂଆଦିଲ୍ଲୀ,୨୧।୫**

### ଅମ୍ଫନ ତାଣ୍ଡବ

ସମସ୍ତ ସହାୟତା ଯୋଗାଇ ଦିଆଯିବ: ପ୍ରଧାନମନ୍ତ୍ରୀ

ଅତିଭୀଷଣ ସାମୁଦ୍ରିକ ବାତ୍ୟା ଅମ୍ଫନ ପଶ୍ଚିମବଙ୍ଗରେ ବ୍ୟାପକ କ୍ଷୟକ୍ଷତି କରିବା ସହ ୭୨ ଜଣଙ୍କ ଜୀବନ ନେଇଛି। ରାଜ୍ୟର ଦୁଇଟି ଜିଲା ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଥିବାବେଳେ କୋଲକାତା ସମେତ କେତେକ ଅଞ୍ଚଳରେ ଧ୍ୱଂସର ତାଣ୍ଡବ ରଚିଛି। ଲକ୍ଷାଧିକ ଲୋକ ବାସହରା ହୋଇଛନ୍ତି। ଅନେକ ଖାଲୁଆ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। କଚା ଘରଗୁଡ଼ିକ ଧ୍ୱଂସ ହେବା ☞ପୃଷ୍ଠା-୪

## ଆଜି ଆସିବେ ପ୍ରଧାନମନ୍ତ୍ରୀ

- ଟୁଇଟ୍ କରି ଜଣାଇଲା ପିଏମ୍ଓ
- ବାତ୍ୟା ପରିଚାଳନା ନେଇ ଓଡ଼ିଶାକୁ ପ୍ରଶଂସା କଲେ ମୋଦି
- ଆକାଶ ମାର୍ଗରୁ ଓଡ଼ିଶା, ପଶ୍ଚିମବଙ୍ଗର ବାତ୍ୟା ସ୍ଥିତି ପରଖିବେ
- ବାତ୍ୟା ପରବର୍ତ୍ତୀ ସମୀକ୍ଷା ବୈଠକ ମଧ୍ୟ କରିବେ



**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଓଡ଼ିଶା ଓ ପଶ୍ଚିମବଙ୍ଗର ବାତ୍ୟା ପ୍ରଭାବିତ ଅଞ୍ଚଳ ଆକାଶମାର୍ଗରୁ ବୁଲି ଦେଖିବେ। ଏଥିସହ ରିଲିଫ ଏବଂ ଥଇଥାନ କାର୍ଯ୍ୟ ପ୍ରସଙ୍ଗରେ ସମୀକ୍ଷା କରିବେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ପକ୍ଷରୁ ଗୁରୁବାର ରାତିରେ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ☞ପୃଷ୍ଠା-୪

## ୨୬ରୁ ଖାତାଦେଖା, ଜୁଲାଇ ଶେଷରେ ଫଳ

**ଭୁବନେଶ୍ୱର(ବ୍ୟୁରୋ)/କଟକ ଅଫିସ,୨୧।୫:** ମାଟ୍ରିକ ଖାତା ମୂଲ୍ୟାୟନ ପାଇଁ ନୂଆ ତାରିଖ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଆସନ୍ତା ୨୬ରୁ ମାଟ୍ରିକ ପରୀକ୍ଷା ଖାତାଦେଖା ଆରମ୍ଭ ହେବ। ଏ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ରାମାଶିଷ ହାଜିରାଙ୍କୁ ଚିଠି କରାଯାଇଛି। ଜୁଲାଇ ଶେଷ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଏହାସହ ମୂଲ୍ୟାୟନ ସମ୍ପର୍କିତ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍ଓପି) ମଧ୍ୟ ଜାରି କରିଛି ଗଣଶିକ୍ଷା ବିଭାଗ। ମାଟ୍ରିକ ପରୀକ୍ଷା ସମେତ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ମଧ୍ୟମା ପରୀକ୍ଷାର ଖାତାଦେଖା ମଧ୍ୟ ୨୬ରୁ ଆରମ୍ଭ ହେବ। ୬୦ଟି ମୂଲ୍ୟାୟନ କେନ୍ଦ୍ର ମଧ୍ୟରୁ ୫୦ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଖାତା ଦେଖାଯିବ। ବଳକା ୧୦ଟି କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ମଧ୍ୟମା ପରୀକ୍ଷା ଉତ୍ତରଖାତା ମୂଲ୍ୟାୟନ କରାଯିବ। ଶିକ୍ଷକମାନେ ନିଜ ଘରଠାରୁ ୧୦ କି.ମି. ମଧ୍ୟରେ ଥିବା କେନ୍ଦ୍ରରେ ଖାତା ଦେଖିବେ। ପ୍ରତ୍ୟେକ ଦିନ ମୂଲ୍ୟାୟନ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଏକ ଚେତାବନୀ







ରୁଷିଆ ଓପନ୍ ସ୍କାଏଜ୍ ସର୍ଭିଲାନ୍ସ ଚୁକ୍ତିକୁ ଉଲ୍ଲଂଘନ କରୁଥିବାରୁ ଆମେରିକା ଏଥିରୁ ଓହରିଯାଉଛି।
-ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି



# ଅମ୍ଫନ୍‌କୁ ଜାତୀୟ ବିପତ୍ତି ଘୋଷଣା କର: ସିପିଏମ୍

**ନୂଆଦିଲ୍ଲୀ,୨୧ା୫(ପି.ଟି.)**

ବାତ୍ୟା ଅମ୍ଫନକୁ ଜାତୀୟ ବିପତ୍ତି ଘୋଷଣା କରିବାକୁ ସିପିଆଇ(ଏମ୍) ପକ୍ଷରୁ ଦାବି କରାଯାଇଛି। ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ଜନସାଧାରଣ କେନ୍ଦ୍ରୀୟ ସହାୟତା ଚାହାନ୍ତି। ଅମ୍ଫନ ପ୍ରଭାବରେ ଓଡ଼ିଶା ଓ ପଶ୍ଚିମବଙ୍ଗର ବ୍ୟାପକ କ୍ଷତି ହୋଇଛି। ଏଭଳି ସମୟରେ ରିଲିଫ ଓ ପୁନର୍ବାସନ ପ୍ରଥମ କାର୍ଯ୍ୟ। ସାରା ଦେଶ କୋଭିଡ୍-୧୯ ବିରୋଧରେ ଲଢ଼େଇ କରୁଥିବାବେଳେ ଅମ୍ଫନ କ୍ଷତିଗ୍ରସ୍ତ ଦୁଇ ରାଜ୍ୟର ଜନସାଧାରଣଙ୍କୁ ତୁରନ୍ତ ସହାୟତା ମିଳିବା ଆବଶ୍ୟକ। ୨୦୦୯ର ଅଇଲା ଏବଂ ୨୦୧୯ର ବୁଲ୍‌ବୁଲ୍‌ଠାରୁ ଅମ୍ଫନ ଅଧିକ ଧ୍ୱଂସକାରୀ ବୋଲି ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଟୁଇଟ୍ କରିଛନ୍ତି।

# ବାଂଲାଦେଶରେ ୧୦ ମୃତ

**ଢାକା,୨୧ା୫(ପି.ଟି.)**

ବାତ୍ୟା ଅମ୍ଫନରେ ବାଂଲାଦେଶରେ ୧୦ଜଣଙ୍କ ମୃତ୍ୟୁ ହେବା ସହ ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି। ଖାଲୁଆ ଅଞ୍ଚଳ ଜଳାର୍ଣ୍ଣବ ହେବା ସହ ବହୁ କଚାଘର ଭାଙ୍ଗିଯାଇଛି। ୨୦୦୭ର ସିଡର ବାତ୍ୟା ପରେ ଏହା ସବୁଠୁ ଭୟଙ୍କର ବାତ୍ୟା ବୋଲି କୁହାଯାଉଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ଗଛ ପଡ଼ି କିମ୍ବା ଘର ଭୁଶୁଡି ଲୋକଙ୍କ ମୃତ୍ୟୁ ଘଟିଛି। ରେଡ୍ କ୍ରିସେଣ୍ଟର ଜଣେ ସ୍ୱେଚ୍ଛାସେବୀ ଉଦ୍ଧାର କାର୍ଯ୍ୟ ବେଳେ ପାଣିରେ ବୁଡିଯାଇଥିଲେ। ୯ ଘଣ୍ଟା ପରେ ତାଙ୍କୁ ଉଦ୍ଧାର କରାଯାଇଛି। ବାତ୍ୟା ପ୍ରସ୍ତୁତି କାର୍ଯ୍ୟକ୍ରମ (ସିପିପି)ର ସ୍ୱେଚ୍ଛାସେବୀମାନଙ୍କୁ ନେଇ ଯାଉଥିବା ବୋଟ୍ ବୁଧବାର ହାଫେଜ୍ କେନାଲରେ ବୁଡ଼ିଯାଇଥିଲା।

# ପାଟ୍ରୋଲିଂରେ ବାଧା ସୃଷ୍ଟି କରୁଛି ଚାଇନା

**ନୂଆଦିଲ୍ଲୀ,୨୧ା୫**

ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ଅଞ୍ଚଳରେ ଭାରତର ସ୍ୱାଭାବିକ ପାଟ୍ରୋଲିଂରେ ଚାଇନା ବାଧା ସୃଷ୍ଟି କରୁଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତୀୟ ଯବାନ ୱେଷ୍ଟର୍ନ ସେକ୍ଟର କିମ୍ବା ସିକିମ୍‌ରେ ଏଲ୍ଏସି ଅତିକ୍ରମ କରି ନ ଥିଲେ। ଆମ ଯବାନମାନେ ପ୍ରକୃତ ନିୟନ୍ତ୍ରଣ ରେଖା ସହ ଭଲଭାବେ ଅବଗତ ଓ ସବୁବେଳେ ସତର୍କ ବୋଲି ମନ୍ତ୍ରଣାଳୟ କହିଛି। ସେମାନେ ଭାରତ ପାର୍ଶ୍ୱରେ ପାଟ୍ରୋଲିଂ କରୁଥିବାବେଳେ ନିକଟରେ ଚାଇନା ସୈନ୍ୟମାନେ ଏଥିରେ ବାଧା ସୃଷ୍ଟି କରିଥିଲେ। ଲଦାଖ ସୀମାରେ ସେମାନେ ଏକାଧିକ ଥର ଅନୁପ୍ରବେଶ କଲେଣି। ସୀମା ପରିଚାଳନା ପ୍ରତି ଭାରତୀୟ ସେନା ବେଶ୍ ଦାୟିତ୍ୱବାନ୍। ଏହା ସତ୍ତ୍ୱେ ଭାରତର ସୁରକ୍ଷା ଓ ସାର୍ବଭୌମତ୍ୱ ରକ୍ଷା ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।



ସାମୁଦ୍ରିକ ଝଡ଼ ଅମ୍ଫନ ପ୍ରଭାବରେ ପଶ୍ଚିମବଙ୍ଗସ୍ଥିତ ୱେଷ୍ଟ ମେଦିନୀପୁର ଜିଲା ଖରଗପୁରରେ ଗଛ ପଡ଼ି ଘର ଭାଙ୍ଗିଯାଇଛି।



କୋଲକାତାରେ ଗଛ ଉପୁଡ଼ିପଡ଼ିବାରୁ ବସ୍‌ଟି ଚାପି ହୋଇଯାଇଛି।

# ମୋଦିଙ୍କୁ ଛାଡ଼ିଛନ୍ତି ମୁସଲମାନ

**ନୂଆଦିଲ୍ଲୀ,୨୧ା୫**

ଦେଶର ସମସ୍ତ ସରକାରୀ ସଂସ୍ଥା ଉପରେ ଭାରତୀୟ ମୁସଲମାନମାନଙ୍କ ଅଗାଧ ବିଶ୍ୱାସ ରହିଛି। କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାରଙ୍କ ଉପରେ ସେମାନଙ୍କ ଆସ୍ଥା ନାହିଁ ବୋଲି ଏକ ସଦ୍ୟ ସର୍ଭେରୁ ପ୍ରଘଟ ହୋଇଛି। କୋଭିଡ୍-୧୯ ଯୋଗୁ ସୃଷ୍ଟି ହୋଇଥିବା ମାନବିକ ତଥା ଆର୍ଥିକ ସଙ୍କଟ ଉପରେ ସାରା ବିଶ୍ୱ ଓ ୱାର୍ଲ୍ଡ ମିଡିଆର ଫୋକସ୍ ରହିଛି। କିନ୍ତୁ ଭାରତ କଥା ବିଚାର କଲେ ଭୂତାଣୁ ସଂକ୍ରମଣ ବେଳେ ମଧ୍ୟ ଇସ୍‌ଲାମୋଫୋବିଆ (ଇସ୍‌ଲାମ ପ୍ରତି ଭୟ ବା ଘୃଣା) ଏବଂ ମୁସ୍‌ଲମାନ ସମ୍ପ୍ରଦାୟ ବିରୋଧରେ କ୍ରମବର୍ଦ୍ଧିଷ୍ଣୁ ଅସହିଷ୍ଣୁ ଭାବ ନଜରକୁ ଆସୁଛି। ୱାଶିଂଟନ ପୋଷ୍ଟ, ନ୍ୟୁୟର୍କ ଟାଇମ୍ସ, ଗାର୍ଡିଏନ୍ ଏବଂ ବିବିସି ଭଳି ଆଗଧାଡ଼ିର ମିଡିଆ ଆଉଟ୍‌ଲେଟ୍ସ ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ଦିନଠାରୁ ଏହି ବିଷୟ ଉଠାଇଆସୁଛନ୍ତି। କିନ୍ତୁ ନିକଟରେ ଧର୍ମୀୟ ସ୍ୱାଧୀନତା ଉପରେ ଆମେରିକା କଂଗ୍ରେସର ସଂସ୍ଥା ୟୁଏସ୍‌ସିଆର୍‌ଆଇଏଫ୍ ମୁସଲମାନମାନଙ୍କ ବିରୋଧରେ ଭେଦଭାବକୁ ନେଇ ଭାରତକୁ ଭର୍ତ୍ସନା କରିଛି। ଅର୍ଗାନାଇଜେଶନ୍ ଅଫ୍ ଇସ୍‌ଲାମିକ୍ କଣ୍ଟ୍ରିଜ୍ ମଧ୍ୟ ଏହି ପ୍ରସଙ୍ଗରେ ସମାନ ଭାବେ ଚିନ୍ତାବ୍ୟକ୍ତ କରିଛି। ଭାରତରେ କରୋନା ଭାଇରସ୍ ସଂକ୍ରମଣ ହେବା ପରେ ସି-ଭୋଟର ପକ୍ଷରୁ ଦେଶବ୍ୟାପୀ ଏକ ସର୍ବେକ୍ଷଣ କରାଯାଇ କେତୋଟି ପ୍ରଶ୍ନ କରାଯାଇଥିଲା। ସେଗୁଡ଼ିକ ହେଲା: ମୁସ୍‌ଲିମମାନେ କେନ୍ଦ୍ରର ଶାସନରୁ ବିଚ୍ଛିନ୍ନ ହୋଇଯାଇଛନ୍ତି କି? ସେମାନେ କ'ଣ ଭାରତଠାରୁ ମଧ୍ୟ ଅଲଗା ହୋଇଯାଇଛନ୍ତି? ଏହି ଫାଟ ପାଇଁ କିଏ ଓ କ'ଣ ଦାୟୀ? ଏହି ବ୍ୟବଧାନକୁ ପୂରଣ କରାଯାଇପାରିବ କି?

### ଦେଶକୁ ନୁହେଁ



### ଆସ୍ଥା ସଙ୍କଟ

ସର୍ଭେର ପରିଣାମରୁ ଦୁଇଟି ସ୍ପଷ୍ଟ ଉତ୍ତର ମିଳିଲା। ପ୍ରଥମଟି ହେଲା ପ୍ରଧାନମନ୍ତ୍ରୀ ମୋଦି ଓ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ନେଇ ମୁସଲମାନମାନଙ୍କର ଆସ୍ଥା ସଙ୍କଟ। ଦ୍ୱିତୀୟରେ ମୁସ୍‌ଲିମ୍‌ମାନେ ଭାରତରୁ ଅଲଗା ହୋଇଯାଇଛନ୍ତି ବୋଲି ଉଭୟ ହିନ୍ଦୁତ୍ୱ ଓ ଧର୍ମନିରପେକ୍ଷ ଉତ୍ସାହୀ ବ୍ୟକ୍ତିମାନେ ପ୍ରଚାର କରୁଥିବାବେଳେ ଏଭଳି ବିଚାରକୁ ସେମାନେ ସମ୍ପୂର୍ଣ୍ଣ ଭାବରେ ମିଛ ବୋଲି ଖଣ୍ଡନ କରିଛନ୍ତି।

ଏକ ପ୍ରାକୃତିକ ସଙ୍କଟ ସମୟରେ ନାଗରିକମାନେ ସେମାନଙ୍କ ନେତାଙ୍କ ପଛରେ ଅଛନ୍ତି ବୋଲି ରହିଥିବା ଉକ୍ତି ସତ ପ୍ରମାଣିତ ହୋଇଛି। ସର୍ଭେରେ ଭାଗନେଇଥିବା ସମସ୍ତ ଭାରତୀୟଙ୍କ ମଧ୍ୟରୁ ୭୬.୩% କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଉପରେ ସେମାନଙ୍କ ବହୁତ ବିଶ୍ୱାସ ରହିଛି। ତେବେ ମାତ୍ର ୬.୫% ଲୋକ ତାଙ୍କ ଉପରେ ଆଦୌ ଭରସା ନାହିଁ ବୋଲି କହିଛନ୍ତି। ୨୦୧୮ରେ ଏକ ଅନୁରୂପ ସର୍ଭେ କରାଯାଇଥିଲା। ସେହି ସର୍ବେକ୍ଷଣରେ ୫୮.୬% ପ୍ରଧାନମନ୍ତ୍ରୀଙ୍କ ଉପରେ ବହୁତ ବିଶ୍ୱାସ ରହିଥିବା କହିଥିବାବେଳେ ୧୬.୩% ଲୋକ ମୋଦିଙ୍କୁ ଆଦୌ ଭରସାଯୋଗ୍ୟ ନୁହନ୍ତି ବୋଲି ମତ ଦେଇଥିଲେ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। କିନ୍ତୁ ଏହି ଜାତୀୟ ରେଟିଂଗୁଡ଼ିକ ଗଭୀର ମତପାର୍ଥକ୍ୟ ଥିବା ପରିଣାମକୁ ଲୁଚାଇଦେଇଥାନ୍ତି ବିଶେଷକରି ଯେତେବେଳେ ଦେଶର ସର୍ବବୃହତ୍ ସଂଖ୍ୟାଲଘୁ ମୁସ୍‌ଲିମ ସମୁଦାୟ କଥା ଉଠେ। ୫୮.୪% ମୁସ୍‌ଲିମ ପ୍ରଧାନମନ୍ତ୍ରଙ୍କ ଉପରେ ବହୁତ ବିଶ୍ୱାସ ଅଛି ବୋଲି କହିଥିବାବେଳେ ୧୩% ଆଦୌ ବିଶ୍ୱାସ ନ ଥିବା କହିଛନ୍ତି। ୨୦୧୮ରେ ଏହି ହାର ଯଥାକ୍ରମେ ୩୯.୩% ଓ ୩୦% ଥିଲା। ଏଥିରୁ ଜଣାପଡୁଛି ଯେ ପ୍ରଧାନମନ୍ତ୍ରୀଙ୍କୁ ନେଇ ମୁସଲମାନମାନଙ୍କ ମଧ୍ୟରେ ଆସ୍ଥା ବଢ଼ିଛି। କିନ୍ତୁ ଅନ୍ୟ ଭାରତୀୟ ବର୍ଗମାନେ ଯେତିକି ଆସ୍ଥା ଦେଖାଇଛନ୍ତି ତା'ଠାରୁ ଏହି ସଂଖ୍ୟା ଢେର କମ୍। ଲୋକ ସଭା ନିର୍ବାଚନରେ ଭାଜପାର ଦୃଢ଼ ସମର୍ଥକ ବିବେଚିତ ହୋଇଥିବା ଲୋକଙ୍କ ସଂଖ୍ୟାକୁ ଦେଖିଲେ ଏହି ତ୍ରୁଟି ରେଖା ଆହୁରି ସ୍ପଷ୍ଟ ମନେହୁଏ। ୨୦୨୦ରେ ୯୧.୪% ଉଚ୍ଚଜାତିର ହିନ୍ଦୁ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଉପରେ ସେମାନଙ୍କ ପ୍ରବଳ ଆସ୍ଥା ରହିଛି। ଅନ୍ୟପକ୍ଷରେ ମାତ୍ର ୧.୩% ମୋଦିଙ୍କ ଉପରେ ଅନାସ୍ଥା ଭାବ ପ୍ରକଟ କରିଛନ୍ତି। ୨୦୧୮ରେ ଏହି ହାର ୭୨.୩% ଓ ୧୦.୩% ଥିଲା।

ଅନୁରୂପ ଭାବେ ୨୦୨୦ରେ ଅନ୍ୟ ପଛୁଆ ବର୍ଗ (ଓବିସି)ର ୭୮.୬% ଲୋକ ପ୍ରଧାନମନ୍ତ୍ରୀଙ୍କ ଉପରେ ଅନେକ ଆସ୍ଥା ଥିବା କହିଥିବାବେଳେ ମାତ୍ର ୩.୯% ତାଙ୍କୁ ଭରସା କରୁ ନ ଥିବା କହିଛନ୍ତି। ୨୦୧୮ରେ ଏହି ହାର ୫୯.୮% ଓ ୧୬.୭% ଥିଲା। ସାମାଜିକ ବିଜ୍ଞାନୀ ସଞ୍ଜୟ କୁମାର କହିଛନ୍ତି, ଏହି ତଥ୍ୟକୁ ଦେଖିଲେ ବିସ୍ମିତ ହେବାର କିଛି ନାହିଁ। କାରଣ ଏହି ମୋହଭଙ୍ଗ ଓ ଅନାସ୍ଥା ଭାବ ଦୀର୍ଘଦିନ ଧରି ପୁଞ୍ଜିଭୂତ ହୋଇରହିଥିଲା। ସଞ୍ଜୟଙ୍କ ମତରେ ମୁସ୍‌ଲିମ ସମୁଦାୟର ଅଭିଯୋଗଗୁଡ଼ିକ ବାସ୍ତବ ହେଉ କି ଅତିରଞ୍ଜିତ ସେଥିରେ କିଛି ଫରକ୍ ପଡ଼େନାହିଁ। ତେବେ ବଡ଼ କଥା ହେଉଛି ବର୍ତ୍ତମାନର ଶାସନରେ ମୁସଲମାନମାନେ ଆଇନଗତ ବୈଧତା ହରାଉଛନ୍ତି ବୋଲି ସେମାନେ ଭଲଭାବେ ବୁଝିଯାଇଛନ୍ତି। ସେହିପରି ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବାବେଳେ ପିଏମ୍‌ଓରେ ଅବସ୍ଥାପିତ ଥିବା ବରିଷ୍ଠ ଖବରଦାତା କାଞ୍ଚନ ଗୁପ୍ତଙ୍କ ମତରେ ବର୍ତ୍ତମାନର ଶାସନରେ ମୁସଲମାନମାନଙ୍କ ବିରୋଧରେ ଭେଦଭାବପୂର୍ଣ୍ଣ ବ୍ୟବହାର ବଢୁଛି ବୋଲି କହିବା ବାଜେକଥା। କେନ୍ଦ୍ର ସରକାରଙ୍କ ଉପରେ ବିଶ୍ୱାସ କଥା ଉଠିଲେ ଜଣାଯାଏ ଯେ, ୨୦୨୦ରେ କେନ୍ଦ୍ର ଉପରେ ଦେଶବ୍ୟାପୀ ୬୮.୬% ଭାରତୀୟ ଆସ୍ଥା ପ୍ରକଟ କରିଛନ୍ତି, ଯାହାକି ୨୦୧୮ ତୁଳନାରେ ୫୦.୫% ଅଧିକ। କେନ୍ଦ୍ର ସରକାରଙ୍କୁ ଆଦୌ ବିଶ୍ୱାସ କରୁ ନ ଥିବା ଲୋକଙ୍କ ସଂଖ୍ୟା ୨୦୧୮ରେ ୧୪.୭% ଥିବାବେଳେ ୨୦୨୦ରେ ଏହା ୮.୬%କୁ ଖସିଛି।

### ମୁସଲମାନ ସମ୍ପ୍ରଦାୟ

ଆଦୌ ବିଶ୍ୱାସ କରୁ ନ ଥିବା ଲୋକଙ୍କ ସଂଖ୍ୟା ୨୦୧୮ରୁ ୨୦୨୦ ମଧ୍ୟରେ ୨୧.୩%ରୁ ୨୩.୨%କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ବହୁତ ବିଶ୍ୱାସ କରୁଥିବା ଲୋକଙ୍କ ହାରରେ ବିଶେଷ ଅଗ୍ରଗତି ହୋଇନାହିଁ। ଏହି ଅବଧି ମଧ୍ୟରେ ଏହା ୩୬%ରୁ ୩୯%କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଉଚ୍ଚଜାତିର ହିନ୍ଦୁଙ୍କ ମଧ୍ୟରେ ପାରମ୍ପରିକ ଭାଜପା ସମର୍ଥକଙ୍କ ସଂଖ୍ୟା ୨୦୧୮ରେ ୬୨.୪% ଥିବାବେଳେ ଏବେ ଏହା ୮୫%କୁ ବୃଦ୍ଧି ପାଇଛି। ତେବେ ସରକାରଙ୍କୁ ଆଦୌ ବିଶ୍ୱାସ କରୁ ନ ଥିବା ଏହି ବର୍ଗର ଲୋକଙ୍କ ହାର ୧୦.୬%ରୁ ୨.୪%କୁ ଖସିଛି। ଅନୁରୂପ ଭାବେ କେନ୍ଦ୍ର ସରକାରଙ୍କୁ ବହୁତ ବିଶ୍ୱାସ କରୁଥିବା ଓବିସିଙ୍କ ସଂଖ୍ୟା ୫୩.୫%ରୁ ୭୨.୨%କୁ ବୃଦ୍ଧି ପାଇଥିବାବେଳେ ଏହି ବର୍ଗର ଆଦୌ ଭରସା କରୁ ନ ଥିବା ଲୋକଙ୍କ ସଂଖ୍ୟା ୧୪.୩%ରୁ ୩.୭%କୁ ଖସିଛି।

### ମୋଦିଙ୍କୁ ଅବିଶ୍ୱାସ କାହିଁକି

ଭାରତରେ ଶିକ୍ଷା, ଆର୍ଥିକ ଓ ନିଯୁକ୍ତି କ୍ଷେତ୍ରରେ ମୁସ୍‌ଲିମ ସମୁଦାୟ ପଛୁଆ ହୋଇ ରହିଛନ୍ତି। ୨୦୦୫ରେ ସାଚାର କମିଟି ରିପୋର୍ଟକୁ ନେଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ଏହାସତ୍ତ୍ୱେ ମୁସଲିମ୍ ସମୁଦାୟ ଅନେକ କ୍ଷେତ୍ରରେ ଆଗକୁ ବଢ଼ିପାରି ନାହିଁ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ତିନି ତଲାକ୍ ବିଲ୍, ଅନୁଚ୍ଛେଦ ୩୭୦ର ଉଚ୍ଛେଦ, ରାମମନ୍ଦିର ରାୟ, ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଭଳି କେନ୍ଦ୍ରର ପଦକ୍ଷେପମାନ ମୁଲସମାନ ସମ୍ପ୍ରଦାୟ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ସେମାନେ ଭାରତରେ ନିଜ ସ୍ଥିତି ଓ ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇ ପଡ଼ିଛନ୍ତି ବୋଲି ସେଣ୍ଟର ଫର୍ ପଲିସି ରିସର୍ଚ୍ଚ ଗବେଷକ ରାହୁଲ ବର୍ମା ମତବ୍ୟକ୍ତ କରିଛନ୍ତି।

# ସ୍ୱଦେଶୀ ସାମଗ୍ରୀ ବିକ୍ରି ନିଷ୍ପତ୍ତି ପ୍ରତ୍ୟାହୃତ ହୋଇନି

**ନୂଆଦିଲ୍ଲୀ,୨୧ା୫**

### ସିଏପିଏଫ୍ କ୍ୟାଣ୍ଟିନ୍

କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) କ୍ୟାଣ୍ଟିନଗୁଡ଼ିକରେ କେବଳ ସ୍ୱଦେଶୀ ସାମଗ୍ରୀ ବିକ୍ରି ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଇ ନ ଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗୁରୁବାର ସ୍ପଷ୍ଟ କରିଛି। ସ୍ୱଦେଶୀ ସାମଗ୍ରୀ ବିକ୍ରି ନିଷ୍ପତ୍ତି ପ୍ରତ୍ୟାହୃତ ହୋଇଥିବା କେତେକ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ସ୍ପଷ୍ଟୀକରଣ ଦିଆଯାଇଛି। କେତେକ ଗଣମାଧ୍ୟମ କେନ୍ଦ୍ରୀୟ ପୋଲିସ କଲ୍ୟାଣ ଭଣ୍ଡାର (କେପିକେବି) ନିର୍ଦ୍ଦେଶ ଆଧାରରେ ଏଭଳି ଖବର ପ୍ରକାଶ କରିଥିବା ଜଣାପଡିଛି। କେନ୍ଦ୍ରୀୟ ପୋଲିସ କ୍ୟାଣ୍ଟିନ ଇନ୍‌ଚାର୍ଜ ଆର୍.ଏମ୍. ମୀନା କମ୍ପାନୀଗୁଡ଼ିକରୁ ସାମଗ୍ରୀ ସାନି କ୍ରୟ ପାଇଁ ଦିଆଯାଇଥିବା ଅର୍ଡରକୁ ସ୍ଥଗିତ ରଖିବା ପାଇଁ ପୂର୍ବରୁ କହିଥିଲେ। ପରେ ସେ ଉକ୍ତ ନିଷ୍ପତ୍ତି ପ୍ରତ୍ୟାହାର କରିନେଇଥିଲେ, ଯାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା।

# ସୋନିଆଙ୍କ ବିରୋଧରେ ମାମଲା

**ବେଙ୍ଗାଲୁରୁ,୨୧ା୫**

### ପିଏମ୍ କେୟାର୍ସ ଫଣ୍ଡର ଦୁରୁପଯୋଗ
### କଂଗ୍ରେସ ଆଣିଥିଲା ଅଭିଯୋଗ

କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବିରୋଧରେ କର୍ଣାଟକର ଶିବମୋଗ୍ଗା ଜିଲା ଅନ୍ତର୍ଗତ ସାଗର ଟାଉନ୍ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। କଂଗ୍ରେସ ପକ୍ଷରୁ ମିଛ ଖବର ଦିଆଯାଇ ସରକାରଙ୍କ ଉପରେ ଥିବା ଲୋକଙ୍କ ଆସ୍ଥାକୁ କମାଯିବା ଲାଗି ପ୍ରୟାସ କରାଯାଉଛି ବୋଲି ପ୍ରବୀଣ କେଭି ନାମକ ଜଣେ ଓକିଲ ଅଭିଯୋଗ ଆଣିଛନ୍ତି। ଗତ ୧୧ ତାରିଖରେ କଂଗ୍ରେସ ଟୁଇଟର ଆକାଉଣ୍ଟରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅଭିଯୋଗ ଅଣାଯାଇଥିଲା। ଏଥିରେ ପିଏମ୍ କେୟାର୍ସ ଫଣ୍ଡର ଦୁରୁପଯୋଗ କରାଯାଉଛି ବୋଲି ଦର୍ଶାଯାଇଥିଲା। କରୋନା ମୁକାବିଲା ଲାଗି ଲୋକେ ଏହି ଅର୍ଥ ସରକାରଙ୍କୁ ଦାନ କରୁଥିବାବେଳେ ଏହାର ଉଚିତ୍ ଉପଯୋଗ କରାଯାଉ ନ ଥିବା ଦର୍ଶାଯାଇଥିଲା।

# ବିଗୁଡୁଛି ଭାରତ-ନେପାଳ ସମ୍ପର୍କ

**ନୂଆଦିଲ୍ଲୀ/କାଠମାଣ୍ଡୁ,୨୧ା୫**

### କରୋନା ସଂକ୍ରମଣ ପାଇଁ ଭାରତକୁ ଦୋଷଦେଲେ ନେପାଳ ପ୍ରଧାନମନ୍ତ୍ରୀ

ନେପାଳ ଏହାର ନୂଆ ମାନଚିତ୍ରରେ ଭାରତର କେତେକ ଅଞ୍ଚଳକୁ ସ୍ଥାନ ଦେଇଥିବାରୁ ଏହାକୁ ନେଇ ଦୁଇ ପଡୋଶୀ ଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇ ଥିବାବେଳେ କରୋନାକୁ ନେଇ ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଓଲିଙ୍କ ମନ୍ତବ୍ୟ ସମ୍ପର୍କକୁ ଆହୁରି ବିଗାଡ଼ି ଦେଇଛି। ଚାଇନା ଓ ଇଟାଲୀ ଭୂତାଣୁ ତୁଳନାରେ ଭାରତରୁ ଆସୁଥିବା ଭୂତାଣୁ ଅଧିକ ମାରାତ୍ମକ ବୋଲି ନେପାଳ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ କହିଛନ୍ତି। ନେପାଳରେ କରୋନା ସଂକ୍ରମଣ ପାଇଁ ସେ ଭାରତକୁ ଦୋଷ ଦେଇଛନ୍ତି। ବେଆଇନ ଭାବେ ଭାରତରୁ ଆସୁଥିବା ଲୋକେ ଏଠାରେ ସଂକ୍ରମଣ କରାଉଛନ୍ତି। ଉପଯୁକ୍ତ ପରୀକ୍ଷା ନ କରି ସେମାନଙ୍କୁ ଆଣିବାରେ ସହାୟତା କରୁଥିବା ସ୍ଥାନୀୟ ପ୍ରତିନିଧି ଓ ଦଳୀୟ ନେତାଙ୍କୁ ମଧ୍ୟ ଓଲି ଦୋଷ ଦେଇଥିଲେ। ନେପାଳର କିଛି ଅଞ୍ଚଳ ଦେଇ ଭାରତ ସରକାର ଏକ ରାସ୍ତା ନିର୍ମାଣ କରୁଥିବାରୁ ଏହାକୁ ନେଇ ଦୁଇ ପାରମ୍ପରିକ ବନ୍ଧୁ ରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଖରାପ ହୋଇଥିବା ଓଲି କହିଥିଲେ। ନିକଟରେ ନେପାଳ ନୂଆ



କେ.ପି. ଓଲି

ରାଜନୈତିକ ମାନଚିତ୍ରକୁ ଅନୁମୋଦନ କରିଥିଲା, ଯେଉଁଥିରେ ଭାରତର ଲିପୁଲେଖ ଗିରିପଥ, କଳାପାନି ଓ ଲିମ୍ପିୟାଧୁରା ରହିଛି। ନେପାଳର ଏହିସବୁ ଅଞ୍ଚଳକୁ ଫେରାଇଦେବା ଦାବିରେ ଶାସକ ନେପାଳ କମ୍ୟୁନିଷ୍ଟ ପାର୍ଟିର ଏମ୍‌ପିମାନେ ପାର୍ଲାମେଣ୍ଟରେ ସ୍ୱତନ୍ତ୍ର ପ୍ରସ୍ତାବ ଆଣିଥିଲେ। ତାଙ୍କ ସରକାର ଯେକୌଣସି ପ୍ରକାରେ ଉକ୍ତ ଅଞ୍ଚଳକୁ ଭାରତଠାରୁ ଫେରାଇ ଆଣିବ ବୋଲି ବୁଧବାର ଓଲି ପାର୍ଲାମେଣ୍ଟରେ କହିଛନ୍ତି।

# ୫ କୋଟି ଭାରତୀୟଙ୍କ ପାଖରେ ହାତଧୁଆ ସୁବିଧା ନାହିଁ

### କରୋନା ସଂକ୍ରମଣ ଆଶଙ୍କା ଅଧିକ

**ନୂଆଦିଲ୍ଲୀ,୨୧ା୫(ପି.ଟି.)**

ଭାରତର ୫ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ ଉପଯୁକ୍ତ ଭାବେ ହାତ ଧୋଇବାର ସୁବିଧା ଉପଲବ୍ଧ ନୁହେଁ ବୋଲି ଏକ ଅଧ୍ୟୟନରୁ ଜଣାପଡିଛି। ତେଣୁ ଏମାନଙ୍କଠାରେ କୋଭିଡ୍-୧୯ ସଂକ୍ରମଣ ହେବାର ଆଶଙ୍କା ଅଧିକ। ସାରା ବିଶ୍ୱରେ ୨୦୦ କୋଟିରୁ ଅଧିକ ନିମ୍ନ ଓ ମଧ୍ୟମ ଆୟକାରୀ ଦେଶର ଜନସାଧାରଣଙ୍କ ପାଖରେ ହାତ ଧୋଇବା ପାଇଁ ସାବୁନ ଓ ସ୍ୱଚ୍ଛ ଜଳ ନ ଥିବା ୱାଶିଂଟନ ୟୁନିଭର୍ସିଟିର ଇନ୍‌ଷ୍ଟିଚ୍ୟୁଟ ଫର୍ ହେଲ୍‌ଥ ମେଟ୍ରିକ୍ସ ଆଣ୍ଡ ଇଭାଲୁଏଶନ (ଆଇଏଚ୍ଏମ୍ଇ)ର ଗବେଷକମାନେ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି। ଏହା ବିଶ୍ୱ ଜନସଂଖ୍ୟାର ଏକ-ଚତୁର୍ଥାଂଶ। ଏପରିକି ୪୬ଟି ଉପ-ସାହାରା ଆଫ୍ରିକୀୟ ଦେଶ ଏବଂ ଓସିନିଆରେ ୫୦ ପ୍ରତିଶତରୁ ଅଧିକ ଲୋକ ଉପଯୁକ୍ତ ହାତଧୁଆ ସୁବିଧାରୁ ବଞ୍ଚିତ।

କୋଭିଡ୍-୧୯ ସଂକ୍ରମଣରୁ ରକ୍ଷା ପାଇବାକୁ ହେଲେ ହାତ ଧୋଇବା ମୁଖ୍ୟ ପ୍ରତିକାର ପଦକ୍ଷେପ। ତଥାପି ଏହା ଅଧିକାଂଶ ଦେଶର ଅନେକଙ୍କ ପାଇଁ ଉପଲବ୍ଧ ନୁହେଁ ବୋଲି ଆଇଏଚ୍ଏମ୍ଇ ପ୍ରଫେସର ମିଚେଲ ବ୍ରାଉର କହିଛନ୍ତି। ଭାରତ, ପାକିସ୍ତାନ, ଚାଇନା, ବାଂଲାଦେଶ, ନାଇଜେରିଆ, ଇଥିଓପିଆ, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ ଏବଂ ଇଣ୍ଡୋନେସିଆରେ ୫ କୋଟି ଲେଖାଏ ଲୋକ ଉପଯୁକ୍ତ ହାତଧୁଆ ସୁବିଧାରୁ ବଞ୍ଚିତ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଏହାର ଦୀର୍ଘମିଆଦୀ ସମାଧାନ ଆବଶ୍ୟକ। କାରଣ ଉପଯୁକ୍ତ ହାତଧୁଆ ସୁବିଧାର ଅଭାବରୁ ପ୍ରତିବର୍ଷ ଅଧିକ ୭ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଥିବା ବ୍ରାଉର କହିଛନ୍ତି।



# ଦେଶରେ ଉଗ୍ର ସ୍ଥିତି

**ନୂଆଦିଲ୍ଲୀ,୨୧ା୫**

- ୧.୧୫ ଲକ୍ଷରୁ ଅଧିକ ରୋଗୀ
- ପ୍ରାଣ ହରାଇଲେଣି ୩,୪୯୩

ଭାରତରେ ଏବେ କରୋନା ସ୍ଥିତି ଜଟିଳ ହେବାରେ ଲାଗିଛି। ପ୍ରତିଦିନ ହଜାର ହଜାର ନୂଆ ମାମଲା ସାମ୍ନାକୁ ଆସୁଛି। ଅଦ୍ୟାବଧି ଦେଶରେ ୧ ଲକ୍ଷ ୧୫ ହଜାର ୨୭୭ ଜଣ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ଥିବା ଜଣାପଡ଼ିଛି। ଗୁରୁବାର ସୁଦ୍ଧା ମୃତ୍ୟୁସଂଖ୍ୟା ୩,୪୯୩କୁ ବୃଦ୍ଧିପାଇଛି। ଏପର୍ଯ୍ୟନ୍ତ ପ୍ରାୟ ୪୭ ହଜାର ରୋଗୀ ସୁସ୍ଥହୋଇ ଘରକୁ ଫେରିଥିଲେ ସୁଦ୍ଧା ପ୍ରବାସୀଙ୍କ ଆଗମନ ଯୋଗୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି।



କେବଳ ମହାରାଷ୍ଟ୍ରରେ ୩୯, ୨୯୭ ସଂକ୍ରମିତ ରହିଥିବାବେଳେ ୧,୩୯୦ ଜଣଙ୍କ ଜୀବନ ଗଲାଣି। ଦୁଇ ନମ୍ବରରେ ଥିବା ତାମିଲନାଡୁରେ ୧୩,୯୬୭ ସଂକ୍ରମିତ ଥିବାବେଳେ ପ୍ରାଣ ହରାଇଲେଣି ୯୫। ୨୪ ଘଣ୍ଟା ମଧ୍ୟରେ ଏଠାରେ ୭୭୬ ନୂଆ ମାମଲା ସାମ୍ନାକୁ ଆସିଛି। ଗୁଜରାଟରେ ୧୨, ୯୧୦ ଆକ୍ରାନ୍ତ ଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ି ୭୭୩ରେ ପହଞ୍ଚିଛି। ରାଜଧାନୀ ଦିଲ୍ଲୀ, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ଦିଲ୍ଲୀରେ ୧୧,୬୫୯, ମଧ୍ୟପ୍ରଦେଶରେ ୫,୯୮୧, ରାଜସ୍ଥାନରେ ୬,୧୫୪, ଉତ୍ତରପ୍ରଦେଶରେ ୫,୩୫୬, ପଶ୍ଚିମବଙ୍ଗରେ ୩,୧୦୩, ଆନ୍ଧ୍ରପ୍ରଦେଶରେ ୨,୬୦୫ ସଂକ୍ରମିତ ଥିବା ଜଣାପଡ଼ିଛି। ଏହିସବୁ ରାଜ୍ୟରେ ଯଥାକ୍ରମେ ୧୯୪, ୨୭୧, ୧୫୦, ୧୨୭, ୨୫୩, ୫୪ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଏକାଧିକ ନୂଆ ମାମଲା ପ୍ରତିଦିନ ଦେଖିବାକୁ ମିଳୁଛି। ଔଷଧ ନ ବାହାରିବା କାରଣରୁ ଲୋକଙ୍କ ମଧ୍ୟରେ ଏନେଇ ଆତଙ୍କ ଖେଳିଯାଇଛି। କେବଳ ସାମାଜିକ ଦୂରତ୍ୱ ରକ୍ଷା ଓ ମାସ୍କ ପିନ୍ଧିବା ଛଡ଼ା କରୋନାରୁ ବର୍ତ୍ତିବା ଲାଗି ଅନ୍ୟ କୌଣସି ଉପାୟ ନାହିଁ। ଏଥିଲାଗି ସରକାରୀ ଆଇନକୁ ମାନି ଲୋକମାନେ ଅଧିକ ସଚେତନ ହେବାକୁ ପରାମର୍ଶ ଦିଆଯାଇଛି।

# ୨୧ଦିନରେ ୭ ଗୁଣ ବଢ଼ିଗଲେ ଆକ୍ରାନ୍ତ

**ଭୁବନେଶ୍ୱର, ୨୧।୫ (ବ୍ୟୁରୋ)**

ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍‌ଠାରୁ ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲିଛି। ବିଶେଷକରି ମେ' ମାସରେ ସ୍ଥିତି ଅଧିକ ବିଗିଡିବାରେ ଲାଗିଛି। ୨୧ଦିନ ମଧ୍ୟରେ ୭ଗୁଣ ଆକ୍ରାନ୍ତ ବଢ଼ିଛନ୍ତି। ଏପ୍ରିଲ ୩୦ରେ ରାଜ୍ୟରେ ୧୪୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୪୧ଜଣ ସୁସ୍ଥ ହୋଇଥିବାବେଳେ ୧୦୧ ସକ୍ରିୟ ଥିଲେ ଓ ଜଣଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ୪୦ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏବେ ଅର୍ଥାତ୍ ମେ ୨୧ ସୁଦ୍ଧା ଏହି ସଂଖ୍ୟା ୧୧୦୩ରେ ପହଞ୍ଚିଛି। ସେହିପରି ୫୦ଜଣ ସୁସ୍ଥ ହୋଇଥିବାବେଳେ ଆଉଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ ୭୦୩ଜଣ ସକ୍ରିୟ ସଂକ୍ରମିତ ଥିବାବେଳେ ୩୯୩ଜଣ ସୁସ୍ଥ ହୋଇଛନ୍ତି ଓ ମୃତକଙ୍କ ସଂଖ୍ୟା ୭ ଛୁଇଁଛି।

ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ, ମାର୍ଚ୍ଚରେ ୪ ଜଣ, ଏପ୍ରିଲରେ ୧୩୯ଜଣ ଓ ମେ ମାସରେ ସର୍ବାଧିକ ୯୬୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ହିସାବକୁ ନେଲେ ଚଳିତ ମାସ ଶେଷ ବେଳକୁ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫୦୦ ଡେଇଁ ସାରିଥିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଧୀରେ ଧୀରେ କଟକଣା କୋହଳ ହେବା ଓ ପ୍ରବାସୀଙ୍କ ଆଗମନ ଲାଗି ରହିଥିବାରୁ ଏ ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ମୁଖ୍ୟତଃ ମେ' ମାସରୁ ବାହାର ରାଜ୍ୟ ଫେରନ୍ତାଙ୍କ ପାଇଁ ଏହି ସଂଖ୍ୟା ବହୁଗୁଣିତ ହେବାରେ ଲାଗିଛି। ଗଞ୍ଜାମକୁ ଉଦାହରଣ ଭାବେ ନେଲେ ଜଣାପଡେ ଯେ, ଏହି ଜିଲାରେ ମେ ୩ରେ ପ୍ରଥମ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେମାନେ ସୁରଟ ଫେରନ୍ତା ଥିଲେ। ଏବେ ଏଠାରେ ରାଜ୍ୟର ସର୍ବାଧିକ ୩୧୭ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।



**୭ ଛୁଇଁଲା ମୃତ୍ୟୁ, ୪୦ ନୂଆ ପଜିଟିଭ୍**
- ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୦୩
- କେବଳ ମେ'ରେ ସର୍ବାଧିକ ୯୬୦ ଚିହ୍ନଟ
- ସୁସ୍ଥ ହେଲେଣି ୩୯୩ଜଣ

ଗୁରୁବାର ଚିହ୍ନଟ ୪୦ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ନୟାଗଡ଼ ଜିଲାର ୧୧ଜଣ, କଟକ ୯, ଯାଜପୁର ୫, ଗଞ୍ଜାମ ୪, ମୟୂରଭଞ୍ଜ ୩, ଅନୁଗୋଳ ୨, ଜଗତ୍‌ସିଂହପୁର ୨, ସମ୍ବଲପୁର ୨, ମାଲକାନଗିରି ଓ ପୁରୀ ଜିଲାର ଜଣେ ଲେଖାଏ ରହିଛନ୍ତି। ନୟାଗଡ଼ ଜିଲାର ସମସ୍ତ ୧୧ଜଣ ନୂଆ ଆକ୍ରାନ୍ତ ସୁରଟ ଫେରନ୍ତା। ସେମାନେ ସମସ୍ତେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। କଟକରୁ ଚିହ୍ନଟ ୯ଜଣ ତେଲଙ୍ଗାନାରୁ ଫେରି କ୍ୱାରାଣ୍ଟାଇନ୍‌ରେ ଥିଲେ। ଯାଜପୁରରୁ ଚିହ୍ନଟ ୫ଜଣ ତାମିଲନାଡୁ ଫେରନ୍ତା ହୋଇଥିବାବେଳେ ସେମାନେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ଗଞ୍ଜାମରୁ ୪ଜଣ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୩ଜଣ ସୁରଟ ଫେରନ୍ତା କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ ଓ ଅନ୍ୟଜଣେ ସ୍ଥାନୀୟ ସଂକ୍ରମିତ। ମୟୂରଭଞ୍ଜରୁ ଚିହ୍ନଟ ୩ଜଣ ଆନ୍ଧ୍ର ପ୍ରଦେଶରୁ ଫେରି କ୍ୱାରାଣ୍ଟାଇନ୍‌ରେ ଥିଲେ। ଅନୁଗୋଳରୁ ଚିହ୍ନଟ ୨ ଜଣଙ୍କ ମଧ୍ୟରୁ ଜଣେ ତାମିଲନାଡୁ ଓ ଆଉଜଣେ ଆନ୍ଧ୍ର ପ୍ରଦେଶ ଫେରନ୍ତା। ଦୁହେଁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ଜଗତ୍‌ସିଂହପୁରରୁ ୨ଜଣ ଚିହ୍ନଟ ହୋଇଥିବାବେଳେ ଦୁହେଁ କ୍ୱାରାଣ୍ଟାଇନ୍‌ରେ ଥିଲେ ଓ ମହାରାଷ୍ଟ୍ର ଫେରନ୍ତା। ସମ୍ବଲପୁରରୁ ଚିହ୍ନଟ ୨ ଜଣଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ସଂକ୍ରମିତ ହୋଇଥିବାବେଳେ ଅନ୍ୟଜଣେ ପଶ୍ଚିମବଙ୍ଗ ଫେରନ୍ତା ଓ ସେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିଲେ। ମାଲକାନଗିରିରୁ ଚିହ୍ନଟ ଜଣକ ତାମିଲନାଡୁ ଫେରନ୍ତା ଓ ପୁରୀରୁ ଚିହ୍ନଟ ଜଣେ ଆକ୍ରାନ୍ତ ପଶ୍ଚିମବଙ୍ଗ ଫେରନ୍ତା ହୋଇଥିବାବେଳେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ କରୋନାରେ ପ୍ରାଣ ହରାଇଥିବା ୭ମ ମୃତକ ହେଲେ ଗଞ୍ଜାମ ଜିଲାର ୮୫ବର୍ଷୀୟ ସୁରଟ ଫେରନ୍ତା। ସେ ସେଠାରେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଉଚ୍ଚ ରକ୍ତଚାପ ସହ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ତାଙ୍କୁ ମିଶାଇଲେ ଗଞ୍ଜାମ ଜିଲାରେ ୩କୁ ବୃଦ୍ଧି ପାଇଛି। ପୂର୍ବରୁ ଖୋର୍ଦ୍ଧାରେ ୩ଜଣ ଓ କଟକରେ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ରାଜ୍ୟରେ ସୁସ୍ଥ ହୋଇଥିବା ଆଉ ୫୦ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମର ୨୨ଜଣ, ବାଲେଶ୍ୱରରୁ ୧୫ଜଣ, ଭଦ୍ରକରୁ ୫ଜଣ, ଯାଜପୁର ଓ ବୌଦ୍ଧରୁ ୩ ଜଣ ଲେଖାଏ ଥିବାବେଳେ ମୟୂରଭଞ୍ଜ ଓ ସୁନ୍ଦରଗଡ଼ (ରାଉରକେଲା)ରୁ ଜଣେ ଲେଖାଏ ରହିଛନ୍ତି।

*In Memoriam*

SECOND DEATH ANNIVERSARY



DR BANSIDHAR PANDA
( 26.11.1931- 22.05.2018)

*In loving memory*
Baijayant 'Jay', Paramita, Nivedita, Subhrakant
Jagi, Braja, KG, Shaifalika
Raie, Reva, Anuva, Aditya, Raisah, Raemana
Relatives, Members & Associates of IMFA Group

imfa

Tel : +91 674 2611100, Fax : +91 674 2580020
memoriam@imfa.in




# ଆହୁରି ବଢ଼ିବ ତାତି

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**

ସାମୁଦ୍ରିକ ଝଡ ଅମ୍ଫନ୍ ଦୁର୍ବଳ ହେବାର ୨୪ ଘଣ୍ଟା ନପୁରୁଣୁ ରାଜ୍ୟରେ ଆରମ୍ଭ ହୋଇଯାଇଛି ପ୍ରବଳ ଗ୍ରୀଷ୍ମ ପ୍ରବାହ। ଆଭ୍ୟନ୍ତରୀଣ ଓଡିଶାରେ ପାରଦ ଉପର ମୁହାଁ ହୋଇଛି। ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ ଉପରକୁ ଉଠି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ତାଳଚେରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୩.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ପାରଳାଖେମୁଣ୍ଡି ୪୨,

- ଉପରମୁହାଁ ପାରଦ
- ତାଳଚେରେ ୪୩.୫ ଡିଗ୍ରୀ



ଭବାନୀପାଟଣା ୪୧.୫, ବଲାଙ୍ଗୀର ୪୦. ଟିଟିଲାଗଡ ୪୧.୫, ମାଲକାନଗିରି ୪୧.୫, ବୌଦ୍ଧ ୩୯, ହୀରାକୁଦ ୩୯.୩, ଝାରସୁଗୁଡା ୩୯.୬, ସମ୍ବଲପୁର ୩୯.୩ ଏବଂ ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଶୁକ୍ରବାରଠାରୁ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବ। ଉପକୂଳ ଓଡିଶାରେ ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିବ। ଉପକୂଳ ଓଡିଶାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ପଶ୍ଚିମ ଓଡିଶାରେ ୪୩ ଡିଗ୍ରୀ ଉପରକୁ ପାରଦ ଚାଲିଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

# ବିମାନ ଯାତ୍ରା ପାଇଁ ଏସ୍‌ଓପି

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**

ଦେଶରେ ଘରୋଇ ବିମାନ ସେବା ଆସନ୍ତା ୨୫ ତାରିଖରୁ ଆରମ୍ଭ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମତି ମିଳିବା ପରେ ଗୁରୁବାର ଏନେଇ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର୍(ଏସ୍‌ଓପି) ଜାରି କରାଯାଇଛି। କରୋନା ସଂକ୍ରମଣ ବ୍ୟାପିବାକୁ ଦୃଷ୍ଟିରେ ରଖି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଡୋମେଷ୍ଟିକ ଏୟାରଲାଇନ୍ସ ବା ଘରୋଇ ବିମାନ ଉଡ଼ାଣ ପାଇଁ ଏହି ଏସ୍‌ଓପି ଜାରି କରାଯାଇଛି। ଅନ୍ୟପକ୍ଷରେ ଘରୋଇ ବିମାନ ସେବା ସ୍ୱାଭାବିକ ହେବାପରେ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ କରାଯିବା ନେଇ ଆଲୋଚନା କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ଟୁଇଟ୍ କରି କହିଛନ୍ତି। ଘରୋଇ ତଥା ଡୋମେଷ୍ଟିକ୍ ରୁଟ୍‌ରେ ପୂର୍ବ ନିର୍ଦ୍ଧାରିତ ସୂଚୀର ୩ ଭାଗରୁ ମାତ୍ର ଏକ ଭାଗ ବିମାନ ଚଳାଚଳ କରିବାକୁ ଅନୁମତି ମିଳିବ। ଧୀରେ ଧୀରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିମାନ ସଂଖ୍ୟା ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି।

ଜାରି ହୋଇଥିବା ଏସ୍‌ଓପି ଗାଇଡ୍‌ଲାଇନ୍ ଅନୁଯାୟୀ ଉଡାଣର ୨ଘଣ୍ଟା ପୂର୍ବରୁ ବିମାନବନ୍ଦରରେ ଯାତ୍ରୀମାନେ ପହଞ୍ଚିବେ। ଯେଉଁ ଯାତ୍ରୀମାନଙ୍କ ବିମାନ ୪ ଘଣ୍ଟା ମଧ୍ୟରେ ରହିଥିବ ସେମାନଙ୍କୁ ହିଁ ଏୟାରପୋର୍ଟ ଟର୍ମିନାଲକୁ ଛଡ଼ାଯିବ। ଏହାପୂର୍ବରୁ କେହି ଯାଇପାରିବେ ନାହିଁ। ସମସ୍ତ ଯାତ୍ରୀ ଆରୋଗ୍ୟ ସେତୁ ଆପ୍ ଡାଉନ୍‌ଲୋଡ କରିବା ସହିତ ମାସ୍କ ଓ ଗ୍ଲୋଭ୍ସ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ବିମାନବନ୍ଦରରେ ପହଞ୍ଚିବା ଓ ବିମାନବନ୍ଦରରୁ ଗନ୍ତବ୍ୟ ସ୍ଥଳକୁ ଯିବା ଲାଗି ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନ ଯାତ୍ରୀ ଏବଂ ବିମାନ କର୍ମଚାରୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବେ। କେବଳ ବ୍ୟକ୍ତିଗତ ଗାଡ଼ି ଓ ଅନୁମତିପ୍ରାପ୍ତ କ୍ୟାବ୍‌ରେ ଯାତ୍ରୀମାନେ ବିମାନବନ୍ଦରକୁ ଯାଇପାରିବେ। ସାମାଜିକ ଦୂରତ୍ୱ ରକ୍ଷା କରି ଗାଡ଼ି ପାର୍କିଂ କରିବା ସହିତ ଟ୍ରାଫିକ ପୋଲିସ ଓ ସିଆଇଏସ୍‌ଏଫ୍ ଦ୍ୱାରା ପାର୍କିଂ ସୁବିଧା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିମାନ ମଧ୍ୟରେ ଯାତ୍ରୀଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା ପାଇଁ ସିଟ୍‌ଗୁଡ଼ିକରେ ମାର୍କିଂ କରାଯିବ। ବିମାନ ବନ୍ଦରକୁ ପ୍ରବେଶ କଲାବେଳେ ଯାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ ବାଧ୍ୟତାମୂଳକ ହେବ। ସମସ୍ତ ବିମାନ କର୍ମଚାରୀ ନିଜ ପାଖରେ ସାନିଟାଇଜର ରଖିବେ ଓ ପିପିଇ କିଟ୍ ପିନ୍ଧିବେ। ଏୟାରପୋର୍ଟ ଅଧିକାରୀମାନେ ଯାତ୍ରୀଙ୍କ ବ୍ୟାଗଗୁଡ଼ିକୁ ସାନିଟାଇଜ କରି ଏହାକୁ ଲଗେଜ୍




- ଘରୋଇ ଚଳାଚଳ ସ୍ୱାଭାବିକ ପରେ ଅନ୍ତର୍ଜାତୀୟ ବିମାନ ସେବା ମିଳିବ
- ପ୍ରଥମ ପର୍ଯ୍ୟାୟରେ ୩ ଭାଗରୁ ଭାଗେ ବିମାନ ଉଡ଼ାଣ
- ଭୁବନେଶ୍ୱର ବିମାନବନ୍ଦର ହେବ ସମ୍ପୂର୍ଣ୍ଣ ଟଚ୍ ଫ୍ରି

କ୍ୟାରିୟରରେ ରଖିବେ। ବିମାନ ବନ୍ଦର ମଧ୍ୟରେ ପ୍ରବେଶ କରିବା ପରେ ଟ୍ରଲିକୁ ଖୋଲିବା କିମ୍ବା ବ୍ୟବହାର କରିବାକୁ ଅନୁମତି ଦିଆଯିବନି। କେବଳ ଅତି ଜରୁରୀ ପରିସ୍ଥିତିରେ ସାନିଟାଇଜ କରି ବ୍ୟବହାର କରିହେବ। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଟର୍ମିନାଲର ସମସ୍ତ ଗେଟ୍ ଖୋଲା ରହିବ। ଟର୍ମିନାଲ ମଧ୍ୟରେ ଖବରକାଗଜ କିମ୍ବା ପତ୍ରିକା(ମାଗାଜିନ) ମିଳିବନାହିଁ। କୌଣସି ପ୍ରକାର ଫ୍ଲୁ ବା ଭୂତାଣୁଜନିତ ରୋଗରେ ପୀଡ଼ିତ କର୍ମଚାରୀଙ୍କୁ ବିମାନବନ୍ଦର ପରିସରରେ ପ୍ରବେଶ ଅନୁମତି ମିଳିବ ନାହିଁ। ବିମାନ ଲ୍ୟାଣ୍ଡ୍ କରିବା ପରେ ପର୍ଯ୍ୟାୟକ୍ରମେ ଯାତ୍ରୀଙ୍କୁ ବାହାରକୁ ଆସିବା ପାଇଁ ଅନୁମତି ମିଳିବ।

ଅନ୍ୟପକ୍ଷରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ଏସ୍‌ଓପିକୁ ଅନୁକରଣ କରି ଘରୋଇ ବିମାନ ସେବା ଆରମ୍ଭ କରିବାକୁ ଭୁବନେଶ୍ୱର ବିମାନବନ୍ଦର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବିମାନବନ୍ଦର ନିର୍ଦ୍ଦେଶକ ଭି.ଭି. ରାଓ କହିଛନ୍ତି। କେନ୍ଦ୍ର ସରକାରଙ୍କ ସମସ୍ତ ଗାଇଡଲାଇନ୍ ପାଳନ କରାଯିବ। ପ୍ରବେଶ ପଥ, ସ୍କ୍ରିନିଂ ଜୋନ୍ ଓ ଟର୍ମିନାଲ୍‌ରେ ଯାତ୍ରୀମାନଙ୍କ ମଧ୍ୟରେ ଏକ ମିଟର ଦୂରତ୍ୱ ରଖିବା ପାଇଁ ଗୋଲେଇ କିମ୍ବା ଷ୍ଟିକର ମରାଯିବ। କ୍ଲିନିଂ ଭିଜା ମ୍ୟାଟ୍ କିମ୍ବା କାର୍‌ପେଟ୍‌କୁ ଯାତ୍ରୀଙ୍କ ଜୋତା ସାନିଟାଇଜ କରିବାକୁ ବ୍ୟବହାର କରାଯିବ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ସମ୍ପୂର୍ଣ୍ଣ ଟଚ୍ ଫ୍ରି ଜୋନ୍ କରାଯିବ ବୋଲି ରାଓ କହିଛନ୍ତି।

# ଦୁର୍ଘଟଣାରେ ୩ ମୃତ, ୨ ଗୁରୁତର

**ନରସିଂହପୁର, ୨୧।୫(ଡି.ଏନ୍.ଏ.)**

- ବାଇକ ଓଭରଟେକ ବେଳେ ଦୁର୍ଘଟଣା
- ମାଡ଼ିଗଲା ବାଲି ବୋଝେଇ ଟ୍ରକ୍

କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ ମୁଖ୍ୟ ରାସ୍ତାର କମଳାଦେଇପୁର ଛକରେ ଏକ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ପଦ୍ମପୁର ଗ୍ରାମର ଚନ୍ଦନ ବେହେରା(୨୨), ମାଧବ ନାୟକ(୨୧) ଓ ଲେହେଙ୍ଗ ଗ୍ରାମର ଅମରେଶ ବେହେରାଙ୍କ ଝିଅ କୁନି(୨)। ସେହିପରି ଦୁର୍ଘଟଣାରେ ଲେହେଙ୍ଗ ଗ୍ରାମର ଅମରେଶ ଓ ବିକାଶ ପ୍ରଧାନ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ନରସିଂହପୁର ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କାଙ୍କ ସୂଚନା ଅନୁଯାୟୀ, ବାଗଧରିଆ ପାଖରୁ ଏକ ବାଲି ବୋଝେଇ ଟ୍ରକ୍ ନରସିଂହପୁର ଆସୁଥିଲା। ଲେହେଙ୍ଗ ଗ୍ରାମରୁ ଏକ ବୁଲେଟ୍‌ରେ କୁନି ଓ ବିକାଶଙ୍କୁ ନେଇ ଅମରେଶ ଆସୁଥିଲେ। ସେ ଟ୍ରକ୍‌କୁ କମଳାଦେଇପୁର ଛକରେ ଓଭରଟେକ କରିବା ବେଳେ ଚନ୍ଦନ ଓ ମାଧବ ଅନ୍ୟ ଏକ ବାଇକରେ ନିକଟରେ ଥିବା ପଦ୍ମପୁର ଗ୍ରାମରୁ ଛକକୁ ଆସୁଥିଲେ। ଏହି ସମୟରେ ଉଭୟ ବାଇକ୍ ପରସ୍ପର ସହ ଧକ୍କା ହୋଇ ଟ୍ରକ୍ ଆଗରେ ପଡ଼ିଯାଇଥିଲା। ଫଳରେ ଟ୍ରକ୍ ଚକାରେ ଚାପି ହୋଇ ଘଟଣାସ୍ଥଳରେ ଚନ୍ଦନଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟମାନେ ଗୁରୁତର ହୋଇଥିଲେ। ଖବରପାଇ ନରସିଂହପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ନରସିଂହପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ମାଧବ ଓ କୁନିଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଦୁର୍ଘଟଣାସ୍ଥଳରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଥାନା ଅଧିକାରୀ ଲେଙ୍କା ପୋଲିସ ଫୋର୍ସ ସହ ସେଠାରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣାଧୀନ କରିଥିଲେ।

# ବୁଢ଼ାବଳଙ୍ଗରେ ନିର୍ମାଣାଧୀନ ପୋଲର ସେଣ୍ଟ୍ରିଂ ଭୁଶୁଡ଼ିଲା

**ବାଲେଶ୍ୱର ଅଫିସ, ୨୧।୫**

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ଫୁଲାଡ଼ି ଛକ ନିକଟରେ ବୁଢ଼ାବଳଙ୍ଗ ନଦୀ ଉପରେ ନୂତନ ଭାବେ ନିର୍ମାଣ ଚାଲିଥିବା ପୋଲର ସେଣ୍ଟ୍ରିଂ ଗୁରୁବାର ଅପରାହ୍ନ ସମୟରେ ଭୁଶୁଡ଼ି ପଡିଛି। ଏଥିରେ କୌଣସି ପ୍ରକାରେ କ୍ଷତି ହୋଇ ନ ଥିବା ବେଳେ କାର୍ଯ୍ୟରେ ପୁଣି ବିଳମ୍ବ ହେବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି। ପୋଲରେ ଛାତ ପକାଇବା ପାଇଁ ବାତ୍ୟା ପୂର୍ବରୁ ସେଣ୍ଟ୍ରିଂ ସରିଥିଲା। ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ହେବାରୁ ନଦୀରେ ଜଳପତ୍ତନ ବୃଦ୍ଧି ପାଇ ସେଣ୍ଟ୍ରିଂ ପାଇଁ ତଳେ ଦିଆଯାଇଥିବା ଖମ୍ବ ମଧ୍ୟରୁ ଗୋଟିଏ ଖମ୍ବ ଭାସିଯାଇଥିଲା। ଫଳରେ



ଅନ୍ୟ ଖମ୍ବଗୁଡିକ ଭାରସାମ୍ୟ ହରାଇ ଖସିଯିବାରୁ ସେଣ୍ଟ୍ରିଂ ଭୁଶୁଡି ପଡିଥିଲା। ଅନ୍ୟପକ୍ଷରେ ଉକ୍ତ ପୋଲ ନିକଟରେ ଥିବା ବ୍ରିଟିଶ୍ ଅମଳର ଲୁହାପୋଲ ଗତ ୧୬ ତାରିଖ ସନ୍ଧ୍ୟାରେ ହଠାତ୍ ଦବି ଯାଇଥିଲା। ଉକ୍ତ ଦିନଠାରୁ ଯା'ଆସ ବନ୍ଦ ରହିଛି। ଏହି ଦୃଷ୍ଟିକୋଣରୁ ନୂତନ ପୋଲର କାର୍ଯ୍ୟ ଯଥାଶୀଘ୍ର ଶେଷ ହେବାର ଗୁରୁତ୍ୱ ରହିଛି। ଏହି ନଦୀପୋଲ ଉପରେ ଉତ୍ତରବାଲେଶ୍ୱରର ଭୋଗରାଇ, ଜଳେଶ୍ୱର, ବାଲିଆପାଳ, ବସ୍ତା, ରୂପ୍‌ସା, ଫୁଲାଡ଼ିର ଲୋକେ ସହରକୁ ଆସିବା ପାଇଁ ନିର୍ଭର କରିଥାନ୍ତି। ଏବେ ପ୍ରାୟ ୧୫ କି.ମି. ବୁଲି ରେମୁଣା ଗୋଲେଇ ଦେଇ ଆସୁଥିବାରୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ସ୍ନାନପୂର୍ଣ୍ଣିମା ସମ୍ଭାବନା ବଢ଼ିଲା

- ମଗାଗଲା ସର୍ବନିମ୍ନ ସେବାୟତ ତାଲିକା
- ୨୫ ସୁଦ୍ଧା ତାଲିକା ଦେବେ ନିଯୋଗ
- ତାଲିକାଭୁକ୍ତ ସେବାୟତ ନୀତିରେ ସାମିଲ ହେବେ

**ପୁରୀ ଅଫିସ, ୨୧।୫**

ମହାମାରୀ କରୋନା ଯୋଗୁ ମହାପ୍ରଭୁଙ୍କ ରଥଯାତ୍ରା ଅନିଶ୍ଚିତତା ଭିତରକୁ ଠେଲି ହୋଇ ଯାଇଛି। ଏଥର ବଡଦାଣ୍ଡରେ ତିନିଠାକୁରଙ୍କ ରଥ ଗଡ଼ିବ କି ନାହିଁ ତାକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଛି। ହେଲେ ମହାପ୍ରଭୁଙ୍କ ସ୍ନାନଯାତ୍ରା ହେବା ନେଇ ଧୀରେ ଧୀରେ ସମ୍ଭାବନା ବଢିବାରେ ଲାଗିଛି। ସ୍ନାନଯାତ୍ରା ସହ ସମ୍ପୃକ୍ତ ୧୦ ସେବାୟତ ନିଯୋଗ ସହିତ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନର ଆଲୋଚନା ପରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ସୂଚନା ଏହି ସମ୍ଭାବନାକୁ ଦୃଢୀଭୂତ କରିଛି। ସର୍ବନିମ୍ନ ସେବାୟତରେ ଯେପରି ସ୍ନାନଯାତ୍ରା ନୀତିକାନ୍ତି ହୋଇପାରିବ ସେନେଇ ସମ୍ପୃକ୍ତ ନିଯୋଗଗୁଡ଼ିକୁ ଶ୍ରୀମନ୍ଦିର ପ୍ରଶାସନ ତାଲିକା ମାଗିଛି। ଆସନ୍ତା ୨୫ ତାରିଖ ସୁଦ୍ଧା ତାଲିକା ଦେବାକୁ କୁହାଯାଇଛି।କ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟତଃ କରୋନା ଭୟାବହତା ଓ କୋଭିଡ୍-୧୯ ଗାଇଡ୍‌ଲାଇନ ସମ୍ପର୍କରେ ଆଲୋଚନା ହୋଇଥିଲା। ସରକାରଙ୍କ ନିର୍ଦ୍ଦେଶନାମା ଅନୁପାଳନ କରି ଆମକୁ ଯେ କୌଣସି କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମୁଖ୍ୟ ପ୍ରଶାସକ ସେବାୟତମାନଙ୍କୁ କହିଥିଲେ। ଏହି ବୈଠକ ଶେଷରେ ମୁଖ୍ୟ ପ୍ରଶାସକ କହିଥିଲେ, ସର୍ବନିମ୍ନ କେତେଜଣ ସେବାୟତଙ୍କ ଦ୍ୱାରା ମହାପ୍ରଭୁଙ୍କ ନୀତିକାନ୍ତି ହୋଇପାରିବ ସେନେଇ ତାଲିକା ମଗାଯାଇଛି। ୨୫ତାରିଖ ସୁଦ୍ଧା ତାଲିକା ଦେବାକୁ କୁହାଯାଇଛି। ସେହି ତାଲିକାଭୁକ୍ତ ସେବାୟତମାନେ ସେଦିନ ମନ୍ଦିର ଭିତରକୁ ଯାଇ ସ୍ନାନପୂର୍ଣ୍ଣିମା ନୀତିରେ ଅଂଶଗ୍ରହଣ କରିବେ। ଅନ୍ୟପକ୍ଷରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ମନ୍ଦିର ବାହାରେ କୌଣସି କାର୍ଯ୍ୟ କରିହେବ ନାହିଁ। କିନ୍ତୁ ଆଗକୁ ଚମ୍ପକ ଦ୍ୱାଦଶୀ ନୀତି ଏବଂ ଶୀତଳ ଷଷ୍ଠୀ ରହିଛି। ତେଣୁ ଲକ୍‌ଡାଉନ ନିୟମକୁ ମାନି ଯେପରି ଠାକୁରଙ୍କ ଏହି ନୀତି କରାଯିବ କିମ୍ବା ତାହାର କିଛି ବିକଳ୍ପ ରହିଛି ସେ ନେଇ ପରିଚାଳନା କମିଟି ମାଧ୍ୟମରେ ଧାର୍ମିକ ଗୁରୁଙ୍କ ମତାମତ ଲୋଡ଼ାଯିବ ବୋଲି ସ୍ଥିର ହୋଇଛି। ସେହିପରି ସେବାୟତମାନଙ୍କ କଲ୍ୟାଣ ନିମନ୍ତେ ଦିନେ ଦୁଇଦିନ ମଧ୍ୟରେ ଜିଲାପାଳ ଏକ ବୈଠକ କରିବେ। ମନ୍ଦିର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ସେବାୟତଙ୍କୁ କି ପ୍ରକାର ଆର୍ଥିକ ସହାୟତା ଦିଆଯାଇପାରିବ ସେ ବିଷୟରେ ଚୂଡ଼ାନ୍ତ ହେବ। ପୂର୍ବରୁ ସ୍ନାନପୂର୍ଣ୍ଣିମା ନୀତି ସଂକ୍ରାନ୍ତରେ ଦଇତାପତି ନିଯୋଗ ସହ ଆଲୋଚନା ହୋଇଥିଲା। ଗୁରୁବାର ଅନ୍ୟ ୧୦ ନିଯୋଗ ସହ ଆଲୋଚନା ହୋଇଛି। ଏହାପରେ ଛତିଶା ନିଯୋଗ ଏବଂ ଶେଷରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ବିନା ଭକ୍ତରେ ସ୍ନାନଯାତ୍ରା ହେବା ନେଇ ଯେଉଁ ଆଲୋଚନା ହେଉଛି ସେ ସଂକ୍ରାନ୍ତରେ ମୁଖ୍ୟ ପ୍ରଶାସକ କହିଥିଲେ, ଏବେ କୋଭିଡ୍-୧୯ ଗାଇଡଲାଇନ ଓ କଟକଣା ଅନୁସାରେ ମନ୍ଦିର ବାହାରେ ବର୍ତ୍ତମାନ କିଛି ହୋଇପାରିବ ନାହିଁ। ୩୧ ତାରିଖ ପରେ କ'ଣ କଟକଣା ରହିବ ତାହା ଆମେ ଜାଣିନାହୁଁ। ୫ତାରିଖରେ ସ୍ନାନପୂର୍ଣ୍ଣିମା। ତେଣୁ ସେତେବେଳେ ମନ୍ଦିର ଭିତରେ ବା ବାହାରେ କ'ଣ କରିହେବ ତାହା ଏବେଠାରୁ କହିହେବ ନାହିଁ। ଠିକ୍ ସମୟରେ ଉଚିତ ନିଷ୍ପତ୍ତି ନିଆଯିବ। ସେହିପରି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, କଟକଣାକୁ ମାନି କିପରି ସ୍ନାନପୂର୍ଣ୍ଣିମା ନୀତି କରାଯିବ ସେନେଇ ସେବାୟତଙ୍କ ସହ ଆଲୋଚନା ହୋଇଛି। ଆସନ୍ତା ୨୩ ତାରିଖରେ ଗରାବଡୁ ନିଯୋଗ ପାଇଁ କରୋନା ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିରେ ସେବାୟତଙ୍କୁ ସରକାରଙ୍କ କଟକଣା ବିଷୟରେ ଅବଗତ କରାଯିବ। ସ୍ନାନନୀତିରେ ସେମାନେ ଏହାକୁ ଅନୁପାଳନ କରିବେ। ଏସ୍‌ପି ଡା. ଉମାଶଙ୍କର ଦାଶଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପୂଜାପଣ୍ଡା, ପୁଷ୍ପାଳକ, ପ୍ରତିହାରୀ, ସୁଆରବଡୁ, ପତ୍ରୀବଡୁ, ଗରାବଡୁ, ଖୁଣ୍ଟିଆ, ମେକାପ, ମହାଜନ ଏବଂ ସୁଆର ମହାସୁଆର ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଏବଂ ଅନ୍ୟ ଅଧିକାରୀଙ୍କ ସମେତ ବିଭିନ୍ନ ନିଯୋଗର ସେବାୟତମାନେ।

**ଆଜିର ମନ୍ତବ୍ୟ**

"ଆତଙ୍କବାଦ ମାନବଜାତିର ଶତ୍ରୁ ଓ ବିଶ୍ୱ ଶାନ୍ତି ପାଇଁ ସବୁଠୁ ବଡ଼ ବିପଦ। ଯେକୌଣସି ପ୍ରକାର ଆତଙ୍କବାଦକୁ ସମର୍ଥନ ଦେଉଥିବା ଦେଶକୁ ଏକଘରିକିଆ କରାଯାଉ।
– ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ବିଶ୍ମୟ
ପରିବାରବର୍ଗ


ଲୋପା
ପରିବାରବର୍ଗ


ଇନ୍ଦ୍ରଜିତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପଶ୍ଚିମବଙ୍ଗରେ ବାତ୍ୟା କ୍ଷତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

■ ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୧।୫(ବ୍ୟୁରୋ):** ସାମୁଦ୍ରିକ ଝଡ଼ ଅମ୍ଫନ କେବଳ ଓଡ଼ିଶା ନୁହେଁ, ପଶ୍ଚିମବଙ୍ଗରେ ମଧ ବ୍ୟାପକ କ୍ଷତି ଘଟାଇଛି। ସେଠାରେ ଅନେକ ଲୋକ ପ୍ରାଣ ହରାଇଥିବା ବେଳେ ବହୁ ସମ୍ପତ୍ତି ନଷ୍ଟ ହୋଇଛି। ବାତ୍ୟା ଯୋଗୁ ପଶ୍ଚିମବଙ୍ଗରେ ଧନଜୀବନ ହାନି ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଭଳି ବିପତ୍ତି ସମୟରେ ପଶ୍ଚିମବଙ୍ଗ ସହିତ ଓଡ଼ିଶା ସର୍ବଦା ଛିଡ଼ା ହୋଇଛି। ପଶ୍ଚିମବଙ୍ଗ ମୁଖ୍ୟଶାସନ ସଚିବଙ୍କ ସହ ଯଥାସମ୍ଭବ ଯୋଗାଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟ ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୧୨ ଯୋଡ଼ା ଟ୍ରେନ୍ ଚଲାଇବ ପୂର୍ବତଟ ରେଳପଥ

**ଭୁବନେଶ୍ୱର,୨୧।୫(ବ୍ୟୁରୋ):** ଜୁନ୍ ପହିଲାରୁ ଟ୍ରେନ୍ ଚଳାଚଳ ପାଇଁ ଅନୁମତି ମିଳିଥିବାବେଳେ ପୂର୍ବତଟ ରେଳପଥ ମୋଟ ୧୨ ଯୋଡ଼ା ଟ୍ରେନ୍ ଚଲାଇବାକୁ ନିଷ୍ପତ୍ତି ନେଇଛି। ଏଥିଲାଗି ଟ୍ରେନ୍‌ଗୁଡ଼ିକର ତାଲିକା ପ୍ରକାଶ ପାଇଛି। ଏହି ସ୍ୱତନ୍ତ୍ର ଟ୍ରେନ୍ ମଧ୍ୟରେ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ୍, ଭୁବନେଶ୍ୱର-ହାଓଡା ଜନଶତାବ୍ଦୀ ଏକ୍ସପ୍ରେସ୍, ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ୍ ଏବଂ ପୁରୀ-ସିଆଲ୍‌ଦା ଦୁରନ୍ତୋ ଏକ୍ସପ୍ରେସ୍ ରହିଛି। ଏହାସହ ବିଶାଖାପାଟଣା-



ନୂଆଦିଲ୍ଲୀ ଆନ୍ଧ୍ରପ୍ରଦେଶ ଏକ୍ସପ୍ରେସ୍, ସିକନ୍ଦରାବାଦ-ବିଶାଖାପାଟଣା ଗୋଦାବରୀ ଏକ୍ସପ୍ରେସ୍, ହାଓଡା-ସିକନ୍ଦରାବାଦ ଫାଲକନାମା ଏକ୍ସପ୍ରେସ୍, ଧାନବାଦ-ଆଲେପି ଏକ୍ସପ୍ରେସ୍, ହାଓଡା-ଯଶୋବନ୍ତପୁର ଦୁରନ୍ତୋ ଏକ୍ସପ୍ରେସ୍ ରହିଛି। ସେହିଭଳି ହାଓଡା-ମୁମ୍ବାଇ, ହାଓଡା-ଅହମ୍ମଦାବାଦ ଓ ହାୱଡାରୁ ବଡ଼ବିଲ ଏକ୍ସପ୍ରେସ୍ ଚାଲିବା ନେଇ ମଧ ସୂଚନା ଦିଆଯାଇଛି।

# ଆରମ୍ଭ ହେଲା ଟ୍ରେନ୍ ଟିକେଟ୍ ବୁକିଂ

## ପ୍ରଥମ ଦିନରେ ୪ ଲକ୍ଷ ୨୩ ହଜାର ୫୫୦ ସିଟ୍ ବୁକ୍

ଭୁବନେଶ୍ୱର,୨୧।୫(ବ୍ୟୁରୋ)

■ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି
■ ୯୦ ମିନିଟ ପୂର୍ବରୁ ଷ୍ଟେଶନରେ ପହଞ୍ଚିବେ ଯାତ୍ରୀ
■ କରୋନା ଲକ୍ଷଣ ଥିଲେ ମିଳିବନି ଅନୁମତି
■ ଆରୋଗ୍ୟ ସେତୁ ଆପ୍ ଡାଉନଲୋଡ ବାଧ୍ୟତାମୂଳକ

ଆସନ୍ତା ଜୁନ୍ ପହିଲାରୁ ଟ୍ରେନ୍ ସେବା ଆରମ୍ଭ ହେବ। ଏଥିପାଇଁ ଗୁରୁବାରଠାରୁ ୨ଶହ ଟ୍ରେନ୍ ପାଇଁ ଟିକେଟ୍ ବୁକିଂ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୬୧ଟି ଟ୍ରେନ୍‌ରେ ୪ ଲକ୍ଷ ୨୩ ହଜାର ୫୫୦ ସିଟ୍ ପାଇଁ ବୁକିଂ ହୋଇଛି। ଆଇଆର୍‌ସିଟିସି ୱେବ୍‌ସାଇଟ୍ ଏବଂ ଆପ୍ ଜରିଆରେ ପ୍ରଥମ ୩ ଘଣ୍ଟାରେ ୧.୬୯ ଲକ୍ଷ ଯାତ୍ରୀ ଟିକେଟ୍ କ୍ରୟ କରିଛନ୍ତି। ତେବେ କରୋନା ସଂକ୍ରମଣ ରୋକିବା ଓ ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ନୂତନ ଗାଇଡ୍‌ଲାଇନ୍ ଅନୁଯାୟୀ, କେବଳ ସୁନିଶ୍ଚିତ ସଂରକ୍ଷିତ ଟିକେଟ ଥିଲେ ଯାତ୍ରୀଙ୍କୁ ରେଳ ଷ୍ଟେଶନରେ ପ୍ରବେଶ ଲାଗି ଅନୁମତି ମିଳିବ। ପ୍ରବେଶ ଏବଂ ଯାତ୍ରା ସମୟରେ ମୁହଁ ଘୋଡ଼ାଇବା ଓ ମାସ୍କ ପିନ୍ଧିବା ସମସ୍ତ ଯାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ। ଥର୍ମାଲ ସ୍କ୍ରିନିଂ ପାଇଁ ଯାତ୍ରୀମାନେ ନିର୍ଦ୍ଧାରିତ ସମୟର ୯୦ ମିନିଟ ପୂର୍ବରୁ ଷ୍ଟେଶନରେ ପହଞ୍ଚିବେ। ଉଭୟ ଷ୍ଟେଶନ ଏବଂ ଟ୍ରେନରେ ଯାତ୍ରୀମାନେ ସାମାଜିକ ଦୂରତା ଅବଲମ୍ବନ କରିବେ। ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପରେ ସେଠାକାର ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ସରକାରଙ୍କ ଦ୍ୱାରା ଅନୁମୋଦିତ ସ୍ୱାସ୍ଥ୍ୟ ନିରାପତ୍ତା ନିୟମ ଯାତ୍ରୀଙ୍କୁ ପାଳନ କରିବା ବାଧ୍ୟତାମୂଳକ। ତେବେ ସ୍କ୍ରିନିଂ ସମୟରେ ଯାତ୍ରୀଙ୍କ ଶରୀରରେ ଅଧିକ ତାପମାତ୍ରା ଥିଲେ କିମ୍ବା କୋଭିଡ୍-୧୯ ଲକ୍ଷଣ ଦେଖାଦେଲେ ଯାତ୍ରା ପାଇଁ ଅନୁମତି ମିଳିବ ନାହିଁ। ଯାତ୍ରୀଙ୍କ ଟିକେଟ ବାତିଲ କରାଯିବା ସହ ଅର୍ଥ ଫେରସ୍ତ କରାଯିବ। ଟ୍ରେନ ଭିତରେ ଚଦର, କମ୍ବଳ ଓ ପରଦା ଦିଆଯିବ ନାହିଁ। ଯାତ୍ରୀମାନେ ସାଙ୍ଗରେ ଚଦର ଆଣିବାକୁ କୁହାଯାଇଛି। ଏସି ବଗି ଭିତରେ ତାପମାତ୍ରାକୁ ନିୟନ୍ତ୍ରିତ କରି ରଖାଯିବ। ଭିଡ଼ କମ୍ କରିବା ପାଇଁ ପୃଥକ ପ୍ରବେଶ ଓ ପ୍ରସ୍ଥାନ ଗେଟ୍ ପ୍ରସ୍ତୁତ ଲାଗି ଆଞ୍ଚଳିକ ରେଳ କାର୍ଯ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଷ୍ଟେଶନରେ ସାମାଜିକ ଦୂରତ୍ୱ ସହ ନିରାପତ୍ତା ଓ ସ୍ୱଚ୍ଛତା ନିୟମ ପାଳନ କରାଯିବ। ନିୟମିତ ଟ୍ରେନ ଢାଞ୍ଚାରେ ଏହି ସ୍ୱତନ୍ତ୍ର ଟ୍ରେନ ଚାଲିବ ଏବଂ ଏଥିରେ ଉଭୟ ଏସି ଓ ନନ୍-ଏସି ବର୍ଗ ରହିବ। ସାଧାରଣ ବଗିରେ ବସିବା ପାଇଁ ମଧ ସଂରକ୍ଷିତ ସିଟ୍ ରହିବ। ଟ୍ରେନରେ କୌଣସି ଅସଂରକ୍ଷିତ ବଗି ରହିବ ନାହିଁ। ସାଧାରଣ ବଗି ଭଳି ଟିକେଟ ଦର ମଧ ସାଧାରଣ ରହିବ। ସଂରକ୍ଷିତ, ଦ୍ୱିତୀୟ ଶ୍ରେଣୀ ସିଟ୍ ପାଇଁ ଭଡ଼ା ଆଦାୟ କରାଯିବ। କୌଣସି ରେଳ ଷ୍ଟେଶନ କାଉଣ୍ଟର କିମ୍ବା ଏଜେଣ୍ଟଙ୍କ ଜରିଆରେ ଟିକେଟ ବୁକିଂ ହେବ ନାହିଁ। କେବଳ ଆଇଆର୍‌ସିଟିସି ୱେବ୍‌ସାଇଟ ଓ ମୋବାଇଲ ଆପ୍ ଜରିଆରେ ଇ-ଟିକେଟ ବୁକିଂ କରାଯିବ। ତେଣୁ ସମସ୍ତ ଯାତ୍ରୀ ଆରୋଗ୍ୟ ସେତୁ ଆପ୍ ଡାଉନଲୋଡ କରିବା ଏବଂ ବ୍ୟବହାର କରିବା ବାଧ୍ୟତାମୂଳକ। ଅଗ୍ରିମ ସଂରକ୍ଷିତ ଟିକେଟ(ଏଆରପି)ର ଅବଧି ସର୍ବାଧିକ ୩୦ ଦିନ ରହିବ। ୱେଟିଂ ଲିଷ୍ଟ ଟିକେଟ ଧାରୀ ଯାତ୍ରୀଙ୍କୁ ଟ୍ରେନରେ ଯାତ୍ରା ନିମନ୍ତେ ଅନୁମତି ମିଳିବ ନାହିଁ। କୌଣସି ତତ୍କାଳ କିମ୍ବା ପ୍ରିମିୟମ ତତ୍କାଳ ଟିକେଟ ସୁବିଧା ମଧ ମିଳିବ ନାହିଁ। ଷ୍ଟେଶନଗୁଡ଼ିକରେ ଥିବା ଫୁଡ୍ ପ୍ଲାଜାଗୁଡ଼ିକ ଖୋଲିବ। ସେଠାରେ ଯାତ୍ରୀଙ୍କୁ କେବଳ ପାର୍ସଲ ଯୋଗାଣ ହେବ। ଆଗୁଆ ମିଲ୍ ବୁକିଂ ଏବଂ ଇ-କ୍ୟାଟରିଂ ପାଇଁ ଥିବା ବିକଳ୍ପକୁ ହଟାଇ ଦିଆଯିବ। ପ୍ୟାଣ୍ଟ୍ରି କାର ସଂଯୁକ୍ତ ଥିବା ସୀମିତ ସଂଖ୍ୟକ ଟ୍ରେନରେ ଏହି ସେବା ମିଳିବ। ତେଣୁ ଯାତ୍ରୀଙ୍କୁ ସାଥୀରେ ଖାଦ୍ୟ ଓ ପାନୀୟ ଜଳ ନେଇ ଆସିବା ଲାଗି କୁହାଯିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇ ଆସୁନାହିଁ ଭାତ**
**ପିଇ ଆସୁନାହିଁ ପାଣି**
**ଗେରସ୍ତ ପାଖକୁ ଶୋଇବାକୁ ଗଲି**
**ମୂଷା ନେଇଗଲା ଟାଣି ।**

କେତେକ ବ୍ୟକ୍ତି ନିହାତି ଅପଦାର୍ଥ ବା ଅନାଡ଼ି ପ୍ରକୃତିର ହୋଇଥାନ୍ତି। ତାଙ୍କ ଦ୍ୱାରା କୌଣସି ଟି କାର୍ଯ୍ୟ ସୁଚାରୁ ରୂପେ ହୋଇପାରି ନ ଥାଏ। ଏପରି ବ୍ୟକ୍ତି ଯେଉଁଥିରେ ହାତ ଦିଅନ୍ତି ସେଥିରେ ଅସଫଳ ହେବା ସାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଣ୍ଟ ରାଇଜେ ଗଲି**
**ଦରବ ବିକି,**
**ଖଣ୍ଟିଆ ଭୂତକୁ ଦେଲି**
**ଜୀବନ ବିକି ।**

ଖଣ୍ଟ ରାଜ୍ୟରେ ଦ୍ରବ୍ୟ ବିକିଗଲେ ଦ୍ରବ୍ୟର ଉଚିତ ମୂଲ୍ୟ ମିଳି ନ ଥାଏ। ଖଣ୍ଟ ହାବୁଡ଼ରେ ପଡ଼ିଲେ ସର୍ବସ୍ୱାନ୍ତ ହୋଇଯିବାର ଭୟ ମଧ ରହିଥାଏ। ଖଣ୍ଟିଆ ଭୂତ ତା' ଭଉଁରି ଭିତରେ ସବୁକିଛି ଟାଣିନେଇ ଧ୍ୱଂସବିଧ୍ୱଂସ କରିଦିଏ। ତା' ହାବୁଡ଼ରେ ପଡିଲେ ଜୀବନ ବଞ୍ଚାଇବା ଦୁଃସାଧ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୁଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

# ରଥଯାତ୍ରା ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କଟକ ଅଫିସ,୨୧।୫



କରୋନା ଭୂତାଣୁ ଯୋଗୁ ଚଳିତ ବର୍ଷ ରଥଯାତ୍ରା ହେବ କି ନାହିଁ, ତାହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ତେବେ ଏହା ବନ୍ଦ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଗୁରୁବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଭାରତୀୟ ବିକାଶ ପରିଷଦ ନାମକ ଏକ ସଙ୍ଗଠନ ପକ୍ଷରୁ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଏହି ଏତଲା ଦେଇଥିବା ବେଳେ ହାଇକୋର୍ଟ ମାମଲାକୁ ଗ୍ରହଣ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି, କରୋନା ମୁକାବିଲା ପାଇଁ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯିବା ସହ ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ୍ ଜାରି ହୋଇଛି। ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ ଉପରେ କଟକଣା ହୋଇଛି। ଜୁନ୍ ୨୩ରେ ରଥଯାତ୍ରା। ରଥଯାତ୍ରା ବେଳେ ରାଜ୍ୟ ଓ ବାହାରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷ ଯାତ୍ରା ହେଲେ ଏହା ପରିସ୍ଥିତିକୁ ଅଧିକ ଖରାପ କରିବ। ବିଭିନ୍ନ କାରଣରୁ ଗତ ୪୨୫ ବର୍ଷ ଭିତରେ ୩୨ ଥର ରଥଯାତ୍ରା ବନ୍ଦ ରହିଛି। ଚଳିତବର୍ଷ ମଧ ରଥଯାତ୍ରା ବନ୍ଦ ରଖିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଛି। ମାମଲାରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, ରାଜ୍ୟ ମୁଖ୍ୟ ଶାସନସଚିବ, ଗୃହ ବିଭାଗ ସଚିବ, ଆଇନ ସଚିବ, ସ୍ୱାସ୍ଥ୍ୟ ସଚିବ, ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ, ମନ୍ଦିର ପରିଚାଳନା କମିଟି ମୁଖ୍ୟ ପ୍ରଶାସକ, ଦେବୋତ୍ତର ବିଭାଗ କମିଶନର, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ପୁରୀ ଜିଲାପାଳ ଓ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରାଯାଇଛି।


**ପ୍ରଥମ ପୃଷ୍ଠାରୁ...**


### ଅମ୍ଫାନ୍‌ରେ ୪୫...

ଏହି ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସମେତ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି) ପ୍ରଦୀପ କୁମାର ଜେନା, ସ୍ୱରାଷ୍ଟ୍ର ସଚିବ ସଞ୍ଜୀବ ଚୋପ୍ରା, କୃଷି ସଚିବ ସୌରଭ ଗର୍ଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଦେଓରଞ୍ଜନ କୁମାର ସିଂ ଏବଂ ଶକ୍ତି ବିଭାଗ ସଚିବ ବିଷ୍ଣୁ ପଦ ସେଠୀ ଯୋଗ ଦେଇଥିଲେ।

### ଆକାଶମାର୍ଗରୁ...

ଆକାଶ ମାର୍ଗରୁ ବୁଲି ଦେଖିଛନ୍ତି। ବାତ୍ୟା ଯୋଗୁ ବ୍ୟାପକ ଫସଲ କ୍ଷୟକ୍ଷତିକୁ ନେଇ ମୁଖ୍ୟମନ୍ତ୍ରୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହିତ ପ୍ରଭାବିତ ଜିଲାର କ୍ଷତିଗ୍ରସ୍ତ ଭିତ୍ତିଭୂମିକୁ ତୁରନ୍ତ ସଜାଡ଼ିବା ନିମନ୍ତେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ସୁଦ୍ଧା ପ୍ରଭାବିତ ଜିଲାଗୁଡ଼ିକରେ ରାସ୍ତା ଅବରୋଧ ହଟାଇବା ସହିତ ଯୋଗାଯୋଗକୁ ସ୍ୱାଭାବିକ କରିବାକୁ ପରାମର୍ଶ ଦେଇଛନ୍ତି। ସେସୁ ୨୪ଘଣ୍ଟା ଏବଂ ନେସ୍‌କୋ ୭୨ଘଣ୍ଟା ମଧ୍ୟରେ ପୁନଃ ବିଦ୍ୟୁତ ଯୋଗାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ମାନବ ସମ୍ବଳ ଏବଂ ବିଦ୍ୟୁତ ଉପକରଣ ନେଇ ଏହି କାର୍ଯ୍ୟ ସାରିବାକୁ କୁହାଯାଇଛି। ଅମ୍ଫନ ଯୋଗୁ ୮୯ ବ୍ଲକର ୪୪ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ ମଧ ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ବାତ୍ୟା ପ୍ରଭାବିତ ଅଞ୍ଚଳ ଆକାଶ ମାର୍ଗରୁ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି।

### ଆଜି ଆସିବେ...

ଗସ୍ତ ସମୟ ନେଇ ପିଏମ୍‌ଓ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ସ୍ପଷ୍ଟ ସୂଚନା ମିଳି ନ ଥିଲେ ମଧ ସେ ଅପରାହ୍ନ ପ୍ରାୟ ୧ଟାରୁ ୨ଟା ମଧ୍ୟରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟ ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏବଂ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ବିମାନବନ୍ଦର ଯାଇ ସେଠାକାର ସୁରକ୍ଷାର ସ୍ଥିତି ପରଖିଛନ୍ତି। ଏହାସହ ଅନ୍ୟାନ୍ୟ ସୁରକ୍ଷା ସ୍ଥିତି ସମ୍ପର୍କରେ ମଧ ଯାଞ୍ଚ କରିଛନ୍ତି। ବୁଧବାର ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ବାତ୍ୟା 'ଅମ୍ଫନ୍'ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରଧାନମନ୍ତ୍ରୀ ଦୁଇ ରାଜ୍ୟର ବାତ୍ୟାଜନିତ କ୍ଷୟକ୍ଷତି ଦେଖି ସମୀକ୍ଷା କରି ଫେରିଯିବେ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିଏମ୍‌ସି କମିଶନର ପ୍ରେମ୍‌ଚାନ୍ଦ ଚୌଧାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ରାତିରେ ବିମାନବନ୍ଦର ଗସ୍ତ କରି ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି।

ଓଡ଼ିଶା ସରକାରଙ୍କ ବାତ୍ୟା ପରିଚାଳନାକୁ ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସା କରିଛନ୍ତି। ଗୁରୁବାର ଟୁଇଟ କରି ସେ କହିଛନ୍ତି ଯେ, ବାତ୍ୟା ଅମ୍ଫନ୍‌କୁ ଓଡ଼ିଶାବାସୀ ସାହସର ସହିତ ମୁକାବିଲା କରିଛନ୍ତି। ଓଡ଼ିଶାବାସୀଙ୍କ ଭାବାବେଗକୁ ସେ ସମର୍ଥନ କରିଛନ୍ତି। ପ୍ରଭାବିତଙ୍କୁ ସହାୟତା କରିବା ପାଇଁ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ତୃଣମୂଳସ୍ତରରେ ଯଥାସମ୍ଭବ ପ୍ରୟାସ କରିଛନ୍ତି। ପରିସ୍ଥିତି ଖୁବ୍‌ଶୀଘ୍ର ସ୍ୱାଭାବିକ ହେଉ ବୋଲି ମୋଦି ଆଶା କରିଛନ୍ତି।

### ପଶ୍ଚିମବଙ୍ଗରେ...

ସହ ଫସଲ ନଷ୍ଟ ହୋଇଛି। ବର୍ତ୍ତମାନ ସୁଦ୍ଧା ଅମ୍ଫନରେ ୭୨ ଜଣଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମୀକ୍ଷା ବୈଠକ ପରେ ଖବରଦାତାମାନଙ୍କୁ କହିଛନ୍ତି। ଉତ୍ତର ଓ ଦକ୍ଷିଣ ୨୪ ପ୍ରଗଣା ଜିଲା ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଛି। କେନ୍ଦ୍ର ସରକାର ସମସ୍ତ ସହାୟତା ଯୋଗାଇଦେବା ଲାଗି ସେ ଆହ୍ୱାନ ଦେଇଛନ୍ତି। ସେ ଖୁବ୍‌ଶୀଘ୍ର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିବେ ଓ ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୁରନ୍ତ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିବାକୁ ମମତା ଅନୁରୋଧ କରିଛନ୍ତି। ଏଥିସହିତ ବାତ୍ୟାରେ ମୃତକଙ୍କ ପରିବାରକୁ ୨ରୁ ୨.୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଯୋଗାଇଦେବାକୁ ମମତା ଘୋଷଣା କରିଛନ୍ତି।

ଅନ୍ୟପକ୍ଷରେ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳକୁ ସବୁ ପ୍ରକାର ସହାୟତା କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ବିପଦ ସମୟରେ ସାରା ଦେଶ ପଶ୍ଚିମବଙ୍ଗ ପଛରେ ଛିଡ଼ାହେବ ବୋଲି ମୋଦି ଟୁଇଟ୍ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଧ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ କଥା ହୋଇ ସମସ୍ତ କେନ୍ଦ୍ରୀୟ ସହାୟତା ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବାତ୍ୟା କ୍ଷୟକ୍ଷତିର ଆକଳନ କରିବ। ଏଥିପାଇଁ ଖୁବ୍‌ଶୀଘ୍ର କେନ୍ଦ୍ରୀୟ ଟିମ୍ ବାତ୍ୟାଞ୍ଚଳ ଗସ୍ତ କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ୨୬ରୁ ଖାତାଦେଖା,...

ଆରମ୍ଭରୁ ସମସ୍ତଙ୍କ ପାଇଁ ଥର୍ମାଲ ସ୍କ୍ରିନିଂ ବ୍ୟବସ୍ଥା କରିବାକୁ ଜିଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ମୂଲ୍ୟାୟନ କେନ୍ଦ୍ରରେ ଗୋଟିଏ ଆଇସୋଲେଶନ ରୁମ୍ କରାଯିବ। କେହି ଅସୁସ୍ଥ ହେଲେ ତାଙ୍କୁ ସେଠାରେ ତୁରନ୍ତ ଭର୍ତ୍ତି କରାଯିବାକୁ ଏସ୍‌ଓପିରେ ଉଲ୍ଲେଖ ରହିଛି। ଉଲ୍ଲେଖଯୋଗ୍ୟ, କରୋନା କଟକଣା ଓ ଅମ୍ଫନ ଯୋଗୁ ଚଳିତବର୍ଷର ଖାତାଦେଖା ପ୍ରକ୍ରିୟାରେ ବ୍ୟାଘାତ ଘଟିଥିଲା। ମାଟ୍ରିକ ଖାତା ମୂଲ୍ୟାୟନ ଲାଗି ୨୧ ତାରିଖକୁ ଚୂଡ଼ାନ୍ତ କରାଯିବା ବେଳେ ଶିକ୍ଷକ ସଂଘ ଏହାକୁ ବିରୋଧ କରିଥିଲା। ୨୨ରେ ସାବିତ୍ରୀ ଓ ୨୫ରେ ଇଦୁଲ୍ ଫିତର ଥିବାରୁ ୨୫ ତାରିଖ ପରେ ଖାତାଦେଖା ଆରମ୍ଭ କରିବା ପାଇଁ ସଂଘ ଦାବି ରଖିଥିଲା। ଶେଷରେ ଖାତାଦେଖା ପାଇଁ ୨୬ ତାରିଖ ଚୂଡ଼ାନ୍ତ ହୋଇଛି।


**Classified**



1Bedroom + Drawing and Dining, Balcony at Plot No-1927, Nilakantha Nagar, Nayapalli, Bhubaneswar. Walkable distance from Unit-8 DAV and Stewart School. 9437142067. D-69270



Newly open ayurvedic/ herbal body massage with smart therapist, 9777167531. D-59947

Monalisa massage club : All types body massage with hiprofile smart lady rooms service available 9708545108. D-17311

**Birthday Wish**



**Bismaya Ranjan Mohanty**
KV No.1, Angul
The years we shared while growing up are like treasures to me. I can remember our every moment of laughter. Happy Birthday my dear Son.
-:**Best Wishes From:-** Grand Father, Grand Mother, Parents.
D-17321

**ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ଇନ୍ଦ୍ରଜିତ୍ ରାଉତ**
ମଙ୍ଗଳପୁର, ଯାଜପୁର
ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
**-:ଶୁଭେଚ୍ଛା ସହ:-**
ବାପା, ମାଆ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୭୩୦୭

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କୃତ୍ତିକା ନକ୍ଷତ୍ରସ୍ଥ ରବି ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅଭିଳଷିତ କାର୍ଯ୍ୟକୁ ନିର୍ବିଘ୍ନରେ ସମାପନ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଅଫିସ୍ କାମରେ ଏପରି କି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡ଼ିପାରନ୍ତି।

**ବୃଷ**
ବିଭିନ୍ନ ବିଷୟରେ ଚିନ୍ତା କରିବା କାରଣରୁ ଟେନ୍‌ଶନ୍ ଲାଗି ରହିବ। ପରିବାରର ଆକସ୍ମିକ ଆବଶ୍ୟକତା ଖର୍ଚ୍ଚ ପରିମାଣକୁ ବୃଦ୍ଧି କରିବ। ସାମାଜିକ ସ୍ତରରେ ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ପ୍ରଶାସନିକ କ୍ଷେତ୍ରରେ ଅଥବା ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ**
ସାମୟିକ ଶାରୀରିକ ଅସୁସ୍ଥତା ପୂର୍ବାହ୍ନ ସମୟଟିକୁ ନିରୁତ୍ସାହିତ କରିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମନସ୍କ ନ ହୋଇ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ସାମୂହିକ କାର୍ଯ୍ୟରେ ନିଜକୁ ସାମିଲ୍ କରି ପରିବାର ପାଇଁ ସମୟ ଦେଇପାରିବେ ନାହିଁ।

**କର୍କଟ**
ଦିନଟିରେ କର୍ମ ମୁଖର ରହିବା ସହ ବିଭିନ୍ନ ସମସ୍ୟା ସମାଧାନ କରିବାରେ ବ୍ୟସ୍ତତା ବୃଦ୍ଧିପାଇବ। ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବା ସହ ଆତ୍ମୀୟମାନଙ୍କ ଅବଦାନକୁ ପାସୋରି ପାରିବେ ନାହିଁ। କିନ୍ତୁ ଅଫିସିଆଲି କ୍ଷେତ୍ରରେ ସାଧାରଣ କଥାକୁ ବଡ କରି ସହକର୍ମୀମାନେ କଳହର ମାତ୍ରାକୁ ବଢାଇ ଦେଇପାରନ୍ତି।

**ସିଂହ**
ପଛ କଥାକୁ ପଛରେ ପକାଇ ଏହି ସମୟର ସଦୁପଯୋଗ କରିପାରିଲେ ଫାଇଦା ଉଠାଇବାରେ ଅସୁବିଧା ରହିବ ନାହିଁ। ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ ସେମାନଙ୍କୁ ସନ୍ତୁଷ୍ଟ କରିବା କାଠିକର ପାଠ। କେତେକାଂଶରେ ଭଲ ରହିବ ତଥାପି ବହୁତଗୁଡିଏ କାମ ହାତକୁ ନେଇ ବ୍ୟସ୍ତତା ଅନୁଭବ କରିପାରନ୍ତି।

**କନ୍ୟା**
ନିଜ ଲୋକମାନଙ୍କୁ ସନ୍ଦେହ କରି ଅପ୍ରିୟତା ଅର୍ଜନ କରିବେ। ଅଫିସରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ପରିଲକ୍ଷିତ ହେବ। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିପାରେ। କିନ୍ତୁ ବ୍ୟବସାୟ, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିପାରନ୍ତି।

**ତୁଳା**
କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବା ହେତୁ ମନ ଅସ୍ଥିର ରହିବା କାରଣରୁ ଅଶାନ୍ତ ରହିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ସମସ୍ୟା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏକାଧିକ ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ।

**ବିଛା**
କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି। କିନ୍ତୁ ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରିବ। କୌଶଳ ଅବଲମ୍ବନ କରି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ।

**ଧନୁ**
ପୂର୍ବ ସମସ୍ୟା ସମାଧାନ ହୋଇଯାଇଥିବା କାରଣରୁ ମନ ଏକପ୍ରକାର ଭଲ ରହିବ। ନିଜ ଲୋକମାନଙ୍କ ଗହଣରେ ଦକ୍ଷତାର ସହ କାମ କରି ପ୍ରଶଂସିତ ହେବେ। ଗବେଷଣା, ଲେଖାପଢ଼ା କ୍ଷେତ୍ରରେ ସୁଫଳ ପାଇବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇପାରନ୍ତି।

**ମକର**
ବିନା ପ୍ରତିବନ୍ଧକରେ କାର୍ଯ୍ୟ ସମ୍ପନ୍ନ କରିବାରେ ସମର୍ଥ ହୋଇପାରିବେ। ପ୍ରିୟବନ୍ଧୁଙ୍କ ଜରିଆରେ କୌଣସି ସୁଖଦ ଶୁଭଖବର ପାଇ ମନ ବହୁତ ଖୁସୀ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଭୁଲ୍ ବୁଝାମଣା କାରଣରୁ ପରିବାରରେ ଲାଗି ରହିଥିବା ମାନସିକ ଦ୍ୱନ୍ଦ୍ୱର ଅବସାନ ଅଚିରେ ଘଟିବ।

**କୁମ୍ଭ**
ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ମାଲିମକଦ୍ଦମା, ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇବ। ବିଶେଷ କିଛି ଅସୁବିଧା ନ ଥିଲେ ସୁଦ୍ଧା ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିପାରନ୍ତି।

**ମୀନ**
ନୀରବ ନ ରହି ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କଲେ କେତେକାଂଶରେ ଉପକୃତ ହେବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲିମକଦ୍ଦମା, ସାଂଗଠନିକ କ୍ଷେତ୍ରରୁ ସୁଫଳ ପ୍ରାପ୍ତି ହେବ। ପ୍ଲଟିଙ୍ଗ କାରବାର, ପ୍ରଯୁକ୍ତି ବିଦ୍ୟା, ପ୍ରଶାସନ, ଲୋକ ସମ୍ପର୍କ, ଆଲୋଚନା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଅଗ୍ରଗତି ଘଟିବ।

ଆଜି ସାବିତ୍ରୀ ବ୍ରତ, ଶ୍ରୀମନ୍ଦିରରେ ସାବିତ୍ରୀ ଅମାବାସ୍ୟା ଓ ଜଳକ୍ରୀଡ଼ା, ଅମାବାସ୍ୟାର ନିଶାପାଳନ, ମେ ୨୨ ତାରିଖ, ଶୁକ୍ରବାର, ଅନ୍ତର୍ଜାତୀୟ ଜୈବବିବିଧତା ଦିବସ, ରାଜା ରାମମୋହନ ରାୟଙ୍କ ଜୟନ୍ତୀ, ରାଶିନକ୍ଷତ୍ର-କୃତ୍ତିକା। ବୃଷ, ବିଛା ରାଶିର ଘାତଚନ୍ଦ୍ର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୨.୦୯ମି. ଗତେ ଘ.୦୨.୪୫ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୪ମି. ଗତେ ଘ.୦୮.୨୫ମି. ମଧ୍ୟେ, ଘ.୧୨.୪୮ମି. ଗତେ ଘ.୦୩.୦୦ମି. ମଧ୍ୟେ, ଘ.୦୩.୪୪ମି. ଗତେ ଘ.୦୫.୧୨ମି.ମଧ୍ୟେ ଅମୃତବେଳା। ସକାଳ ଘ.୦୬.୦୪ମି. ଗତେ ଘ.୦୬.୫୬ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୦.୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୦୫ମି. ଗତେ ଘ.୧୧.୪୩ ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ସଂଗ୍ରହ ହେବ ସ୍ୱାବ୍ ନମୁନା ଆଜି ପିକୋଳ ପଞ୍ଚାୟତ ୧୨ ଘଣ୍ଟା ଶଟ୍‌ଡାଉନ୍

**ସାଲେପୁର, ୨୧ା୫(ଡି.ଏନ୍.ଏ.):** ପ୍ରବାସୀ ଓଡ଼ିଆମାନଙ୍କ ସ୍ୱାବ୍ ସଂଗ୍ରହ ପାଇଁ ସାଲେପୁରସ୍ଥିତ ପିକୋଳ ପଞ୍ଚାୟତକୁ ଶୁକ୍ରବାର ୧୨ ଘଣ୍ଟା ପାଇଁ ସଟ୍‌ଡାଉନ୍ ଘୋଷଣା କରାଯାଇଛି। ସରପଞ୍ଚ ରଣଜିତ୍ ଦାସ ଏହି ନିଷ୍ପତ୍ତି ନେବା ସହ କଟକ ଜିଲାପାଳ, ସାଲେପୁର ଆଇଆଇସି, ବିଡିଓ ଓ ତହସିଲଦାରଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଶଟଡାଉନ୍ ସମ୍ପର୍କରେ ଏକ ଡାକବାଜି ଯନ୍ତ୍ର ଦ୍ୱାରା ପଞ୍ଚାୟତବାସୀଙ୍କୁ ଅବଗତ କରାଯାଇଛି। ଏହି ପଞ୍ଚାୟତର ବଣହରା ହାଇସ୍କୁଲସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ୪୮ଜଣ ପ୍ରବାସୀ ଓଡ଼ିଆ ଅହମଦାବାଦରୁ ଆସି ରହିଛନ୍ତି। ସେମାନଙ୍କ ସ୍ୱାବ ନମୁନା ପରୀକ୍ଷା ପାଇଁ ସଂଗ୍ରହ କରିବାକୁ ସ୍ଥିର ହେବା ପରେ ଏହି ଶଟ୍‌ଡାଉନ୍ ଘୋଷଣା କରାଯାଇଛି ବୋଲି ସରପଞ୍ଚ ଦାସ କହିଛନ୍ତି।

# ଖରିଫ୍ ଋଣ ପରିମାଣ ବୃଦ୍ଧି

## କରୋନା ମୁକାବିଲା

ଭୁବନେଶ୍ୱର, ୨୧ା୫ (ବ୍ୟୁରୋ)

ରାଜ୍ୟ ସରକାର କୋଭିଡ୍-୧୯ର ମୁକାବିଲା ପାଇଁ ଜୋର୍‌ଦାର ପ୍ରୟାସ ଚଳାଇଛନ୍ତି। ବିଶେଷକରି ରାଜ୍ୟର ଚାଷୀଙ୍କୁ ଅଣ୍ଟା ସଳଖିବା ପାଇଁ ସରକାର ଖରିଫ୍ ଋଣର ପରିମାଣକୁ ବୃଦ୍ଧି କରିଛନ୍ତି। ପୂର୍ବ ଯୋଜନାରେ ଧାର୍ଯ୍ୟ ହୋଇଥିବା ୭୫୦୦ କୋଟିର ଋଣ ପରିମାଣକୁ ଏବେ ୯୦୦୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଶେଷକରି ଚଳିତ ଖରିଫ୍ ଋତୁ ପାଇଁ ପୂର୍ବରୁ ଧାର୍ଯ୍ୟ ସମବାୟ ଫସଲ ଋଣ ପରିମାଣକୁ ବୃଦ୍ଧି କରାଯାଇଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ପ୍ରବାସୀ, ଯୁଗ୍ମଦେୟ ଗୋଷ୍ଠୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନରେ ପ୍ରାଧାନ୍ୟ ଦିଆଯିବ। ସେହିପରି ମତ୍ସ୍ୟଚାଷ, ଗୋପାଳନ, ପ୍ରାଣୀପାଳନ ଓ କୁକୁଡ଼ାଚାଷ ଆଦି କ୍ଷେତ୍ରରେ ଅଧିକ ସ୍ୱଳ୍ପକାଳୀନ ଋଣ ଯୋଗାଇ ଦିଆଯିବ ବୋଲି ରାଜ୍ୟ ସରକାର କହିଛନ୍ତି। ଗୁରୁବାର ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବିବୃତ୍ତିରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି।

## ଗଲେ ୨୬,୬୨୧ ଶ୍ରମିକ, ଆସିଲେ ୨,୧୪,୩୭୩ ପ୍ରବାସୀ

**ଭୁବନେଶ୍ୱର, ୨୧ା୫ (ବ୍ୟୁରୋ):** ରାଜ୍ୟ ସରକାର ଜିଲା ପ୍ରଶାସନ ସହାୟତାରେ ଏ ପର୍ଯ୍ୟନ୍ତ ୨୬,୬୨୧ ଜଣ ଅତିଥି ଶ୍ରମିକଙ୍କୁ ବସ୍ ଯୋଗେ ସେମାନଙ୍କ ନିଜ ରାଜ୍ୟକୁ ପଠାଇଛନ୍ତି। ଏମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ୬୨୫୦ଜଣ, ଛତିଶଗଡ ୩୫୫୦, ବିହାର ୩୬୦୦, ଝାଡଖଣ୍ଡ ୭୧୦୦, ରାଜସ୍ଥାନ ୧୦୦୦, ଉତ୍ତରପ୍ରଦେଶ ୧୮୦୦, ମଧ୍ୟପ୍ରଦେଶ ୯୧୫, ଆନ୍ଧ୍ରପ୍ରଦେଶ ୯୬୦, ତେଲଙ୍ଗାନା ୫୫୦, ମହାରାଷ୍ଟ୍ର ୩୫୦ ଏବଂ ମଣିପୁରର ୩୮ଜଣ ରହିଛନ୍ତି। ତେବେ ସୁନ୍ଦରଗଡ଼ ଜିଲାରୁ ସର୍ବାଧିକ ୬୬୨୦ ଜଣ ଅତିଥି ଶ୍ରମିକ ନିଜ ରାଜ୍ୟକୁ ଫେରିଥିବାବେଳେ ଖୋର୍ଦ୍ଧାରୁ ୪୪୦୦, ବଲାଙ୍ଗୀରରୁ ୧୧୨୦, ଭଦ୍ରକରୁ ୭୫୦, କଳାହାଣ୍ଡିରୁ ୧୧୧୦, ମାଲକାନଗିରିରୁ ୭୬୦, ଅନୁଗୋଳରୁ ୮୮୦, ରାୟଗଡାରୁ ୧୩୦୦ ଏବଂ ବରଗଡରୁ ୮୦୦ ଜଣଙ୍କୁ ବସ୍ ଯୋଗେ ସେମାନଙ୍କ ରାଜ୍ୟରେ ଛଡ଼ାଯାଇଛି।

କେବଳ ଚାଲିଚାଲି ଯାଉଥିବା ପ୍ରାୟ ୧୦ ହଜାର ଅତିଥି ଶ୍ରମିକଙ୍କୁ ବସ୍ ଯୋଗେ ନିଜ ରାଜ୍ୟ ସୀମା ଯାଏ ପହଞ୍ଚାଇ ଦିଆଯାଇଛି। ଏହି ଶ୍ରମିକମାନଙ୍କୁ ପଠାଇବା ପୂର୍ବରୁ ବସ୍‌ଗୁଡ଼ିକ ବିଶୋଧନ କରାଯାଉଛି। ସେମାନଙ୍କୁ ସାମାଜିକ ଦୂରତ୍ୱ ଏବଂ ମାସ୍କ ପରିଧାନର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯାଇ ପାଣି ବୋତଲ, ମାସ୍କ, ଶୁଖିଲା ଖାଦ୍ୟ ଓ ଗମନାଗମନ ପାଇଁ କିଛି ଖାଦ୍ୟ ପୁଡ଼ିଆ ଦିଆଯାଉଛି ବୋଲି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଦେଶର ବିଭିନ୍ନ ରାଜ୍ୟରେ ଫସି ରହିଥିବା ପ୍ରବାସୀ ଓଡ଼ିଆଙ୍କୁ ରାଜ୍ୟ ସରକାର ବସ୍, ଟ୍ରେନ୍ ଓ ଅନ୍ୟ ଯାନବାହନ ସାହାଯ୍ୟରେ ଫେରାଇ ଆଣୁଛନ୍ତି। ଗୁରୁବାର ୧୧,୧୫୩ ଜଣ ଓଡ଼ିଆ ଭାଉଭଉଣୀ ଓଡ଼ିଶାରେ ପହଞ୍ଚିଥିବାବେଳେ ଏବେ ମୋଟ ଫେରନ୍ତାଙ୍କ ସଂଖ୍ୟା ୨ଲକ୍ଷ ୧୪ହଜାର ୩୭୩ ରେ ପହଞ୍ଚିଛି।

# ୧୫,୮୯୨ ଟିଏମ୍‌ସିରେ ୭,୦୨,୯୦୦ ଶଯ୍ୟା

ଭୁବନେଶ୍ୱର, ୨୧ା୫ (ବ୍ୟୁରୋ)

ବାହାର ରାଜ୍ୟରୁ ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବା ପରେ ପଞ୍ଚାୟତ ଓ ମ୍ୟୁନିସିପାଲିଟିରେ ହୋଇଥିବା ଅସ୍ଥାୟୀ ଚିକିତ୍ସା କେନ୍ଦ୍ର (ଟିଏମ୍‌ସି)ରେ କ୍ୱାରାଣ୍ଟାଇନ୍‌ରେ ରଖାଯାଉଛି। ବିଶେଷକରି ଗ୍ରାମାଞ୍ଚଳରେ କ୍ୱାରାଣ୍ଟାଇନ୍ ସ୍ୱାସ୍ଥ୍ୟସେବାକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ୬୭୯୮ ଗ୍ରାମ ପଞ୍ଚାୟତରେ ୧୫,୮୯୨ଟିଅସ୍ଥାୟୀ ଚିକିତ୍ସା କେନ୍ଦ୍ର ସ୍ଥାପିତ ହୋଇଛି। ଏଥିରେ ମୋଟ ୭,୦୨,୯୦୦ ଶଯ୍ୟାର ବ୍ୟବସ୍ଥା କରାଯାଇଛି। ଏମାନଙ୍କ ପାଇଁ ସ୍ୱତନ୍ତ୍ର ନିୟମ ଓ କଟକଣା କରାଯାଇଛି। ତେବେ ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ମେ ୨୦ରୁ ୨୧ ତାରିଖ ୨୪ ଘଣ୍ଟା ମଧ୍ୟରେ ୮ଟି ମାମଲା ଦାଏର କରାଯାଇଛି। ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଓ ବିଭିନ୍ନ ଅଭିଯୋଗରେ ୨୪ଜଣଙ୍କୁ ଗିରଫ କରାଯାଇଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ରାଜ୍ୟରେ ଏବେ ଦୈନିକ ୩ହଜାରରୁ ଊର୍ଦ୍ଧ୍ୱ ନମୁନା ପରୀକ୍ଷଣ କରାଯାଉଛି। ବର୍ତ୍ତମାନ ସୁଦ୍ଧା ସାରା ରାଜ୍ୟରେ ୧ଲକ୍ଷ ୮ହଜାର ୪୩୨ ନମୁନା ପରୀକ୍ଷା କରାଯାଇଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରେସ୍ ବିବୃତିରୁ ଜଣାପଡିଛି।

### ଦୈନିକ ୧ଲକ୍ଷ ୮ହଜାର ୪୩୨ ନମୁନା ପରୀକ୍ଷଣ



### ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଫରେନ୍‌ସିକ୍ ସାଇନ୍ସ କୁଇଜ୍ ୧୧୮ ତମ ସ୍ଥାନ ହାସଲ କଲେ ଅଧ୍ୟାପକ

**ସାଲେପୁର, ୨୧ା୫(ଡି.ଏନ୍.ଏ.):** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନ୍‌ଲାଇନ୍ ମାଧମରେ ଫରେନ୍‌ସିକ୍ ସାଇନ୍ସ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ସର୍ବଭାରତୀୟ ସ୍ତରରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂଲିଶ୍ ବିଭାଗ ଅଧ୍ୟାପକ ସେକ୍ ଅବ୍ରାର ଅହମ୍ମଦଙ୍କୁ ୧୧୮ ତମ ସ୍ଥାନ ମିଳିଛି। ଏନେଇ ତାଙ୍କୁ ସାର୍ଟିଫିକେଟ୍ ସହ ୫ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ଏହି ପରୀକ୍ଷାରେ ୫ଲକ୍ଷ ୭୬ହଜାର ୮୫୮ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ତାଙ୍କୁ ଏହି ସଫଳତା ମିଳିବା ପରେ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛା ମିଳିଛି।



# ୨ ବିଧାୟକଙ୍କ ବିରୋଧରେ ମାମଲା

## ସାରୁଅ ଆକ୍ରମଣ ଘଟଣା: ୨ ଗିରଫ

ଖୋର୍ଦ୍ଧା ଅଫିସ,୨୧ା୫

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅନ୍ତର୍ଗତ ସାରୁଅରେ ଏକ ପୋଖରି ଖୋଳା ପ୍ରକଳ୍ପରେ ଗାଡ଼ି ନିୟୋଜନକୁ କେନ୍ଦ୍ରକରି ଗତ ମଙ୍ଗଳବାର ହୋଇଥିବା ଆକ୍ରମଣ ଘଟଣା ନୂଆ ମୋଡ଼ ନେବାକୁ ଲାଗିଛି। ଏହି ଘଟଣାରେ ୩ଟି ପୃଥକ୍ ମାମଲା ରୁଜୁ ହୋଇଛି। ପୋଲିସ ୨ଟି ଅଭିଯୋଗ ଉପରେ ଦିଲୀପ ମହାଭୋଇ ଓ ମଥୁରା ମହାଭୋଇଙ୍କୁ ଗିରଫ କରିଛି। ଅନ୍ୟପଟେ ଏହି ଘଟଣାକୁ କେନ୍ଦ୍ରକରି ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ବିରୋଧରେ ଜଣେ ମହିଳା ଅସଦାଚରଣ ଅଭିଯୋଗ ଆଣିଛନ୍ତି। ଉକ୍ତ ଅଭିଯୋଗ କ୍ରମେ ପୋଲିସ ଆଇପିସି ଦଫା ୪୪୮, ୨୯୪, ୩୫୪ (ବି), ୫୦୬, ୩୪ ଏବଂ ୨୫ ଆର୍ମ୍ସ ଆକ୍ଟରେ ଏକ ମାମଲା (ନଂ. ୫୩/୨୦) ରୁଜୁ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ସମ୍ପୃକ୍ତ ମହିଳାଙ୍କ ଘର ଆଗରେ ବିଧାୟକ ଜେନା ଓ ତାଙ୍କର ୨୦ରୁ ଊର୍ଦ୍ଧ୍ୱ ସମର୍ଥକ ଗାଳିଗୁଲଜ କରିଥିଲେ। ପରେ ଘରେ ପଶି ମାରଣାସ୍ତ୍ର ଦେଖାଇ ତାଙ୍କୁ ଭୟଭୀତ କରିବା ସହ ଅସଦାଚରଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ବିଧାୟକ ଜେନାଙ୍କ ମୋବାଇଲ ନମ୍ବର(୯୪୩୭୪୯୪୭୦୦)କୁ ବାରମ୍ବାର ଫୋନ୍ କରାଯାଇଥିଲେ ମଧ୍ୟ ସେ ନ ଉଠାଇବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସେହିପରି ଅନ୍ୟ ଜଣେ ମହିଳା ଖୋର୍ଦ୍ଧା ଟାଉନ ଥାନାରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ବିରୋଧରେ ମଧ୍ୟ ଅସଦାଚରଣ ଅଭିଯୋଗ ଆଣିଛନ୍ତି। ଉକ୍ତ ଅଭିଯୋଗକ୍ରମେ ପୋଲିସ ବିଧାୟକ ସାହୁଙ୍କ ବିରୋଧରେ ଆଇପିସି ଦଫା ୪୫୨, ୨୯୪, ୩୫୪, ୫୦୬ ଏବଂ ୩୪ରେ ଏକ ମାମଲା (ନଂ. ୧୭୧/୨୦) ରୁଜୁ କରିଛି। ଏତଲାରେ ଦର୍ଶାଯାଇଛି ଯେ, ଗୁରୁବାର ଅପରାହ୍ନରେ ବିଧାୟକ ସାହୁ ଏବଂ ତାଙ୍କ ସମର୍ଥକ ଦୁଇଟି ଗାଡ଼ିରେ ସମ୍ପୃକ୍ତ ମହିଳାଙ୍କ ଘରକୁ ଯାଇଥିଲେ। ତାଙ୍କ ସମର୍ଥକଙ୍କ ବିରୋଧରେ ଦେଇଥିବା ମାମଲା ଉଠାଇବାକୁ କହିଥିଲେ। ମାତ୍ର ମହିଳା ଜଣଙ୍କ ମନା କରିବାରୁ ସେ ତାଙ୍କୁ ଚାପୁଡ଼ା ମାରିଥିଲେ। ବିଧାୟକଙ୍କ ସମର୍ଥକମାନେ ତାଙ୍କୁ ଟଣାଓଟରା କରିବା ସହ ହତ୍ୟା କରିବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ତେବେ ଏନେଇ ବିଧାୟକ ସାହୁଙ୍କୁ ପଚାରିବାରେ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସାହୁ କହିଛନ୍ତି ଯେ, ଲକ୍‌ଡାଉନ୍ ଯୋଗୁ ସେ ପ୍ରାୟ ୪୫ଦିନ ହେଲା ଘରୁ ବାହାରିନାହାନ୍ତି। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଉଦ୍ଦେଶ୍ୟ ପ୍ରଣୋଦିତ। ପରସ୍ପର ବିରୋଧ ବିବାଦରେ ତାଙ୍କୁ ଫସାଇବା ପାଇଁ ଏଭଳି ମିଥ୍ୟା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ସାରୁଅ ଶିଳ୍ପାଞ୍ଚଳରେ ବିଧାୟକ ଜେନାଙ୍କ ସମ୍ପର୍କୀୟ କୁହାଯାଉଥିବା ରଘୁନାଥ ପାତ୍ର ଓ ବିଭୁପ୍ରସାଦ ଏକ ପ୍ରକଳ୍ପ ପାଇଁ ପୋଖରୀ ଖନନ କରୁଛନ୍ତି। ଏଥିରେ ଖୋର୍ଦ୍ଧାର କେତେଜଣଙ୍କ ଗାଡ଼ି ଓ ହାଇୱା କାମରେ ଲାଗିଛି। ବିଭୁଙ୍କ କହିବା ମୁତାବକ ଏହି ପ୍ରକଳ୍ପରେ ଗାଡ଼ି ନିୟୋଜିତ କରିବାକୁ ଗିରଫ ଅଭିଯୁକ୍ତ ଦିଲୀପ ଓ ମଥୁରା ତାଙ୍କୁ ବାଧ୍ୟ କରିଥିଲେ। ବଟି ନ ଦେଲେ ଏଠାରେ କାର୍ଯ୍ୟ କରିପାରିବେ ନାହିଁ ବୋଲି ଧମକ ଦେଇ ଆସୁଥିଲେ। ଗତ ମଙ୍ଗଳବାର ସେମାନେ ପ୍ରକଳ୍ପ ରାସ୍ତାକୁ ଜେସିବି ଦ୍ୱାରା ଗାତ ଖୋଳୁଥିବାବେଳେ ବିଭୁଙ୍କ ସମର୍ଥକ ବିରୋଧ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦିଲୀପ ଓ ମଥୁରାଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଯୁବକ ଠେଙ୍ଗାବାଡ଼ି ଧରି ଆକ୍ରମଣ କରିଥିଲେ। ଏନେଇ ବିଭୁଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ. ୫୨/୨୦) ରୁଜୁ ହୋଇଛି। ସେହିପରି ସେହି ଦିନ ସାରୁଅରେ କଂଗ୍ରେସ ନେତା ପ୍ରଦୀପ ସାହୁଙ୍କ କାର୍ଯ୍ୟାଳୟରେ ଉପରୋକ୍ତ ଅଭିଯୁକ୍ତମାନେ ସମର୍ଥକଙ୍କ ସହ ପଶି ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ କେସ୍ (ନଂ. ୫୧/୨୦) ରୁଜୁ କରିଛି। ଏହି ୨ ମାମଲାରେ ଦିଲୀପ ଓ ମଥୁରାଙ୍କୁ ଗିରଫ କରାଯାଇଛି।

# ଡାକ ବିଭାଗକୁ ରିପୋର୍ଟ ତଲବ

କଟକ ଅଫିସ,୨୧ା୫

- ପୁରୀରୁ ରେଳ ଡାକ ସେବା ସ୍ଥାନାନ୍ତର ପ୍ରସଙ୍ଗ
- ସ୍ଥାନାନ୍ତର ବିରୋଧରେ ହାଇକୋର୍ଟରେ ମାମଲା
- ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ

ପୁରୀରେ ଥିବା ରେଳ ଡାକସେବା (ଆର୍‌ଏମ୍‌ଏସ୍)କୁ ଖୋର୍ଦ୍ଧା ରୋଡ୍‌କୁ ସ୍ଥାନାନ୍ତର ପାଇଁ ଚାଲିଥିବା ଯୋଜନାକୁ ବିରୋଧ ହୋଇଛି। ଏନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଓ ଜଷ୍ଟିସ ସଙ୍ଗମ୍ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଛନ୍ତି। ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ଡାକ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ଆବେଦନକାରୀ ଦର୍ଶାଇଥିଲେ ଯେ, ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। କିନ୍ତୁ ବିଭିନ୍ନ ସୁବିଧା ଯୋଗାଉଥିବା କାର୍ଯ୍ୟାଳୟଗୁଡ଼ିକୁ ପୁରୀରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ସ୍ୱାଧୀନତା ପୂର୍ବରୁ ପୁରୀରେ ରେଳ ଡାକସେବା କାର୍ଯ୍ୟାଳୟ ରହିଛି। ବହୁ ତୀର୍ଥଯାତ୍ରୀ, ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ଏଥିରେ ଉପକୃତ ହେଉଛନ୍ତି। ଘରଭଡ଼ାର ଆଳ ଦେଖାଇ କେନ୍ଦ୍ର ସରକାର ପୁରୀରୁ ଏହି ସଂସ୍ଥାକୁ ଖୋର୍ଦ୍ଧାରୋଡ ସ୍ଥାନାନ୍ତର କରିବା ପାଇଁ ଆଦେଶ ଦେଇଛନ୍ତି। ସଚେତନ ନାଗରିକ ମଞ୍ଚ ଓ ଶ୍ରୀଜଗନ୍ନାଥ ସେନା ଆଗତ କରିଥିବା ଏହି ମାମଲାକୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ପରିଚାଳନା କରିଥିଲେ। ଆସିଷ୍ଟାଣ୍ଟ ସଲିସିଟର୍ ଜେନେରାଲ୍ ଅନୁପ କୁମାର ବୋଷ ନୋଟିସ୍‌କୁ ଗ୍ରହଣ କରିଥିଲେ। ଏଥିସହ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପୂର୍ବରୁ ଦାଏର ହୋଇଥିବା ମାମଲାର ଡବ୍ଲ୍ୟୁପିସି ୧୬୨୫୪/୨୦୦୯ ପୁରୁଣା ରେକର୍ଡକୁ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# କୋଣାର୍କରେ ଖୋଲିବ କୋଭିଡ୍ ହସ୍ପିଟାଲ

## ସ୍ଥିତି ଅନୁଧ୍ୟାନ କଲେ ଜିଲା ପ୍ରଶାସନିକ ଅଧିକାରୀ

**କୋଣାର୍କ,୨୧ା୫ (ଡି.ଏନ୍.ଏ.):** କୋଣାର୍କରେ କୋଭିଡ୍-୧୯ ହସ୍ପିଟାଲ ସହ ଦୁଇଟି ସ୍ଥାନରେ ନୂତନ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲିବା ନେଇ ନିଷ୍ପତ୍ତି ହୋଇଛି। ଏ ନେଇ ନେଇ ଗୁରୁବାର ଜିଲା ପ୍ରଶାସନର ଦୁଇ ଅଧିକାରୀ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅପରାହ୍ନ ପ୍ରାୟ ୪ଟା ରେ ପୁରୀ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ନୀଳକଣ୍ଠ ମିଶ୍ର କୋଣାର୍କ ଶିଶୁ ଓ ମାତୃମଙ୍ଗଳ ହସ୍ପିଟାଲ ପରିସରରେ ଥିବା କ୍ୱାରାଣ୍ଟାଇନ କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହା ସହ ଏଠାରେ କୋଭିଡ୍-୧୯ ହସ୍ପିଟାଲ ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଥିବା ଅଧିକାରୀଦ୍ୱୟ କହିଛନ୍ତି। ଅନ୍ୟପକ୍ଷରେ କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସେବାଶ୍ରମ ବିଦ୍ୟାଳୟରେ ନୂତନ ଭାବେ ଖୋଲାଯିବାକୁ ଥିବା କ୍ୱାରାଣ୍ଟାଇନ୍ ସେଣ୍ଟରର ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍ ଶ୍ରୀନିବାସ, ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ଓ କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ବେକରି ଦୋକାନରେ ପ୍ରେମିକାଙ୍କୁ ଛୁରାମାଡ଼

**ଭୁବନେଶ୍ୱର,୨୧ା୫ (ବ୍ୟୁରୋ):** ନୟାପଲ୍ଲୀ ଥାନା ଅନ୍ତର୍ଗତ ବିଜୁପଟ୍ଟନାୟକ କଲେଜ ନିକଟ ଏକ ବେକରୀ ଦୋକାନରେ ଜଣେ ଯୁବତୀଙ୍କୁ ଛୁରାମାଡ଼ ହୋଇଛି। ପ୍ରେମରେ ବିଫଳ ହେବା ପରେ ଯୁବକ ଜଣକ ନିଜ ସାଙ୍ଗ ସହ ଆସି ଏପରି କାଣ୍ଡ ଘଟାଇଥିବା ଜଣାପଡିଛି। ଏଥିରେ ପ୍ରେମିକା ଜଣକ ଆହତ ହୋଇଛନ୍ତି। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଉକ୍ତ ଯୁବକଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିବା ପରେ ପୋଲିସ ଜିମା ଦେଇଛନ୍ତି। ପୋଲିସ ଉକ୍ତ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଶୁକ୍ରବାର ଉକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ। ତାଙ୍କ ଘର ଇସ୍କନ ମନ୍ଦିର ପଛ ବସ୍ତିରେ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଆକ୍ରମଣକାରୀ ଯୁବକ ଉକ୍ତ ଯୁବତୀଙ୍କୁ ଭଲ ପାଉଥିଲେ। ଯୁବତୀ ଜଣକ ତାଙ୍କ ସାନ ଭଉଣୀ ସହ ବେକରୀ ଦୋକାନରେ କାମ କରନ୍ତି। କିଛିଦିନ ହେବ ସେ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା। ଯୁବତୀ ଜଣକ ତାଙ୍କଠାରୁ ଦୂରେଇ ଯିବା ସହ ଫୋନ୍‌ରେ କଥା ହେଉ ନ ଥିଲେ। ଗୁରୁବାର ରାତି ୭ଟା ସମୟରେ କେଦାର ତାର ସାଙ୍ଗଙ୍କ ସହ ଏକ ଛୁରୀ ନେଇ ଉକ୍ତ ବେକରୀ ଦୋକାନକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ହଠାତ ଯୁବତୀଙ୍କୁ ଦୋକାନ ବାହାରକୁ ଟାଣି ଆଣିଥିଲେ। ଯୁବତୀ ପାଟିକରିବାରୁ ତାଙ୍କୁ ଛୁରୀ ଦେଖାଇ ଧମକ ଦେଇ ଭଲ ପାଇବାକୁ ବାଧ୍ୟ ଦେଇଥିଲେ। ହେଲେ ସେ ରାଜି ନ ହେବାରୁ ତାଙ୍କ ହାତକୁ ଛୁରୀରେ କାଟି ଦେଇଥିଲେ।


TATA
ଟାଟା ପାୱାର
ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍
(କର୍ପୋରେଟ୍ କଂଟ୍ରାକ୍ଟସ ଡିପାର୍ଟମେଂଟ)
ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍, ୨ୟ ମହଲା, ସହର ରିସିଭିଂ ଷ୍ଟେସନ
ସହର ଏୟାରପୋର୍ଟ ରୋଡ୍, ଅନ୍ଧେରୀ ଇଷ୍ଟ, ମୁମ୍ବାଇ - ୪୦୦୦୫୯
CIN : L28920MH1919PLC000567

ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି

ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍ ଯୋଗ୍ୟ ଭେଣ୍ଡରଙ୍କ ଠାରୁ ଓଡ଼ିଶାରେ ଟାଟା ପାୱାର ଡିଷ୍ଟ୍ରିବ୍ୟୁସନ ପାଇଁ ନିମ୍ନଲିଖିତ ପ୍ୟାକେଜ୍ କରାଯିବା ନିମନ୍ତେ ଟେଣ୍ଡର (୨ ପାର୍ଟ ବିଡିଂ) ଆମନ୍ତ୍ରଣ କରୁଛି।

| ଟେଣ୍ଡର ଅନୁସନ୍ଧାନ ନଂ | କାର୍ଯ୍ୟ ବିବରଣୀ | ଆକଳିତ ମୂଲ୍ୟ / ଇଏମ୍‌ଡି (ଟ.) | ଟେଣ୍ଡର ଅଂଶଗ୍ରହଣ ଫି (ଟ.) | ଟେଣ୍ଡର ଅଂଶଗ୍ରହଣ ଫି ପ୍ରଦାନ କରିବାର ଶେଷ ତାରିଖ ଓ ସମୟ |
|---|---|---|---|---|
| ଟିପିସି/ଇଏନଜିଜି / ଇଏନ୍ କ୍ୟୁ / ୦୨୦/୨୦-୨୧ | ଓଡ଼ିଶାରେ ମିଟର ସଂସ୍ଥାପନ ଓ ସହାୟକ ସେବା ପାଇଁ ଦର ଚୁକ୍ତି | ୩୨.୦୦ କୋଟି / ୮.୦୦ ଲକ୍ଷ | ୫୦୦୦/- | ୦୩.୦୬.୨୦୨୦, ୧୫୦୦ ଘ. |
| ଟିପିସି/ଇଏନ୍‌ଜିଜି / ଇଏନ୍ କ୍ୟୁ / ୦୨୧/ ୨୦-୨୧ | ଓଡ଼ିଶାରେ ୧୧ କେଭି ଓ ୩୩ କେଭି ଆଉଟଡ଼ୋର ଭାକ୍ୟୁମ୍ ସର୍କିଟ ବ୍ରେକର୍ସର ଯୋଗାଣ ପାଇଁ ଦର ଚୁକ୍ତି | ୧.୬୯ କୋଟି / ୪.୨୦ ଲକ୍ଷ | ୫୦୦୦/- | ୦୩.୦୬.୨୦୨୦, ୧୫୦୦ ଘ. |
| ଟିପିସି/ଇଏନ୍‌ଜିଜି / ଇଏନ୍ କ୍ୟୁ / ୦୨୨/ ୨୦-୨୧ | ଓଡ଼ିଶାରେ ଏନଆଇଏଫ୍‌ପିଏସର ପାୱାର ଟ୍ରାନ୍ସଫର୍ମର୍ସ ୩୩ / ୧୧ କେଭି, ୧୨.୫ / ୧୬ଏମଭିଏ ସହିତ ଏସଆଇଟିସିର ଯୋଗାଣ ନିମନ୍ତେ ଦର ଚୁକ୍ତି | ୩.୦୨ କୋଟି / ୬.୫୦ ଲକ୍ଷ | ୫୦୦୦/- | ୦୩.୦୬.୨୦୨୦, ୧୫୦୦ ଘ. |

ସବିଶେଷ ଟେଣ୍ଡର ପାଇଁ, ଦୟାକରି https://www.tatapower.com ୱେବ୍‌ସାଇଟରେ ଟେଣ୍ଡର ସେକ୍ସନକୁ ପରିଦର୍ଶନ କରନ୍ତୁ। ଆଗ୍ରହୀ ବିଡରମାନେ ଉପରୋକ୍ତ ପ୍ରକାରେ ଶେଷ ତାରିଖ ଓ ସମୟ ପୂର୍ବରୁ ଟେଣ୍ଡର ଅଂଶଗ୍ରହଣ ଫି ଓ ପ୍ରାଧିକରଣ ପତ୍ର ଦାଖଲ କରିବାକୁ ହେବ ଯାହା ପରେ ଟାଟା ପାୱାର ଇ-ଟେଣ୍ଡର ସିଷ୍ଟମରୁ ଲିଙ୍କକୁ ପୁନଶ୍ଚ ଯୋଗାଯୋଗ ଓ ବିଡ୍ ଦାଖଲ କରିବା ପାଇଁ ସେୟାର କରାଯିବ। ଦୟାକରି ଧ୍ୟାନ ଦିଆଯିବା ଆବଶ୍ୟକ ଯେ ଟେଣ୍ଡର, ବିଡ୍ ଦାଖଲ, ବିଡ୍ ଦାଖଲ ତାରିଖ ସଂପ୍ରସାରଣ ଇତ୍ୟାଦି ସମ୍ପର୍କିତ ଯୋଗାଯୋଗ କେବଳ ଟାଟା ପାୱାର ଇ-ଟେଣ୍ଡର ସିଷ୍ଟମ ଜରିଆରେ କରାଯିବ। ଆଉ ମଧ୍ୟ ପ୍ରଯୁଜ୍ୟ ଟେଣ୍ଡର ସମ୍ପର୍କିତ ସମସ୍ତ ଭବିଷ୍ୟତର ସଂଶୋଧନ ଯଦି କିଛି ଥାଏ ତାହାକୁ ୱେବ୍‌ସାଇଟ୍ https://www.tatapower.com ର ଟେଣ୍ଡର ସେକ୍ସନ ଜରିଆରେ ସୂଚୀତ କରାଯିବ।



Your classified advertisement published in Dharitri will be listed free in Dharitri online edition : **www.dharitri.com**



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OPTCL Lifeline of Odisha
EHT (O&M) DIVISION, JAYANAGAR-764005 CIN: U40102OR2004SGC007553

NOTICE INVITING TENDER

Sealed Tenders are invited by the undersigned from registered contractors having valid License ,I.T PAN No and GST Registration Certificate for Different R/M Works of 132kv TL S/D, Tentulikhunti. **Cost Of Tender Papers** are of Rs. 672.00( non-refundable) in shape of Cash & EMD @1% of quoted amount in the shape of DD/Cash. **Sale of Tender Documents** from Dt. 20.05.2020 to upto 12:00 Noon of Dt. 29.05.2020. **Last Date Of Submission Of Tender** on or before Dt. 29.05.2020 upto 04:00PM. **Tenders Will be Opened** on Dt. 29.05.2020 at 04:30 PM.
**Corrigendum if any will be published in the website only.**
Sd/-
GM (Ele.)
Please connect us: optcl.odisha optcl_odisha energyodisha



Government of Odisha "e" Procurement Notice
OFFICE OF THE EXECUTIVE ENGINEER, KORAPUT (R&B) DIVISION, KORAPUT
No.: B-18
**Bid Identification No. E.E. (R&B) KPT-01/2020-21**

1. Name of the Work : Electrical Works
2. Total No. of Works : 2 Nos.
3. Estimated Cost : Rs.5.10 lakhs to 16.61 lakhs
4. Period of Completion : 01 (One) Month
5. Date & Time of availability of bid document in the portal : From 28.05.2020 at 11.00 hours to 11.06.2020 upto 17.00 hours
6. Last date/time for receipt of bids in the portal : 11.06.2020 upto 17.00 hours
7. Date of opening of Tender : 12.06.2020 at 12.00 hours
8. Name and address of the Officer Inviting Bid : Executive Engineer, Koraput (R&B) Division

Further details can be seen from the e-procurement portal: **https://tendersorissa.gov.in**.
**Sd./- Executive Engineer**
**Koraput (R&B) Division**
**OIPR-34096/11/0001/2021**



GOVERNMENT OF ODISHA
OFFICE OF THE EXECUTIVE ENGINEER, KALAHANDI (R&B) DIVISION, BHAWANIPATNA
E-mail: eekalahandi@gmail.com, Fax No.: 06670-230512, Cell No.: 9437050413
**No.: B-23** **E-Procurement Notice**
**Bid Identification No. BC KLD-03/2020-21**
**No.: 4580** **Dated: 18.05.2020**

| | | | |
|---|---|---|---|
| 1 | Name of the Work | : | 05 (Five) Nos. of Building Works |
| 2 | Estimated Cost | : | Varies from Rs.50.00 lakhs to Rs.99.00 lakhs |
| 3 | Period of Completion | : | Varies from 04 (Four) to 06 (Six) Calendar Months |
| 4 | Date and time of availability of bid document in the portal | : | 11.00 hours of 26.05.2020 to 17.00 hours of 06.06.2020 |
| 5 | Last date/time for receipt of bid in the portal | : | 17.00 hours of 06.06.2020 |
| 6 | Name and address of the Officer Inviting Bid | : | Executive Engineer, Kalahandi (R&B) Division, Bhawanipatna |
| 7 | Date & Venue of Opening of the Single & Double Cover Bid and Technical Bid (Cover-1) of Double Cover Bid | : | On 07.06.2020 at 11.00 A.M. in the Office of the Executive Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal **https://tendersorissa.gov.in**.
**Sd./- (Er. A.K. Babu), Executive Engineer**
**Kalahandi (R&B) Division**
**OIPR-34017/11/0001/2021**



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 5171/ ଭୁ.ଉ.କ., ଭୁବନେଶ୍ୱର ତା26.02.2020ରିଖ
KNM-1850/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ ଡେଭେଲପ୍‌ମେଣ୍ଟ ସ୍କିମ୍ ଅନ୍ତର୍ଗତ MIG Plot No.K7-180କୁ ମୂଳତଃ ଶ୍ରୀମତୀ ସୁବାସୀ ରାଉତ, ସ୍ୱାମୀ- ଶ୍ରୀନାଥ ରାଉତ(ମୃତ), ଗ୍ରାମ/ପୋଅ- ମାଳିସାହି, ଥାନା/ଜିଲ୍ଲା-ନୟାଗଡ଼ଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀଙ୍କ ତା25.09.2013ରିଖରେ ମୃତ୍ୟୁ ପରେ ଉକ୍ତ ପ୍ଲଟକୁ ବି.ଡି.ଏ. କାର୍ଯ୍ୟାଳୟ ଆଦେଶ ସଂଖ୍ୟା-7818 dt.12.03.2019 ଅନୁଯାୟୀ ଆବଣ୍ଟନଗ୍ରାହୀଙ୍କ ନିମ୍ନ ଉତ୍ତରାଧିକାରୀମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ମାଲିକାନା ପରିବର୍ତ୍ତନ କରାଯାଇଅଛି ।

୧. ଚିନ୍ମୟୀ ମହାନ୍ତି (ବିବାହିତା ଝିଅ)
୨. ସୁଶାନ୍ତ ରାଉତ (ପୁଅ)

ବର୍ତ୍ତମାନ ଉପରୋକ୍ତ ଉତ୍ତରାଧିକାରୀ ତଥା ବର୍ତ୍ତମାନର ଆବଣ୍ଟନଗ୍ରାହୀମାନଙ୍କ ମଧ୍ୟରୁ ଶ୍ରୀମତୀ ଚିନ୍ମୟୀ ମହାନ୍ତି ପଞ୍ଜୀକୃତ ନା ଦାବି ପତ୍ର (Deed of Relinquishment) ମାଧ୍ୟମରେ ଉକ୍ତ ପ୍ଲଟରେ ଥିବା ନିଜର ମାଲିକାନା ଅଂଶ ଅଧିକାରକୁ ଶ୍ରୀ ସୁଶାନ୍ତ ରାଉତଙ୍କୁ ହସ୍ତାନ୍ତର କରିଛନ୍ତି । ସୁତରାଂ ଉକ୍ତ ପ୍ଲଟ ନଂ.K7-180ର ସମ୍ପୂର୍ଣ୍ଣ ମାଲିକାନା ଅଧିକାର କେବଳ ଶ୍ରୀ ସୁଶାନ୍ତ ରାଉତଙ୍କ ନାମରେ କରାଯିବାରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି /ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ସମ୍ପୂର୍ଣ୍ଣ ମାଲିକାନା ଅଧିକାର ଶ୍ରୀ ସୁଶାନ୍ତ ରାଉତଙ୍କ ନାମରେ ଆଇନ ଅନୁଯାୟୀ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୨
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର



ଲକ୍‌ଡାଉନ୍ ବେଳେ ନିମ୍ନ ଉପାୟରେ ଏଚ୍.ଆଇ.ଭି.ର ଏଆରଟି ଚିକିତ୍ସା କରାଯାଇ ପାରିବ
(ଏଚ୍.ଆଇ.ଭି. ସଂକ୍ରମିତ ବ୍ୟକ୍ତିମାନେ ନିୟମିତ ସଠିକ୍ ସମୟରେ ଏ.ଆର.ଟି. ଔଷଧ ସେବନ କରିବା ନିହାତି ଜରୁରୀ ଅଟେ)

- କୋଭିଡ୍-୧୯ରୁ ସର୍ବଦା ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ନିୟମାବଳୀକୁ ପାଳନ କରନ୍ତୁ ।
- ଯଦି କେହି ଏ.ଆର.ଟି. କେନ୍ଦ୍ରକୁ ଯାଇ ନ ପାରୁଛନ୍ତି କିମ୍ବା ଏ ପର୍ଯ୍ୟନ୍ତ ଔଷଧ ପାଇପାରି ନାହାନ୍ତି, ତେବେ ଆପଣଙ୍କ ଗ୍ରୀନ୍ ବହିର ଶେଷ ପୃଷ୍ଠାରେ ଲେଖାଯାଇଥିବା ଏ.ଆର.ଟି. କେନ୍ଦ୍ରର ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ । ଆପଣଙ୍କ ଟେଲିଫୋନ ନମ୍ବର, ପଞ୍ଜୀକୃତ ନମ୍ବର, ସଠିକ ଠିକଣା ବିଷୟରେ ଜଣାନ୍ତୁ । ଆପଣ ଯଦି ଇଚ୍ଛୁକ, ତାହେଲେ ଆପଣଙ୍କ ଘରେ ଏହି ଔଷଧ ପହଞ୍ଚାଇ ଦିଆଯିବ ଅଥବା ଆପଣଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇ.ସି.ଟି.ସି. କେନ୍ଦ୍ରରେ ଉପଲବ୍ଧ କରାଯିବ ।
- ଏଚ୍.ଆଇ.ଭି. ବିଷୟରେ ଅଧିକ ଜାଣିବା ପାଇଁ ଜାତୀୟ ନିଃଶୁଳ୍କ ନମ୍ବର ୧୦୯୭ରେ ଫୋନ୍ କରନ୍ତୁ ଏବଂ ଲକ୍‌ଡାଉନ ସମୟରେ ଏ.ଆର.ଟି. ଔଷଧ ଉପଲବ୍ଧ ନିମନ୍ତେ ମଧ୍ୟ ଏହା ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ ।



ଏ ପର୍ଯ୍ୟନ୍ତ ୧୫ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ଏ.ଆର.ଟି. ଔଷଧ ପାଇସାରିଲେଣି ।
AIDS Helpline 1097
ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି, ଭୁବନେଶ୍ୱର OSACS
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟ ଲାଭକରିବାକୁ। –ଶ୍ରୀମା



# ଏକ ଚେତାବନୀ

ଦେଶର ଗୋଟିଏ ଭାଗରୁ ଆଉ ଏକ ଭାଗକୁ ନିଜ ଘର ଅଭିମୁଖେ ଯାଉଥିବା ପ୍ରବାସୀ ଶ୍ରମିକଙ୍କ ହୃଦୟବିଦାରକ ଦୃଶ୍ୟ କୋଭିଡ୍‌–୧୯ ମହାମାରୀ ଚାଲିଗଲା ପରେ ଆମ ସମସ୍ତଙ୍କର ମନେ ରହିବ। ସାଧାରଣ ପରିବହନ ବ୍ୟବସ୍ଥା ନଥିବାବେଳେ ଏହି ଦୁର୍ବଳଶ୍ରେଣୀର ଲୋକମାନେ ସେମାନଙ୍କର ଅଳ୍ପ କିଛି ଜିନିଷପତ୍ର ଧରି ହଜାର ହଜାର କିଲୋମିଟର ଚାଲି ଚାଲି ଯାଉଛନ୍ତି। ବିନା ଖାଦ୍ୟ ଓ ସହାୟତାରେ କେତେକ ସାଇକେଲରେ ଯାଉଛନ୍ତି ତ ଆଉ କିଛି ବାଟରେ ପୋଲିସ ନିର୍ଯାତନାର ସାମ୍ନା କରୁଛନ୍ତି। ଆଉ କେତେକଙ୍କୁ ଅସହ୍ୟ ଖରାରେ ଆଣ୍ଠେଇ ଆଣ୍ଠେଇ ଯିବା ଲଗି ବାଧ୍ୟ କରାଯାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି, ଯାହା ମାନବିକତା ଦୃଷ୍ଟିରୁ କରିବା ଉଚିତ ନୁହେଁ। ସେମାନଙ୍କ ବିଷଣ୍ଣ ମୁଖ କୋଭିଡ୍‌–୧୯ ବିପର୍ଯ୍ୟୟର ପରିଦୃଶ୍ୟ ପ୍ରତୀକ। ରାସ୍ତାରେ ପ୍ରବାସୀ ଶମିକମାନେ ମୃତକଙ୍କୁ ଛାଡି ଚାଲିଯାଉଥିବା ଜଣାପଡିଛି। କେତେକଙ୍କ ଉପରେ ଟ୍ରେନ ମାଡିଯିବା କିମ୍ବା ରାସ୍ତାରେ ମରିଯିବା ଖବର ଆସିବାରେ ଲାଗିଛି। ମେ' ୧ରୁ ଭାରତୀୟ ରେଳ କେବଳ ୧୫୬୫'ଶ୍ରମିକ ସ୍ପେଶାଲ' ଟ୍ରେନ ଚଲାଇ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଶ୍ରମିକଙ୍କୁ ଘରେ ପହଞ୍ଚାଇ ପାରିଛି। ୧୯୪୭ର ଭାରତ–ପାକିସ୍ତାନ ବିଭାଜନ ପରେ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଏତେ ସଂଖ୍ୟକ ଲୋକ ଯିବା କେବେ ବି ଦେଖାଯାଇ ନ ଥିଲା। ଆର୍ଥିକ ଦୃଷ୍ଟିକୋଣରୁ ଭାରତରେ ସମାନତା ଦେଖିବାକୁ ମିଳେନି। ଏଠାରେ ମହାରାଷ୍ଟ୍ର,ଗୁଜରାଟ, ତାମିଲନାଡୁ ଭଳି କେତେକ ରାଜ୍ୟ ଆର୍ଥିକ ଦୃଷ୍ଟି କୋଣରୁ ଉନ୍ନତ ଥିବା ବେଳେ ବିହାର, ଓଡ଼ିଶା ଓ ପଶ୍ଚିମବଙ୍ଗ ଭଳି କେତେକ ରାଜ୍ୟ ଗରିବ। ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଲୋକମାନଙ୍କ ମୁଣ୍ଡପିଛା ଆୟ ପଶ୍ଚିମାଞ୍ଚଳ ରାଜ୍ୟଗୁଡିକ ତୁଳନାରେ ବହୁତ କମ୍‌। ଏଣୁ ଭଲ ଚାକିରି କରିବା ପାଇଁ ବହୁ ସଂଖ୍ୟାରେ ଲୋକ ପଶ୍ଚିମାଞ୍ଚଳ ରାଜ୍ୟଗୁଡିକୁ ଯାଇଥାଆନ୍ତି। କାର୍ଯ୍ୟସ୍ଥଳୀ ନିକଟରେ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଭଳି ମୌଳିକ ସୁବିଧା ନଥିବା ବସ୍ତିରେ ସେମାନେ ଏକାଠି ରହନ୍ତି। ଯେତେବେଳେ କୋଭିଡ୍‌–୧୯ ପ୍ରଭାବରେ ଶିଳ୍ପ ଓ କାରଖାନା ବନ୍ଦ ହୋଇଗଲା ସେତେବେଳେ ଏହି ଶ୍ରମିକମାନେ ପ୍ରଥମେ ମହାମାରୀର ଆଘାତ ସହିଲେ। ସେମାନେ ସେମାନଙ୍କ ଚାକିରି ହରାଇଲେ। ସେମାନଙ୍କ ପାଖରେ ଅଳ୍ପ କିଛି ଟଙ୍କା ଥିବାରୁ ଘରକୁ ଆସିବା ଛଡା ସେମାନଙ୍କ ପାଖରେ ଅନ୍ୟ କିଛି ବାଟ ନ ଥିଲା। ଏବେ ସୁଦ୍ଧା ଲକ୍ଷ ଲକ୍ଷ ଲୋକ ସେମାନଙ୍କ ରାଜ୍ୟରେ ପହଞ୍ଚି ସାରିଲେଣି, ଅନେକ ଘରେ ପହଞ୍ଚି ପାରିନାହାନ୍ତି, ଲକ୍ଷାଧିକ ମଧ୍ୟ ଫେରିବାକୁ ଅପେକ୍ଷା କରି ରହିଛନ୍ତି। ଓଡ଼ିଶାରେ ପ୍ରଥମେ ପ୍ରାୟ ୫ ଲକ୍ଷ ଲୋକ ଘରକୁ ଫେରିବା ଲାଗି ଅନ୍‌ଲାଇନ ପଞ୍ଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ପାଖାପାଖି ୨ ଲକ୍ଷ ଲୋକ ଘରକୁ ଫେରିଛନ୍ତି। ଏପରି କି ଆଉ ଯାହା ରହିଲେ ସେମାନେ ଯଦି ଫେରନ୍ତି ସେମାନଙ୍କ ସଂଖ୍ୟା ଜୀବିକା ପାଇଁ ଓଡ଼ିଶାରୁ ଅନ୍ୟ ରାଜ୍ୟକୁ ଯାଇଥିବା ମୋଟ ଲୋକସଂଖ୍ୟାର କେବଳ ୩୦ ପ୍ରତିଶତ ହେବ। ଓଡ଼ିଶାରେ ପ୍ରବାସୀ ଶ୍ରମିକ ସମସ୍ୟା ଏକ ସ୍ଥାନୀୟ ସମସ୍ୟା। ଏପରିକି ରାଜ୍ୟର ପ୍ରତ୍ୟେକ ଜିଲାରୁ ଲୋକମାନେ ବାହାରକୁ କାମ କରିବାକୁ ଯାଆନ୍ତି। ବଲାଙ୍ଗୀର, ନୂଆପଡା, ବରଗଡ଼ ଏବଂ ଗଞ୍ଜାମ ଭଳି ଜିଲାଗୁଡ଼ିକରେ ଏହି ଲୋକମାନଙ୍କ ସଂଖ୍ୟା ଢେର ବେଶି। ଏହି ସମସ୍ୟା ସମାଧାନ କରିବା ଲାଗି ରାଜ୍ୟ ସରକାର ଅତୀତରେ ଅନେକ ସ୍ୱତନ୍ତ୍ର ପ୍ୟାକେଜ ନେଇ ଆସିଛନ୍ତି। କିନ୍ତୁ ଏହି ସବୁ ପଦକ୍ଷେପ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛି। ଯେହେତୁ କରୋନା ଭାଇରସ୍‌ ରହିବ ସେଥିପାଇଁ ମଣିଷ ତା ସହ ରହିବାକୁ ପଡ଼ିବ। ଏଣୁ ଏହି ପରିବର୍ତ୍ତିତ ବାସ୍ତବତାକୁ ଗ୍ରହଣ କରି ପ୍ରବାସୀ ଶ୍ରମିକଙ୍କ ସମସ୍ୟାକୁ ସବୁଦିନ ପାଇଁ ସମାଧାନ କରିବାକୁ ଏକ ନୀତି ଆଣିବା ସହ ଭିତ୍ତିଭୂମି ଉନ୍ନତି କରିବାର ଆବଶ୍ୟକତା ରହିଛି। ଆଗକୁ ଦୀର୍ଘମିଆଦୀ ନୀତି ଆରମ୍ଭ କରିବାକୁ ହେବ। ଜୀବିକା ଲାଗି ସଂଖ୍ୟାଧିକ ଶ୍ରମିକ ସୁରଟ ଯାଇ ସେଠାରେ ବୟନଶିଳ୍ପ କ୍ଷେତ୍ରରେ କାମ କରୁଛନ୍ତି। ରାଜ୍ୟ ସରକାର ସେଭଳି ସୁବିଧା ଏଠାରେ ମଧ୍ୟ ଆରମ୍ଭ କରିପାରିବେ। ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ମାନୁଫାକଚରି ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅଧିକ ଶ୍ରମଭିତ୍ତିକ କ୍ଷେତ୍ର ଏବଂ ଏହା ବେରୋଜଗାରୀ ସମସ୍ୟା ସମାଧାନ କରିପାରିବ। ତେବେ ଏଗୁଡ଼ିକ ଅଧିକ ନିବେଶ ଆବଶ୍ୟକ କରେ ନାହିଁ। ବୟନଶିଳ୍ପ ପାଇଁ ଓଡ଼ିଶା ବେଶ୍‌ ଜଣାଶୁଣା। ଏହି ଇଣ୍ଡଷ୍ଟ୍ରିଗୁଡ଼ିକର ଭିତ୍ତିଭୂମିରେ ଉନ୍ନତି ଅଣାଯାଇପାରିଲେ ଏହା ନିବେଶକୁ ମଧ୍ୟ ଆକର୍ଷିତ କରିପାରିବ। ଯଦି ସରକାର ଏହି ସବୁ ଶିଳ୍ପକୁ ସ୍ଥାପନ କରିବା ନିଶ୍ଚିତ କରିବେ ତେବେ ରାଜ୍ୟର ଗ୍ରମାଞ୍ଚଳରୁ ଅଣକୁଶଳୀ ଏବଂ ଅର୍ଦ୍ଧକୁଶଳୀ ଲୋକ ବାହାରକୁ ଯିବା ବନ୍ଦ କରିଦେବେ। ଏଣୁ କୋଭିଡ୍‌ ସଙ୍କଟକୁ ଏକ ସତର୍କଘଣ୍ଟି ବା ଚେତାବନୀ ଭାବେ ଗ୍ରହଣ କରିବାକୁ ପଡ଼ିବ। ସରକାର କୋଇଲା ଓ ଆଇରନ ଇଣ୍ଡଷ୍ଟ୍ରି ପ୍ରତି ଅଧିକ ଗୁରୁତ୍ୱ ନ ଦେଇ ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଭଳି ସେକ୍ଟର ଉପରେ ଧ୍ୟାନ ଦେବା ଉଚିତ। ଏହା ବାହାରକୁ ଚାଲିଯାଉଥିବା ଶ୍ରମିକମାନଙ୍କୁ ଏଠାରେ ଲାଭଜନକ ନିଯୁକ୍ତି ପାଇବାକୁ ନିଶ୍ଚିତ କରିବ।

## ଆଜିର ଅର୍ଥନୀତି

# ଅମ୍ଫାନ୍‌ ମୁକାବିଲାରୁ ଶିକ୍ଷା



ଡ. ଶିବ ଶଙ୍କର ସାହୁ

ତାଲାବନ୍ଦ କୋଟି କୋଟି ଲୋକଙ୍କ ବଞ୍ଚିବାର ରାହା ଛଡ଼େଇ ନେଇଛି। ଏପରି ସମୟରେ ବାତ୍ୟା ଅମ୍ଫାନ୍‌ କ୍ଷୟକ୍ଷତି ଓଡ଼ିଶା, ପଶ୍ଚିମବଙ୍ଗ ସମେତ ବାଂଲାଦେଶ ପାଇଁ ବୋଝ ଉପରେ ନଳିତା ବିଡ଼ା ହୋଇଛି। ପ୍ରଳୟଙ୍କରୀ ୧୯୯୯ ମହାବାତ୍ୟାର ୨୧ ବର୍ଷ ପରେ ଅମ୍ଫାନ୍‌ ହେଉଛି ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଦ୍ୱିତୀୟ ବଡ଼ ବାତ୍ୟା, ଯାହାର ଉତ୍ପତ୍ତି ସମୁଦ୍ର ଗର୍ଭରେ। ସାଧାରଣତଃ ମୌସୁମୀ ପରବର୍ତ୍ତୀ ସମୟରେ ବାତ୍ୟା ଆଶଙ୍କା ବେଶି ଥାଏ। କିନ୍ତୁ ଜଳବାୟୁ ପରିବର୍ତ୍ତନ ଓ ତୀବ୍ର ଭୂମଣ୍ଡଳୀୟ ଉଷ୍ମୀକରଣ ପ୍ରଭାବ ବାତ୍ୟା, ସାମୁଦ୍ରିକ ଘୂର୍ଣ୍ଣିଝଡ଼ ପ୍ରାକ୍‌ ମୌସୁମୀ ବାତ୍ୟାର ରୂପ ନେଉଛି। ଗତବର୍ଷର 'ଫନୀ' ଆଉ ଏବେ ଅମ୍ଫାନ୍‌କୁ ଏହାର ଉଦାହରଣ ଭାବେ ବିଚାରକୁ ନିଆଯାଇପାରେ।

ବିଗତ ୫୦ ବର୍ଷ ମଧ୍ୟରେ ଭାରତରେ ୧୫୦ରୁ ଅଧିକ ଛୋଟ ବଡ଼ ତୋଫାନ ଆସିଛି। ସଫିର–ସିମ୍ପସନ୍‌ ହରିକେନ ସ୍କେଲରେ ବାତ୍ୟା ସାଧାରଣତଃ ସାମାନ୍ୟ, ତୀବ୍ର, ଅତି ତୀବ୍ର, ଅତି ଭୀଷଣ ତୀବ୍ର ଓ ମହାବାତ୍ୟା ଭାବେ ଶ୍ରେଣୀ ବିଭକ୍ତ ହୋଇଥାଏ। ୨୦୦୪ରେ ଅମ୍ଫାନ୍‌ର ନାମକରଣ ଥାଇଲାଣ୍ଡରେ ହୋଇଥିଲା, ଯାହାର ଅର୍ଥ ଆକାଶ ଓ ଥାଇ ଭାଷାରେ ଉଚ୍ଚାରଣ ଉମ–ପୁନ। ଏହା ପୂର୍ବରୁ ହୋଇଥିବା ପ୍ରଳୟଙ୍କରୀ ଫନୀର ନାମକରଣ ବାଂଲାଦେଶ ଦ୍ୱାରା ହୋଇଥିଲା, ଯାହାର ଅର୍ଥ ଥିଲା ଫେଣା ଟେକିଥିବା ସାପ। ୨୦୦୦ ମସିହା ଓମାନ୍‌ର ରାଜଧାନୀ ମସ୍କାଟ୍‌ଠାରେ ହୋଇଥିବା ଅନ୍ତର୍ଜାତୀୟ ଜଳବାୟୁ ସଂସ୍ଥାନର ୨୭ତମ ଅଧିବେଶନରେ ବାତ୍ୟାର ନାମକରଣ କରିବା ପାଇଁ ନିୟମ ତିଆରି ହୋଇଥିଲା। ସେହି ନିୟମ ଅନୁସାରେ ଉତ୍ତର ଭାରତ ମହାସାଗର, ବଙ୍ଗୋପସାଗର ଓ ଆରବସାଗରରେ ହେଉଥିବା ବାତ୍ୟାର ନାମକରଣ ଦାୟିତ୍ୱ ୮ ଦେଶ ଯଥା ଭାରତ, ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା, ମ୍ୟାନ୍‌ମାର, ମାଳଦ୍ୱୀପ, ଓମାନ୍‌ ଓ ଥାଇଲାଣ୍ଡ ଉପରେ ନ୍ୟସ୍ତ କରାଯାଇଛି। ପ୍ରତ୍ୟେକ ଦେଶ ୮ଟି ଲେଖାଏ ହିସାବରେ ୬୪ଟି ତୋଫାନର ନାମକରଣ କରିଛନ୍ତି। ଅମ୍ଫାନ୍‌ ହେଉଛି ଏହି ତୋଫାନ ନାମକରଣ ସୂଚୀର ଶେଷ ନାମ। ୨୦୨୦ ଏପ୍ରିଲରେ ଆଉ ୫ ଦେଶ ଇରାନ୍‌, କାତାର, ସୌଦିଆରବ, ଆରବ ଯୁକ୍ତରାଜ୍ୟ ଓ ୟେମେନକୁ ମିଶାଇ ୧୩ ଦେଶ ପ୍ରତିଟି ୧୩ ଲେଖାଏ ୧୬୯ଟି ଆଗାମୀ ଭବିଷ୍ୟତ ବାତ୍ୟାର ନାମକରଣ କରିଛନ୍ତି। ଏହା ପଛର ଉଦ୍ଦେଶ୍ୟ ହେଉଛି ସାଧାରଣ ଜନତାଙ୍କୁ ବୋଧଗମ୍ୟ ହେଲା ଭଳି କ୍ଷୁଦ୍ର ଓ ସରଳ ନାମ ଦେବା। ଫଳରେ ଗଣମାଧ୍ୟମ, ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ତଥା ପାଣିପାଗ ବିଶେଷଜ୍ଞମାନେ ଏହାକୁ ସହଜରେ ବ୍ୟାଖ୍ୟା କରିପାରିବେ।

ଓଡ଼ିଶା ବାରମ୍ବାର ବିଭିନ୍ନ ପ୍ରକାର ବିପର୍ଯ୍ୟୟର ଶିକାର ହୋଇଆସୁଛି। ପ୍ରାକୃତିକ ଦୁର୍ବିପାକ ବାତ୍ୟା ହଉ କି ମରୁଡ଼ି, ବନ୍ୟା କିମ୍ବା ଗ୍ରୀଷ୍ମପ୍ରବାହ ଲୁ ଅଥବା ମନୁଷ୍ୟକୃତ ଦୁର୍ବିପାକ ଯଥା ଅନାହାର ମୃତ୍ୟୁ, ଶିଶୁ ମୃତ୍ୟୁ, ଚାଷୀ ମୃତ୍ୟୁ କିମ୍ବା ଦାଦନର ମୃତ୍ୟୁ ପିଛା ଛାଡୁନି। ଫନୀ ମହାବାତ୍ୟାର ବର୍ଷକ ପରେ କ୍ଷତ ଶୁଖି ନ ଥିବାବେଳେ ଅମ୍ଫାନ୍‌ ଭୟ ସୃଷ୍ଟି କରିଥିଲା। ଦୀର୍ଘ ଏକ ସପ୍ତାହ ଧରି ବଙ୍ଗୋପସାଗରରେ ଘୂରି ବୁଲିବା ପରେ ଏହା ଭୀଷଣ ଝଡ଼ବାତ୍ୟା ରୂପରେ ପଶ୍ଚିମବଙ୍ଗର ଦୀଘା ଓ ବାଂଲାଦେଶର ହାତିଆ ଦ୍ୱୀପ ମଧ୍ୟସ୍ଥ ସୁନ୍ଦରବନ ଛୁଇଁଥିଲା। ଭାରତୀୟ ପାଣିପାଗର ପ୍ରାକ୍‌ ଆକଳନ ଅନୁସାରେ ଲ୍ୟାଣ୍ଡ ଫଲ୍‌ ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୫୫ ରୁ ୧୬୫ କିଲୋମିଟର ଏବଂ ମଝିରେ ମଝିରେ ଘଣ୍ଟା ପ୍ରତି ୧୮୫ ଥିଲା। ବିଶ୍ୱ ପାଣିପାଗ ସଂସ୍ଥା ମତରେ ଅମ୍ଫାନ୍‌ ବଙ୍ଗୋପସାଗରରେ ଅତିମାତ୍ରାରେ ସଶକ୍ତ ହୋଇ ମହାବାତ୍ୟାର ରୂପ ନେଇଥିଲା, ଯାହାକି ତୋଫାନ ମାପକ ସ୍କେଲ୍‌ ସଫିର–ସିମ୍ପସନର ଶକ୍ତିଶାଳୀ ପଞ୍ଚମ ଶ୍ରେଣୀରେ ଅନ୍ତର୍ଭୁକ୍ତ। ଏହା ହରିକେନ ତୋଫାନର ଗତି ସହ ସମାନ। ଅମ୍ଫାନ୍‌ ସ୍ଥଳଭାଗକୁ ଛୁଇଁବା ପରେ ଅପେକ୍ଷାକୃତ କମ୍‌ ଶକ୍ତିଶାଳୀ ଚତୁର୍ଥ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇଥିଲା। ସମ୍ପୂର୍ଣ୍ଣ ଭାବେ ସ୍ଥଳଭାଗକୁ ପ୍ରବେଶ କରିବାକୁ ଏହାକୁ ୪ଘଣ୍ଟା ଲାଗିଥିଲା ଓ ଏହାର କେନ୍ଦ୍ରୀୟ ବାୟୁ ଚାପ ବହୁତ ବଢ଼ିଥିଲା, ଯାହାକି ମହାବାତ୍ୟାର କରାଳରୂପକୁ ଶାନ୍ତ କରିବାରେ ସହାୟକ ହେଲା।

ପାଣିପାଗ ବିଶେଷଜ୍ଞଙ୍କ ମତରେ ଓଡ଼ିଶା ଉପକୂଳ ଅନ୍ୟ ପୂର୍ବ ରାଜ୍ୟଗୁଡ଼ିକ ତୁଳନାରେ ବିପର୍ଯ୍ୟୟ ଦୃଷ୍ଟିକୋଣରୁ ଦୁଇଗୁଣା ବିପଦସଙ୍କୁଳ। ଓଡ଼ିଶା ମାନଚିତ୍ରରେ ପୁରୀରୁ ଭଦ୍ରକ ମଧ୍ୟସ୍ଥ ସ୍ଥଳଭାଗ ଅବସ୍ଥିତି ସମୁଦ୍ର ମଧ୍ୟକୁ ଅଧିକା ପଶି ଆସିବାର ଦେଖାଯାଏ, ଯାହାକି ବାତ୍ୟାର ପ୍ରଭାବ ମାତ୍ରାଧିକ ହୋଇଥାଏ। ସମଗ୍ର ପୂର୍ବ ଭାରତ ଉପକୂଳର ମାତ୍ର ୧୭ ପ୍ରତିଶତ ହେଉଛି ଓଡ଼ିଶା ଉପକୂଳର ଆୟତନ। କିନ୍ତୁ ବିଡ଼ମ୍ବନା ପୂର୍ବ ରାଜ୍ୟଗୁଡ଼ିକୁ ଅତିକ୍ରମ କରୁଥିବା ତୋଫାନର ୩୫ ଭାଗ ଓଡ଼ିଶା ଉପକୂଳରେ ତୀବ୍ରତର ହୁଏ କିମ୍ବା ସିଧା ମାଡ଼ ହୋଇଥିଲା। ବିଖ୍ୟାତ ଜଳବାୟୁ ବିଶେଷଜ୍ଞ ସି.ଜେ. ନିଉମାନ୍‌ଙ୍କ ମତରେ ଉତ୍ତର ଭାରତ ମହାସାଗରରେ ହେଉଥିବା ବାତ୍ୟା ସମୂହରୁ ସାଧାରଣତଃ ୭ ପ୍ରତିଶତ ଘାତକ ରୂପ ନେଇଥାଏ। ଅଗଭୀର ବଙ୍ଗୋପସାଗର, ତତ୍‌ସହିତ ନୀଚା ଚଉଡ଼ା ଓ କାହାଲୀ ଆକୃତିର ସମୁଦ୍ର ତଟରେଖା ବାତ୍ୟା ବିପର୍ଯ୍ୟୟର ଘନତ୍ୱକୁ ଦ୍ୱିଗୁଣିତ କରିଥାଏ। ସେଥିପାଇଁ ବଙ୍ଗୋପସାଗରକୁ ଲାଗିଥିବା ଭାରତର ପୂର୍ବ ଉପକୂଳ, ବାଂଲାଦେଶ, ମ୍ୟାନ୍‌ମାର ଓ ଶ୍ରୀଲଙ୍କାରେ ପ୍ରତିବର୍ଷ ବହୁ କ୍ଷୟକ୍ଷତି ଘଟାଏ। ଏହି ଅଞ୍ଚଳରେ ସର୍ବାଧିକ ୪୪ ପ୍ରତିଶତ ବାତ୍ୟା ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ, ୩୬ ପ୍ରତିଶତ ଅକ୍ଟୋବର–ନଭେମ୍ବରରେ, ବଳକା ୨୦ ପ୍ରତିଶତ ମୌସୁମୀ ପ୍ରାକ୍‌ ଆଗମନ ମାର୍ଚ୍ଚରୁ ମେ'ରେ ହୋଇଥାଏ ବୋଲି ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ଆଇପିସିସି ୨୦୦୩ ରିପୋର୍ଟ କହେ, ଜଳବାୟୁ ଗରମ ହେଲେ ଯେଉଁ ତୋଫାନ ଉତ୍ପନ୍ନ ହୁଏ ଅଧିକାଂଶ ଉଗ୍ରରୂପ ଧାରଣ କରି ବହୁ କ୍ଷୟକ୍ଷତି ଘଟାଇଥାଏ। ଏହି ରିପୋର୍ଟରେ ମଧ୍ୟ ଉଲ୍ଲେଖ ଅଛି, ଯଦି ବଙ୍ଗୋପସାଗର ଉପକୂଳରେ କ୍ରାନ୍ତୀୟ ତୋଫାନର ଆଗମନ ହୁଏ ତେବେ ଗ୍ରୀଷ୍ମଦିନିଆ ମୌସୁମୀ ବର୍ଷା ଅତ୍ୟନ୍ତ ଭୟଙ୍କର ହୋଇଥାଏ। ଏହାର ପ୍ରଭାବରେ ସମୁଦ୍ରର ଉଚ୍ଛୁଳା ଜଳଭାଗ ଉପକୂଳବର୍ତ୍ତୀ ତଳୁଆ ବସତିରେ ନାହିଁ ନ ଥିବା କ୍ଷୟକ୍ଷତି ଘଟାଇଥାଏ। ବିଗତ ୪୩ ବର୍ଷ ମଧ୍ୟରେ ଫନୀ ବାତ୍ୟା ପରେ ଅମ୍ଫାନ୍‌ ହେଉଛି ଗ୍ରୀଷ୍ମଦିନରେ କ୍ୱଚିତ ହେଉଥିବା ସାମୁଦ୍ରିକ ତୋଫାନ, ଯାହାର ଗତିପଥର ଭବିଷ୍ୟତ ଅନୁଧ୍ୟାନ କରିବା କଷ୍ଟକର ବ୍ୟାପାର ଥିଲା। ବଙ୍ଗୋପସାଗରରେ ମହାବାତ୍ୟା ରୂପ ନେବା ପରେ ଅମ୍ଫାନ୍‌ର ତୀବ୍ରତା, ଗତିପଥ, ଦିଗ ଓ ସମୟ ଭାରତୀୟ ପାଣିପାଗ ବିଭାଗର ବାତ୍ୟା ପଦାଙ୍କ ନମୁନା ଯାହା ଆକଳନ କରିଥିଲା, ତାହା ଶତ ପ୍ରତିଶତ ନିର୍ଭୁଲ ପ୍ରମାଣିତ କରି ଏକ ବଳିଷ୍ଠ ଉଦାହରଣ ସୃଷ୍ଟିକରିବା ସହ ଜନମାନସରେ ସୁଦୃଢ଼ ବିଶ୍ୱାସର ସଂସ୍ଥା ରୂପେ ପରିଗଣିତ ହୋଇଛି। ବିଗତ ୧୫୦ ବର୍ଷ ମଧ୍ୟରେ ଅମ୍ଫାନ୍‌କୁ ମିଶାଇ ଏହିପରି ତୋଫାନ ଓଡ଼ିଶାରେ ଚାରି ଥର ହୋଇସାରିଛି ଓ ବହୁ କ୍ଷୟକ୍ଷତି ସହ ଅନେକ ମୂଲ୍ୟବାନ ଜୀବନ ନେଇଛି। ବଙ୍ଗୋପସାଗର ଉପକୂଳ ସାଧାରଣତଃ ଓସାରିଆ ହୋଇଥିବା ବେଳେ ଆରବସାଗର ଉପକୂଳ ଆକୃତି ସଂକୀର୍ଣ୍ଣ। ଏହା ପବନର ଗତିକୁ ବଙ୍କେଇପାରେନି, ଆଉ ତାହା ଅତି ତୀବ୍ର ରୂପ ନେଇ ଓସାରିଆ ଉପକୂଳରେ ମାଡ଼ ହୁଏ ଓ ବହୁ ପରିସୀମା ଅତିକ୍ରାନ୍ତ କରିଥାଏ। ପୃଥିବୀରେ ହୋଇଥିବା ୩୬ଟି ଅତ୍ୟନ୍ତ ଘାତକ କ୍ରାନ୍ତୀୟ ତୋଫାନ ମଧ୍ୟରୁ ୨୭ଟି ବଙ୍ଗୋପସାଗରରେ ସୃଷ୍ଟି ହୋଇଛି।

ଭାରତୀୟ ଔଦ୍ୟୋଗିକ ସଂସ୍ଥାନ ଭୁବନେଶ୍ୱରର କ୍ରାନ୍ତୀୟ ପାଣିପାଗ ବିଜ୍ଞାନୀ ଉମା ଚରଣ ପତିଙ୍କ ମତରେ, ଓଡ଼ିଶା ୧୮୯୦ରୁ ଆଜିପର୍ଯ୍ୟନ୍ତ ୧୩୦ ବର୍ଷ ମଧ୍ୟରେ ୧୧୦ରୁ ଅଧିକ ବାତ୍ୟାର ସମ୍ମୁଖୀନ ହେଲାଣି। ଏହା ନିଶ୍ଚିତ ଭାବରେ ରାଜ୍ୟର ସାମାଜିକ ଆଉ ଅର୍ଥନୈତିକ ବିକାଶର ସୋପାନରେ ବିଶାଳ ପ୍ରତିବନ୍ଧକ ରୂପେ ଛିଡ଼ା ହେଉଛି । ଓଡ଼ିଶା ପରି ଅର୍ଥନୈତିକ ଦୁର୍ବଳ ରାଜ୍ୟ, ଯେଉଁଠି ସଂଖ୍ୟାଧିକ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ସେଠି କରୋନା ମହାମାରୀ ସହ ପ୍ରାକୃତିକ ବିପର୍ଯ୍ୟୟକୁ ଏକକାଳୀନ ସମ୍ମୁଖୀନ ହେବା ନିହାତି କଷ୍ଟକର ବ୍ୟାପାର। ଓଡ଼ିଶା ୧୯୯୯ ମହାବାତ୍ୟା ପରବର୍ତ୍ତୀ ଫାଇଲିନ୍‌, ହୁଡ୍‌ହୁଡ୍‌, ତିତ୍‌ଲି, ଫନୀ ଆଉ ବର୍ତ୍ତମାନ ଅମ୍ଫାନ୍‌ର ମୁକାବିଲା କରି ସମଗ୍ର ବିଶ୍ୱରେ ଚର୍ଚ୍ଚିତ। ଜାତିସଂଘଠୁ ଆରମ୍ଭକରି ବହୁ ଅନ୍ତଃରାଷ୍ଟ୍ରୀୟ ସଂସ୍ଥା ଏବେ ଓଡ଼ିଶା ବାତ୍ୟା ପରିଚାଳନା ନୀତିକୁ ଆଦର୍ଶ ରୂପେ ନେଉଛନ୍ତି। ବ୍ୟକ୍ତିଜୀବନ ପରି ରାଷ୍ଟ୍ରକୁ ମଧ୍ୟ ବିପଦ ଗ୍ରାସ କରିଥାଏ, କିନ୍ତୁ ରାଷ୍ଟ୍ର ଜୀବନର ବିପଦକୁ ସାମୂହିକ ରୂପେ ମୁକାବିଲା କରାଯାଇଥାଏ। ଚାଣକ୍ୟଙ୍କ ମତରେ ବିପଦ ଯେ ପର୍ଯ୍ୟନ୍ତ ନ ଆସିଛି ତାକୁ ଡରିବା ଦରକାର। ଶତ୍ରୁ ଯେତେବି ଦୁର୍ବଳ ହେଉ ନା କାହିଁକି ତାକୁ ହାଲୁକାରେ କେବେ ବି ନେବା ଗ୍ରହଣୀୟ ନୁହେଁ। ମହାମାରୀ ହେଉ କି ପ୍ରାକୃତିକ ବିପର୍ଯ୍ୟୟ ସାମୂହିକ ଉଦ୍ୟମ ଆଗରେ ହାର ମାନିବ।

୧୯୩୪ ମସିହାରେ ରେଭେନ୍‌ଶା କଲେଜର ବାର୍ଷିକ ଉତ୍ସବରେ ନୋବେଲ ବିଜୟୀ ମହାନ ଭାରତୀୟ ବୈଜ୍ଞାନିକ ସି.ଭି.ରମଣ ଏକଦା କହିଥିଲେ "ମୁଁ ଥିଲେ ଯୁଧିଷ୍ଠିରଙ୍କୁ କହିଥାନ୍ତି ପଶାକାଠି ପକାଇବା ପୂର୍ବରୁ ପ୍ରତି କାଠିକୁ ମାପ ଯନ୍ତ୍ରରେ ମାପି ନିଅ, ଓଜନ କର, ଦେଖ ସବୁ ସମାନ କି ନାହିଁ।" ଭାଗ୍ୟ ଉପରେ ସବୁ ଛାଡ଼ିଦେବା ଆଗରୁ ନିଜ ବୁଦ୍ଧି, ସତର୍କତା ଓ ଉଦ୍ୟମ ପୂର୍ଣ୍ଣମାତ୍ରାରେ ପ୍ରୟୋଗ କରିବା ଉଚିତ। ଏଠି ଏହା କହିବାର ଯଥାର୍ଥତା ହେଉଛି ଅନ୍ତର୍ଦୃଷ୍ଟି, ବିବେକ ଆଉ ବୈଜ୍ଞାନିକ ଚିନ୍ତାଧାରା ସହ ମାନବିକତାର ମନ୍ତ୍ରରେ ଦୀକ୍ଷିତ ହେଲେ ସଙ୍କଟକୁ ଏଡ଼ାଇ ଦିଆଯାଇପାରିବ। ମହାମାରୀ କରୋନା ଆଉ ମହାବାତ୍ୟା ଅମ୍ଫାନ୍‌ ଏହା ହିଁ ଶିକ୍ଷା ଦିଏ 'ସମାଜ ଓ ପରିବେଶ ବଞ୍ଚିଲେ ଆମେ ବଞ୍ଚିବା'।

**ଅଧ୍ୟାପକ, ପ୍ରୟୋଗାତ୍ମକ ଭୂଗୋଳ ବିଭାଗ,**
**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**
**ମୋ:୯୪୩୯୧୬୭୮୫୫,**
**ଇମେଲ:sibasankarjnu@gmail.com**

## ୨୫ ବର୍ଷ ତଳର ଧରିତ୍ରୀ

୨୨ ମେ ୧୯୯୫

- ଝଡ଼ତୋଫାନ ପରେ ବାଂଲାଦେଶର କ୍ଷତିଗ୍ରସ୍ତ ଅଞ୍ଚଳରେ ଝାଡ଼ା ମହାମାରୀ ଦେଖାଦେଇ ୩୦୦ ଲୋକ ମୃତ୍ୟୁବରଣ କରିଛନ୍ତି।
- ଶ୍ର୧୯୮୯ ଗଣତନ୍ତ୍ରବାଦୀ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିବା ଚାଇନାର ପ୍ରମୁଖ ବିଦ୍ରୋହୀ ନେତା ୱାଙ୍ଗତାଙ୍ଗ ପୋଲିସ ଦ୍ୱାରା ଗିରଫ।
- ବିଶ୍ୱ ଜନସଂଖ୍ୟାର ଏକ ତୃତୀୟାଂଶ ଲୋକ ଯେକୌଣସି ସମୟରେ ଦାରିଦ୍ର୍ୟ–ବ୍ୟାଧିର ଶିକାର ହେବେ ବୋଲି ପ୍ରଥମଥର ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସମଗ୍ର ବିଶ୍ୱରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାଯାଇଛି।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | A | B | | | | D | 4 | 2 | E |
| | | 1 | | | | | 4 | | B | | 2 | | | |
| 0 | | | 7 | 6 | | | | 2 | 4 | | | 5 | | D |
| | 5 | 6 | | | 0 | | | | C | | | | B | |
| | | | | | 1 | | 8 | C | | | 6 | A | | |
| B | | | | | | 3 | | 1 | | | | | D | |
| | 1 | | 3 | | | | | | | 0 | | | 6 | |
| | | | | 2 | | 6 | 9 | | E | | 4 | | | C |
| | E | | | 8 | | | | A | | | | 9 | | |
| | | | | | 6 | | | | 9 | | A | E | | 5 |
| 7 | 2 | | | | | | | | D | | | | | A |
| | | | | | 2 | | | | | C | | 8 | | 1 |
| | | B | | A | | 7 | 3 | | 6 | | E | | 0 | |
| 1 | | | | 5 | 7 | 8 | | D | | | 0 | C | | 4 |
| C | D | | | 4 | | | | | | 5 | | B | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 8 | B | 9 | 5 | 6 | 7 | 1 | C | D | E | 3 | A | 4 | 0 |
| 6 | D | 9 | 7 | 4 | C | A | 0 | 5 | 2 | 8 | 1 | E | 3 | B |
| C | 3 | A | 0 | 1 | 2 | 8 | D | E | 4 | B | 5 | 9 | 6 | 7 |
| 5 | 4 | 1 | 3 | D | E | B | 6 | 9 | 7 | 0 | A | 8 | C | 2 |
| 0 | 7 | E | A | B | 8 | 4 | 3 | 2 | 6 | C | 9 | 5 | 1 | D |
| A | B | 4 | 6 | 9 | 1 | 5 | 7 | 3 | 8 | D | C | 0 | 2 | E |
| 8 | E | 0 | 2 | A | D | 9 | B | 4 | 3 | 1 | 6 | 7 | 5 | C |
| 7 | 2 | 5 | C | 0 | 3 | D | E | 6 | 9 | A | B | 4 | 8 | 1 |
| D | 1 | C | B | 8 | 4 | 2 | A | 0 | E | 5 | 7 | 6 | 9 | 3 |
| 3 | 9 | 6 | E | 7 | 5 | C | 8 | 1 | 0 | 4 | 2 | D | B | A |
| B | C | 8 | D | E | 7 | 6 | 5 | A | 1 | 3 | 4 | 2 | 0 | 9 |
| 4 | 6 | D | 5 | 3 | 0 | 1 | 9 | 7 | C | 2 | E | B | A | 8 |
| 9 | 5 | 3 | 1 | 2 | B | 0 | 4 | 8 | A | 7 | D | C | E | 6 |
| E | A | 7 | 8 | C | 9 | 3 | 2 | B | 5 | 6 | 0 | 1 | D | 4 |
| 1 | 0 | 2 | 4 | 6 | A | E | C | D | B | 9 | 8 | 3 | 7 | 5 |

ଗତକାଲିର ଉତ୍ତର

# ସଙ୍ଗୀତରେ ପ୍ରାଣ ସଞ୍ଚାର କରୁଥିଲେ ବାଳକୃଷ୍ଣ ସାର୍‌



ପ୍ରଫୁଲ୍ଲ କର

ବହୁ ମୂର୍ତ୍ତିକାର ମୂର୍ତ୍ତି ଗଢ଼ନ୍ତି, କିନ୍ତୁ ସବୁ ମୂର୍ତ୍ତି ପ୍ରାଣବନ୍ତ ହୁଅନ୍ତି ନାହିଁ। ଗୋଟିଏ ଗୀତକୁ ଏକା ସ୍ୱର ଓ ଏକା ତାଳରେ ଶହ ଶହ ଗାୟକ ଗାଇପାରନ୍ତି, କିନ୍ତୁ ଜଣେ ଜଣେ ଗାୟକଙ୍କ କଣ୍ଠରେ ସେ ଗୀତ ଶ୍ରୋତାଙ୍କ ପ୍ରାଣକୁ ଛୁଇଁଯାଏ। ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ତଥା ବାଳକୃଷ୍ଣ ସାର୍‌ ଥିଲେ ସେହିଭଳି ଜଣେ ଗାୟକ, ଯିଏ ଗୀତରେ ପ୍ରାଣ ସଞ୍ଚାର କରିବାର ମନ୍ତ୍ର ଜାଣିଥିଲେ। ବାସ୍ତବରେ ଜଣେ ସଙ୍ଗୀତକାରର ଜୀବନଚର୍ଯ୍ୟା ଯଦି ପ୍ରାଣବନ୍ତ ନୁହେଁ, ତେବେ ତା' ସଙ୍ଗୀତରେ ମଧ୍ୟ ପ୍ରାଣର ସଞ୍ଚାର ହୋଇପାରେନା। ସାର୍‌ଙ୍କ ପୋଷାକ ପରିଚ୍ଛଦ, ଖାଇବା ପିଇବା, ଚାଲିର ଠାଣି, କଥାର ଭଙ୍ଗି– ସବୁ ପ୍ରାଣବନ୍ତ ଥିଲା। ତାଙ୍କ ପାଖରୁ କ୍ରୋଧ ବହୁ ଦୂରକୁ ଅପସରି ଯାଇଥିଲା। ପ୍ରେମ ହିଁ ତାଙ୍କ ଜୀବନଚର୍ଯ୍ୟାର ପରିଭାଷା ଥିଲା।

ଥରେ ମୋର ପୁରୀ ଅନ୍ନପୂର୍ଣ୍ଣା ଥିଏଟର ହଲ୍‌ରେ ବାଳକୃଷ୍ଣ ସାର୍‌ଙ୍କ ସହ ଗୀତ ଗାଇବାର କାର୍ଯ୍ୟକ୍ରମ ଥାଏ। ସେଦିନ ପୁରୀର ବହୁ ବିଶିଷ୍ଟ ଲୋକ ତାଙ୍କୁ ଶୁଣିବାକୁ ଆସିଥାନ୍ତି। ହଲ୍‌ ଭର୍ତ୍ତି ହୋଇଯାଇଥାଏ। ମତେ ସାର୍‌ କହିଲେ, ପ୍ରଫୁଲ୍ଲ ମୁଁ ପ୍ରଥମେ ଗାଇ ଦେଉଛି, କାରଣ ମୋ'ର ତ ଧିମା ଗୀତ। ତମେ ଆସିଲେ ଚାଲୁ ଗୀତ ଗାଇ ଜମେଇଦେବ। ଲୋକେ ତ ତମକୁ ଛାଡ଼ିବେନି ତେଣୁ ମୁଁ ଆଗ ଦି'ଟା ଗୀତ ଗାଇଦେଇ ମୋ କାମ ସାରି ଦେଉଛି। ମୁଁ କହିଲି, ଠିକ୍‌ ଅଛି ସାର୍‌। ମୋର କିଛି ଆପତ୍ତି ନାହିଁ, ଆପଣ ଆଗେ ଗାଇ ଦିଅନ୍ତୁ। କାରଣ ସେ ସମୟରେ ମୋର 'କମଳ ଦେଶ ରାଜକୁମାର', 'ବେଲୁନ ବାଲା' ଇତ୍ୟାଦି ବହୁତ ହିଟ୍‌ ଗୀତ ବଜାରକୁ ଗରମ କରି ରଖିଥାଏ। ମୋର ଅହଙ୍କାର ଥାଏ ଯେ ଥରେ ମୁଁ ଷ୍ଟେଜକୁ ଗଲେ ମେହଫିଲକୁ ମୁଁ ପୂରା କାବୁ କରିନେବି।

### ୯୭ତମ ଜୟନ୍ତୀ



ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ

ସାର୍‌ ପ୍ରଥମେ ଗାଇଲେ। ସେଦିନ ତାଙ୍କର ଗୀତଟି ଥିଲା 'ବଞ୍ଚିବେ ନବୀନା କି ଶ୍ୟାମ ବିନା...।

ବାଳକୃଷ୍ଣ ସାର୍‌ଙ୍କ ଗୀତକୁ ଲୋକେ କେମିତି ଗ୍ରହଣ କରୁଛନ୍ତି ସେ କଥା ଜାଣିବାକୁ ମୁଁ ଚୁପ୍‌ କରି ଯାଇ ଶ୍ରୋତାମାନଙ୍କ ଭିତରେ ବସି ତାଙ୍କ ଗୀତ ଶୁଣୁଥାଏ। ଦେଖିଲି, ସାର୍‌ ଗୀତ ଆରମ୍ଭ କରିବା ପରେ ଧୀରେ ଧୀରେ ଶ୍ରୋତାମାନେ ନିସ୍ତବ୍ଧ ହୋଇଗଲା ପରି ଲାଗିଲା। ଆଶ୍ଚର୍ଯ୍ୟର କଥା ସେ ଗୀତ ଭିତରେ ଜଣେ ବି କେହି ତାଳି ବଜାଉ ନ ଥାଆନ୍ତି। ସେ ନିସ୍ତବ୍ଧତା ମଧ୍ୟରୁ ମୁଁ ଶୁଣିପାରୁଥାଏ କେହି କେହି ଶ୍ରୋତାଙ୍କ ରୁଦ୍ଧ କଣ୍ଠରୁ ବେଳେବେଳେ ଆହା ଆହା... ବୋଲି ଶବ୍ଦ ବାହାରୁଥାଏ। ମନେହେଉଥାଏ, ସାପ ଯେମିତି ପଦ୍ମତୋଳା ଶୁଣି ଧୀରେ ଧୀରେ ବଶୀଭୂତ ହୋଇଯାଏ, ସେମିତି ସେ ହଲରେ ବସିଥିବା ସମସ୍ତ ଶ୍ରୋତା ମନ୍ତ୍ରମୁଗ୍ଧ ହୋଇ ଏକ ଅତିଭୌତିକ ସ୍ତରକୁ ଚାଲିଯାଇ ନିର୍ବାକ ହୋଇଯାଇଥାନ୍ତି। ତାଳି ମାରିବା ପରି ଏକ ଲୌକିକ ଅଭ୍ୟାସକୁ ବୋଧହୁଏ ସେମାନେ ଭୁଲି ଯାଇଥାନ୍ତି।

ସାର୍‌ଙ୍କ ପରେ ମୋ ପାଳି ପଡ଼ିଲା। ମୁଁ କି ଗୀତ ଗାଇବି ଚିନ୍ତା କରିକରି ବିବ୍ରତ ହୋଇଗଲି। ମୋର ଗୀତ ଚୟନ ସବୁ ଭୁଲ୍‌ଭାଲ ହୋଇଗଲା। ଶ୍ରୋତାମାନଙ୍କୁ ଧରି ରଖିବାକୁ ବହୁତ ଚେଷ୍ଟାକଲି। ହେଲେ କାହାକୁ ଧରି ରଖି ପାରିଲିନି। ଧୀରେ ଧୀରେ ଗୋଟିକ ପରେ ଗୋଟିଏ ଖସିଗଲେ। ସେଇ ଦିନଠୁ ମୋ ମନରେ ଭୟ ପଶିଗଲା। ଓଡ଼ିଶାର ଯେ କୌଣସି ଗାୟକଙ୍କ ସହିତ ମୋର ଗାଇବାର ଥିଲେ ମୁଁ ତିଳେମାତ୍ର ଚିନ୍ତିତ ହୁଏନି। କିନ୍ତୁ ଯେଉଁଠି ବାଳକୃଷ୍ଣ ସାର୍‌ଙ୍କ ସହିତ ଗାଇବାର ଥାଏ, ସେଠି ମୁଁ ଆଗରୁ ହୁସିଆର ହୋଇଯାଏ। ମୁଁ ବହୁ ଗଭୀର ଭାବେ ଅନୁଶୀଳନ କରି ଦେଖିଲି ଯେ, ତାଙ୍କ ସଙ୍ଗୀତର ବିଶେଷତ୍ୱ ହେଲା, ସଙ୍ଗୀତରେ ପ୍ରାଣ ସଞ୍ଚାର। ନିର୍ମଳ ଚନ୍ଦ୍ରମଣ୍ଡଳ ପରି ସେ ସବୁ କଳାମେଘକୁ ଆଢ଼େଇ ଦେଇ ପ୍ରତି ବିଦଗ୍ଧ ଓଡ଼ିଆଙ୍କ ହୃଦ ଆକାଶରେ ପ୍ରକାଶ ପାଉଛନ୍ତି ଓ ପାଉଥିବେ। ତାଙ୍କର ମୃତ୍ୟୁ ନାହିଁ, ସେ ଅମୃତ। କାରଣ, ସେ ପ୍ରାଣବନ୍ତ ଏବଂ ତାଙ୍କର ସଙ୍ଗୀତ ପ୍ରାଣବନ୍ତ।

**ପ୍ଲଟ୍‌ ନଂ–୬୦, ସତ୍ୟନଗର, ଭୁବନେଶ୍ୱର**

## ଏଇ ଭାରତରେ

ଝାଡ଼ଖଣ୍ଡର ଜଣେ ସାମାଜିକ କର୍ମୀ ୨୫,୦୦୦ ଲୋକଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା କିଛି କମ୍‌ କଥା ନୁହେଁ। ଏଇ ସମାଜସେବୀ ହେଉଛନ୍ତି ନୀଳକଣ୍ଠ ମିଶ୍ର। ନୀଳକଣ୍ଠଙ୍କ ଜନ୍ମ ଜାମସେଦପୁରରେ। ବର୍ତ୍ତମାନ ତାଙ୍କୁ ବୟସ ୪୫। ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଗଣିତରେ ଡିଗ୍ରୀ ହାସଲ କରିଛନ୍ତି। ୨୦୦୬ରେ ଅକ୍ସଫାମ୍‌ରେ ପ୍ରୋଗ୍ରାମ ଅଫିସର ଭାବେ କାର୍ଯ୍ୟ କରୁଥିବା ସମୟରେ ସେ ଧୀବରମାନଙ୍କ ଜୀବନ ଜୀବିକା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ନିଜସ୍ୱ ଉଦ୍ୟମରେ ୨୦୧୩ରେ 'ସେଣ୍ଟର ଫର୍‌ ଆକ୍ୱାଟିକ୍‌ ଲାଇଭ୍‌ହୁଡ ଜଳଜୀବିକା' ସଂସ୍ଥା ପ୍ରତିଷ୍ଠା କରିଥିଲେ। ସେବେଠାରୁ ଏହା ମାଧ୍ୟମରେ ନୀଳକଣ୍ଠ ମଧୁରଜଳ ମାଛ ଚାଷ ଓ ମାଛ ଧରା ସମ୍ପର୍କରେ ଗ୍ରାମୀଣ ଲୋକଗୀତ ଆରମ୍ଭ କରି ପ୍ରଶିକ୍ଷଣ ଦେବା ଆରମ୍ଭ କରିଛନ୍ତି। କେବଳ ଧୀବର ବର୍ଗର ନୁହନ୍ତି, ବିଭିନ୍ନ ବର୍ଗର ଲୋକଙ୍କୁ ମାଛଚାଷ ଓ ଏହାର ବ୍ୟବସାୟ ଉପରେ ପ୍ରଶିକ୍ଷଣ ଦେବାରେ ତାଙ୍କର ଭୂମିକା ଉଲ୍ଲେଖନୀୟ। ୫,୦୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ବି ଏହା ମାଧ୍ୟମରେ ସେ ସଶକ୍ତ କରିଛନ୍ତି। ଜଳଜୀବିକା ସଂସ୍ଥା କେବଳ ଝାଡ଼ଖଣ୍ଡ ନୁହେଁ,ବିହାର ,ଓଡ଼ିଶା,ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ଆନ୍ଧ୍ରପ୍ରଦେଶରେ ପ୍ରାୟ୧ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାଛ ବ୍ୟବସାୟ କରିବାକୁ ପ୍ରୋତ୍ସାହିତ କରିଛି। ଶୁଖୁଆ ପ୍ରସ୍ତୁତ କରି ତାହାକୁ କିପରି ବିକ୍ରି କରାଯାଇପାରିବ ସେ ସମ୍ପର୍କରେ ମହିଳାମାନଙ୍କୁ ତାଲିମ ଦେଉଛନ୍ତି।

## ଚିରନ୍ତନୀ

ଏହି ବାଟେ ଚଳିଯାଏଁ ନିତି ମନ ଉଦାସେ
ନିରେଖଇଁ ନିତି ଏହି ପରିଚିତ ଆବାସେ
ବାତାୟନ ପାଶେ ପାଶେ ଆଖି ବୁଲେ ତୃଷିତ
ଦେଖିବାକୁ ଲାଜେ ଭୟେ କେଉଁ ରୂପ ଅବା ସେ!
(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅମୃତଭଣ୍ଡାର ହସ ବଦନ

ମହାଶୟ,

ଢଗ ଢମାଳି ଓଡ଼ିଆ ଭାଷା ସାହିତ୍ୟରେ ଭଣ୍ଡାର ସଦୃଶ ଭରି ରହିଛି। ପଡ଼ୋଶୀ ବଙ୍ଗଳା ସାହିତ୍ୟରେ ଏତେ ଏତେ ଢଗଢମାଳି ଆଦୌ ନ ଥିବ। ବଙ୍ଗଳା ଜାତି ଏହା ସ୍ୱୀକାର କରିବେନି। ଓଡ଼ିଆ ଢଗଢମାଳି ପ୍ରକାଶ କରି ଧରିତ୍ରୀ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ପରିବା ମଧ୍ୟରେ କେହି କେହି କୁହନ୍ତି ବାଇଗଣ ମୁଖ୍ୟ ପରିବା। ମୁଁ କିନ୍ତୁ କହିବି ଅମୃତଭଣ୍ଡା ହେଉଛି ମୁଖ୍ୟ ପରିବା। କାରଣ ଏଥିରେ ପ୍ରଚୁର ଖାଦ୍ୟପ୍ରାଣ ଭରି ରହିଛି। ଏହି ପରିବା କଞ୍ଚାରେ ତରକାରୀ କରି ଖାଇଲେ ଶରୀର ପାଇଁ ଯେତିକି ଉପକାରୀ ଓ ସ୍ୱାଦପୂର୍ଣ୍ଣ, ପାଚିଲାରେ ଖାଇଲେ ଅଧିକ ସ୍ୱାଦିଷ୍ଟ, ଉପକାରୀ। ଏହା ଖାଉଥିବା ଲୋକ ଅନୁଭବ କରିପାରିବ। ଅମୃତ ଭଣ୍ଡାକୁ ଆଧାର କରି ଧରିତ୍ରୀରେ ପ୍ରକାଶିତ କବିତାଟି ବେଶ୍‌ ହୃଦୟସ୍ପର୍ଶୀ, ଭାବସ୍ପର୍ଶୀ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସଙ୍ଗରୋଧ କେନ୍ଦ୍ର ମଟର ତରକାରିରେ ଝିଟିପିଟି

**କେନ୍ଦ୍ରାପଡ଼ା ଅଫିସ, ୨୧।୫:** କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଞ୍ଚଳର ଏକ ସଙ୍ଗରୋଧ କେନ୍ଦ୍ରର ଗୁରୁବାର ସକାଳେ ପ୍ରସ୍ତୁତ ହୋଇଥିବା ମଟର ତରକାରିରେ ଝିଟିପିଟି ବାହାରିଛି। ଏହା ଜଣାପଡିବା ପରେ କେନ୍ଦ୍ରରେ ଥିବା ଅନ୍ତେବାସୀ ଖାଦ୍ୟ ଗ୍ରହଣ କରି ନ ଥିଲେ। ଫଳରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ନଷ୍ଟ କରାଯାଇଛି। ତେବେ ଖାଦ୍ୟରେ ଝିଟିପିଟି ବାହାରିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ କେତେକ ସାମାଜିକ କର୍ମୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଘଟଣା ସମ୍ପର୍କରେ ସୂଚନା ମିଳିଛି। କିଭଳି ଏହି ଘଟଣା ଘଟିଲା ତାହାର ତଦନ୍ତ ପାଇଁ ଗରଦପୁର ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଡ୍ରେଜରରୁ ଖସି ଶ୍ରମିକ ମୃତ

**ପାରାଦୀପ,୨୧।୫(ସ୍ୱ.ପ୍ର.):** ପାରାଦୀପ ବନ୍ଦର ପୋତାଶ୍ରୟରେ ଖନନ କାର୍ଯ୍ୟ କରୁଥିବା ଡିସିଆଇ (ଡ୍ରେଜିଂ କର୍ପୋରେଶନ ଅଫ୍ ଇଣ୍ଡିଆ)ର ଏକ ଡ୍ରେଜରରୁ ଖସି ଗୁରୁବାର ସନ୍ଧ୍ୟାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗର ସମୀର ବିଶ୍ୱାଷ(୪୦)। ଅପରାହ୍ନ ୨ଟାରେ ପୋତାଶ୍ରୟ ଖନନବେଳେ କୌଣସି କାରଣରୁ ସେ ଖସି ପଡ଼ିଥିଲେ। ତାଙ୍କୁ ଖୋଜାଖୋଜି କରି ଉଦ୍ଧାର କରିବାବେଳକୁ ସନ୍ଧ୍ୟା ୫ଟା ହୋଇ ଯାଇଥିଲା ଏବଂ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ମୃତଦେହ ପୋର୍ଟ ଚିକିତ୍ସାଳୟରେ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ପାରାଦୀପ ସାମୁଦ୍ରିକ ଥାନାରେ (ନଂ-୨/୨୦)ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଖରିଫ୍ ସମବାୟ ଫସଲ ଋଣ ୯ ହଜାର କୋଟିକୁ ବୃଦ୍ଧି

**ଭୁବନେଶ୍ୱର, ୨୧।୫(ବ୍ୟୁରୋ):** ରାଜ୍ୟରେ କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଚଳିତ ଖରିଫ୍ ଋତୁରେ ସମବାୟ କ୍ଷେତ୍ର ମାଧ୍ୟମରେ ଚାଷୀଙ୍କ ପାଇଁ ଋଣ ପରିମାଣ ୯ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ମୋଟ ୭,୫୦୦ କୋଟି ଟଙ୍କା ଫସଲ ଋଣ ଆକାରରେ ଯୋଗାଇ ଦିଆଯିବାକୁ ଧାର୍ଯ୍ୟ କରାଯାଇଥିଲା। ବର୍ଦ୍ଧିତ ଫସଲ ଋଣ ପ୍ରଦାନ ସମ୍ପର୍କରେ ସମବାୟ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖାଯାଇଛି। ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଲକ୍‌ଡାଉନ୍ ପରିସ୍ଥିତିରେ ରାଜ୍ୟ ବାହାରୁ ଆସୁଥିବା ପ୍ରବାସୀଙ୍କୁ ଚାଷକାର୍ଯ୍ୟ ନିମନ୍ତେ ଯୁଗ୍ମଦେୟ ଗୋଷ୍ଠୀରେ ସାମିଲ କରି ଫସଲ ଋଣ ଯୋଗାଇଦେବା, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆଦିକୁ ଋଣ ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦେବା ପାଇଁ କୁହାଯାଇଛି। ଏହା ସହିତ ମତ୍ସ୍ୟ, ଗୋପାଳନ, ପ୍ରାଣୀ ପାଳନ, କୁକୁଡ଼ା ଚାଷ ଆଦି କ୍ଷେତ୍ରରେ ଅଧିକ ପରିମାଣର କାର୍ଯ୍ୟକାରୀ ମୂଳଧନ ଋଣ ଆକାରରେ ଯୋଗାଇଦେବା ପାଇଁ ଗୁରୁତ୍ୱ ଦିଆଯାଇଛି। ତାଲା ବନ୍ଦ ପରିସ୍ଥିତିରେ ଓଡ଼ିଶାକୁ ଲକ୍ଷଲକ୍ଷ ସଂଖ୍ୟାରେ ପ୍ରବାସୀ ଆସୁଥିବା ପରିପ୍ରେକ୍ଷୀରେ ସେମାନଙ୍କ ଖାଦ୍ୟ ନିରାପତ୍ତା ଏବଂ ଜୀବିକା ନିର୍ବାହ ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଜୁନ ତ୍ରୈମାସିକ ଶେଷ ସୁଦ୍ଧା ୫ହଜାର କୋଟି ଟଙ୍କା ଋଣ ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେପ୍ଟେମ୍ବର ତ୍ରୈମାସିକ ଶେଷ ସୁଦ୍ଧା ବାକି ୪ ହଜାର କୋଟି ଟଙ୍କା ଋଣ ପ୍ରଦାନର ଲକ୍ଷ୍ୟ ରଖାଯାଇଛି। ଅଧିକ ଚାଷୀଙ୍କୁ ପ୍ରାଥମିକ କୃଷି ସମବାୟ ସମିତିରେ ସାମିଲ କରି ନୂତନ କିଷାନ କ୍ରେଡିଟ୍ କାର୍ଡ ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହିସବୁ କ୍ଷେତ୍ରରେ ଋଣ ପ୍ରଦାନ ନିମନ୍ତେ ମିଶନ ଶକ୍ତି ଅଭିଯାନ ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମଦେୟ ଗୋଷ୍ଠୀକୁ ଅଗ୍ରାଧିକାର ଭିତ୍ତିରେ ସ୍ୱଳ୍ପକାଳୀନ ଋଣ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଦୁଇଟି ସ୍ଥାନରୁ ଜଳ ନମୁନା ସଂଗ୍ରହ

**ଯାଜପୁର ଅଫିସ,୨୧।୫**



ସଂଗୃହୀତ ଜଳ ନମୁନା।

**ଭିସା ଷ୍ଟିଲ୍ କାରଖାନାର ଜଳ ପ୍ରଦୂଷଣ ପ୍ରସଙ୍ଗ**

- ବିଜୁ ପଟ୍ଟନାୟକ ମାର୍ଗ କଲଭର୍ଟ ନମ୍ବର-୧, କାରଖାନା କଞ୍ଚାମାଲ ଗେଟ୍ ନିକଟରୁ ଜଳ ନମୁନା ସଂଗୃହୀତ
- ରିପୋର୍ଟ ଆସିଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ
- ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ

କଳିଙ୍ଗନଗରସ୍ଥିତ ଭିସା ଷ୍ଟିଲ କାରଖାନା ଓ ଭିସା କୋକ୍ ପ୍ଲାଣ୍ଟରୁ ନିର୍ଗତ ବର୍ଜ୍ୟ ଦୂଷିତ ଜଳକୁ ଚାଷଜମି ଓ ଗଣ୍ଡନାଳାରେ ଛଡ଼ାଯିବା ଦ୍ୱାରା ବହୁମାତ୍ରାରେ ପ୍ରଦୂଷଣ ହେଉଥିବା ସଂକ୍ରାନ୍ତରେ ଅଞ୍ଚଳବାସୀଙ୍କ ଅଭିଯୋଗ ଭିତ୍ତିରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ସଭାପତି ଅଶ୍ୱିନୀ ଧଳ ଓଡ଼ିଶା ମୁଖ୍ୟମନ୍ତ୍ରୀ, ଓଡ଼ିଶା ମୋ ପରିବାର, ମୋ ସରକାର, ମୁଖ୍ୟ ଶାସନ ସଚିବ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ଅଫିସିଆଲ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) କାର୍ଯ୍ୟାଳୟକୁ ଟୁଇଟ୍ କରି ଦୃଷ୍ଟି ଆକର୍ଷଣ କରିବା ସହ କାରଖାନା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ବୁଧବାର ସନ୍ଧ୍ୟାରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟର ପରିବେଶ ଯନ୍ତ୍ରୀ ମନମୋହନ ମୁର୍ମୁ, ଫିଲ୍ଡ ଆସିଷ୍ଟାଣ୍ଟ ଗୋବର୍ଦ୍ଧନ ନାୟକ ପ୍ରମୁଖ ଭିସା କାରଖାନାର କଞ୍ଚାମାଲ ଗେଟ୍ ନିକଟରେ ଥିବା ଏକ କଲଭର୍ଟ ଏବଂ ବିଜୁ ପଟ୍ଟନାୟକ ମାର୍ଗ କଲଭର୍ଟ ନମ୍ବର-୧କୁ ଯାଇ ଅନୁଧ୍ୟାନ କରିଥିଲେ। ସେଠାରେ ପ୍ରଚୁର ମାତ୍ରାରେ ପାଉଁଶ ଓ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ମିଶିଥିବା ପାଣି ବୋହୁଥିବା ସେମାନେ ଦେଖିବାକୁ ପାଇଥିଲେ। ଏହାପରେ ସେଠାରୁ ଜଳର ନମୁନା ସଂଗ୍ରହ କରାଯାଇ ଲାବୋରେଟୋରିକୁ ପରୀକ୍ଷା ପାଇଁ ପଠାଯାଇଥିବା ଏସ୍‌ପିସିବି ପକ୍ଷରୁ କୁହାଯାଇଛି। କଞ୍ଚାମାଲ ଗେଟ୍ ନିକଟସ୍ଥ କଲଭର୍ଟରୁ ଆରଏ-୮, କେଏନ୍‌ଜି-୧୧୦୭ ଓ କେ-୧୩ ଏବଂ ବିଜୁପଟ୍ଟନାୟକ ମାର୍ଗ କଲଭର୍ଟ-୧ରୁ ସିଏଲ-୧୮୨୨୧ ଓ କେଏନ-୩ ନାମରେ ୫ଟି ବୋତଲରେ ଜଳର ନମୁନା ସଂଗ୍ରହ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ୫ ବର୍ଷ ହେଲା ଭିସା ଷ୍ଟିଲ୍ କାରଖାନାର ବର୍ଜ୍ୟଜଳ ଚାଷଜମି ଦେଇ ଗଣ୍ଡନାଳାକୁ ଛାଡୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଆସୁଛନ୍ତି। ମାତ୍ର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଅଭିଯୋଗ ହୋଇଥିଲା। ତେବେ ଏସ୍‌ପିସିବି କର୍ତ୍ତୃପକ୍ଷ ମିଛ ରିପୋର୍ଟ ଦେଇ ଭିସା ଷ୍ଟିଲକୁ ଏନ୍‌ଜିଟି ମାମଲାରୁ ଖସେଇ ଦେବାକୁ ଉଦ୍ୟମ କରିଥିବା ସମିତି ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପଟେ ବୁଧବାର ଦିନସାରା ଲଗାଣ ବର୍ଷା ପରେ ଭିସା ଷ୍ଟିଲ କାରଖାନାର କଳାରଙ୍ଗର ଗ୍ରୀସ୍ ଓ ପୋଡ଼ା ପେଟ୍ରୋଲିୟମ, କେମିକାଲ ମିଶା ଦୂଷିତ ଜଳ, ପାଉଁଶ ପାଣି ଛଡ଼ାଯିବା ନେଇ ଅଞ୍ଚଳବାସୀ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀଙ୍କୁ ସୂଚିତ କରିଥିଲେ। ପ୍ରଦୂଷିତ ଜଳ ପ୍ରଭାବରେ ଅଞ୍ଚଳବାସୀଙ୍କ ସମେତ ଜୀବଜନ୍ତୁ ଗୁରୁତର ପ୍ରଭାବିତ ହେଉଥିବା ବେଳେ ଆଗାମୀ ଦିନରେ ବଡ଼ଧରଣର ବିପଦର ସମ୍ମୁଖୀନ ହେବା ନେଇ ସ୍ଥାନୀୟ ଲୋକେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏ ନେଇ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି, ବୁଧବାର ସନ୍ଧ୍ୟାରେ ଦୁଇଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ତେଲଙ୍ଗାନାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ପାଟଣା, ୨୧।୫(ସ୍ୱ.ପ୍ର.)**

- ଲକ୍‌ଡାଉନ ଯୋଗୁ ଆସି ପାରିଲାନି ମୃତଦେହ
- ସାଥୀ ଶ୍ରମିକ ମିଶି କଲେ ଶବଦାହ

କରୋନା ପାଇଁ ପ୍ରବାସୀ ଓଡ଼ିଆଙ୍କ ଦୁଃଖଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ବ୍ଲକ ମାଛଗଡ଼ ପଞ୍ଚାୟତ ଦୁଧନାଳୀ ଗ୍ରାମର ଗୌରାଙ୍ଗ ମୁଣ୍ଡାଙ୍କର ତେଲଙ୍ଗାନାରେ ବୁଧବାର ବିଳମ୍ବିତ ରାତିରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଲକ୍‌ଡାଉନ୍ ଯୋଗୁ ମୃତଦେହ ଭିଟାମାଟିକୁ ଆସି ନ ପାରିବାରୁ ସାଥୀ ଶ୍ରମିକମାନେ ଗୁରୁବାର ସେଠାରେ ତାଙ୍କର ଶବ ଦାହ କରିଛନ୍ତି।

ସୂଚନା ଅନୁଯାୟୀ, ଦୁଧନାଳୀ ଗ୍ରାମର ୭ଜଣ ଯୁବକ ରାଙ୍ଗାରେଡ୍ଡୀ ଥାନା ଆପ୍ରପାଲି ଗ୍ରାମରେ ଜଣେ ଠିକାଦାରଙ୍କ ନିକଟରେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ଓଡ଼ିଶା ଆସିବା ପାଇଁ ରେଜିଷ୍ଟ୍ରେସନ କରିଥିଲେ ମଧ୍ୟ ସେଠାକାର ପ୍ରଶାସନ ସେମାନଙ୍କୁ ଆସିବା ପାଇଁ ଅନୁମତି ଦେବାରେ ବିଳମ୍ବ କରିଥିଲେ। ବୁଧବାର ଗୌରାଙ୍ଗଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କ ସାଙ୍ଗମାନେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୌରାଙ୍ଗଙ୍କ ଅକାଳ ମୃତ୍ୟୁ ଖବର ମିଳିବା ପରେ ତାଙ୍କ ଗାଁରେ ଶୋକାକୁଳ ପରବେଶ ସୃଷ୍ଟି ହୋଇଛି। ସେ ପଠାଉଥିବା ଟଙ୍କାରେ ତାଙ୍କ ପରିବାର ଚଳୁଥିଲା। ଘରେ ତାଙ୍କ ବାପା, ମା’, ସ୍ତ୍ରୀଙ୍କ ସହ ଦୁଇ ସନ୍ତାନ ଅଛନ୍ତି। ଗୌରାଙ୍ଗଙ୍କ ଅସହାୟ ପରିବାରକୁ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



ଗୌରାଙ୍ଗଙ୍କ ଫାଇଲ ଫଟୋ

# ଅମ୍ଫାନ୍ ଉଜାଡ଼ିଲା ପାନବରଜ



କ୍ଷତିଗ୍ରସ୍ତ ପାନଚାଷୀ।

**ଏରସମା,୨୧।୫(ସ୍ୱ.ପ୍ର.)**

- ଜୀବିକା ଚିନ୍ତାରେ ଚାଷୀ
- ସହାୟତା ଯୋଗାଇ ଦେବାକୁ ଦାବି

କରୋନା ଯୋଗୁ ଚାଷୀମାନେ ନାନା ଅସୁବିଧା ଭୋଗ କରୁଥିବା ବେଳେ ଏବେ ବାତ୍ୟା ଅମ୍ଫାନ୍ ସେମାନଙ୍କୁ ଅଧିକ ଅସୁବିଧାରେ ପକାଇଛି। ବିଶେଷକରି ପାନ ଚାଷୀମାନେ ଜୀବିକା ହରାଇଛନ୍ତି। ବାତ୍ୟା ଯୋଗୁ ପାନ ବରଜ ମାଟିରେ ମିଶିଯାଇଛି। ଜଗତ୍‌ସିଂହପୁର ଜିଲା ଅଧୀନ ଏରସମା ବ୍ଲକ ଅଞ୍ଚଳରେ ଥିବା ହଜାର ହଜାର ପାନ ବରଜ ପବନ ମାଡ଼ରେ ଭାଙ୍ଗିପଡିଛି। ଏରସମା ଏକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ବାଲିଆ ମାଟିରେ ଚାଷୀ ପାନ ବରଜ କରିଥାନ୍ତି। ପାନ ବିକ୍ରି କରି ସେମାନେ ପରିବାର ପ୍ରତିପୋଷଣ କରନ୍ତି। ବ୍ଲକ ଅନ୍ତର୍ଗତ ପଦ୍ମପୁର, ଆମ୍ବିକି, ଗଡ଼ହରିଶପୁର, ଜପା, ଗଡ଼କୁଜଙ୍ଗ, ଢିଙ୍କିଆ, ଗୋବିନ୍ଦପୁର ଓ ନୂଆଗାଁ ପଞ୍ଚାୟତରେ ସର୍ବାଧିକ ଚାଷୀ ପାନ ଚାଷ ଉପରେ ନିର୍ଭର କରିଥାନ୍ତି। ବିଶେଷକରି ନୂଆଗାଁ ପଞ୍ଚାୟତରେ ହଜାର ହଜାର ପାନ ବରଜ ଦେଖିବାକୁ ମିଳେ। ପାନ ବରଜ ପାଇଁ ବାଉଁଶ ଓ କାଠ ତିଆରି ଖୁଣ୍ଟ, ବାଉଁଶ ଖଟି, ବେଣା, ନଡା ସହିତ ବାଲି ମାଟି ଆବଶ୍ୟକ କରିଥାଏ। ଏଥି ସହିତ ଗୋଟିଏ ପାନ ବରଜରେ ଅତି କମ୍‌ରେ ଏକ କୁଇଣ୍ଟାଲ ଜିଆଇ ତାର ଆବଶ୍ୟକ ହୋଇଥାଏ। ସେହି ଜିଆଇ ତାରର ଦାମ୍ କିଗ୍ରା ପିଛା ୮୦ଟଙ୍କାରେ ଚାଷୀ କିଣୁଥିବା ବେଳେ କରୋନା ମହାମାରୀ ଯୋଗୁ କିଗ୍ରା ପିଛା ୧୨୦ଟଙ୍କାରେ କିଣିବାକୁ ପଡିଛି। ଗୋଟିଏ ପାନ ବରଜ ପ୍ରସ୍ତୁତ କରିବାକୁ ହେଲେ ୫୦ରୁ ୬୦ଟି ମଜୁରି ଆବଶ୍ୟକ କରିଥାଏ। ମୋଟାମୋଟି ଭାବେ ୨୦ରୁ ୩୦ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ ଗୋଟିଏ ପାନ ବରଜ ପାଇଁ। କିନ୍ତୁ ପରିତାପର ବିଷୟ ପାନ ବରଜକୁ ଅମ୍ଫାନ୍ ମାଟିରେ ମିଶାଇ ଦେଇଛି। ତାକୁ ପୁନରୁଦ୍ଧାର କରିବା ଚାଷୀଙ୍କ ପକ୍ଷରେ କଷ୍ଟ ସାଧ ହୋଇପଡିଛି। ବିଭାଗୀୟ ଅଧିକାରୀ ଏହାର ଉପଯୁକ୍ତ କ୍ଷତି ଆକଳନ କରି ସହାୟତା ପ୍ରଦାନ କରିବା ପାଇଁ ନୂଆଗାଁ ସରପଞ୍ଚ ବିଦ୍ୟାଧର ମଲ୍ଲିକଙ୍କ ସହିତ ବୃନ୍ଦାବନ ସ୍ୱାଇଁ, ମହେନ୍ଦ୍ର ରାଉତ, ଜଗନ୍ନାଥ ଦାସ, ଅଭିନ୍ନ ନାୟକ ଓ ସିନ୍ଧୁ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଚିତ୍ତରଞ୍ଜନ ମହାନ୍ତ କହିଛନ୍ତି, ଚାଷୀ ଲିଖିତ ଅଭିଯୋଗ କଲେ କ୍ଷୟକ୍ଷତି ଆକଳନ ପାଇଁ ଜିଲାପାଳଙ୍କୁ ଜଣାଇବୁ। କ୍ଷତି ଆକଳନ ପରେ ସହାୟତା ସମ୍ପର୍କରେ ବିଚାର କରାଯିବ।

# କ୍ୱାରାଣ୍ଟାଇନ ସେଣ୍ଟରରେ କର୍କଟ ଆକ୍ରାନ୍ତଙ୍କ ମୃତ୍ୟୁ

**କାଶୀନଗର,୨୧।୫(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ବ୍ଲକ ସିଆଳି ପଞ୍ଚାୟତ ହରିପୁର ଗ୍ରାମର ଅଲଡ଼ାଠାରେ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ କାଛି କ୍ରିଷ୍ଣା(୫୪)। କାଛି କର୍କଟ ରୋଗରେ ପୀଡ଼ିତ ଥିଲେ। କ୍ୱାରାଣ୍ଟାଇନ୍‌ରେ ପହଞ୍ଚିବା ପୂର୍ବରୁ ସେ ୪ ମାସ ଧରି କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍‌ରେ ଚିକିତ୍ସିତ ହୋଇଥିଲେ। ସେଠାରୁ ୧୯ ତାରିଖରେ ଡିସ୍‌ଚାର୍ଜ ହେବା ପରେ ଆମ୍ବୁଲାନ୍ସ ଯୋଗେ ସେ କାଶୀନଗର ଆସୁଥିବା ବେଳେ ହଡୁଭାଙ୍ଗି ନାକାଗେଟ୍‌ଠାରେ ତାଙ୍କୁ ଯାଞ୍ଚ କରାଯାଇଥିଲା। ସେଠାରୁ ତାଙ୍କୁ ବିଏଲ୍‌ପୁରସ୍ଥିତ ମଲ୍‌ଟି ପରପୋଜ୍ ସାଇକ୍ଲୋନ କେନ୍ଦ୍ରରେ ରଖିବାକୁ ନିଆଯାଇଥିଲା। ମାତ୍ର ଗ୍ରାମବାସୀଙ୍କ ବିରୋଧ ଯୋଗୁ ଅଲଡ଼ାସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନେଇ ରଖାଯାଇଥିଲା। ଗୁରୁବାର ସେ ଶୋଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା କହିଛନ୍ତି। କ୍ୱାରାଣ୍ଟାଇନ୍‌ରେ ମୃତ୍ୟୁ ହୋଇଥିବାରୁ ପୋଲିସ ଉପସ୍ଥିତିରେ ପ୍ରଶାସନ ପକ୍ଷରୁ ତାଙ୍କ ମୃତଦେହ ସତ୍କାର କରାଯାଇଛି। ତାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର କହିଛନ୍ତି।

# କାର୍ଯ୍ୟରେ ଅବହେଳା, କନିଷ୍ଠ ଯନ୍ତ୍ରୀ ନିଲମ୍ବିତ

**ଯାଜପୁର ଅଫିସ୍, ୨୧।୫:** ଯାଜପୁର ଜିଲା ଦଶରଥପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଘଡାଇଙ୍କୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବିତ କରାଯାଇଛି। ଗୁରୁବାର ଜିଲାପାଳ ରଞ୍ଜନ କୁମାର ଦାସ ଯନ୍ତ୍ରୀ ଘଡ଼ାଇ ନିଲମ୍ବିତ କରିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଦୁର୍ବଳ ପ୍ରଦର୍ଶନ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶର ଅବମାନନା କରୁଥିବା ନେଇ ତାଙ୍କ ନାମରେ ଅଭିଯୋଗ ହୋଇଆସୁଥିଲା। ସରକାର କରୋନା ମୁକାବିଲାକୁ ତ୍ୱରାନ୍ୱିତ କରି ଜୀବନ ବଞ୍ଚାଇବା ସହ ଜୀବିକାକୁ ସମୃଦ୍ଧ କରିବାକୁ ବିବିଧ ଯୋଜନା କରୁଥିବା ବେଳେ ଯେଉଁ ଅଧିକାରୀ, କର୍ମଚାରୀମାନେ ଏଥିରେ ଅବହେଳା କରୁଛନ୍ତି ସେମାନଙ୍କୁ କ୍ଷମା କରାଯିବ ନାହିଁ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ସ୍ପଷ୍ଟ କରି ଦେଇଛନ୍ତି। ସେହିପରି ଅନ୍ୟ କେତେକ ବ୍ଲକର ଯନ୍ତ୍ରୀ, ଅଧିକାରୀ ଓ କର୍ମଚାରୀମାନଙ୍କ କାର୍ଯ୍ୟ ଦକ୍ଷତାକୁ ଅନୁଧ୍ୟାନ କରାଯାଉଛି। ସେମାନଙ୍କ ପ୍ରଗତି ବା କାର୍ଯ୍ୟଦକ୍ଷତାରେ ଯଦି ଉଲ୍ଲେଖନୀୟ ଅଗ୍ରଗତି ନ ହୁଏ ସେମାନଙ୍କ ବିରୁଦ୍ଧରେ ମଧ୍ୟ ଅନୁରୂପ କାଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଦାସ ସତର୍କ କରାଇ ଦେଇଛନ୍ତି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org

ପତ୍ର ସଂଖ୍ୟା: ୬୪ ତା: ୨୧।୦୫।୨୦୨୦

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରମୁଣ୍ଡା, ଗୁଟିକା ବଜାର, ଦୋକାନ ଗୃହ ପ୍ରକଳ୍ପ, ଭୁବନେଶ୍ୱରରେ ଦୋକାନ ଗୃହ ନଂ.- ବି-୩୦ (B-30)କୁ ଶ୍ରୀ ବାଳକୃଷ୍ଣ ସାହୁ, ପି.- ୰ଲୋକନାଥ ସାହୁ, ସା/ପୋ/ଥା- ବୋଲଗଡ଼, ଜି-ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଦୋକାନ ଗୃହକୁ ବନ୍ଧକ ଜନିତ ଋଣ ଖିଲାପୀ କାରଣ ବଶତଃ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓ.ୟୁ.ଏ.ଟି. ଶାଖା, ଭୁବନେଶ୍ୱର ତରଫରୁ ବ୍ୟାଙ୍କର ସହକାରୀ ସାଧାରଣ ପରିଚାଳକ ଶ୍ରୀ ଜଗନ୍ନାଥ ସାମଲ, ପି.- ସନ୍ତୋଷ କୁମାର ସାମଲ, ଏସ୍.ଏ.ଏମ୍. ବ୍ରାଞ୍ଚ, ଏ/୩୪, ଓସ୍କାଡ୍ ବ୍ୟାଙ୍କ ବିଲ୍‌ଡିଙ୍ଗ୍, ୪ର୍ଥ ମହଲା, ପଣ୍ଡିତ ଜବାହାରଲାଲ୍ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧, ଜି- ଖୋର୍ଦ୍ଧା ଉକ୍ତ ଦୋକାନ ଗୃହଟିକୁ ନିଲାମୀ ପ୍ରକ୍ରିୟା ଆଧାରରେ ଶ୍ରୀମତୀ ସୁଚିସ୍ମିତା ତ୍ରିପାଠୀ, ସ୍ୱା.- ବନବିହାରୀ ପାଣି, ଫ୍ଲାଟ ନଂ.- ଏ/୩୨, ଏଚ୍.ଆଇ.ଜି., ବରମୁଣ୍ଡା ହାଉସିଂବୋର୍ଡ଼ କଲୋନୀ, ପୋ.- ବରମୁଣ୍ଡା, ଥା- ଖଣ୍ଡଗିରି, ଜି-ଖୋର୍ଦ୍ଧାଙ୍କ ନାମରେ ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**e-Procurement Notice -NIT No.14/OMC/CIVIL/2020**

No.CAD-68:-
1. Procurement Officer : CGM (Civil), OMC Ltd., Bhubaneswar
2. Name of the Work : Repair & renovation of Buildings
3. Total No of works : 03 (Three)
4. Estimated Cost : 73.81 lakhs, 78.32 lakhs and 86.57lakhs
5. Class of Contractor : B&A
6. Time of Completion : 6 months (As per DTCN)
7. Available of Bid document in Govt. portal from dt.27.05.2020 to dt.10.06.2020 up to 5.00 PM.
8. Last date of on-line submission of tender in the portal is dt.10.06.2020 up to 5.00 PM.
9. Date of opening of Technical Bid is is dt.11.06.2020 at 11.00 AM.

All other details can be seen from DTCN available at Govt. web site www.tendersorissa.gov.in. The Odisha Mining Corporation Ltd. reserves the right to reject any or all tenders without assigning any reason thereof.

CGM (Civil)
OIPR-30005/11/0007/2021

idco | ODISHA NEW OPPORTUNITIES No.: CAD-72

**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWER, BHUBANESWAR**

Tender Call Notice No. File No.: H.O./P&C/EST-E-1301/04/2017(P-II)/7387 Dated: 15.05.2020

**NOTICE INVITING TENDER THROUGH e-Procurement**

Name of the Work : Shifting of exisiting 33KV O.H. Line with 13mtr. long 150× 150mm Galvanised pole using 100 Sq.mmm AAAC passing near IDCO Plot No. 7 at I/E Ramdaspur, Cuttack
Period of Completion : 06 (Six) Calendar Months

| Procurement Officer | Bid Identification No. | Availability of Tender Online for Bidding From | Availability of Tender Online for Bidding To |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/EST/E-09/2020-21 | Dtd.29.05.2020 at 12.00 hrs. | Dtd.20.06.2020 upto 17.00 hrs. |

Further details can be seen from the e-Procurement Portal www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal as well as in IDCO website.

Sd./- Chief General Manager (P&C), IDCO, Bhubaneswar
OIPR-14003/11/0016/2021

**The Odisha Small Industries Corporation Ltd.**
( A Government of Odisha Undertaking) )
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342580 Fax : 0671-2341875/2342561
e-mail: osicltd@gmail.com,osicmd@gmail.com, website: osicltd.in

**TENDER CALL NOTICE**

Ref No.1656 /OSIC Dt. 21.05.2020
Tender Notice for "Installation (with 5 yrs. Warranty) of LED, High Mast and Solar lights and other works"

| | |
|---|---|
| Date of available of BID Document. | 22.05.2020 at 11.00 AM |
| Last date/ Time for Download of BID. | 03.06.2020 at 1.30 PM |
| Processing Cost. | Rs. 5000/- |
| Price Confarmation/Security. | Rs. 50,000/- |
| Last Date/Time for Submission of BID. | 04.06.2020 upto 11.30 AM |
| Date of Opening of Technical BID. | 04.06.2020 at 3.30 PM |
| Opening of the Financial BID. | Shall be intimated separatly. |

Place of Submission/Opening of BID and Address for Communiation: The Managing Director, OSIC Ltd, Madhupatna, Indusrial Estate, Cuttack-10,
Note: The OSIC reserves the right to accept all or any one or cancel the tender without assigning any reason thereof and all sorts of amendmets, modification whatssoever will appear in website of OSIC only.

MANAGING DIRECTOR

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR, DISTRICT PROGRAMME MANAGEMENT UNIT, NATIONAL HEALTH MISSION**

No.: E-11: Applications are invited from the contractual employees of NHM working in the same post under OSH&FW Society in other district desiring to be posted in Sambalpur district against the vacant post mentioned below.

| Sl. No. | Name of the Post | No. of Vacancies | Remarks |
|---|---|---|---|
| 1. | Block Programme Manager | 02 | IN HOUSE CANDIDATE ONLY |

Interested eligible in-house candidates may log on to www.sambalpur.nic.in for details terms & conditions and application form etc. and may apply to the post in the prescribed form to the Office of the Chief District Medical & Public Health Officer-cum-District Mission Director, Sambalpur on or before 02.06.2020 by 5.00 PM. only through Speed Post/Registered Post. Applications received after the due date & time will not be considered. Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hoisted in district website. The undersigned reserves the right to cancel/ reject any or all the applications without assigning any reason thereof. This office will not be responsible for any postal delay.

CDM&PHO-cum-DMD, Sambalpur
OIPR-10049/11/0001/2021

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, ROURKELA**
No.: CAD-63
E-mail ID: eeolicrourkela@gmail.com
ଜାତୀୟ ଇଲେକ୍ଟ୍ରୋନିକ ମାଧ୍ୟମ ଦ୍ୱାରା ସଂଗ୍ରହ ପ୍ରତିଯୋଗିତାମୂଳକ ନିଲାମ
**NATIONAL COMPETITIVE BIDDING THROUGH e-Procurement**
Identification No. EEOLICRKL-03/2020-21 Dt.15.05.2020
ନିର୍ବାହୀ ଯନ୍ତ୍ରୀ, ଉଠାଜଳସେଚନ ବିଭାଗ, ରାଉରକେଲାଙ୍କ ନିଲାମ ଡାକ ଚିହ୍ନଟ ବିଜ୍ଞପ୍ତି ସଂଖ୍ୟା 03/2020-21 ତାରିଖ: 15.05.2020

| | | |
|---|---|---|
| 01 | Name of the Work | Installation & Energisation of 12 Nos. of new LIPs (Spill Over) in different Blocks of Sundargarh Dist. |
| 02 | Estimated Cost | Rs.14.34 lakhs to Rs.19.75 lakhs (approx.) |
| 03 | Period of Completion | 120 days |
| 04 | Date & Time of availability of bid document in the portal | From 10.30 hrs of 01.06.2020 to 17.00 hrs of 09.06.2020 |
| 05 | Last date/time of submission of documents (hard copy) in office | 13.00 hrs of 11.06.2020 |
| 06 | Date & Time of opening of Bid | 11.00 hrs. of 12.06.2020 |
| 07 | Name and address of the Officer Inviting Bid | Executive Engineer, L.I. Division, Rourkela |

Further details can be seen from the website www.tendersorissa.gov.in.

Sd./- Executive Engineer
L.I. Division, Rourkela
OIPR-32332/11/0001/2021

**OFFICE OF THE EXECUTIVE ENGINEER**
**U.K.Head Works Division, Kolabnagar(K), PIN-764011**
e-mail id-eeukhwdivkolab@gmail.com

**QUOTATION CALL NOTICE NO. 03 /2020-21 DATED. 18.5.2020**

No.: A-65: Sealed quotations are invited from interested reputed Travel Agencies/Tour Operators or private individuals for providing 1(One) No. of Non AC Diesel driven vehicle (Marshal/Mahindra Max/Bolero/Tata Sumo/equivalent) having sitting capacity not more than ten including driver, which shall conform to the terms and conditions **(Annexure-II)** for official use by the **Chief Construction Engineer, Upper Kolab Project, Bariniput** on monthly rent basis.

1) The application form of quotation containing General Bid Information & Terms and conditions for hiring of vehicle etc. will be available with this office and can be obtained from **dt. 27.5.2020 to 11.30 AM of 08.6.2020** on the working days during working hour on payment of **Rs.100/-(One hundred )** only per set or can be downloaded from Odisha Govt. Website : **www.odisha.gov.in** during the above period.
2) The quotation completed in all respect should reach the undersigned on or before **08.6.2020 by 11.30 AM** and shall be opened on the same day at **12.30 PM**. The bidders or their authorized representatives may attend the Office of Executive Engineer, U.K.Head Works Division, Kolabnagar during opening of the quotation.
3) The authority reserves the rights to reject any or all quotations without assigning any reason thereof.
4) Further details can be seen in the website Govt. of Odisha www.odisha.gov.in

Executive Engineer, U.K.Head Works Division
Kolabnagar, Dist: Koraput (Odisha)
OIPR-32015/11/0004/2021

## ସଂକ୍ଷେପରେ

### ମଦ ହୋମ୍ ଡେଲିଭରିକୁ ବିରୋଧ

**କଟକ ଅଫିସ,୨୧।୫:** ରାଜ୍ୟରେ ମଦ ହୋମ୍ ଡେଲିଭରିକୁ ବନ୍ଦ କରିବା ତଥା ଓଡ଼ିଶାରୁ ସମ୍ପୂର୍ଣ୍ଣ ମଦ ପ୍ରତ୍ୟାହାର କରିବା ଦାବି କରିଛି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଓ ଉତ୍କଳ ସର୍ବୋଦୟ ମଣ୍ଡଳ। ଏନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। କରୋନା ସଂକ୍ରମଣ ରୋକିବାକୁ ମାର୍ଚ୍ଚ ୨୨ରୁ ଲକ୍‌ଡାଉନ୍ ଜାରି କରାଯାଇଛି। ରାଜ୍ୟରେ ୯୦ ଭାଗ ଚୋରି, ଡକାୟତି, ହତ୍ୟା, ବଳାତ୍କାର ତଥା ଘରୋଇ ହିଂସା କମିଛି। ଯଦି ମଦ ହୋମ୍ ଡେଲିଭରି ହୁଏ, ତେବେ ଓଡ଼ିଶା ଭଳି ଏକ ଗରିବ ରାଜ୍ୟରେ ଏହା ଅଶେଷ କ୍ଷତି ଘଟାଇବ। ତୁରନ୍ତ ଏହି ଯୋଜନା ବନ୍ଦ କରିବା ସହ ଓଡ଼ିଶାରେ ସମ୍ପୂର୍ଣ୍ଣ ମଦ ବନ୍ଦ କରିବାକୁ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସମ୍ପାଦକ ରମାକାନ୍ତ ମଣ୍ଡଳ, ରେଣୁକା ସାହୁ, ଇନ୍ଦୁମତି ସାହୁ, ସୁପ୍ରିୟା ନାୟକ, ନିରଞ୍ଜନ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଆଠଗଡ଼,୨୧।୫(ସ୍ୱ.ପ୍ର.):** ଢେଙ୍କାନାଳ ସଦରଥାନା ଅନ୍ତର୍ଗତ ଶଙ୍କରପୁରସ୍ଥିତ ଏକ ବିଲରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଆଠଗଡ଼ ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ଗୁଡୁପଡ଼ା ଗ୍ରାମର ଜଳନ୍ଧର ରାଉତଙ୍କ ପୁଅ ରିଣ୍ଟୁ(୨୫)। ବୁଧବାର ରାତିରେ ସେ ଘରୁ ବାହାରି କୁଆଡେ ଚାଲି ଯାଇଥିଲେ। ଗୁରୁବାର ଶଙ୍କରପୁରସ୍ଥିତ ଏକ ବିଲରୁ ତାଙ୍କ ମୃତଦେହ ମିଳିଛି। କୌଣସିସୂତ୍ରରୁ ଖବରପାଇ ପରିବାର ସଦସ୍ୟ ମୃତହେଦ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଳୟରୁ ସୂଚନାପାଇ ଆଠଗଡ଼ ପୋଲିସ ସେଠାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ-୨୧/୨୦)ରୁଜୁ କରିଛି। ଅପରପକ୍ଷେ ଘଟଣାଟି ଢେଙ୍କାନାଳରେ ଘଟିଥିବାରୁ ସେଠାରେ ଅଭିଯୋଗ କରିବା ବିଧେୟ ବୋଲି ଆଠଗଡ଼ ପୋଲିସ କହିଛି।

### ବଜ୍ରକାପ୍ତା ଉଦ୍ଧାର, ୨ଅଭିଯୁକ୍ତ ଗିରଫ

**ଖୁଣ୍ଟୁଣୀ,୨୧।୫(ଡି.ଏନ୍.ଏ.):** ବଜ୍ରକାପ୍ତା ଚୋରା ଚାଲାଣ ଅଭିଯୋଗରେ ଖୁଣ୍ଟୁଣୀ ବନ ବିଭାଗ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ଚନ୍ଦ୍ରମଣି ଜେନା, କଟକ ଶିଖରପୁର ଅଞ୍ଚଳର ମନୋଜ ଦଲାଇ। ଏମାନଙ୍କ ନିକଟରୁ ଗୋଟିଏ ବଜ୍ରକାପ୍ତା ସହ ଦୁଇଟି ବାଇକ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ବଜ୍ରକାପ୍ତା ଚୋରା ଚାଲାଣ ହେଉଥିବା ନେଇ ଗତ ମଙ୍ଗଳବାର ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ମାଗୁଣି ଚରଣ ବେହେରା କୌଣସି ସୂତ୍ରରୁ ଖବର ପାଇଥିଲେ। ରାଜକନିକା ଅଞ୍ଚଳର ଚନ୍ଦ୍ରମଣି ଏକ ସ୍କୁଟିରେ କଟକ ଅଭିମୁଖେ ଯାଉଥିବା ବେଳେ ନୂଆପାଟଣା ମଧୁସୂଦନ ସେତୁ ନିକଟରୁ ବନ କର୍ମଚାରୀମାନେ ତାଙ୍କୁ ଅଟକାଇବା ସହ ଧରିଥିଲେ। ଏହା ସହ ତାଙ୍କ ସ୍କୁଟିରୁ ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିଥିଲେ। ସେ ଶିଖରପୁର ଅଞ୍ଚଳର ମନୋଜଙ୍କ ନିକଟକୁ ବଜ୍ରକାପ୍ତା ନେଉଥିବା କହିଥିଲେ। ଏହା ପରେ ମନୋଜଙ୍କୁ ଫୋନ କରି ଡାକିବା ପାଇଁ ଚନ୍ଦ୍ରମଣିଙ୍କୁ ବନ କର୍ମଚାରୀ କହିଥିଲେ। ମନୋଜ ସେଠାରେ ପହଞ୍ଚିବା ପରେ ବନ କର୍ମଚାରୀମାନେ ମଧ ତାଙ୍କୁ କାବୁ କରିନେଇଥିଲେ। ଏହି ଚଢ଼ାଉରେ ବନାଞ୍ଚଳ ଅଧିକାରୀ ବେହେରାଙ୍କ ସମେତ ଫରେଷ୍ଟର ଅକ୍ଷୟ ପ୍ରଧାନ, ରାକେଶ ଦଲାଇ, ରମାକାନ୍ତ ବଳବନ୍ତରାୟ, ଆଶିଷ ନାୟକ ପ୍ରମୁଖ ସାମିଲ ଥିଲେ।

### ରଥ ଟାଣିବାକୁ ପ୍ରସ୍ତାବ ଦେଲେ ସେବାୟତ

**ପୁରୀ ଅଫିସ, ୨୧।୫:** କରୋନା ଯୋଗୁ ମହାପ୍ରଭୁଙ୍କ ରଥଯାତ୍ରାକୁ ନେଇ ଅନିଶ୍ଚିତତା ଲାଗିରହିଛି। ଏଥର ରଥଯାତ୍ରା ହେବ କି ନାହିଁ ସେ ସମ୍ପର୍କରେ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ତେବେ କଟକଣାଯୁକ୍ତ ରଥଯାତ୍ରା କରିବା ଲାଗି ସେବାୟତମାନେ ଦାବି ରଖି ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। କଟକଣାଯୁକ୍ତ ରଥଯାତ୍ରା ହେଲେ ପୋଲିସ କର୍ମଚାରୀଙ୍କ ସଂଖ୍ୟା କମିବ। ତେଣୁ ସେବାୟତଙ୍କୁ ରଥ ଟାଣିବା ଲାଗି ଅନୁମତି ଦିଆଯାଉ ବୋଲି ଗୁରୁବାର ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ବିଭିନ୍ନ ସେବାୟତ ନିଯୋଗ ପ୍ରସ୍ତାବ ରଖିଛନ୍ତି। ସେହିପରି ମନ୍ଦିର ଭିତରେ ଠାକୁରଙ୍କ ପହଣ୍ଡି ବେଳେ ପ୍ରତିହାରୀ ସେବକମାନେ ପୋଲିସ ଭୂମିକା ତୁଲାଇବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ସେମାନେ ଦୁଇପାର୍ଶ୍ୱରେ କର୍ଡନ କରି ଠାକୁରଙ୍କୁ ଆଣିବା ସହ ରଥ ଟାଣିବାକୁ ପ୍ରସ୍ତୁତ ବୋଲି ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ମହାପାତ୍ର କହିଛନ୍ତି।



ଭୁବନେଶ୍ୱର ରାଜମହଲ ଛକରୁ ଏ.ଜି. ଛକ ରାସ୍ତାରେ ଲୋକଙ୍କ ଭିଡ଼।

# ସାବିତ୍ରୀ ପାଇଁ ମାନିଲେନି କଟକଣା



- ଫଳ ଦୋକାନରେ ରହିଲାନି ସାମାଜିକ ଦୂରତ୍ୱ
- ପୋଲିସ ବୁଝାଇଲେ, ଲୋକେ ଶୁଣିଲେନି

**ଭୁବନେଶ୍ୱର,୨୧।୫ (ବ୍ୟୁରୋ)**

ଆଜି ସାବିତ୍ରୀ ବ୍ରତ। ଏଥିପାଇଁ ଫଳ, ପୂଜା ସାମଗ୍ରୀ ଓ ଶାଢ଼ି କିଣିବାକୁ ଗୁରୁବାର ଘରୁ ବାହାରିଥିଲେ ଲୋକେ। ଲକ୍‌ଡାଉନ୍ କଟକଣା କୋହଳର ସୁଯୋଗ ନେଇ ସୀମା ଡେଇଁ ଯାଇଥିଲେ ସତ୍ୟବାନ। ଫଳରେ ସକାଳୁ ସନ୍ଧ୍ୟା ସହରର ରାସ୍ତାଘାଟଠାରୁ ଆରମ୍ଭ କରି ହାଟବଜାରରେ ଦେଖିବାକୁ ମିଳିଥିଲା ଅସମ୍ଭବ ଭିଡ଼। କେଉଁଠି ବି ସାମାଜିକ ଦୂରତ୍ୱ ନ ଥିଲା। ସତେଯେମିତି ଲକ୍‌ଡାଉନ୍ କଟକଣା ଉଠିଗଲା ପରି ଲାଗୁଥିଲା। ଘରକୁ ବିପଦ ଡାକି ଆଣିଥିବା ଲୋକଙ୍କୁ ଜଣା ନ ଥିଲା। ଭିଡ଼ ଏଡେଇବାକୁ ପୋଲିସକୁ ନାକେଦମ ହେବାକୁ ପଡିଥିଲା।

ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି କଟକ, ଖୋର୍ଦ୍ଧା, ପୁରୀ ସମେତ ବିଭିନ୍ନ ସହର ଓ ବଜାରରେ ଏପରିସ୍ଥିତି ଦେଖିବାକୁ ମିଳିଥିଲା। ଭୁବନେଶ୍ୱରର ରାଜମହଲ ଛକରୁ ଏଜି ଛକ ପର୍ଯ୍ୟନ୍ତ ରାସ୍ତାକଡ଼ରେ ପଡିଥିବା ଠେଲା ଫଳ ଦୋକାନରେ ସବୁଠାରୁ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ଫଳରେ ଏହି ରାସ୍ତାରେ ବହୁ ସମୟ ଧରି ଟ୍ରାଫିକ ଜାମ୍ ହୋଇଥିଲା। ଦୋକାନରେ ସାମାଜିକ ଦୂରତ୍ୱ ନ ଥିଲା। ଗ୍ରାହକମାନେ ଠେଲାପେଲା ହୋଇ କିଣୁଥିଲେ। କ୍ୟାପିଟାଲ ଥାନାର ପୋଲିସ ଫୋର୍ସ ସେଠାରେ ମୁତୟନ ହୋଇ ଲୋକଙ୍କୁ ବୁଝାଉଥିଲେ ମଧ କେହି ଶୁଣି ନ ଥିଲେ। ସ୍ଥିତି ଅଣାୟତ୍ତ ହୋଇପଡିବାରୁ ପୋଲିସ ଲଗାତର ସାଇରନ୍ ଲଗାଇ ଲୋକଙ୍କୁ ଚାଲିଯିବା ପାଇଁ କହିଥିଲେ। କିନ୍ତୁ ଲୋକେ ଏହାକୁ ଖାତିର ନ କରି ଫଳ କିଣୁଥିଲେ। ଶେଷରେ ବାଧ ହୋଇ ପୋଲିସ ଫଳ ଦୋକାନ ନିକଟରେ ପାର୍କିଂ ଗାଡି ଚାଳକଙ୍କଠାରୁ ଜରିମାନା ଆଦାୟ କରିଥିଲେ। ରାତି ୭ଟାରୁ କର୍ଫ୍ୟୁ ଲାଗୁ ହେଉଥିବାରୁ ବହୁ ଲୋକ ତରବରରେ କିଣାକିଣି କରି ଘରକୁ ଫେରିଥିଲେ ମଧ ଅଧିକାଂଶ ଲୋକ ସମୟ ଅତିକ୍ରାନ୍ତ କରିସାରିଥିଲେ। ପୋଲିସ ଦୋକାନୀଙ୍କୁ ଲାଠି ଭୟ ଦେଖାଇବାରୁ ସେମାନେ ବାଧ ହୋଇ ଦୋକାନ ବନ୍ଦ କରିଥିଲେ।

ଏନେଇ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଚକ୍ରବର୍ତ୍ତୀ କହିଛନ୍ତି,ଏଭଳି ଭିଡ଼ ହେବ ବୋଲି ଆମେ ଭାବି ନ ଥିଲୁ। ସାମାଜିକ ଦୂରତ୍ୱ ରଖି ବ୍ୟବସାୟ କରିବାକୁ ବ୍ୟବସାୟୀଙ୍କୁ କହିଥିଲୁ। ହେଲେ ଦୋକାନୀ କିମ୍ବା ଗ୍ରାହକ ଏହାକୁ ନ ମାନିବାକୁ କିଛି ପଦକ୍ଷେପ ଗ୍ରହଣ କରିଥିଲୁ।

## ଫେରୁଛନ୍ତି ରାଜସ୍ଥାନରେ ଫସିଥିବା ଓଡ଼ିଆ ଛାତ୍ରୀଛାତ୍ର

**ଭୁବନେଶ୍ୱର,୨୧।୫(ବ୍ୟୁରୋ)**

ରାଜସ୍ଥାନ ଜୟପୁରରେ ଫସି ରହିଥିବା ୮୦ଜଣ ଓଡ଼ିଆ ଛାତ୍ରୀଛାତ୍ରଙ୍କ ପାଇଁ ଦେବଦୂତ ସାଜିଛନ୍ତି ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ର। ସମସ୍ତ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ରାଜ୍ୟକୁ ଫେରାଇ ଆଣିବାର ବ୍ୟବସ୍ଥା କରିଛନ୍ତି ସବ୍ୟସାଚୀ। ରାଜସ୍ଥାନର କେନ୍ଦ୍ରୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସଂସ୍କୃତରେ ବିଏଡ୍ କରୁଥିବା ଏହି ଛାତ୍ରୀଛାତ୍ରମାନେ କରୋନା ଲକ୍‌ଡାଉନ୍ ପରେ ସେଠାରେ ଫସି ରହିଥିଲେ। ସେଠାରେ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପିଲାମାନେ ନିଜ ନିଜ ଘରକୁ ଫେରି ଆସିବାକୁ ସବ୍ୟସାଚୀଙ୍କୁ ଟୁଇଟରରେ ଅନୁରୋଧ କରିଥିଲେ। ଏହାପରେ ସବ୍ୟସାଚୀ ଓଡ଼ିଶା ସରକାର ଏବଂ ରାଜସ୍ଥାନ ସରକାରଙ୍କ ସହାୟତାରେ ପିଲାମାନଙ୍କୁ ନିଜ ଜନ୍ମମାଟିକୁ ଫେରାଇ ଆଣିବାର ବ୍ୟବସ୍ଥା କରିଥିଲେ। ୨ଟି ବସ୍ ଓଡ଼ିଶାରୁ ଯାଇ ରାଜସ୍ଥାନରେ ପହଞ୍ଚିଥିବା ବେଳେ ବସ୍‌କୁ ସାନିଟାଇଜ୍ କରାଯାଇ ଛାତ୍ରୀଛାତ୍ରଙ୍କୁ ଏଥିରେ ଅଣାଯାଉଛି। ପିଲାମାନଙ୍କ ମେଡିକାଲ୍ ସ୍କ୍ରିନିଂ ସହ ସମସ୍ତ ପ୍ରକାର ଗାଇଡ୍‌ଲାଇନ୍ ଅନୁକରଣ କରି ଏହି ବ୍ୟବସ୍ଥା କରାଯାଇଛି। ଏହି ସହାୟତା ପାଇଁ ପିଲାମାନେ ସବ୍ୟସାଚୀଙ୍କୁ ଧନ୍ୟବାଦ ଦେଇଥିବା ବେଳେ ଆଗାମୀ ଦିନରେ ଅସହାୟଙ୍କୁ ସହାୟତା ଯୋଗାଇଦେବାକୁ ସେ ସମସ୍ତପ୍ରକାର ପ୍ରଚେଷ୍ଟା କରିବେ ବୋଲି ସବ୍ୟସାଚୀ କହିଛନ୍ତି। କେବଳ ଏତିକି ନୁହେଁ, ସବ୍ୟସାଚୀ ଟୁଇଟ୍‌ର୍ ଓ ଇନ୍‌ଷ୍ଟାଗ୍ରାମ୍ ଭଳି ସୋସିଆଲ ମିଡ଼ିଆ ସହାୟତାରେ ବିଭିନ୍ନ ସ୍ଥାନରେ ଫସି ରହିଥିବା ଲୋକଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣିବା, ରୋଗୀଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା, ମେଡିସିନ୍ ଯୋଗାଇଦେବା ଭଳି କାମ କରି ପ୍ରଶଂସିତ ହୋଇଛନ୍ତି।

**ସହାୟତାର ହାତ ବଢ଼ାଇଲେ ସବ୍ୟସାଚୀ**



ରାଜସ୍ଥାନରୁ ବସ୍‌ରେ ଫେରୁଥିବା ଓଡ଼ିଆ ଛାତ୍ରୀଛାତ୍ର।

## ଶୀତଳଷଷ୍ଠୀ: ତର୍ଜମା ପରେ ନିଷ୍କର୍ଷ

**ଭୁବନେଶ୍ୱର,୨୧।୫(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.)**



ଶ୍ରୀଲିଙ୍ଗରାଜଙ୍କ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଅନୁମତି ମିଳିବ କି ନାହିଁ ସେନେଇ ବରିଷ୍ଠ ଅଧିକାରୀ ତର୍ଜମା କରିବେ। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଯାତ୍ରା ପାଇଁ ମନା କରାଯାଇଛି। ହେଲେ ଯେହେତୁ ଏହା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରମୁଖ ଯାତ୍ରାଗୁଡ଼ିକ ମଧ୍ୟରୁ ଗୋଟିଏ ତେଣୁ ଏଥିପାଇଁ ଅନୁମତି ଦେବା ପୂର୍ବରୁ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ଓ ଉପରୋକ୍ତ ଅଧିକାରୀଙ୍କ ସହ ବୈଠକ ପରେ ନିଷ୍ପତ୍ତି ନିଆଯିବ ବୋଲି ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ ଗୁରୁବାର କହିଛନ୍ତି।

ବିଗତ ଦିନରେ ବିଏମ୍‌ସି ଦ୍ୱାରା କପିଳେଶ୍ୱର ମନ୍ଦିରରେ ଯଜ୍ଞ କରିବା ପାଇଁ ଅନୁମତି ମିଳିଛି। ହେଲେ ଶ୍ରୀଲିଙ୍ଗରାଜଙ୍କ ଯାତ୍ରା ପାଇଁ କାହିଁକି ବିଏମ୍‌ସି ଅନୁମତି ଦେଉନାହିଁ ବୋଲି ଗୁରୁବାର କମିଶନରଙ୍କୁ ପ୍ରଶ୍ନ କରାଯାଇଥିଲା। ଶ୍ରୀଲିଙ୍ଗରାଜଙ୍କର ଏହି ପରମ୍ପରା ଦୀର୍ଘଦିନ ହେବ ଚାଲି ଆସୁଥିବାବେଳେ ଏହାକୁ ରକ୍ଷା କରାଯାଉ ବୋଲି ସେବାୟତମାନେ ଦାବି କରିଥିଲେ। ସମସ୍ତ ନିୟମକାନୁନ ମାନିବା ସହ ଯାତ୍ରାକୁ ସାଧାରଣରୁ ଅତିସାଧାରଣ ଭାବେ କରାଯିବାକୁ ଅନୁମତି ମିଳିବା ଆବଶ୍ୟକ। ସତର୍କତା ଓ ସଚେତନତା ପ୍ରତି ସେବାୟତ ଓ ମନ୍ଦିର କର୍ମକର୍ତ୍ତା ଧ୍ୟାନ ଦେବେ ବୋଲି ୩ନିଯୋଗ ସମିତି ସମ୍ପାଦକ, ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧିକାରୀ ଓ ଅନ୍ୟ କର୍ମକର୍ତ୍ତା କମିଶନରଙ୍କୁ ଗୁରୁବାର ଦାବି ଜଣାଇଛନ୍ତି। ଆସନ୍ତା ୨୭ରେ ଶୀତଳଷଷ୍ଠୀ ଯାତ୍ରା ହେବାର ଅଛି। ତେଣୁ ଏନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ପ୍ରକାଶ କରିବାକୁ ମନ୍ଦିର ପ୍ରଶାସନ ଓ ନିଯୋଗ ସମିତି କମିଶନର ଚୌଧାରୀଙ୍କୁ ଦାବି ଜଣାଇଛି। ସୂଚନାଥାଉ କି, ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଯାତ୍ରା ପାଇଁ ବୁଧବାର ପ୍ରାଥମିକ ଆଲୋଚନା ହୋଇଥିଲା। ହେଲେ ଆଲାଚନାରେ ବିଏମ୍‌ସି ଅତିରିକ୍ତ କମିଶନର ଅବନୀକାନ୍ତ ପଟ୍ଟନାୟକ ଲକ୍‌ଡାଉନ୍ ଓ କୋଭିଡ୍ କଟକଣାକୁ ଲକ୍ଷ୍ୟ କରି ଯାତ୍ରା ପାଇଁ ଅନୁମତି ଦେବାକୁ ମନା କରିଥିଲେ। ଫଳରେ ଏନେଇ ସେବାୟତଙ୍କ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଗୁରୁବାର ଏନେଇ ବିଏମ୍‌ସି କମିଶନରଙ୍କୁ ଭେଟିଥିଲେ।

## ଘରେ କଳାକନା ବୁଲାଇଲେ ଚୋର

**ଭୁବନେଶ୍ୱର,୨୧।୫ (ବ୍ୟୁରୋ)**

କରୋନା ଭୟରେ ଭୁବନେଶ୍ୱରର ବହୁ ଲୋକ ଗାଁକୁ ପଳାଇଛନ୍ତି। ଏହି ସୁଯୋଗରେ ରାଜଧାନୀରେ ଚୋର ଗ୍ୟାଙ୍ଗ୍ ବେଶ୍ ସକ୍ରିୟ ହୋଇଉଠିଛନ୍ତି। ଘରେ ପଶି କଳାକନା ବୁଲାଉଛନ୍ତି। ଖଣ୍ଡଗିରି ଥାନା ଅନ୍ତର୍ଗତ କଳିଙ୍ଗବିହାର ଫ୍ଲାଟ ନଂ.୧୮ କେ-୭ସ୍ଥିତ ଘରୁ ଦୁର୍ବୃତ୍ତମାନେ ୧ ଲକ୍ଷ ଟଙ୍କାର ସୁନା ଗହଣା, ନଗଦ ୪୩ ହଜାର ଟଙ୍କା, ଲାପ୍‌ଟପ, ରେଫ୍ରିଜରେଟର ସମେତ ବହୁ ସାମଗ୍ରୀ ଚୋରି କରି ନେଇଛନ୍ତି। ଅଭିଯୋଗ ପରେ ପୋଲିସ କେସ୍ ନଂ.୨୭୮/୨୦ ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ଉକ୍ତ ଘରେ ଜେନାମଣି ରତ୍ନା ସମ୍ଭାବ ରାୟ ଓ ତାଙ୍କ ପରିବାର ରୁହନ୍ତି। ଲକ୍‌ଡାଉନ୍ ପାଇଁ ଗତ ମାର୍ଚ୍ଚ ୩ରେ ସମସ୍ତେ ନିଜ ଗାଁ ଅନୁଗୋଳକୁ ଚାଲିଯାଇଥିଲେ। ଚୋରମାନେ ତାଙ୍କ ଘରର କବାଟ ତାଡି ଘର ଭିତରକୁ ପଶି ଚୋରକରିଥିଲେ। ଜେନାମଣି ବୁଧବାର ଗାଁରୁ ଫେରିବା ପରେ ଚୋରି ହୋଇଥିବା ଦେଖି ଥାନାକୁ ଖବର ଦେଇଥିଲେ।

## ସନ୍ତ୍ରାସବାଦ ନିରୋଧ ପାଇଁ ଶପଥ

**କଟକ ଅଫିସ,୨୧।୫**

ସନ୍ତ୍ରାସବାଦ ନିରୋଧ ଦିବସ ଉପଲକ୍ଷେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ସନ୍ତ୍ରାସବାଦ ନିରୋଧ ଶପଥପାଠ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ମୁଖ୍ୟ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଦେଶର ଅହିଂସା ଓ ସହନଶୀଳ ପରମ୍ପରା ଉପରେ ଦୃଢ଼ ବିଶ୍ୱାସ ରଖି ସମସ୍ତ ଶକ୍ତି ସହ ଆତଙ୍କବାଦ ଓ ହିଂସାର ବିରୋଧ କରିବା ଏବଂ ମାନବଜୀବନ ଓ ମୂଲ୍ୟବୋଧ ପ୍ରତି ବିପଦ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ସହ ସଂଗ୍ରାମ କରିବାକୁ ଶପଥ ନେଇଛନ୍ତି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ସମସ୍ତଙ୍କୁ ଶପଥପାଠ କରାଇଛନ୍ତି। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି ରେଖା ଲୋହାନି, ଯତୀନ୍ଦ୍ର କୋଏଲ, ଏଆଇଜି ବିବେକାନନ୍ଦ ଶର୍ମା, ରବିନାରାୟଣ ବେହେରା, କିଶୋର ଡଙ୍ଗାୟତ, ବାଳକୃଷ୍ଣ ହୋତା, ସମସ୍ତ ସଂସ୍ଥା ଅଧିକାରୀ, ଉପବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୁବେଦାର ଅଶୋକ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପୋଲିସ ଅଧିକାରୀମାନେ ଶପଥପାଠ କରୁଛନ୍ତି।

# ଗୟଳ ଚିରଟ ଆରମ୍ଭ

**ପୁରୀ ଅଫିସ, ୨୧।୫**

ଶ୍ରୀନହର ସମ୍ମୁଖ ରଥଖଳାରେ ଚାଲିଛି ତିନିରଥ ନିର୍ମାଣ। ବାତ୍ୟା ଅମ୍ଫନ୍ ପ୍ରଭାବରେ ଦୁଇ ଦିନ କାମ ବାଧାପ୍ରାପ୍ତ ପରେ ଗୁରୁବାର ରଥଖଳା ଚଳଚଞ୍ଚଳ ହୋଇପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ତିନିରଥର ମୋଟ ୪୨ଟି ଚକ ମଧ୍ୟରୁ ୨୯ (ନନ୍ଦିଘୋଷର ୯, ତାଳଧ୍ୱଜର ୧୧ ଓ ଦର୍ପଦଳନର ୯)ଟି ଚକ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି। ତାଳଧ୍ୱଜ ରଥର ମୋଟ ୧୬ଟି ଯୋଖା ମଧ୍ୟରୁ ୧୨ଟିର କାମ ସରିଥିବା ବେଳେ ୪ଟିର କାର୍ଯ୍ୟ ଚାଲିଛି। ଦେବଦଳନ ରଥର ମୋଟ ୧୨ ଯୋଖା ମଧ୍ୟରୁ ୧୧ଟି ଶେଷ ହୋଇ ଗୋଟିଏର କାମ ଚାଲିଛି। ନନ୍ଦିଘୋଷ ରଥର ୧୬ଟି ଯୋଖା ମଧ୍ୟରୁ ୧୩ଟି ସମ୍ପୂର୍ଣ୍ଣ ହୋଇଥିବା ବେଳେ ୩ଟିର କାମ ଜାରି ରହିଛି। ତିନିରଥର ୯ଟି ଲେଖାଏ ଜଳଯନ୍ତ୍ର (ରଥ ପାର୍ଶ୍ୱ ଦେବଦେବୀଙ୍କ ଆସ୍ଥାନ) ଶେଷ ହୋଇଛି। ତିନିରଥର ଦୁଇଟି ଲେଖାଏ ସାନ ଉଚ୍ଛୁଳା ଅଖ (ରଥର ସମ୍ମୁଖ ଏବଂ ପଛଭାଗର ଅଖ) ସମ୍ପୂର୍ଣ୍ଣ ହୋଇଥିବାବେଳେ ପ୍ରତ୍ୟେକ ରଥର ଗୋଟିଏ ଲେଖାଏ ଚକ ଅଖ ସରିଛି। ତିନିରଥର ଗୋଟିଏ ଲେଖାଏ ଅଖକାମ ରଥଖଳାରେ ଜାରି ରହିଛି। ଗୁରୁବାର ଚାରିନାହାକା କାଠ ରଥଖଳାରେ ପହଞ୍ଚିଛି, ଶୁକ୍ରବାରଠାରୁ ଏହାର କାମ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ରୂପକାର ସେବକମାନେ ତାଳଧ୍ୱଜ ରଥର ୮ଟି, ଦେବଦଳନ ରଥର ୬ଟି ଏବଂ ନନ୍ଦିଘୋଷ ରଥର ୮ଟି ଗୁଜ କାମ ଶେଷ କରିଛନ୍ତି। ଦୋଳ ବେଦିରେ କରତି ସେବକଙ୍କ ଦ୍ୱାରା ଗୟଳ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। ରଥଖଳାରେ କାମ ଆରମ୍ଭ ପୂର୍ବରୁ ସମ୍ପୃକ୍ତ ସେବକମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଥିଲା।

**ରଥଖଳାରୁ...**



## ରଥ ନିର୍ମାଣକାରୀଙ୍କ କୋଭିଡ୍ ରିପୋର୍ଟ ନେଗେଟିଭ

**ପୁରୀ ଅଫିସ, ୨୧।୫:** କରୋନା ଯୋଗୁ ମହାପ୍ରଭୁଙ୍କ ରଥ ନିର୍ମାଣରେ ଯେପରି କୌଣସି ସମସ୍ୟା ନ ହୁଏ ସେଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଇଛି। ରଥ ନିର୍ମାଣ କରୁଥିବା ସେବକମାନେ ଯେପରି କରୋନା ସଂକ୍ରମଣଠାରୁ ଦୂରରେ ରହିବେ ତାହାକୁ ପ୍ରାଥମିକତା ଦିଆଯାଇଛି। ରଥ ନିର୍ମାଣକାରୀଙ୍କୁ ସଙ୍ଗରୋଧରେ ରଖାଯିବା ସହ ପ୍ରତିଦିନ ସେମାନଙ୍କର ସ୍କ୍ରିନିଂ କରାଯାଉଛି। ରଥ ନିର୍ମାଣରେ ସମ୍ପୃକ୍ତ ୧୮୮ ଜଣ ସେବକଙ୍କ କୋଭିଡ୍ ଟେଷ୍ଟ ଲାଗି ସ୍ୱାବ ନମୁନା ସଂଗ୍ରହ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଆସିଥିବା ରିପୋର୍ଟ ସବୁ ନେଗେଟିଭ ରହିଛି ବୋଲି ଜିଲାପାଳ ବଳୱନ୍ତ ସିଂ କହିଛନ୍ତି। ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, ରଥଖଳାରେ ସୁରୁଖୁରୁରେ ରଥ ତିଆରି କାର୍ଯ୍ୟ ଜାରି ରହିଛି। ସମ୍ପୃକ୍ତ ସେବକମାନେ ସଙ୍ଗରୋଧରେ ରହି ରଥ ତିଆରି କରୁଛନ୍ତି। ରଥଖଳାରେ ସେମାନେ ଯେଉଁଭଳି କଟକଣା ମାନୁଛନ୍ତି ତାହା ନିଶ୍ଚିତ ଏକ ଉଦାହରଣ ସୃଷ୍ଟି କରିଛି। ପ୍ରଥମ ପର୍ଯ୍ୟାୟରେ ଆସିଥିବା କୋଭିଡ୍ ରିପୋର୍ଟ ସବୁ ନେଗେଟିଭ ରହିଛି। ଆଉ ଅଳ୍ପ ଯାହାକିଛି ରିପୋର୍ଟ ଆସିବାକୁ ବାକି ଅଛି ତାହା ମଧ ନେଗେଟିଭ ଆସିବ ବୋଲି ବିଶ୍ୱାସ ରହିଛି।

## ପରିଚାଳନା କମିଟି ବୈଠକରେ ନିଆଯିବ ନିଷ୍ପତ୍ତି

**ପୁରୀ ଅଫିସ,୨୧।୫**

**ଏଥର ୧୫ ଦିନିଆ ଅଣସର ନୀତି ପ୍ରସଙ୍ଗ**

ଦୀର୍ଘବର୍ଷ ହେଲା ସ୍ନାନପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ଅଣସର ନୀତି ହୋଇପାରୁନାହିଁ। ଦାରୁବିଗ୍ରହ ସ୍ନାନମଣ୍ଡପରୁ ଅଣସର ପିଣ୍ଡିକୁ ବିଜେ କରିବାରେ ବିଳମ୍ବ ଯୋଗୁ ସେହିଦିନ ଅଣସର ନୀତି କରିବା ସମ୍ଭବ ହୋଇ ନ ଥାଏ। ତା'ପରଦିନଠାରୁ ଅଣସର ଘରେ ଦାରୁଦିଅଁଙ୍କ ଅଣସର ଗୁପ୍ତ ସେବା ଆରମ୍ଭ ହୋଇଥାଏ। ଫଳରେ ଦାରୁଦିଅଁ ୧୪ ଦିନ ଅଣସରରେ ରହିଥାନ୍ତି। ହେଲେ ଏଥର କରୋନା କଟକଣା ଯୋଗୁ ଭକ୍ତଙ୍କ ଆଗମନ ସମ୍ଭାବନା ନ ଥିବାରୁ ଠାକୁରଙ୍କ ନୀତିକାନ୍ତି ସଅଳ ସରିବ ବୋଲି ଦଇତାପତି ନିଯୋଗ ଆଶା ରଖିଛି। ସ୍ନାନପୂର୍ଣ୍ଣିମା ଦିନ ଶୀଘ୍ର ଠାକୁରଙ୍କୁ ଅଣସର ପିଣ୍ଡିକୁ ବିଜେ କରାଯାଇ ସେହିଦିନ ଅଣସର ନୀତି କରାଯିବା ପାଇଁ ନିଯୋଗ ପ୍ରସ୍ତାବ ଦେଇଛି। ଗୁରୁବାର ୧୦ ସେବାୟତ ନିଯୋଗ ସହ ଏହି ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତେ ଏଥିରେ ସହମତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି, ଦଇତାପତି ନିଯୋଗ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଛି। ପ୍ରତିବର୍ଷ ସମୟ ଅଭାବରୁ ଅଣସର ୧୪ ଦିନ ହେଉଛି। ଏଥର ପହଣ୍ଡିକୁ ସେମାନେ ଶୀଘ୍ର ସାରି ୧୫ ଦିନ ଅଣସର କରିବା ଲାଗି ପ୍ରସ୍ତାବ ଦେଇଛନ୍ତି। ତେବେ ଏହାକୁ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରାଯିବା ପୂର୍ବରୁ ଛତିଶା ନିଯୋଗ ଏବଂ ପରିଚାଳନା କମିଟିରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

# ସରକାର ଦେଉଛନ୍ତି, ପ୍ରଶାସନ ଦେଉନି

- ମିଳୁନି ସଂକ୍ରମିତଙ୍କ ସମ୍ପର୍କରେ ସବିଶେଷ ତଥ୍ୟ
- ଦିଆଯାଉନି ପୌରାଞ୍ଚଳ ଆକ୍ରାନ୍ତଙ୍କ କଣ୍ଟାକ୍ଟ ହିଷ୍ଟ୍ରି
- ଜିଲାପାଳ କହିଲେ କମ୍ୟୁନିକେଶନ ଗ୍ୟାପ୍, ଆଗକୁ ହେବନି

**ଅନୁଗୋଳ ଅଫିସ, ୨୧।୫**

କରୋନା ମୁକାବିଲା ପାଇଁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ବହୁ ପୂର୍ବରୁ ପ୍ରସ୍ତୁତି କରାଯାଇଥିଲା। ଘନ ଘନ ବୈଠକ ସହ କି କି ପଦକ୍ଷେପ ନିଆଯିବ ସେ ନେଇ ଯୋଜନା ପରେ ଯୋଜନା ହୋଇଥିଲା। ତାଳଚେରଠାରେ କୋଭିଡ୍-୧୯ ସ୍ୱତନ୍ତ୍ର ହସ୍ପିଟାଲ୍, କ୍ୱାରାଣ୍ଟାଇନ୍ ସେଣ୍ଟର, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍ସି), ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତି ଆଦି ଅନେକ ପଦକ୍ଷେପ ସଂକ୍ରମଣ ରୋକିବା ଦିଗରେ ଉଠାଯାଇଥିଲା। ଏପରି କି ସଂକ୍ରମିତଙ୍କ ସମ୍ପର୍କରେ କେତେ ତଥ୍ୟ ଗଣମାଧ୍ୟମ ଜରିଆରେ ଜିଲାବାସୀଙ୍କ ନିକଟରେ ପହଞ୍ଚାଯାଇ ସେମାନଙ୍କୁ ସଚେତନ ଓ ସତର୍କ କରାଯାଇପାରିବ ତାହା ମଧ୍ୟ ସ୍ଥିରୀକୃତ କରାଯାଇଥିଲା। କିଏ ଏହି ତଥ୍ୟ ପ୍ରଦାନ କରିବେ ସେ ନେଇ ବି ଜିଲାପାଳ ବୈଠକରେ ଦାୟିତ୍ୱ ବଣ୍ଟନ କରିଥିଲେ। କିନ୍ତୁ ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ଏବେ ଜିଲାର ଆକ୍ରାନ୍ତମାନଙ୍କ ସମ୍ପର୍କରେ ଜନସାଧାରଣ ଠିକ୍ ଭାବେ ଜାଣିପାରୁ ନ ଥିବା ଅଭିଯୋଗ ହେଉଛି। ବିଶେଷକରି ସଂକ୍ରମିତ ବ୍ୟକ୍ତିଙ୍କ ସଂକ୍ରମଣର ଉତ୍ସ, ସେ ପ୍ରବାସୀ କି ଅଞ୍ଚଳବାସୀ, ସଙ୍ଗରୋଧରେ ଥିଲେ କି ନାହିଁ ସେ ନେଇ ସବିଶେଷ ତଥ୍ୟ ଲୋକଙ୍କ ନିକଟରେ ପହଞ୍ଚିପାରୁ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ପଜିଟିଭ୍ଙ୍କ ସମ୍ପର୍କରେ ଜିଲା ପ୍ରଶାସନକୁ ତଥ୍ୟ ପ୍ରଦାନ କରାଯାଉଥିଲେ ବି ପ୍ରଶାସନ ତାହା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଗଣମାଧ୍ୟମକୁ ଠିକ୍ ଭାବେ ଦେଉ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି।

ଗତ ୧୦ ତାରିଖରେ ଅନୁଗୋଳ ପୌରାଞ୍ଚଳରେ ଜଣେ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲା। କିନ୍ତୁ ୧୧ ଦିନ ବିତିଯାଇଥିଲେ ମଧ୍ୟ ଏଯାଏ ତାଙ୍କ କଣ୍ଟାକ୍ଟ ହିଷ୍ଟ୍ରି ଜିଲା ପ୍ରଶାସନ ପ୍ରକାଶ କରିପାରି ନାହିଁ। ସେହିପରି ସଂକ୍ରମିତଙ୍କ ପରିବାର ଲୋକଙ୍କ ନମୁନା ରିପୋର୍ଟ ମଧ୍ୟ ପ୍ରଶାସନ ଅଦ୍ୟାବଧି ପାଇପାରି ନାହିଁ। ମହାମାରୀ ମୁକାବିଲା ଦିଗରେ ଅନୁଗୋଳ ପ୍ରଶାସନର ଏପରି କଚ୍ଛପ ଗତି ସହରବାସୀଙ୍କୁ ଏବେ ଚିନ୍ତାରେ ପକାଇଛି। ଇତିମଧ୍ୟରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧୯ରେ ପହଞ୍ଚିଲାଣି। କିନ୍ତୁ ସେମାନଙ୍କ ସଂକ୍ରମଣର ଉତ୍ସ ସମ୍ପର୍କରେ ଜିଲାବାସୀଙ୍କ ନିକଟରେ ସବିଶେଷ ବିବରଣୀ ପହଞ୍ଚିପାରି ନାହିଁ। ଗତ ବୁଧବାର ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ଦୁଇ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲା ପ୍ରଶାସନକୁ ଅବଗତ କରାଯିବା ପରେ ଦୁଇ ଆକ୍ରାନ୍ତଙ୍କୁ ତାଳଚେରସ୍ଥିତ କୋଭିଡ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସନ୍ଧ୍ୟାରେ ଏସବୁ କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ହେଁ ପ୍ରଶାସନ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲି ନ ଥିଲା। ଏ ସମ୍ପର୍କରେ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, କମ୍ୟୁନିକେସନ୍ ଗ୍ୟାପ୍ କାରଣରୁ ଏପରି ହୋଇଛି। ଏଣିକି ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ। ଅନ୍ୟପକ୍ଷରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆର୍ଓ) ଶରତ ଚନ୍ଦ୍ର ସେଠୀ ପ୍ରତ୍ୟେକ ଦିନ ଜିଲା କାର୍ଯ୍ୟାଳୟକୁ ଆସି ତଥ୍ୟ ଗ୍ରହଣ କରିବା କଥା। କିନ୍ତୁ ବୁଧବାର ସେ ଆଦୌ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନ ଥିବା ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ କହିଛନ୍ତି। କିନ୍ତୁ ଡିଆଇପିଆର୍ଓ ସେଠୀ କହିଛନ୍ତି, ଜିଲାପାଳ ଯେଉଁ ତଥ୍ୟ ପ୍ରଦାନ କରୁଛନ୍ତି, ତାହା ଗଣମାଧ୍ୟମକୁ ଦିଆଯାଉଛି। କରୋନା ସମ୍ପର୍କିତ ଓ ପଜିଟିଭ୍ ତଥ୍ୟ ଜିଲାପାଳ ପ୍ରଦାନ କରିବେ ବୋଲି ସେଠୀ ପ୍ରକାଶ କରିଛନ୍ତି। ପୂର୍ବରୁ ଜିଲାରେ କରୋନା ସମ୍ପର୍କିତ ବୈଠକରେ ଜିଲାପାଳ ଡିଆଇପିଆର୍ଓଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିବା ଦାୟିତ୍ୱ ପ୍ରଦାନ କରିଥିଲେ ହେଁ ସେ କାହିଁକି ତଥ୍ୟ ପ୍ରଦାନ କରୁ ନାହାନ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ଫୁଡ୍ ଡେଲିଭରି ସେବା ଯୋଗାଇବ ଆମାଜନ

**ନୂଆଦିଲ୍ଲୀ,୨୧।୫:** ପ୍ରମୁଖ ଇ-କର୍ମସ କମ୍ପାନୀ ଆମାଜନ ପକ୍ଷରୁ ବର୍ତ୍ତମାନ ଏହାର ଗ୍ରାହକଙ୍କୁ ଫୁଡ୍ ଡେଲିଭରି ସେବା ପ୍ରଦାନ କରିବା ପାଇଁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ବେଙ୍ଗାଲୁରୁ ସହରରେ ପରୀକ୍ଷାମୂଳକ ଭାବରେ ଏହି ସେବା ଯୋଗାଇବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଦେଶରେ ଦେଖାଦେଇଥିବା କୋଭିଡ୍-୧୯ ମହାମାରୀ ସମୟରେ ସରକାର କେବଳ ଅତ୍ୟାବଶ୍ୟକ ସେବା ଓ ସାମଗ୍ରୀ ପ୍ରଦାନ ସେବାକୁ ଛାଡି ଆଉ ସବୁଥିରେ କଟକଣା ଲାଗୁ କରିଥିଲେ। ମହାମାରୀ ସମୟରେ ଗ୍ରାହକମାନେ ମଧ କମ୍ପାନୀକୁ ଫୁଡ୍ ଡେଲିଭରି ସେବା ବିଷୟରେ ନାନା ପ୍ରଶ୍ନ ଓ ପ୍ରସ୍ତାବ ଦେଇଥିଲେ। କମ୍ପାନୀ ଗ୍ରାହକଙ୍କ ଆଗ୍ରହକୁ ନଜରରେ ରଖି ଏହି ସେବା ପ୍ରଦାନ କରିବାକୁ ସ୍ଥିର କରିଛି। ଦେଶର ପ୍ରମୁଖ ଫୁଡ୍ ଡେଲିଭରି ସଂସ୍ଥା ଜମାଟୋ ଓ ସ୍ୱିଗି ଏହି କ୍ଷେତ୍ରରେ ଭଲ ରାଜସ୍ୱ ସହ ବ୍ୟବସାୟରେ ମଧ ନିଜକୁ ପ୍ରତିଷ୍ଠିତ କରି ସାରିଛନ୍ତି। ପରୀକ୍ଷଣ ଭିତ୍ତିରେ ସେବା ପ୍ରଦାନ ସଫଳ ହେଲେ ତାହା ଆମାଜନ ପାଇଁ ନୂଆ ଉପଲବ୍ଧି ହେବ। ସାରା ଦେଶରେ ଯେକୌଣସି ପରିସ୍ଥିତି ପଡିଲେ ମଧ ସରକାର ଅତ୍ୟାବଶ୍ୟକ ସେବା ଯୋଗାଇବେ, ଯାହା କୋଭିଡ୍-୧୯ ମହାମାରୀ ସମୟରେ ଦେଖିବାକୁ ମିଳିଲା। କମ୍ପାନୀ ଯେକୌଣସି ସମୟରେ ପ୍ରଥମ ଦଫାରେ ବେଙ୍ଗାଲୁରୁ ସହରରୁ ଏହି ସେବାର ଶୁଭାରମ୍ଭ କରିବ। ଫୁଡ୍ ଡେଲିଭରି ସେବାର ପ୍ରମୁଖ ଅଂଶ ହେଉଛି ସ୍ୱଚ୍ଛତା ଓ ଶୁଦ୍ଧତା। ଏଭଳି ପ୍ରସଙ୍ଗଗୁଡିକୁ ପ୍ରାଥମିକତା ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

### ରାସ୍ତାରେ ଅଟକାଇ ମାଡ଼ ଅଭିଯୋଗ

**ପୁରୀ ଅଫିସ,୨୧।୫:** ଚନ୍ଦନପୁର ଥାନା ଅନ୍ତର୍ଗତ ପୁଟ ଗାଁର କେତେଜଣ ଲୋକଙ୍କୁ ନିକଟସ୍ଥ ଚାଳିଶିବାଟିଆ ଗାଁର କେତେଜଣ ବ୍ୟକ୍ତି ରାସ୍ତାରେ ଅଟକାଇ ମାଡ଼ ମାରିଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୧୧୧/୨୦) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଗୁରୁବାର ପୁଟ ଗାଁର କେତେଜଣ ଲୋକ ଏସ୍ପି ଅଫିସ ଆସି ଅଭିଯୋଗ କରିଛନ୍ତି।

ପୁଟ ଗାଁର ସମ୍ପୃକ୍ତ ଲୋକେ ଚନ୍ଦନପୁର ଥାନାରେ କରିଥିବା ଅଭିଯୋଗ ମୁତାବକ, ସେମାନେ ବୁଧବାର କୌଣସି କାମରେ ଚାଳିଶିବାଟିଆ ଗାଁ ଦେଇ ଯାଉଥିଲେ। ଏହି ସମୟରେ ସେହି ଗାଁର କେତେଜଣ ବ୍ୟକ୍ତି ସେମାନଙ୍କ ଗାଡ଼ି ଅଟକାଇ ଚାବି ଛଡାଇ ନେବା ସହ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଦେଢ଼ ମାସ ତଳେ ମଧ ସମାନ ପ୍ରକାର ଆଚରଣ କରିଥିଲେ। ମଧ୍ୟସ୍ଥ ଜରିଆରେ ସମାଧାନ ପାଇଁ ସ୍ଥିର ହୋଇଥିଲା। ଲକ୍ଡାଉନ ସରିବା ପରେ ଉଭୟ ଗାଁ ଲୋକେ ବସିବେ ବୋଲି ସ୍ଥିର କରିଥିଲେ। କିନ୍ତୁ ଏବେ ଚାଳିଶିବାଟିଆର ସମ୍ପୃକ୍ତ ଲୋକେ ଉତ୍କ୍ଷିପ୍ତ ହୋଇ ଏଭଳି ଘଟଣା ଘଟାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏ ନେଇ ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକଙ୍କୁ ପଚାରିବାରେ କହିଛନ୍ତି, ଉଭୟ ଗାଁ ମଧ୍ୟରେ କୌଣସି ପୂର୍ବ ବିବାଦକୁ ନେଇ ଏଭଳି ହୋଇ ଥାଇପାରେ। ତେବେ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

### ଗୋପ ବ୍ଲକରେ ପ୍ରଥମ ମହିଳା କରୋନା ପଜିଟିଭ ଚିହ୍ନଟ

**ଗୋପ,୨୧।୫(ଡି.ଏନ୍.ଏ.):** ଗୋପ ବ୍ଲକ ଅଞ୍ଚଳରେ ଜଣେ ୩୬ ବର୍ଷୀୟା ମହିଳା କରୋନା ପଜିଟିଭ ବାହାରିଥିବା ଗୁରୁବାର ବିଡିଓ ଦିପ୍ତୀରାଣୀ ଦାସ କହିଛନ୍ତି। ସେ ପଶ୍ଚିମବଙ୍ଗରୁ ଫେରିଥିବା ଜଣାପଡିଛି। ସୂଚନାଥାଉ କି, ଏହି ବ୍ଲକ ଅଞ୍ଚଳରୁ ପୂର୍ବରୁ ୫ଜଣ ଯୁବକ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ପ୍ରଥମ କରି ଜଣେ ମହିଳା ଆକ୍ରାନ୍ତ ହୋଇଛନ୍ତି। ପଶ୍ଚିମବଙ୍ଗରେ ମହିଳାଜଣଙ୍କ ସ୍ୱାମୀଙ୍କ ସହ ରହୁଥିବା ବେଳେ ଗତ ସପ୍ତାହରେ ଘରକୁ ଫେରି ପଞ୍ଚାୟତର ଏକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିଲେ। ଏହା ପରେ ସେମାନଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା। ମହିଳାଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ଭୁବନେଶ୍ୱର କୋଭିଡ ହସ୍ପିଟାଲକୁ ନିଆଯାଇଥିଲା ବୋଲି ସରପଞ୍ଚ ବନ ରଞ୍ଜନ ପଟ୍ଟନାୟକ କହିଛନ୍ତି।

# ଜୁନ୍ ଶେଷ ସୁଦ୍ଧା ରାଜ୍ୟରେ ସଂକ୍ରମଣ ୧୦ ହଜାର ଛୁଇଁବ

**କଟକ ଅଫିସ,୨୧।୫**

କରୋନା ଭୁତାଣୁ ଯୋଗୁ ରାଜ୍ୟରେ ମୃତକଙ୍କ ସଂଖ୍ୟା ଏବେ ବି ବହୁ କମ୍ ରହିଛି। ହାତଗଣତି ମୃତକଙ୍କ ମଧ୍ୟରେ ଅଧିକାଂଶ ଦୂରାରୋଗ୍ୟରେ ପୀଡ଼ିତ ଥିଲେ। କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଲେ ହିଁ ଏହି ରୋଗଠାରୁ ମୁକ୍ତି ମିଳିପାରେ ବୋଲି ରାଜ୍ୟ ସରକାରଙ୍କ କୋଭିଡ-୧୯ ବୈଷୟିକ ମୁଖପାତ୍ର ଡା. ଜୟନ୍ତ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଡା. ପଣ୍ଡା କହିଛନ୍ତି ଯେ, ଅନ୍ତର୍ଜାତୀୟ ଜନ୍ସ ହପକିନ୍ସ ୟୁନିଭର୍ସିଟି ସ୍କୁଲ ଅଫ ମେଡିସିନ୍ର ତଥ୍ୟ ଅନୁଯାୟୀ ରାଜ୍ୟରେ ଜୁନ୍ ମାସ ଶେଷ ସୁଦ୍ଧା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ହଜାର ଛୁଇଁପାରେ। ତେଣୁ ସମସ୍ତଙ୍କୁ ଏବେଠାରୁ ସତର୍କ ହୋଇ ଏହି ଭୁତାଣୁ ସହ ବଞ୍ଚିବାକୁ ହେବ। ଏହାଦ୍ୱାରା କରୋନା ସହ ଲଢ଼ିବା ପାଇଁ ଆବଶ୍ୟକ ହେଉଥିବା ଆଣ୍ଟିବଡି ଶରୀରରେ ବୃଦ୍ଧି ଘଟିବ। ଆଗାମୀ ଦିନରେ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଲେ ଭୟଭୀତ ନ ହେବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି।

# ଗାଁ ଦାଣ୍ଡରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



ଭାଇରାଲ ଭିଡିଓର ଦୃଶ୍ୟ।

- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
- ପୋଲିସ ନିଷ୍କ୍ରିୟତାକୁ ନେଇ ଉଠିଲା ପ୍ରଶ୍ନ
- ଅଭିଯୁକ୍ତମାନଙ୍କୁ ଖୋଜା ଚାଲିଛି: ଏସ୍ପି

**ଖୋର୍ଦ୍ଧା ଅଫିସ, ୨୧।୫**

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅନ୍ତର୍ଗତ ପୋଡ଼ାଡିହ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସାମାନ୍ୟ କଥାକୁ ନେଇ ରମେଶ ଜଗଦେବ ନାମକ ଯୁବକଙ୍କୁ ଗାଁ ଦାଣ୍ଡରେ କେତେଜଣ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସମ୍ପୃକ୍ତ ଯୁବକମାନେ ରମେଶଙ୍କୁ ମାରଣାସ୍ତ୍ର, ଠେଙ୍ଗାରେ ଅତି ନୃଶଂସ ଭାବେ ଆକ୍ରମଣ କରିବା ସହ ତଳେ ପକାଇ ଗୋଇଠା ମାରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଆକ୍ରମଣରେ ରମେଶଙ୍କ ଦୁଇ ଗୋଡ଼ ଓ ହାତ ଭାଙ୍ଗିଛି। ସେ ଏବେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କେବଳ ମାମଲା ରୁଜୁ କରି ପୋଲିସ ଚୁପ୍ ବସିଛି ବୋଲି ପରିବାର ଲୋକେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଫଳରେ ପୋଲିସର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ରମେଶଙ୍କର ଏକ ଟ୍ରାକ୍ଟର ରହିଛି। ଗତ ୮ତାରିଖରେ ତାଙ୍କ ଡ୍ରାଇଭର ଟ୍ରାକ୍ଟର ନେଇ ଯାଉଥିଲେ। ରାସ୍ତାରେ କେତେଜଣ ଯୁବକ ଡ୍ରାଇଭରଙ୍କୁ ଟେକା ପଥର ମାଡ଼ କରିଥିଲେ। ଫଳରେ ଡ୍ରାଇଭର ଭାରସାମ୍ୟ ହରାଇ ଏକ ମାରୁତି କାର୍କୁ ଧକ୍କା ଦେଇଥିଲେ। ଖବର ପାଇ ରମେଶ ବୁଝାସୁଝା କରିବା ଲାଗି ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ରମେଶ ଓ କେତେଜଣ ଯୁବକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସମୟରେ ୧୦ରୁ ୧୫ଜଣ ଯୁବକ ପହଞ୍ଚି ତାଙ୍କୁ ଅତର୍କିତ ଭାବେ ଠେଙ୍ଗା, କାଠଫାଳିଆ, ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏପରି କି ତଳେ ପକାଇ ନିସ୍ତୁକ ମାଡ଼ ମାରିଥିଲେ। ପରିବାରବର୍ଗ ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ଆଣିଥିଲେ। ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ରମେଶଙ୍କ ମା' ସୁଲୋଚନାଙ୍କ ଅଭିଯୋଗ କ୍ରମେ ଦଫା ୨୯୪, ୩୨୫, ୩୨୬, ୩୦୭ ଏବଂ ୩୪ ଆଇପିସିରେ ଏକ ମାମଲା (ନଂ. ୪୭/୨୦) ରୁଜୁ ହୋଇଥିଲା।

ଏସ୍ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ପୂର୍ବରୁ ରମେଶ, ତାଙ୍କ ଭାଇ ଗିରିଶ ଓ ସମ୍ପର୍କୀୟ ବାବୁଲାଙ୍କ ବିରୋଧରେ ଭରତ ଜେନାଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ. ୪୬/୨୦) ରୁଜୁ ହୋଇଥିଲା। ଘଟଣାର ତଦନ୍ତ ଚାଲିଥିବାବେଳେ ରମେଶଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାପରଠୁ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ଲାଗି ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଛି।

# ସଙ୍ଗରୋଧ ଗୃହରେ ଧାରଣା ଦେଲେ ପ୍ରବାସୀ

**ଭଦ୍ରକ ଅଫିସ, ୨୧।୫**

ଭଦ୍ରକ ଜିଲାର ବିଭିନ୍ନ ସଙ୍ଗରୋଧ ଗୃହରେ ଥିବା ପ୍ରବାସୀ ଓଡ଼ିଆମାନେ ଗୁରୁବାର ଧାରଣା ଦେଇଥିଲେ। ୧୫ ଦିନରୁ ଊର୍ଦ୍ଧ୍ୱ ହେବ ସଙ୍ଗରୋଧ ଗୃହରେ ରହିଥିବା ବେଳେ ସେମାନଙ୍କ ସ୍ୱାବ ସଂଗ୍ରହ କରାଯାଉ ନ ଥିବାରୁ ଉତ୍ତେଜନା ଦେଖା ଦେଇଥିଲା। କେତେକ ସ୍ଥାନରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଅନ୍ତେବାସୀଙ୍କ ସହ ଆଲୋଚନା କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅନ୍ୟ କେତେକ ସଙ୍ଗରୋଧ ଗୃହରେ ପ୍ରବାସୀ ଓଡ଼ିଆମାନେ ଧାରଣା ଚାଲୁ ରଖିଥିବା ଜଣାପଡ଼ିଛି। ବାସୁଦେବପୁର ବ୍ଲକର ସୁଗୋ, ବିନାୟକପୁର, ଅଡ୍ଡୁଆଁ, ତିହିଡ଼ି ବ୍ଲକର ନନ୍ଦପୁର ଅଞ୍ଚଳରେ ଏହିଭଳି ପରିସ୍ଥିତ ସୃଷ୍ଟି ହୋଇଛି। ଏପରିକି କେତେକ ସଂଗରୋଧ ଗୃହର ପ୍ରବାସୀ ଓଡ଼ିଆମାନେ ଜଳଖିଆ ଓ ମଧ୍ୟାହ୍ନଭୋଜନ ଖାଇ ନାହାନ୍ତି। ଏନେଇ ବାସୁଦେବପୁର ଭାଜପା ଯୁବନେତା ଉଦୟ ନାରାୟଣ ମଲ୍ଲିକଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବ୍ଲକ ଓ ପୌରପାଳିକାର ସମସ୍ତ ସଂଗରୋଧ ଗୃହରେ ଥିବା ପ୍ରବାସୀ ଓଡ଼ିଆଙ୍କ ସ୍ୱାବ୍ ପରୀକ୍ଷା କରାଯାଇ ସେମାନଙ୍କ ରିପୋର୍ଟ ପ୍ରଦାନ କରାଯିବା ପାଇଁ ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଯେ, ବାସୁଦେବପୁର ବ୍ଲକରେ ସର୍ବାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା କାରଣରୁ ସଂଗରୋଧ ଗୃହର ଥିବା ସମସ୍ତ ପ୍ରବାସୀ ଓଡ଼ିଆଙ୍କ ସ୍ୱାବ୍ ପରୀକ୍ଷା ନିତାନ୍ତ ଆବଶ୍ୟକ ବୋଲି ଦାବି ପତ୍ରରେ ଦର୍ଶାଯାଇଛି। ଏସମ୍ପର୍କରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପ୍ରଦୀପ ଖୁଣ୍ଟିଆଙ୍କୁ ପଚାରିବାରୁ ଯେଉଁ ପ୍ରବାସୀଙ୍କ ଲକ୍ଷଣ ଦେଖାଯିବ ସେମାନଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବାର ନିୟମ ରହିଥିବା କହିଛନ୍ତି।



ପ୍ରବାସୀଙ୍କ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

# ୧୪୫୦ କର୍ମଚାରୀ ଛଟେଇ କଲା ଅକ୍ସଫାମ୍

**ନୂଆଦିଲ୍ଲୀ,୨୧।୫**

କୋଭିଡ୍-୧୯ ବିଶ୍ୱରେ କାୟାବିସ୍ତାର କରିଥିବା ବେଳେ ଏହାର ପ୍ରଭାବ ଜାରି ରହିଛି। ଏଥିଯୋଗୁ ସାରା ବିଶ୍ୱର ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇ ରହିଛି। ବିଶ୍ୱସ୍ତରୀୟ ସାମାଜିକ ଅନୁଷ୍ଠାନ ଅକ୍ସଫାମ୍ ଏହାଦ୍ୱାରା ବ୍ୟାପକ ସମସ୍ୟାର ସମ୍ମୁଖୀନ ହୋଇଛି। ଉକ୍ତ ଅନୁଷ୍ଠାନ ପ୍ରାୟ ୧୪୫୦ କର୍ମଚାରୀ ଛଟେଇ କରିଥିବା ବେଳେ ଏହାର ଅଂଶୀଦାର ସଂସ୍ଥାଗୁଡିକର ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ପ୍ରଭାବିତ ହେବେ ବୋଲି ଜଣାପଡିଛି। ଏହାବାଦ ୧୮ଟି ଦେଶରୁ କାର୍ଯ୍ୟାଳୟ ବନ୍ଦ କରି ଦେଇଥିବା ବିଷୟରେ ଅକ୍ସଫାମ୍ ପକ୍ଷରୁ ସୂଚନା ଦିଆଯାଇଛି। ମୋଟ୍ ୬୬ଟି ଦେଶରେ ଏହା ସେବା ଯୋଗାଇ ଦେଇ ଆସୁଥିଲା। କୋଭିଡ୍-୧୯ ସଂକ୍ରମଣ ଜନିତ ସମସ୍ୟା ଯୋଗୁ ୧୮ଟି ଦେଶରୁ ଅନୁଷ୍ଠାନ ତା'ର ସେବା ବନ୍ଦ କରିବା ପାଇଁ ନିଷ୍ପତ୍ତି କରିଛି। ଫଳରେ ୪୮ଟି ଦେଶ ଓ ୨୦ଟି ବୃହତ୍ ସଂସ୍ଥା ସହ ଅନୁଷ୍ଠାନ ପୂର୍ବ ପରି ସେବା ଜାରି ରଖିବ। ଅକ୍ସଫାମ ପକ୍ଷରୁ ସୂଚନା କୁହାଯାଇଛି ଯେ, ଥାଇଲାଣ୍ଡ, ଆଫଗାନିସ୍ତାନ, ଶ୍ରୀଲଙ୍କା, ପାକିସ୍ତାନ, ହାଇଟି, ତାଜିକିସ୍ତାନ, କ୍ୟୁବା, ପେରୁଗୁଏ, ଇଜିପ୍ଟ, ତାଞ୍ଜିନିଆ, ବୁରାଣ୍ଡି, ରୱାଣ୍ଡା, ସିଏରାଲେଓନ, ଲାଇବେରିଆ, ମୟୁରଟାନିଆ, ଡୋମିନିକାନ ରିପବ୍ଲିକ, ସୁଦାନ ଆଦି ଦେଶରୁ ସେବା ବନ୍ଦ କରିବା ପାଇଁ ନିଷ୍ପତ୍ତି ହୋଇଛି। କରୋନା ମହାମାରୀ ସମୟରେ ଅନୁଷ୍ଠାନ ନାନା ସମସ୍ୟା ଦେଇ ଗତି କରୁଛି । ଏହି ସଙ୍କଟ ଯୋଗୁ ସେବା ଯୋଗାଣରେ ସମସ୍ୟା ସହ ଅନେକ କଟକଣା ସାମ୍ନା କରିବାକୁ ପଡୁଛି। ଏହାକୁ ଧ୍ୟାନରେ ରଖି ଛଟେଇ ଓ କାର୍ଯ୍ୟାଳୟ ବନ୍ଦ ନିଷ୍ପତ୍ତି ନିଆଯାଇଥିବା ଅକ୍ସଫାମ୍ ଇଣ୍ଟରନ୍ୟାଶନାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚେମା ଭେରା କହିଛନ୍ତି।

# ଆଜିଠାରୁ ପୂର୍ବ ଭଳି କାର୍ଯ୍ୟ କରିବ ବ୍ୟାଙ୍କ

**ସବୁ କର୍ମଚାରୀ ଅଫିସ ଆସିବେ**

**ଭୁବନେଶ୍ୱର,୨୧।୫(ବ୍ୟୁରୋ)**

ରାଜ୍ୟରେ ଥିବା ସମସ୍ତ ଜାତୀୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ , ଗ୍ରାମୀଣ ବ୍ୟାଙ୍କଗୁଡିକ ପୂର୍ବ ଭଳି କାର୍ଯ୍ୟକ୍ଷମ ହେବ। ବ୍ୟାଙ୍କର ସମସ୍ତ କର୍ମଚାରୀ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ଯାଏ କାର୍ଯ୍ୟ କରିବେ। ପୂର୍ବଭଳି ବ୍ୟାଙ୍କଗୁଡିକ ଲୋକମାନଙ୍କୁ ସେବା ଯୋଗାଇଦେବେ। ସେହିପରି ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ବ୍ୟାଙ୍କ କରେସପଣ୍ଡେଣ୍ଟ ଏବଂ ବ୍ୟାଙ୍କିଂ ସର୍ଭିସ ପଏଣ୍ଟ ଗୁଡିକ ସକାଳ ୭ଟାରୁ ସନ୍ଧ୍ୟା ୬ଟା ୩୦ (୨ଟାରୁ ୪ଟା ବ୍ୟତୀତ) ଯାଏ ଖୋଲା ରହିବ। ଏ ନେଇ ଗୁରୁବାର ଅର୍ଥ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସଏଲବିସି) ଏବଂ ଜିଲାପାଳଙ୍କୁ ଚିଠି ଲେଖାଯାଇଛି।

ଚତୁର୍ଥ ପର୍ଯ୍ୟାୟ ଲକଡାଉନରେ କଟକଣା କୋହଳ କରିବା ନେଇ ରାଜ୍ୟକୁ କେନ୍ଦ୍ର ସରକାର ଅଧିକ କ୍ଷମତା ଦେଇଛନ୍ତି। ରାଜ୍ୟ ଭିତରେ କୋଭିଡ-୧୯ ସଂକ୍ରମଣ ପରିସ୍ଥିତିକୁ ଦେଖି ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କରୋନା ସଂକ୍ରମଣ ଆଶଙ୍କାରେ ମାର୍ଚ୍ଚ ୨୪ରୁ ବ୍ୟାଙ୍କଗୁଡିକରେ କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କର୍ମଚାରୀମାନେ ରୋଟେଶନରେ କାର୍ଯ୍ୟ କରୁଥିଲେ।

# ଦେବଦମ୍ପତିଙ୍କ ନଗର ପରିକ୍ରମା ବନ୍ଦ ହେଲା

**ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା**

- ନିଜ ମନ୍ଦିରରେ ହେବ ବିବାହ
- ଯୁଗଳମୂର୍ତ୍ତି ଦର୍ଶନ ଲାଗି ପ୍ରସ୍ତାବ

**ସମ୍ବଲପୁର, ୨୧।୫ (ବ୍ୟୁରୋ)**

କରୋନା କଟକଣା ଯୋଗୁ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ନିରାଡମ୍ବର ଭାବେ ପାଳିତ ହେବ। ପାରମ୍ପରିକ ରୀତିନୀତି ଅନୁସାରେ ପତରପେଡ଼ିଁ, ନୃସିଂହ ନିଉତା, ସାକ୍ଷୀ ଗୋପୀନାଥଙ୍କ ଆଗମନ, ହନୁମାନ ନିଉତା, ଶିବଙ୍କ ବରାତି ଓ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ହେବ। ହେଲେ ଦେବଦମ୍ପତିଙ୍କ ନଗର ପରିକ୍ରମା ବନ୍ଦ ରହିବ। ସମସ୍ତ ଶୋଭାଯାତ୍ରା ଉପରେ ରୋକ୍ ଲଗାଯାଇଛି। ଗୁରୁବାର ସମ୍ବଲପୁର ଉପଜିଲାପାଳଙ୍କ ଅଫିସ ପରିସରରେ ଆୟୋଜିତ ଜିଲା ପ୍ରଶାସନ, ପୋଲିସ ଓ ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତାଙ୍କ ମିଳିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷେ ଆସନ୍ତା ୨୯ ତାରିଖରେ ଯୁଗଳମୂର୍ତ୍ତି ଦର୍ଶନ ଲାଗି ଯାତ୍ରା କମିଟି ପ୍ରସ୍ତାବ ଦେଇଛି। ଯାତ୍ରା କମିଟିର ପ୍ରସ୍ତାବକୁ ଜିଲା ପ୍ରଶାସନ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ପଠାଇବେ। ଗୃହ ମନ୍ତ୍ରଣାଳୟରୁ ନିର୍ଦ୍ଦେଶ ଆସିଲେ ଭକ୍ତମାନେ ସାମାଜିକ ଦୂରତ୍ୱ ସହ ଯୁଗଳମୂର୍ତ୍ତି ଦର୍ଶନ କରିପାରିବେ। ଏତଦ୍ବ୍ୟତୀତ ସମସ୍ତ କାର୍ଯ୍ୟକ୍ରମ ଯାତ୍ରା କମିଟି ତତ୍ତ୍ୱାବଧାନରେ ସ୍ୱମନ୍ଦିର ପରିସରରେ ହାତଗଣତି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସମାପନ ହେବ।

ଉପଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଶୀତଳଷଷ୍ଠୀ ଯାତ୍ରା ମିଳିତ ସମନ୍ୱୟ କମିଟି କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ପ୍ରଧାନ, ନନ୍ଦପଡା ଯାତ୍ରା କମିଟିର ସମୀର ରଞ୍ଜନ ବାବୁ, ଝାଡୁଆପଡାର ସରୋଜ କୁମାର ଦଳପତ, ସୁଶାନ୍ତ କୁମାର ପୁରୋହିତ, ମୁଦିପଡାର ସୁନୀଲ କୁମାର ଦାଶ, ବଡ ବଜାରର ପଞ୍ଚାନନ ତ୍ରିପାଠୀ, ଠାକୁରପଡାର ଶିବ ପ୍ରଧାନ, ଏସ୍ଡିପିଓ ତପନ କୁମାର ମହାନ୍ତି ଆଲୋଚନାରେ ଭାଗ ନେଇଥିଲେ। ଏହାପରେ ଏସ୍ପି ଡ. କନୱର ବିଶାଳ ସିଂଙ୍କ ସହ ଆଲୋଚନା କରାଯାଇଥିଲା।



ଗୁରୁବାର ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା କମିଟି ଓ ଜନପ୍ରତିନିଧିମାନେ ଏସ୍ପିଙ୍କ ସହ ଯାତ୍ରା ବିଷୟରେ ଆଲୋଚନା କରିବାକୁ ଯାଉଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ଋଣ ଧମାକା ଋଣ ଧମାକା ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର PM ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ ବ୍ୟବସାୟ ରାଶନକାର୍ଡ ପର୍ସନାଲ ପ୍ରପର୍ଟି ଗ୍ରୁପ୍ ଋଣ ଗୃହ ଋଣ ପଶୁପାଳନ
କମ୍ କାଗଜ-ପତ୍ର କାମ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929883586
8929889612
Shahajahanabad, Bhopal (MP)

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, ଜୁଆ-ସଟ୍ଟା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସରକାରଙ୍କ ପକ୍ଷରୁ ମେ ୨୫ରୁ ଘରୋଇ ବିମାନ ଚଳାଚଳ ଲାଗି ନିଷ୍ପତ୍ତି ହୋଇଛି। ତେବେ ଯାତ୍ରୀଙ୍କ ପାଇଁ କେତେକ ମାର୍ଗଦର୍ଶିକା ଜାରି କରାଯାଇଛି। ଯାତ୍ରୀମାନଙ୍କୁ ୪ ଘଣ୍ଟା ପୂର୍ବରୁ ବିମାନ ବନ୍ଦରରେ ପହଞ୍ଚିବାକୁ ପଡ଼ିବ। ସେହିପରି ମାସ୍କ ଏବଂ ଚଷମା ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ସାଙ୍ଗରେ ଗୋଟିଏ ବ୍ୟାଗ୍‌ରୁ ଅଧିକା ସାମଗ୍ରୀ ଆଣିଲେ ଯାତ୍ରୀଙ୍କୁ ଯାତ୍ରା ଲାଗି ଅନୁମତି ଦିଆଯିବ ନାହିଁ। ସେହିପରି ସାମାଜିକ ଦୂରତା ବଜାୟ ରଖିବା ପାଇଁ ଦୁଇ ସିଟ୍ ମଧ୍ୟରେ ଗୋଟିଏ ସିଟ୍ ଖାଲି ରହିବ।

# ସାଇକେଲରେ ୧୨ ଶହ କିମି

## ବାପାଙ୍କୁ ବସାଇ ବୋହିଲେ ଝିଅ



**ପାଟନା:** ଲକ୍‌ଡାଉନରେ ସମସ୍ତଙ୍କଠୁ ବଳିଯାଇଛି ଶ୍ରମିକଙ୍କ ଦୁଃଖ। କାମ କରିବାକୁ ବିହାରରୁ ସୁଦୂର ହରିୟାଣାର ଗୁରୁଗ୍ରାମକୁ ଯାଇଥିଲେ। ହେଲେ ଲକ୍‌ଡାଉନ ଘୋଷଣା ପରେ କାମଧନ୍ଦା ବନ୍ଦ ହୋଇଗଲା। ବସ୍, ଟ୍ରେନ୍‌ଆଦି ଚଳାଚଳ ମଧ୍ୟ କରି ନ ଥିଲା। ପାଖରେ ଥିବା ଟଙ୍କା ଧୀରେ ଧୀରେ ସରିବା ସାଙ୍ଗକୁ ଶରୀର ଅସୁସ୍ଥ ହୋଇପଡ଼ିଥିଲା। ଏଭଳି ପରିସ୍ଥିତିରେ ଘରକୁ ଫେରିବାକୁ କୌଣସି ରାସ୍ତା ପାଇ ନ ଥିଲେ ବିହାର ରାଜ୍ୟ ଦରଭଙ୍ଗା ଜିଲାର ମୋହନ ପାଶ୍ୱାନ। ଏହି ସମୟରେ ୧୫ ବର୍ଷର ଝିଅ ଜ୍ୟୋତି ବାପାଙ୍କୁ ଧୈର୍ଯ୍ୟ ଓ ସାହସ ଦେଇ କହିଲେ, ମୁଁ ଅଛି, ତୁମେ କିଛି ଚିନ୍ତା କରନି। ଇଚ୍ଛା ଥିଲେ ରାସ୍ତା ଆପେ ମିଳିଯାଏ। ଏହାକୁ ପ୍ରମାଣିତ କରିଥିଲେ ଜ୍ୟୋତି। ବାପାଙ୍କୁ ସାଇକେଲ ପଛରେ ବସାଇ ଦରଭଙ୍ଗା ଅଭିମୁଖେ ପ୍ୟାଡେଲ ମାରିଲେ। ୭ ଦିନରେ ସେ ପ୍ରାୟ ୧୨ ଶହ କିଲୋମିଟର ଅତିକ୍ରମ କରି ମଙ୍ଗଳବାର ଘରେ ପହଞ୍ଚିଥିଲେ।

ଦୈନିକ ପ୍ରାୟ ୧୦୦ରୁ ୧୫୦ କି.ମି. ପ୍ୟାଡେଲ ମାରିଥିବା ଜ୍ୟୋତି କୁହନ୍ତି। ହାଲିଆ ଲାଗିଲେ ସାଇକେଲ ରଖି ପାଖରେ ଥିବା ପାଣିରେ ମୁହଁ ଧୋଇବା ସହ ବାପାଙ୍କୁ କିଛି ବିସ୍କୁଟ ଓ ପାଣି ଦେଇ ପୁଣି ଲକ୍ଷ୍ୟପଥରେ ଆରମ୍ଭ ହୁଏ ଯାତ୍ରା। ଯାତ୍ରା କଥା ମନେପକାଇ ସେ କୁହନ୍ତି, ତାଙ୍କ ଉପରେ ବାପାଙ୍କ ବିଶ୍ୱାସ ହିଁ ସବୁ ବାଧା ଅତିକ୍ରମକରି ଘରେ ପହଞ୍ଚିବାକୁ ସହଜ କରିଥିଲା। ସେ କୋହ ସମ୍ଭାଳି ନ ପାରି ଆହୁରି ମଧ୍ୟ କହିଛନ୍ତି, ମୋତେ ୨ଦିନ ଭୋକରେ ରହିବାକୁ ପଡ଼ିଥିଲେ ମଧ୍ୟ ବାପାଙ୍କୁ ଭୋକରେ ରଖି ନାହିଁ। ଏମିତିକି ରାସ୍ତାରେ ଯାଉଥିବା କେତେଜଣ ଲୋକ ଖାଦ୍ୟ ଓ ପାନୀୟ ଦେଇ ସାହାଯ୍ୟର ହାତ ବଢ଼ାଇଥିବା ସେ କହିଛନ୍ତି। ଫେରିବା ପରେ ସେ ବାପାଙ୍କ ସହ ସଙ୍ଗରୋଧରେ ରହିଥିଲେ। ଏହି ସମୟରେ ସେ ଚର୍ଚ୍ଚାର ପରିସରକୁ ଆସି ଦରଭଙ୍ଗାର ଶ୍ରବଣ କୁମାରୀ ଭାବେ ପରିଚିତ ହୋଇଛନ୍ତି। ଦରଭଙ୍ଗା ଜିଲାପାଳ ତ୍ୟାଗରଞ୍ଜନ ଏସ୍‌ଏମ୍ ତାଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ତାଙ୍କୁ ଶିକ୍ଷା କ୍ଷେତ୍ରରେ ମଧ୍ୟ ସହଯୋଗ ପାଇଁ ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେଇଛି।

### ସିଏଫ୍‌ଆଇରୁ ଆସିଲା ଡକରା

ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ(ସିଏଫ୍‌ଆଇ) ଆସନ୍ତା ମାସରେ ଜ୍ୟୋତିଙ୍କୁ ଟ୍ରାଏଲରେ ଡାକିବାକୁ ନିଷ୍ପତ୍ତି ନେଇଛି। ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆର ଚେୟାରମ୍ୟାନ ଓଁକାର ସିଂଙ୍କ କହିବା ଅନୁସାରେ ୮ମ ଶ୍ରେଣୀରେ ପଢୁଥିବା ଜ୍ୟୋତି ଯଦି ଟ୍ରାଏଲରେ ସଫଳ ହୁଅନ୍ତି ତେବେ ଜାତୀୟ ସାଇକ୍ଲିଂ ଏକାଡେମୀରେ ଟ୍ରେନିଂ ନେବାକୁ ମନୋନୀତ ହେବେ। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ତତ୍ତ୍ୱାବଧାନରେ ପରିଚାଳିତ ଏହି ଏକାଡେମୀ ଏସିଆର ଅନ୍ୟତମ ଶ୍ରେଷ୍ଠ। ଏଠାରେ ଆଧୁନିକ ସୁବିଧା ସୁଯୋଗ ଉପଲବ୍ଧ। "ଆମେ ଜ୍ୟୋତିଙ୍କ ସହିତ କଥା ହୋଇଛୁ। ଲକ୍‌ଡାଉନ୍ ଉଠିଲେ ଆମେ ଆସନ୍ତା ମାସରେ ତାଙ୍କୁ ଟ୍ରାଏଲ ପାଇଁ ଡାକିବୁ। ତାଙ୍କର ସମସ୍ତ ଖର୍ଚ୍ଚ ଆମେ ବହନ କରିବୁ। ସେ ଯଦି ସାଥିରେ କାହାକୁ ଆଣିବାକୁ ଚାହିଁବେ ସେଥିପାଇଁ ମଧ୍ୟ ଅନୁମତି ଦିଆଯିବ।

# 'ମ୍ୟାନ୍ସ ୱାର୍ଲଡ ଇଣ୍ଡିଆ'ର କଭର ଗର୍ଲ ତାପସୀ



**ମୁମ୍ବାଇ:** ଲକ୍‌ଡାଉନ ପାଇଁ ଏବେ ପ୍ରାୟ ସବୁ ସେଲିବ୍ରିଟି ଘରେ ବନ୍ଦହୋଇ ରହିଛନ୍ତି। ତେବେ ଏହି ସମୟରେ ଘରେ ବନ୍ଦ ହୋଇ ରହି ମଧ୍ୟ 'ମ୍ୟାନ୍ସ ୱାର୍ଲଡ ଇଣ୍ଡିଆ' ମାଗାଜିନର କଭର ଗର୍ଲ ହୋଇପାରିଛନ୍ତି ବଲିଉଡ୍ ନାୟିକା ତାପସୀ ପନ୍ନୁ। ଏହାର ମେ' ମାସର ମାଗାଜିନ ପାଇଁ କଭର ଫଟୋ ତାପସି ନିଜ ଘରେ ଶୁଟ୍ କରିଛନ୍ତି। ନିକଟରେ ସୋସିଆଲ ମିଡିଆରେ ସେ ଏହା ଶେୟାର କରିବା ପରେ ଏକଥା ଜଣାପଡିଛି। ଫଟୋ ଶେୟାର କରି ତାପସୀ ଲେଖିଛନ୍ତି, ଲକ୍‌ଡାଉନ ସମୟରେ ଯେତେବେଳେ ଆପଣ ଷ୍ଟାଇଲିଷ୍ଟ, ଫଟୋଗ୍ରାଫର, କନ୍‌ସେପ୍ଟ ଡିଜାଇନର, ଫଟୋ ଏଡିଟର, ଆର୍ଟ ଡାଇରେକ୍ଟରଙ୍କ ସହ ଅଛନ୍ତି ତା'ର ଆଉଟ୍ ପୁଟ୍ ଏହା ହିଁ ହେବ। ତେବେ କ୍ୱାରାଣ୍ଟାଇନ ଫଟୋ ସିରିଜ ପାଇଁ ହେୟାର ମେକ୍‌ଅପ୍ ଓ ବାଲାନ୍ସିଂର କ୍ରେଡିଟ ସେ ନିଜେ ନେବେ ବୋଲି କହିଛନ୍ତି। ତେବେ ଫଟୋ ଶୁଟ୍ ପାଇଁ ସବୁ ସଟ୍‌ସର କନ୍‌ସେପ୍ଟ ଓ ଡିଜାଇନ ଦେବଙ୍କିଙ୍କୁ ଦିଆଯିବ। ଯିଏକି ତାପସୀଙ୍କ ଷ୍ଟାଇଲିଷ୍ଟ ଓ ସିଷ୍ଟର ଇନ୍ ଲ' ବୋଲି ଜଣାପଡ଼ିଛି। ଲକ୍‌ଡାଉନ ସମୟରେ ଏମାନେ ଦୁହେଁ ଏକାଠି ସମୟ କାଟୁଛନ୍ତି। ତେବେ ଏହି ମାଗଜିନର କଭର ପେଜ୍ ଫଟୋ ଶୁଟ୍ ପାଇଁ ତାପସୀଙ୍କ ଘରର ପ୍ରତିଟି କୋଣ ଯେମିତିକି କିଚେନ, ବାଥ୍‌ରୁମ୍, ଲିଭିଙ୍ଗ ରୁମ୍, ବାଲ୍‌କୋନି ଯେଉଁଠି ଯେଉଁଠି ତାପସୀ ଲକ୍‌ଡାଉନରେ ସମୟ କାଟିଛନ୍ତି ସେସବୁକୁ ବଛାଯାଇଥିବା ବେଳେ ଏହାକୁ କିନ୍ତୁ ପରେ କପଡ଼ାରେ ଢାଙ୍କି ଦିଆଯାଇଛି।

# ସାନିଟାଇଜ୍ କରୁଛି କରୋନା ରୋବୋ



**ଚେନ୍ନାଇ:** କରୋନା ମହାମାରୀକୁ ନେଇ ସମସ୍ତେ ଚିନ୍ତିତ। ବିଶେଷକରି ଲକ୍‌ଡାଉନ୍ ସମୟରେ ଲୋକମାନେ ବାହାରକୁ ନ ବାହାରବା, ସାମାଜିକ ଦୂରତ୍ୱ ରକ୍ଷାକରିବା ଆଦି କଟକଣା ବ୍ୟତିବ୍ୟସ୍ତ କରିପକାଇଛି। ପରିଷ୍କାର ପରଚ୍ଛନ୍ନତାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଲୋକଙ୍କୁ ଅଧିକରୁ ଅଧଇକ ସତର୍କ ରହିବା ଓ ସଚେତନ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଲୋକଙ୍କୁ ସଚେତନ କରିବା ପାଇଁ ପ୍ରାୟ ସବୁ ଦେଶରେ କରୋନା ହେଲ୍‌ମେଟ, କରୋନା ପୋଷାକ, କରୋନା ଗାଡ଼ି ଆଦି ଦେଖିବାକୁ ମିଳୁଛି। ଆମ ଦେଶର ବିଭିନ୍ନ ରାଜ୍ୟରେ ବି କରୋନା ଭାଇରସ୍ ଥିମ୍‌କୁ ନେଇ ଲୋକଙ୍କୁ ସଚେତନ କରାଇବାକୁ ଚେଷ୍ଟା କରାଯାଉଛି। ଏ କ୍ଷେତ୍ରରେ ଏବେ ଚେନ୍ନାଇରେ କାମ କରୁଛି କରୋନା ଥିମ୍ ରୋବୋ। କରୋନା ଥିମ୍‌ରେ ଏହି ରୋବୋ ସହରର ବିଭିନ୍ନ ଅଞ୍ଚଳ ବୁଲି ସାନିଟାଇଜ୍ କରୁଛନ୍ତି।

ଏଭଳି ଏକ ରୋବୋ ଡିଜାଇନ୍ କରିଛନ୍ତି ଚେନ୍ନାଇର ଡିଜାଇନର୍ ଗୋଥାମ୍। ତାଙ୍କ କହିବା ଅନୁସାରେ ଏହି ରୋବୋଟି ଥରକେ ୩୦ ଲିଟର ଜୀବାଣୁ ନାଶକାରୀ ପଦାର୍ଥ ବା ସାନିଟାଇଜର୍ ରଖିବାର କ୍ଷମତା ରଖିଛି। ଏହା ଏବେ ପ୍ରୋଟୋଟାଇପ୍ ଭଳି ତିଆରି ହୋଇଥିବାବେଳେ ଏହାକୁ ଆହୁରି ଉନ୍ନତ କରିବା ପାଇଁ ଚେଷ୍ଟା ଚାଲିଛି। ଏବେ ଏହି ରୋବୋଗୁଡ଼ିକୁ କରୋନା ଥିମ୍‌ରେ ତିଆରି ହୋଇଥିବା ଏକ ତିନିଚକିଆ ଗାଡ଼ିରେ ନିଆଯାଇ ବିଭିନ୍ନ ଅଞ୍ଚଳର ସାନିଟାଇଜ୍ କରାଯାଉଛି।

ସ୍ୱତନ୍ତ୍ର କରୋନା ଅଟୋରେ କରୋନା ରୋବୋ କାମ କରୁଥିବାର ଦେଖି ଲୋକଙ୍କ ଉପରେ ଏ ନେଇ ଅଧିକ ପ୍ରଭାବ ପଡୁଛି ବୋଲି ସ୍ଥାନୀୟ ଅଧିକାରୀମାନେ କହୁଛନ୍ତି। ତେବେ ଲୋକେ ମଧ୍ୟ ଏସବୁ ଦେଖିବା ପରେ ଅଧିକ ସଚେତନ ହେଉଛନ୍ତି।

# ମହଙ୍ଗା ସଙ୍ଗରୋଧ: ଘଣ୍ଟାକୁ ୭୫୦୦ ଟଙ୍କା



**ୱାଶିଂଟନ:** କରୋନା ଆସିଛି। ଆଉ ସାଥିରେ ନେଇଆସିଛି ସଙ୍ଗରୋଧ, ଏକାନ୍ତବାସ, ହାତଧୁଆ, ସାମାଜିକ ଦୂରତା ଭଳି ଅନେକ ବ୍ୟବସ୍ଥା। କୋଭିଡ୍-୧୯ର ପ୍ରତିକୂଳ ପ୍ରଭାବ ବିଶ୍ୱ ଅର୍ଥନୀତିକୁ ଧରାଶାୟୀ କରିଦେଇଛି। ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଆମେରିକା। ହେଲେ ଆମେରିକୀୟଙ୍କ ମାନସିକତା ଉପରେ ଏହା ସାମାନ୍ୟତମ ପ୍ରଭାବ ପକାଇ ପାରି ନ ଥିବା ଭଳି ମନେହେଉଛି। କାରଣ କରୋନା ସଙ୍କଟ ସମୟରେ ବ୍ୟକ୍ତିଗତ ସଙ୍ଗରୋଧ ଖୋଜୁଛନ୍ତି ଏଠାକାର କର୍ମଜୀବୀ। ଏଥିଲାଗି ସେମାନେ ଖର୍ଚ୍ଚ କରୁଛନ୍ତି ଘଣ୍ଟାକୁ ସାଢେ ୭ହଜାର ଟଙ୍କା।

କରୋନା ସଂକ୍ରମଣ ପ୍ରତିରୋଧ ଲାଗି ଆମେରିକାରେ ୱାର୍କ ଫ୍ରମ୍ ହୋମ୍ ଚାଲିଛି। କେତେକ କ୍ଷେତ୍ରରେ କମ୍ପାନୀ ପକ୍ଷରୁ କର୍ମଚାରୀଙ୍କ ଲାଗି ରହିବା ଖାଇବା ବ୍ୟବସ୍ଥା କରାଯାଇଛି। ହେଲେ ବ୍ୟକ୍ତିଗତ ଗୋପନୀୟତା ରକ୍ଷା, ରୁମ୍ ପାର୍ଟନରଙ୍କୁ ଆରାମ ଦେବା, କାର୍ଯ୍ୟସ୍ଥଳରୁ ସାମୟିକ ବିଶ୍ରାମ ନେଇ ଫ୍ରେଶ୍ ହେବା ଏବଂ ଭିଡ଼ରୁ ବର୍ତ୍ତିବା ଲାଗି ବ୍ୟକ୍ତିଗତ ସଙ୍ଗରୋଧ ପ୍ରକୋଷ୍ଠ ଲୋଡୁଛନ୍ତି ଆମେରିକୀୟ। ସବୁଠାରୁ ବଡ଼କଥା ସହଜ ଏବଂ ସୁବିଧାରେ ବ୍ୟକ୍ତିଗତ ସଙ୍ଗରୋଧ ପ୍ରକୋଷ୍ଠ ଖୋଜିବା ଲାଗି ରହିଛି ଆପ୍। ସେଥିରୁ 'ଗ୍ଲୋବାଲ୍ ଆପ୍' ଅନ୍ୟତମ, ଯାହାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ନ୍ୟୁୟର୍କ, ସାନ୍ ଫ୍ରାନ୍ସିସ୍‌କୋ, ମିୟାମି ଭଳି ଆର୍ଥିକ ସମୃଦ୍ଧିଶାଳୀ ଅଞ୍ଚଳରେ ଏହାର ବହୁଳ ବ୍ୟବହାର ହେଉଛି।

ପ୍ରକୋଷ୍ଠ ବୁକ୍ କରିବା ଲାଗି ଆପ୍ ମାଧ୍ୟମରେ ନିର୍ଦ୍ଦିଷ୍ଟ ସୂଚନା ଦେବାକୁ ପଡ଼ିଥାଏ। ରୁମ୍ ଭଡ଼ାରେ ନେବା ଆଗରୁ କରୋନା ସମ୍ପର୍କିତ କୌଣସି ଲକ୍ଷଣ, ଥଣ୍ଡା, ଜ୍ୱର ହୋଇ ନ ଥିବା ନେଇ ସ୍ପଷ୍ଟୀକରଣ ଦେବା ବାଧ୍ୟତାମୂଳକ। ଏହାକୁ ବାଦ୍‌ଦେଲେ ଶରୀରର ତାପମାତ୍ରା ଦର୍ଶାଉଥିବା ଥର୍ମୋମିଟରର ଫଟୋ ମଧ୍ୟ ଅପ୍‌ଲୋଡ୍ କରିବାକୁ ପଡ଼ିଥାଏ। ଆପ୍‌ରେ ଥିବା ସର୍ତ୍ତ ପୂରଣ କରିବା ପରେ ହିଁ ରୁମ୍ ମିଳିଥାଏ। ହେଲେ ଏଠାରେ ସାରା ରାତି ଅଟକିବାକୁ କୌଣସି ସୁବିଧା ନାହିଁ। ଜଣେ ଚାହିଁଲେ ମାତ୍ର କିଛି ଘଣ୍ଟା ଲାଗି ଏଭଳି ପ୍ରକୋଷ୍ଠକୁ ବ୍ୟବହାର କରିପାରିବେ। ବିଶେଷ କରି ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍‌ରୁ ବର୍ତ୍ତିବା ଲାଗି ପ୍ରେମୀଯୁଗଳ, ଭାବି ଦମ୍ପତି ଏବଂ କର୍ମଜୀବୀମାନେ ଏଭଳି ରୁମ୍ ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି। ସୂଚନାଯୋଗ୍ୟ, କର୍ମଜୀବୀଙ୍କ ସୁଖସୁବିଧା ଲାଗି ଦୁଇବନ୍ଧୁ ଇମାନ୍ୟୁଏଲ ବାଙ୍ଗୋ (୩୦) ଏବଂ ଏରିକ୍ ଝୁ (୩୬) ୨୦୧୯ରେ 'ଗ୍ଲୋବାଲ ଆପ୍'ର ବିକାଶ କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଘରଠୁ ଦୂରରେ ରହି କାମ କରୁଥିବା କର୍ମଚାରୀଙ୍କୁ ସାମୟିକ ବିଶ୍ରାମ ବ୍ୟବସ୍ଥା ଉପଲବ୍ଧ କରାଇବା। ହେଲେ କରୋନା ସଙ୍କଟ ସମୟରେ ଏହାର ଚାହିଦା ବେଶ୍ ବଢ଼ିଯାଇଛି।

# ବଦ୍ରିନାଥ ମନ୍ଦିରରେ ବାଜେ ନାହିଁ ଶଙ୍ଖ



**ଚମେଲି:** ସାଧାରଣତଃ ପ୍ରାୟ ଦେବଦେବୀଙ୍କ ମନ୍ଦିରରେ ପୂଜାପାଠ ସମୟରେ ଶଙ୍ଖ ବଜାଯାଇଥାଏ। ମାତ୍ର ଏମିତି ଏକ ମନ୍ଦିର ରହିଛି, ଯେଉଁଠି କେବେ ଶଙ୍ଖ ବାଜେ ନାହିଁ। ବାସ୍ତବରେ ଏହା ପଛରେ ଏକ ପୌରାଣିକ କାହାଣୀ ରହିଛି। ଯାହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ଉତ୍ତରାଖଣ୍ଡର ଚମେଲି ଜିଲା ଅଳକାନନ୍ଦା ନଦୀ କୂଳରେ ବଦ୍ରିନାଥ ମନ୍ଦିର ରହିଛି। ଯାହା ହିନ୍ଦୁଧର୍ମର ପବିତ୍ର ୪ ଧାମ ମଧ୍ୟରୁ ଗୋଟିଏ ଭାବରେ ପରିଗଣିତ। ଭଗବାନ ବିଷ୍ଣୁ ଏହି ମନ୍ଦିରରେ ପୂଜା ପାଇଥାନ୍ତି। ଏହି ମନ୍ଦିରରେ ଭିନ୍ନ ଏକ ପରମ୍ପରା ରହିଛି। ଏହି ମନ୍ଦିର ନିର୍ମାଣ ୭-୯ ଶତାବ୍ଦୀରେ ହୋଇଥିବା ପ୍ରମାଣ ମିଳିଥାଏ। ଏହା ଭାରତର ସବୁଠାରୁ ଜନବହୁଳ ତୀର୍ଥସ୍ଥାନ ମଧ୍ୟରୁ ଏକ। କାରଣ ଏଠାରେ ପ୍ରତିବର୍ଷ ଲକ୍ଷାଧିକ ଭକ୍ତ ଭଗବାନ ବଦ୍ରିନାରାୟଣଙ୍କ ଦର୍ଶନ କରିବାକୁ ଆସିଥାନ୍ତି। ଏହି ମନ୍ଦିରରେ ଭଗବାନ ବଦ୍ରିନାରାୟଣଙ୍କ ୧ ମିଟର ଲମ୍ବର ଶାଳଗ୍ରାମ ମୂର୍ତ୍ତି ରହିଛି। ନିକଟସ୍ଥ ନାରଦା କୁଣ୍ଡରୁ ପ୍ରଭୁ ଶିବଙ୍କ ଅବତାର ବୋଲି ବିବେଚନା କରାଯାଉଥିବା ବେଳେ ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଏହା ସ୍ଥାପିତ ହୋଇଥିଲା। କୁହାଯାଏ, ଏହି ମୂର୍ତ୍ତି ନିଜେ ପୃଥିବୀପୃଷ୍ଠରେ ପ୍ରକଟ ହୋଇଥିଲା।

ଏହି ମନ୍ଦିରରେ ଶଙ୍ଖ ନ ବାଜିବା ପଛରେ ଏକ ପୌରାଣିକ ରହସ୍ୟ ଅଛି କି, ହିମାଳୟ କ୍ଷେତ୍ରରେ ରାକ୍ଷସମାନଙ୍କର ଆତଙ୍କ ଥିଲା। ସେ ଏତେ ଉତ୍ପାତ କରୁଥିଲେ କି, ମୁନିଋଷିମାନେ ମନ୍ଦିର କିମ୍ବା ଆଶ୍ରମରେ ଭଗବାନଙ୍କ ପୂଜାର୍ଚ୍ଚନା କରିପାରୁ ନ ଥିଲେ। ରାକ୍ଷସଙ୍କ ଏହି ଉତ୍ପାତ ଦେଖି ଋଷି ଅଗସ୍ତ୍ୟ ମା' ଭଗବତୀଙ୍କ ସାହାଯ୍ୟ ନେଇଥିଲେ। ପରେ ମା' କୁଷ୍ମାଣ୍ଡା ଦେବୀ ରୂପରେ ପ୍ରକଟ ହୋଇଥିଲେ ଏବଂ ନିଜର ତ୍ରିଶୂଳ, ଖଣ୍ଡା ସାହାଯ୍ୟରେ ରାକ୍ଷସଙ୍କୁ ବିନାଶ କରିଥିଲେ। ଏହି ସମୟରେ ଆତାପି ଏବଂ ବାତାପି ନାମକ ଦୁଇ ରାକ୍ଷସ ମା' କୁଷ୍ମାଣ୍ଡାଙ୍କ ପ୍ରକୋପରୁ ବଞ୍ଚିବା ପାଇଁ ଦୌଡ଼ି ପଳାଇଥିଲେ। ଆତାପି ମନ୍ଦାକିନୀ ନଦୀରେ ଲୁଚିଗଲା ଏବଂ ବାତାପି ବଦ୍ରିନାଥ ଧାମ ଦୌଡ଼ିଯାଇ ଏଠାରେ ଥିବା ଶଙ୍ଖ ଭିତରେ ଲୁଚିଗଲା। ଏହା ପରେ ବଦ୍ରିନାଥ ଧାମରେ ଶଙ୍ଖ ନ ବାଜିବା ପରମ୍ପରା ଆଜି ପର୍ଯ୍ୟନ୍ତ ଚାଲିଆସୁଛି।

# ସୁସ୍ଥ ପରେ ବି ୮୨ ଦିନ ରହେ ପଜିଟିଭ୍

## କରୋନା କକ୍ଷଣ




**ସିଓଲ:** ୫୦ ଲକ୍ଷରୁ ଅଧଇକ ଲୋକ ଏବେ କରୋନା ମହାମାରୀ କବଳରେ କଲବଲ ହେଉଛନ୍ତି। ପୃଥିବୀରେ କରୋନା ସଂକ୍ରମଣ ନେଇ ଅଚଳାବସ୍ଥା ଜାରି ରହିଛି। ଆମେରିକା, ୟୁରୋପ ସମେତ ୨୧୩ ଦେଶରେ କରୋନା ନିଜର ଅଧିକାର ଜାହିର କରିଛି। ଅନେକ ସଂକ୍ରମିତ ସୁସ୍ଥ ହେଉଥିଲେ ବି ସେମାନଙ୍କ ଶରୀରରେ କରୋନା ଭୂତାଣୁ ମରିଯାଇଛି ବୋଲି କୁହାଯାଇ ପାରିବନି। ଦକ୍ଷିଣ କୋରିଆର ଗବେଷକ ଦାବି କରିଛନ୍ତି ଯେ, ସୁସ୍ଥ ହୋଇଥିବା ସଂକ୍ରମିତଙ୍କ ରିପୋର୍ଟ ୮୨ ଦିନ ପର୍ଯ୍ୟନ୍ତ ବି କରୋନା ପିଜିଟିଭ୍ ଆସିବାର ଆଶଙ୍କା ରହିଛି। ସୁସ୍ଥ ହୋଇଥିବା ସଂକ୍ରମିତଙ୍କ ଶରୀରରେ କରୋନା ଭୂତାଣୁର କିଛି ମୃତ ଅବଶେଷ ରହିଥିବାରୁ ଏଭଳି ରିପୋର୍ଟ ଆସିଥାଏ। ଦକ୍ଷିଣ କୋରିଆର ରୋଗ ନିୟନ୍ତ୍ରଣ ଏବଂ ପ୍ରତିଷେଧକ କେନ୍ଦ୍ରର ଗବେଷକ ୨୮୫ ଜଣ ସୁସ୍ଥ ହୋଇଥିବା ସଂକ୍ରମିତଙ୍କ ଉପରେ ଅଧ୍ୟୟନ କରି ଏହା ଜାଣିପାରିଛନ୍ତି। ତେଣୁ ଏବେ ଦକ୍ଷିଣ କୋରିଆର ମାର୍ଗଦର୍ଶିକାରେ କେତେକ ପରିବର୍ତ୍ତନ କରାଯାଇଛି। ନୂଆ ମାର୍ଗଦର୍ଶିକା ଅନୁସାରେ କରୋନାରୁ ସୁସ୍ଥ ହୋଇଥିବା ସଂକ୍ରମିତଙ୍କୁ ଆଉ ନେଗେଟିଭ୍ ରିପୋର୍ଟ ଦେଖାଇବାର ଆବଶ୍ୟକତା ପଡ଼ିବ ନାହିଁ। ତେବେ ଆଇସୋଲେଶନ୍ ସମୟ ପୂରା କରିଥିବା ସଂକ୍ରମିତଙ୍କ ଶରୀରରେ କରୋନା ପ୍ରତିରୋଧୀ ଆଣ୍ଟିବଡ଼ି ସୃଷ୍ଟି ହୋଇସାରିଥାଏ ବୋଲି ଗବେଷକ କହିଛନ୍ତି। ଏହା ସେମାନଙ୍କର ରକ୍ତ ନମୁନା ପରୀକ୍ଷାରୁ ଜଣାପଡ଼ିଥାଏ।

# ଲକ୍‌ଡାଉନ୍ ସରିବାର ସ୍ୱପ୍ନ ଦେଖୁଛନ୍ତି ହୁମା



**ମୁମ୍ବାଇ:** ସମଗ୍ର ବିଶ୍ୱ ଏବେ କୋଭିଡ-୧୯ କବଳିତ। ଏହାର ସଂକ୍ରମଣ ରୋକିବାକୁ ସମଗ୍ର ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ ବଲିଉଡ୍ ଅଭିନେତା ଅଭିନେତ୍ରୀ ସମସ୍ତେ ଏକ ପ୍ରକାର ବନ୍ଦ ହୋଇ ଘରେ ନିଜର କ୍ୱାଲିଟି ସମୟ ଅତିବାହିତ କରୁଛନ୍ତି। କିନ୍ତୁ ଘରେ ରହି ବହୁତ ଅଭିନେତା ଅଭିନେତ୍ରୀ ଶୁଟିଂ ସେଟ୍‌କୁ ମିସ୍ କରୁଛନ୍ତି। ଅଭିନେତ୍ରୀ ହୁମା ବର୍ତ୍ତମାନ ନିଜ ପରିବାର ସହିତ ସମୟ କାଟୁଥିବା ବେଳେ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ସକ୍ରିୟ ଅଛନ୍ତି। ଯେଉଁଥିରେ ତାଙ୍କର ଡେଲି ଡାୟରୀ ଦେଖିବାକୁ ମିଳୁଛି। ନିକଟରେ ସେ ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯେଉଁଥିରେ ଡ୍ୟାନ୍ସ କରୁଥିବା ନଜର୍ ଆସିଛନ୍ତି। ଏହାକୁ ଶେୟାର କରି ସେ ଉଲ୍ଲେଖ କରିଛନ୍ତି ଯେ, ଲକ୍‌ଡାଉନ୍ ସରିଲେ ମୁଁ ଏହିପରି ଡ୍ୟାନ୍ସ କରିବି। ହୁମା ଆହୁରି କହିଛନ୍ତି ଯେ, ବସି ବସି ବୋର୍ ହୋଇଗଲିଣି। ଏ ଲକ୍‌ଡାଉନ୍ କେବେ ସରିବ। ଲକ୍‌ଡାଉନ୍ ସରିବାର ସ୍ୱପ୍ନ ବହୁତ ଥର ଦେଖିଲିଣି। କିନ୍ତୁ ତାହା ଏପର୍ଯ୍ୟନ୍ତ ସତ ହେଉନି। ଯେବେ ସରିବ ମୁଁ ମନ ଖୋଲି ନାଚିବି ବୋଲି ହୁମା ତାଙ୍କ ଫ୍ୟାନ୍‌ମାନଙ୍କୁ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଜଣାଇଛନ୍ତି।

# ପୁଅ ଜନ୍ମଦିନରେ ଭାବବିହ୍ୱଳ ହେଲେ ଶିଳ୍ପା



**ମୁମ୍ବାଇ:** ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ସୋସିଆଲ ମିଡିଆରେ ଆଜିକାଲି ବେଶ୍ ଆକ୍ଟିଭ୍ ରହୁଛନ୍ତି। ଅଧିକାଂଶ ସମୟରେ ସେ ନିଜ ଫଟୋ, ପରିବାର ସଦସ୍ୟଙ୍କ ଫଟୋ, ଭିଡିଓ ଆଦି ଶେୟାର ମଧ୍ୟ କରୁଛନ୍ତି। ସେହିପରି ଗୁରୁବାର ପୁଅ ଭିୟାନ୍‌ଙ୍କ ୮ମ ଜନ୍ମଦିନରେ ଏକ ଫଟୋ ପୋଷ୍ଟ କରି ଏଥିରେ ସେ ଭିୟାନଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଇବା ସହ କିଛି କ୍ୟାପ୍‌ଶନ୍ ଲେଖି ପୁଅ ପ୍ରତି ନିଜର ସ୍ନେହ ବ୍ୟକ୍ତ କରିଛନ୍ତି। ଶିଳ୍ପା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରି କ୍ୟାପଶନ୍ ଲେଖିଛନ୍ତି, 'ମୋ'ପ୍ରିୟ ପୁଅ ଭିୟାନ୍ ରାଜ୍‌ର ଆଜି ହେଉଛି ୮ମ ଜନ୍ମଦିନ। ଯେତେବେଳେ ମୋର ଜରୁରୀ ପଡ଼ିବ ମୁଁ ତୁମ ସହିତ ରହିବି। ମୁଁ ତୁମକୁ ଭଲ ପାଇବା ବନ୍ଦ କରିବି ନାହିଁ, ମୁଁ ତୁମ ଉପରେ ସବୁବେଳେ ବିଶ୍ୱାସ କରିବି । ତୁମେ ମୋର ଶ୍ରେଷ୍ଠ ପୁଅ, ତୁମେ ମୋର ଗର୍ବ। ଶିଳ୍ପାଙ୍କ ଏହି ପୋଷ୍ଟକୁ ହ୍ରିତିକ ରୋଶନ, ଦିୟା ମିର୍ଜାଙ୍କ ପରି ଅନେକ ବଲିଉଡ୍ ସେଲିବ୍ରିଟି ପସନ୍ଦ କରିଛନ୍ତି। ଆହୁରି ମଧ୍ୟ ଟାଇଗର ଶ୍ରଫ୍ ଶୁଭ ଜନ୍ମଦିନ ବ୍ରୋ ଲେଖି ଅଭିନନ୍ଦନ ଜଣାଇଛନ୍ତି। ଏଥି ସହିତ ଶିଳ୍ପାଙ୍କ ପ୍ରଶଂସକମାନେ ଏହି ପୋଷ୍ଟରେ କମେଣ୍ଟ ଦେଇଛନ୍ତି ଏବଂ ଭିୟାନକୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଏଥି ସହିତ ଶିଳ୍ପାଙ୍କ ସ୍ୱାମୀ ରାଜ୍ କୁନ୍ଦ୍ରା ମଧ୍ୟ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଫଟୋ ପୋଷ୍ଟ କରି ପୁଅକୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ସେ ମୋ' ଜୀବନ, ମୋ' ହୃଦୟର ସ୍ପନ୍ଦନ ବୋଲି ଲେଖିଛନ୍ତି। ଏପରି ଏକ ସୁନ୍ଦର ପୁଅ ପାଇଁ ଭଗବାନଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି। ଭିୟାନ ମୁଁ ତୁମ ପାଇଁ ଗର୍ବିତ। ସ୍ମରଣଯୋଗ୍ୟ, ଶିଳ୍ପା ଶେଟ୍ଟୀ ୨୦୦୯ରେ ପ୍ରତିଷ୍ଠିତ ବ୍ୟବସାୟୀ ରାଜ୍ କୁନ୍ଦ୍ରାଙ୍କୁ ବିବାହ କରିଥିଲେ।



# ଲଢୁଆ ଯୋଦ୍ଧା ବଲବୀର

**୩ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପୂର୍ବତନ ହକି ଅଧିନାୟକ ବଲବୀର ସିଂ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜଣେ ଖେଳାଳି ଓ କୋଚ୍ ହିସାବରେ ଭାରତ ପାଇଁ ସୁନାମ ଆଣିଦେଇଥିବା ୯୬ ବର୍ଷୀୟ ଏହି ସର୍ବକାଳୀନ ସେଣ୍ଟର ଫରୱାର୍ଡ ଏବେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି....**

ଦୀର୍ଘବର୍ଷ ପରେ କିମ୍ବଦନ୍ତୀ ହକି ଖେଳାଳି ବଲବୀର ସିଂଙ୍କୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଭାରତର ସର୍ବକାଳୀନ ଶ୍ରେଷ୍ଠ ସେଣ୍ଟର ଫରୱାର୍ଡ ବିବେଚିତ ହେଉଥିବା ଏହି ୯୬ ବର୍ଷୀୟ ପୂର୍ବତନ ହକି ଖେଳାଳିଙ୍କ ସ୍ୱାସ୍ଥ୍ୟାବସ୍ଥା ବେଶ୍ ଗୁରୁତର ହୋଇଛି ଓ ସେ ମୋହାଲିର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଏହି ପୂର୍ବତନ ହକି ଅଧିନାୟକଙ୍କ ପୂରା ନାମ ବଲବୀର ସିଂ ଦୋସାଞ୍ଜ୍। ସେ ମଧ୍ୟ ବଲବୀର ସିଂ ସିନିୟର ନାମରେ ପରିଚିତ ଥିଲେ। ୩ଟି ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ହାସଲ କରି ସେ ଭାରତ ତଥା ବିଶ୍ୱ ହକି ଇତିହାସରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ନିଜ ପ୍ରଦର୍ଶନ ବଳରେ ସେ ଭାରତକୁ ୩ ଥର ଅଲିମ୍ପିକ୍ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏବେ ବୟସାଧିକ ହେତୁ ସେ ବିଭିନ୍ନ ରୋଗରେ ପୀଡିତ ହୋଇ ସଂଗ୍ରାମ ଜାରି ରଖିଛନ୍ତି। ଜ୍ୱର ଓ ନିଃଶ୍ୱାସ ନେବାରେ ସମସ୍ୟା ଦେଖାଦେବାରୁ ତାଙ୍କୁ ଗତ ୮ ତାରିଖରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର କୋଭିଡ୍-୧୯ ଟେଷ୍ଟ ନେଗେଟିଭ ବାହାରିଥିଲା। ଭେଣ୍ଟିଲେଟର ସପୋର୍ଟରେ ତାଙ୍କର ଚିକିତ୍ସା ଜାରି ରହିଛି। ସେ ଏବେ ଅର୍ଦ୍ଧ ଅଚେତନ ଅବସ୍ଥାରେ ରହିଛନ୍ତି। ମସ୍ତିଷ୍କରେ ସାମାନ୍ୟ ରକ୍ତ ଜମାଟ ବାନ୍ଧିଛି ବୋଲି ବ୍ରେନ୍ ଏମ୍ଆରଆଇ ସ୍କାନରୁ ଜଣାପଡିଛି। କିଛିଦିନ ତଳେ ସେ ହୃଦ୍‌ଘାତର ମଧ୍ୟ ଶିକାର ହୋଇଥିଲେ। ଡାକ୍ତରମାନେ ତାଙ୍କ ଚିକିତ୍ସାରେ ଲାଗି ପଡିଛନ୍ତି। ସମ୍ପୂର୍ଣ୍ଣ ଭାରତୀୟ କ୍ରୀଡ଼ାଜଗତ ତାଙ୍କ ଆରୋଗ୍ୟ କାମନା କରୁଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ତାଙ୍କୁ ଭେଟିଥିଲେ ଓ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

ହକି ଖେଳାଳିଭାବେ ସଫଳତାର ଶୀର୍ଷକୁ ଛୁଇଁ ଥିବା ବଲବୀର ପଡ଼ିଆରେ ପ୍ରତିପକ୍ଷ ଦଳ ପାଇଁ ଆତଙ୍କ ସାଜିଥିଲେ। ତାଙ୍କ ପ୍ରଦର୍ଶନ ବଳରେ ଭାରତ ୧୯୪୮ ଲଣ୍ଡନ ଅଲିମ୍ପିକ୍ସ, ହେଲସିଙ୍କି ୧୯୫୨ ଓ ମେଲବୋର୍ନ ୧୯୫୬ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। କୌଣସି ଅଲିମ୍ପିକ୍ସ ହକି ଇଭେଣ୍ଟ ଫାଇନାଲରେ ତାଙ୍କର ସର୍ବାଧିକ ଗୋଲ ସ୍କୋର ରେକର୍ଡ ଏବେ ବି ଅତୁଟ ରହିଛି। ୧୯୫୨ ଅଲିମ୍ପିକ୍ସରେ ଭାରତ ଫାଇନାଲରେ ନେଦରଲାଣ୍ଡକୁ ହରାଇ ଚାମ୍ପିୟନ ହୋଇଥିଲା। ନେଦରଲାଣ୍ଡକୁ ୬-୧ ଗୋଲରେ ହରାଇ ଭାରତ ଟାଇଟଲ ଜିତିଥିଲା। ତେବେ ଏହି ସମ୍ପୂର୍ଣ୍ଣ ଏକପାଖିଆ ଫାଇନାଲ ମୁକାବିଲାରେ ଉପ-ଅଧିନାୟକ ଭାବେ ସଫଳ ଭାବେ ଦାୟିତ୍ୱ ତୁଲାଇ ବଲବୀର ୫ଟି ଗୋଲ ସ୍କୋର କରି ନେଦରଲାଣ୍ଡକୁ ଧୂଳି ଚଟାଇଥିଲେ। ତାଙ୍କର ଏହି ୫ ଗୋଲ ରେକର୍ଡକୁ ଏପର୍ଯ୍ୟନ୍ତ କେହି ଭାଙ୍ଗିପାରି ନାହାନ୍ତି। ସେହିପରି ଟୋକିଓ ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜେତା ଭାରତୀୟ ଦଳର ସେ ସଦସ୍ୟ ଥିଲେ। ମେଲବୋର୍ନ ଅଲିମ୍ପିକ୍ସରେ ନିଜ ନେତୃତ୍ୱର ପରାକାଷ୍ଠା ପ୍ରତିପାଦନ କରିଥିଲେ। ତାଙ୍କୁ ଭାରତ ତଥା ବିଶ୍ୱର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ଖେଳାଳିଭାବେ ବିବେଚନା କରାଯାଏ। ତାଙ୍କୁ ମଧ୍ୟ ଆଧୁନିକ ଯୁଗର ଧ୍ୟାନଚାନ୍ଦ ମଧ୍ୟ କୁହାଯାଇଥାଏ।

ହକିରୁ ଅବସର ନେବା ପରେ ସେ କୋଚିଂରେ ମନବଳାଇଥିଲେ ଓ ସଫଳତା ମଧ୍ୟ ପାଇଥିଲେ। କୋଚ୍ ହିସାବରେ ତାଙ୍କ ତତ୍ତ୍ୱାବଧାନରେ ଭାରତ ୧୯୭୫ ହକି ବିଶ୍ୱକପ୍‌ରେ ଟାଇଟଲ ହାସଲ କରିଥିଲା। ସେହିପରି ୧୯୭୧ ବିଶ୍ୱକପ୍‌ରେ ଭାରତ ବ୍ରୋଞ୍ଜ୍ ପଦକ ଜିତିଥିଲା। ତାଙ୍କୁ ୧୯୫୭ରେ ସମ୍ମାନଜନକ ପୁରସ୍କାର ପଦ୍ମଶ୍ରୀ ପ୍ରଦାନ କରାଯାଇଥିଲା। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୟାଲ ଅପେରା ହାଉସ୍‌ରେ ଅଲିମ୍ପିକ ମ୍ୟୁଜିୟମ ଏକ୍ଜିବିଶନ୍‌ରେ ତାଙ୍କୁ ବିଶେଷ ଭାବେ 'ଦି ଅଲିମ୍ପିକ ଜର୍ଣ୍ଣି: ଦି ଷ୍ଟୋରି ଅଫ୍ ଦି ଗେମ୍ସ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କୁ ଏହି ଅବସରରେ ୧୬ତମ ଆଇକନିକ୍ ଅଲିମ୍ପିଆନ ହିସାବରେ ଚୟନ କରାଯାଇଥିଲା। ସେ ପଞ୍ଜାବ ଷ୍ଟେଟ, ପଞ୍ଜାବ ପୋଲିସ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟ ତରଫରୁ ଘରୋଇ ହକି ଖେଳିଥିଲେ। ଜଣେ ଖେଳାଳି ଓ କୋଚ୍ ହିସାବରେ ସେ ଦେଶ ପାଇଁ ଆଶାତୀତ ସଫଳତା ଅର୍ଜନ କରିଛନ୍ତି। ହକି ଦ୍ୱାରା ସେ ଦେଶର ବହୁତ ସେବା କରିଛନ୍ତି। ଜଣେ ଲଢୁଆ ତଥା ଆଟାକିଙ୍ଗ୍ ସେଣ୍ଟର ଫରୱାର୍ଡ ଭାବେ ପରିଚିତ ଥିବା ବଲବୀର ବାସ୍ତବ ଜୀବନରେ ମଧ୍ୟ ସେହିଭଳି ଥିଲେ। କ୍ରୀଡ଼ା ଓ ବାସ୍ତବ ଜୀବନରେ ନିଜର ଲଢୁଆ ପ୍ରବୃତ୍ତି ଯୋଗୁ ସବୁ ସମସ୍ୟାକୁ ପଛରେ ପକାଇ ଆଗକୁ ବଢ଼ିବାରେ ସେ ସଫଳ ହୋଇଥିଲେ। କିନ୍ତୁ ଏବେ ସେ ଜୀବନର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ୯୬ ବର୍ଷରେ ପଦାର୍ପଣ କରିଥିବାରୁ ବାର୍ଦ୍ଧକ୍ୟଜନିତ ସମସ୍ୟା କାରଣରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ୍ ହୋଇପଡିଛି। ଏହି ଲଢେଇରେ ସେ ବାଜି ମାରିବେ ଓ ସୁସ୍ଥ ହୋଇ ପୁଣି ପ୍ରତ୍ୟାବର୍ତ୍ତନ କରିବେ ବୋଲି ହକି ଓ କ୍ରୀଡ଼ା ପ୍ରଶଂସକ ଆଶା ରଖିଛନ୍ତି।

**ସଂକ୍ଷେପରେ....**
**ପୂରା ନାମ:** ବଲବୀର ସିଂ ଦୋସାଞ୍ଜ୍
**ଡାକ ନାମ:** ବଲବୀର ସିଂ ସିନିୟର
**ଜନ୍ମ:** ୧୯୨୩ ଡିସେମ୍ବର ୩୧ (ହାଜିପୁର ଖାଲସା, ପଞ୍ଜାବ)
**କ୍ରୀଡ଼ା:** ଫିଲ୍ଡ ହକି
**ଅଲିମ୍ପିକ୍ସ ସ୍ୱର୍ଣ୍ଣ:** (୧୯୪୮ ଲଣ୍ଡନ, ୧୯୫୨ ହେଲସିଙ୍କି, ୧୯୫୬ ମେଲବୋର୍ନ)
**ଏସିଆନ ଗେମ୍ସ:** ୧୯୫୮ ଟୋକିଓ ରୌପ୍ୟ





# ପ୍ରତ୍ୟାବର୍ତ୍ତନ ପାଇଁ ବ୍ୟଗ୍ର

**ଆମେରିକା ମହିଳା ଟେନିସ ସୁପରଷ୍ଟାର ସେରେନା ପ୍ରତ୍ୟାବର୍ତ୍ତନ କରିବାକୁ ବେଶ୍ ବ୍ୟଗ୍ର ଅଛନ୍ତି। କରୋନା ଭାଇରସ୍‌ଜନିତ ଲକ୍‌ଡାଉନ୍ କାରଣରୁ ବେଶ୍ କିଛିଦିନ ଘରେ ବିଶ୍ରାମ ନେବା ପରେ ସେ ପୁଣି ଥରେ ଟେନିସ୍ କୋର୍ଟରେ ନିଜର ଚମକ ଦେଖାଇବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି...**

ସେରେନା ୱିଲିୟମ୍ସ ଏବେ ପୁଣି ଥରେ କୋର୍ଟକୁ ଫେରିବା ପାଇଁ ନିଜର ଉତ୍ସାହ ପ୍ରକଟ କରିଛନ୍ତି। କୋଭିଡ୍-୧୯ ମହାମାରୀ କାରଣରୁ ଟେନିସ ସମେତ ପ୍ରାୟ ସବୁ କ୍ରୀଡ଼ାର ଛୋଟବଡ଼ ଇଭେଣ୍ଟ ବାତିଲ ହୋଇଛି କିମ୍ବା ସ୍ଥଗିତ ରହିଛି। ତେଣୁ ଖେଳାଳିମାନେ କ୍ରୀଡ଼ାଠାରୁ ଦୂରେଇ ରହିବା ସ୍ୱାଭାବିକ। ତେଣୁ ସେରେନା ମଧ୍ୟ ଟେନିସଠାରୁ ଦୂରେଇ ରହି ଘରେ ବିଶ୍ରାମ କରୁଛନ୍ତି। ଏବେ ସେ ପ୍ରକୃତ ଟେନିସ୍ ଖେଳିବାକୁ ଓ ଏ ନେଇ ପ୍ରତ୍ୟାବର୍ତ୍ତନ କରିବାକୁ ବ୍ୟଗ୍ର ହୋଇ ଉଠୁଛନ୍ତି। ବଡ଼ ଭଉଣୀ ତଥା ଅନ୍ୟତମ ଟେନିସ ସୁପରଷ୍ଟାର ଭେନସ ୱିଲିୟମ୍ସଙ୍କ ସହ ଏକ ଇନ୍‌ଷ୍ଟାଗ୍ରାମ ଲାଇଭ୍ ୱାର୍କ ଆଉଟ୍‌ରେ ଯୋଗଦେଇ ସେରେନା ନିଜ ମନର କଥା କହିଛନ୍ତି। ୨୩ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ବିଶ୍ୱ ରେକର୍ଡର ନିକଟତର ହୋଇଥିବା ସେରେନା ଟେନିସକୁ ବହୁତ ଭଲ ପାଆନ୍ତି ବୋଲି କହିଛନ୍ତି।

କୋଭିଡ୍-୧୯ ମହାମାରୀଜନିତ ଲକ୍‌ଡାଉନ୍ କାରଣରୁ ଫ୍ରେଞ୍ଚ୍ ଓପନ୍ ଘୁଞ୍ଚାଇ ଦିଆଯାଇଛି। ସେହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମଥର ପାଇଁ ୱିମ୍ବେଲଡନକୁ ବାତିଲ କରାଯାଇଛି। ୩୮ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ସେରେନା ଏବେ ସବୁଠାରୁ ଫିଟ୍ ଅଛନ୍ତି। ଶେଷଥର ୨୦୧୭ରେ ସେ ଅଷ୍ଟ୍ରେଲିଆନ୍ ଓପନ୍ ଜିତି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ପୂର୍ବାପେକ୍ଷା ଏବେ ଆହୁରି ସୁସ୍ଥ ଅନୁଭବ କରୁଛି ବୋଲି ସେ କହିଛନ୍ତି। ବେଶ୍ ରିଲାକ୍ସ ହେବା ସହ ସବୁଠାରୁ ଫିଟ୍ ଅନୁଭବ କରୁଛି। ଏବେ ବାହାରକୁ ଯାଇ ଟେନିସ ଖେଳିପାରିବି ବୋଲି ସେରେନା ବେଶ୍ ଉତ୍ସାହର ସହ କହିଛନ୍ତି। ନିୟମିତ ବ୍ୟାୟାମ କରିବା ସହ ସେରେନା ଯୋଗ ମଧ୍ୟ କରୁଛନ୍ତି। ପ୍ରତିଦିନ ଅଧ ଘଣ୍ଟା ସେ ବ୍ୟାୟାମ କରୁଛନ୍ତି। ଯୋଗ କରିବା ପାଇଁ ସେରେନା ଓ ଭେନସ ପ୍ରଶଂସକମାନଙ୍କୁ ପ୍ରବର୍ତ୍ତାଉଛନ୍ତି।

ସେରେନା ଆଉ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଲେ ଅଷ୍ଟ୍ରେଲିଆର ମାର୍ଗାରେଟ କୋର୍ଟଙ୍କ ୨୪ଟି ଟାଇଟଲକୁ ପଛରେ ପକାଇ ବିଶ୍ୱ ରେକର୍ଡ ସୃଷ୍ଟି କରିବେ। ଅବଶ୍ୟ ଓପନ୍ ଏରାରେ ସେରେନା ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବାରେ ରେକର୍ଡ କରିଛନ୍ତି। ବିଶ୍ୱର ସଫଳତମ ମହିଳା ଟେନିସ ଖେଳାଳି ବିବେଚିତ ହେଉଥିବା ସେରେନାଙ୍କ ଉପରେ ବୟସ କିମ୍ବା କ୍ଲାନ୍ତିର ପ୍ରଭାବ ପଡିନି। କ୍ୟାରିୟରରେ ୭୩ଟି ଟାଇଟଲ ଜିତିଥିବା ସରେନା ଟେନିସରେ ସବୁପ୍ରକାର ସଫଳତା ହାସଲ କରିଛନ୍ତି। ଅଲିମ୍ପିକ୍ସରେ ସିଙ୍ଗଲ୍ସରେ ଗୋଟିଏ, ଡବଲ୍ସରେ ୩ଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଫିଟ୍‌ନେସ୍ ଓ ଫର୍ମ ବଜାୟ ରହିଲେ ସେ ଆହୁରି କିଛି ବର୍ଷ ଖେଳିବେ ଓ ନୂଆ ରେକର୍ଡ ସ୍ଥାପନ କରି ଅପ୍ରତିଦ୍ୱନ୍ଦ୍ୱୀ ଖେଳାଳି ଭାବେ ନିଜକୁ ପ୍ରତିଷ୍ଠା କରିବେ ବୋଲି ଆଶା କରାଯାଉଛି।




**ପାକିସ୍ତାନ ଦ୍ରୁତବୋଲର ସୋଏବ ଅଖତର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ପାଇଁ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ପରୋକ୍ଷରେ ଭାରତର ବୋଲିଂ କୋଚ୍ ଦାୟିତ୍ୱ ବହନ କରିବାକୁ ସେ ଅଭିଳାଷ ପୋଷଣ କରିଛନ୍ତି...**



# ଅଖତରଙ୍କ ଅଭିଳାଷ

ଏକଦା ଭାରତର କଡ଼ା ସମାଲୋଚକ ଭାବେ ପରିଚିତ ଥିବା ପାରମ୍ପିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଦ୍ରୁତବୋଲର ସୋଏବ ଅଖତର ସ୍ୱର ବଦଳାଇଛନ୍ତି। ଅବସର ଘୋଷଣା କରିବା ପରେ ସେ ଭାରତର ପ୍ରଶଂସକ ପାଲଟି ଯାଇଛନ୍ତି। ଯୁଗ ବଦଳିବା ସହିତ ତାଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ହୋଇଛି। କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର ତାଙ୍କର ସମ୍ମୁଖୀନ ହେବାକୁ ଭୟ କରିଥିଲେ ବୋଲି ଅଖତର ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରି ବିବାଦ ସୃଷ୍ଟି କରିଥିଲେ। ଏବେ କିନ୍ତୁ କଥା ବଦଳିଛି। ସେ ଭାରତରେ ଦ୍ରୁତ ବୋଲରଙ୍କ ବିକାଶ ପାଇଁ କାର୍ଯ୍ୟ କରିବାକୁ ଇଚ୍ଛୁକ ବୋଲି କହିଛନ୍ତି।

ଭାରତର ବୋଲିଂ କୋଚ୍ ହେବାକୁ ଇଚ୍ଛାପ୍ରକାଶ କରିଛନ୍ତି ପାକିସ୍ତାନ ଅଖତର। ଯଦି ପ୍ରସ୍ତାବ ମିଳେ ତାହାଲେ ଭାରତର ବୋଲିଂ କୋଚ୍ ହେବାକୁ ପିଛାଇବି ନାହିଁ ବୋଲି ସେ କହିଛନ୍ତି। ଭାରତରେ ଅଧିକରୁ ଅଧିକ ଆକ୍ରମଣାତ୍ମକ, ଦ୍ରୁତ ବୋଲର ସୃଷ୍ଟି କରିପାରିବି ବୋଲି ସେ କହିଛନ୍ତି। ତେବେ ଏଥିପାଇଁ ସୁଯୋଗ ମିଳିବାର ଆବଶ୍ୟକତା ରହିଛି। ସୋସିଆଲ ନେଟ୍‌ୱର୍କିଂ ଆପ୍ 'ହେଲୋ'ରେ ଏକ ସାକ୍ଷାତ୍‌କାର ଦେବା ଅବସରରେ ସେ ଏହି କଥା କହିଛନ୍ତି। ଏବେ ଭରତ ଅରୁଣ ଭାରତର ବୋଲିଂ କୋଚ୍ ରୂପେ ଦାୟିତ୍ୱ ତୁଲାଇଛନ୍ତି। ଭାରତୀୟ ବୋଲିଂ ବିଭାଗ ସହିତ ଜଡିତ ହେବାକୁ ଇଚ୍ଛା ଥିବା ନେଇ ପ୍ରଶ୍ନ ହେବାରୁ ସେ ଏହି କଥା କହିଛନ୍ତି।

ନିଶ୍ଚୟ ଭାରତ ପାଇଁ କାର୍ଯ୍ୟ କରିବି। କିନ୍ତୁ ଏଥିପାଇଁ ଭାରତ ତରଫରୁ ପ୍ରସ୍ତାବ ମିଳିବା ଆବଶ୍ୟକ। ବୋଲିଂ ସମ୍ପର୍କିତ ଜ୍ଞାନ ପ୍ରଚାର ଓ ପ୍ରସାର କରିବା ମୋର କାମ। ଯାହା ମୁଁ ଶିକ୍ଷା କରିଛି ତାହାକୁ ଅନ୍ୟମାନଙ୍କୁ ବାଣ୍ଟିବି ଓ ଏହାର ପ୍ରଚାର କରିବି ଓ ଏବେକାର ବୋଲରଙ୍କଠାରୁ ଆହୁରି ଦକ୍ଷ ବୋଲର ସୃଷ୍ଟି କରିପାରିବି ବୋଲି ସେ କହିଛନ୍ତି।

# ଶିକ୍ଷିତ ଭାରତୀୟ କ୍ରିକେଟର

**ପେସାଦାର କ୍ରୀଡ଼ାରେ ପାଦଦେବା ପୂର୍ବରୁ କେତେଜଣ ଭାରତୀୟ କ୍ରିକେଟର ପାଠରେ ଆଗୁଆ ରହିଥିଲେ। କ୍ରିକେଟ ସହିତ ଏମାନେ ପାଠପଢାରେ ମଧ୍ୟ କଠିନ ପରିଶ୍ରମ କରିଛନ୍ତି। ଏ ବିଷୟରେ ବହୁତ କମ୍ ଲୋକ ଅବଗତ ଥିବେ...**

ଜୀବନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱପ୍ନ ପୂରଣ କରିବା ପାଇଁ ଶିକ୍ଷା ଗ୍ରହଣ କରିଥାଏ। କିନ୍ତୁ ଏଭଳି ବି ହୋଇଥାଏ ବିନା ଡିଗ୍ରୀଧାରୀ କେତେକ ବ୍ୟକ୍ତି ବିଭିନ୍ନ କ୍ଷେତ୍ରରେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ଭାରତୀୟ କ୍ରିକେଟରେ ମଧ୍ୟ ଏହାର ଉଦାହରଣ ରହିଛି। କେତେକ କ୍ରିକେଟର ଶିକ୍ଷାରେ ସେତେଟା ସଫଳ ହୋଇ ନ ଥିଲେ ମଧ୍ୟ ଶୀର୍ଷକୁ ଉଠିଛନ୍ତି। କିନ୍ତୁ ସେ ବିଷୟରେ ଏବେ ଆଲୋଚନା କରିବା ନାହିଁ। କେତେକ ପୂର୍ବତନ ଓ ଏବେକାର କ୍ରିକେଟର ପାଠପଢାରେ ମଧ୍ୟ ଆଗରେ ରହିଛନ୍ତି। କ୍ରିକେଟ ସହିତ ଶିକ୍ଷାରେ ମଧ୍ୟ ଏମାନେ ପଛରେ ନାହାନ୍ତି। ଉଚ୍ଚଶିକ୍ଷିତ ହେବା ସଙ୍ଗେସଙ୍ଗେ କେତେଜଣ କ୍ରିକେଟର ଖେଳରେ ମଧ୍ୟ ସମସ୍ତଙ୍କୁ ପଛରେ ପକାଇଛନ୍ତି। ଏମାନଙ୍କ ମଧ୍ୟରେ ଅନିଲ କୁମ୍ବଲେ, ଅମୟ ଖୁରାସିଆ, ମୁରଲୀ ବିଜୟ, ଅଭିଷ୍କାର ସାଲଭି, ସୁରେଶ ରାଇନା, ଅଜିଙ୍କ୍ୟ ରାହାନେ, ରବିଚନ୍ଦ୍ରନ ଅଶ୍ୱିନ, ଜାଭାଗଲ ଶ୍ରୀନାଥ, ଭିଭିଏସ୍ ଲକ୍ଷ୍ମଣ, ରାହୁଲ ଦ୍ରାବିଡଙ୍କ ଭଳି କ୍ରିକେଟର ସାମିଲ ରହିଛନ୍ତି।

**ଅନିଲ କୁମ୍ବଲେ:** କିମ୍ବଦନ୍ତୀ ଭାରତୀୟ ଲେଗ୍ ସ୍ପିନର ଅନିଲ କୁମ୍ବଲେ ୧୯୭୦ରେ କର୍ଣ୍ଣାଟକରେ ଜନ୍ମଗ୍ରହଣ କରିଥିଲେ। ଏକାଧିକ ରେକର୍ଡ ସୃଷ୍ଟି କରିବା ସହ ସେ କ୍ୟାରିୟରରେ ଅତ୍ୟନ୍ତ ସଫଳ ହୋଇପାରିଥିଲେ। ସେ ରାଷ୍ଟ୍ରୀୟ ବିଦ୍ୟାଳୟ କଲେଜ ଅଫ୍ ଇଞ୍ଜିନିୟରିଂରେ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ।

**ଅମୟ ଖୁରାସିଆ:** ୧୯୭୨ରେ ଜନ୍ମିତ ଏହି ପୂର୍ବତନ ଭାରତୀୟ ବାମହାତୀ ବ୍ୟାଟ୍ସମ୍ୟାନ କ୍ରିକେଟର ହେବା ପୂର୍ବରୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ସେ ଏବେ ଇଣ୍ଡିଆନ କଷ୍ଟମ ଓ ସେଣ୍ଟ୍ରାଲ ଏକ୍ସାଇଜ୍ ଡିପାର୍ଟମେଣ୍ଟରେ କାର୍ଯ୍ୟ କରୁଛନ୍ତି।

**ମୁରଲୀ ବିଜୟ:** ୧୯୮୪ରେ ଚେନ୍ନାଇରେ ଜନ୍ମିତ ଭାରତୀୟ ଟେଷ୍ଟ ଓପନର ମୁରଲୀ ବିଜୟ ଇକୋନୋମିକ୍ସରେ ଜଣେ ପୋଷ୍ଟ ଗ୍ରାଜୁଏଟ୍। କଲେଜ ଶେଷ ହେବା ପରେ ସେ କ୍ରିକେଟ ଖେଳିବାକୁ ମନ ବଳାଇଥିଲେ ଓ ତାମିଲନାଡୁ ରଣଜୀ ଦଳର ସଦସ୍ୟ ବନିଯାଇଥିଲେ।

**ଅଭିଷ୍କାର ସାଲ୍‌ଭି:** ପୂର୍ବତନ ଭାରତୀୟ ଦ୍ରୁତବୋଲର ଅଭିଷ୍କାର ସାଲ୍‌ଭି ଜାତୀୟ ଦଳ ସମେତ ରଣଜୀ ଟ୍ରଫି ଓ ଦିଲ୍ଲୀ ଡେୟାର ଡେଭିଲ୍ସ ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ୍ ମଧ୍ୟ ଖେଳିଛନ୍ତି। ସେ ୧୯୮୧ରେ ଜନ୍ମିତ ସାଲ୍‌ଭି ଆଷ୍ଟ୍ରୋ ଫିଜିକ୍ସରେ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଛନ୍ତି।

**ସୁରେଶ ରାଇନା:** ଉତ୍ତରପ୍ରଦେଶରେ ଜନ୍ମିତ ଏହି ହ୍ୟାଣ୍ଡସମ କ୍ରିକେଟର ଭାରତ ପାଇଁ ବେଶ୍ ସଫଳତା ହାସଲ କରିଛନ୍ତି। ଏହି ଆକ୍ରମଣାତ୍ମକ ବାମହାତୀ ବ୍ୟାଟ୍ସମ୍ୟାନ ବି. କମ୍ ଡିଗ୍ରୀ ହାସଲ କରିଛନ୍ତି। କ୍ରିକେଟରେ ମନବଳାଇବା ପୂର୍ବରୁ ରାଇନାଙ୍କ ପାଠପଢ଼ା ମଧ୍ୟ ଭଲ ଥିଲା।

**ଅଜିଙ୍କ୍ୟ ରାହାନେ:** ମିଷ୍ଟର ଡିପେଣ୍ଡେବଲ୍ ଅଜିଙ୍କ୍ୟ ରାହାନେ ସବୁ ଫର୍ମାଟ୍‌ରେ ଦକ୍ଷତା ପ୍ରମାଣ କରିଛନ୍ତି। ୧୯୮୮ରେ ମୁମ୍ବାଇରେ ଜନ୍ମିତ ଏହି ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ବି.କମ୍‌ରେ ଡିଗ୍ରୀ ହାସଲ କରିଛନ୍ତି। ତାଙ୍କୁ ଟିମ୍ ଇଣ୍ଡିଆର ସବୁଠାରୁ ଷ୍ଟାଇଲିଶ୍ କ୍ରିକେଟର ବିବେଚନା କରାଯାଉଛି।

**ରବିଚନ୍ଦ୍ରନ ଅଶ୍ୱିନ୍:** ଚେନ୍ନାଇଜନ୍ମିତ ରବିଚନ୍ଦ୍ରନ ଅଶ୍ୱିନ୍‌ଙ୍କୁ ବିଶ୍ୱର ଶ୍ରେଷ୍ଠ ଅଫ୍‌ସ୍ପିନର ବିବେଚନା କରାଯାଉଛି। କ୍ରିକେଟରେ ପାଦଦେବା ପୂର୍ବରୁ ସେ ଇନ୍‌ଫର୍ମେଶନ ଟେକ୍‌ନୋଲୋଜିରେ ବି. ଟେକ୍ ଡିଗ୍ରୀ ହାସଲ କରିଛନ୍ତି। ସେ ବହୁତ ଭଲ ପର୍ସେଣ୍ଟେଜ୍ ମାର୍କ ରଖି ପାସ୍ କରିଥିଲେ।

**ଜାଭାଗଲ ଶ୍ରୀନାଥ:** ପୂର୍ବତନ ଲୋକପ୍ରିୟ ଭାରତୀୟ ଦ୍ରୁତବୋଲର ଜାଭାଗଲ ଶ୍ରୀନାଥ ଭାରତ ପାଇଁ ୩୦୦ରୁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ମ୍ୟାଚ୍ ରେଫରି ଭାବେ କାର୍ଯ୍ୟ କରୁଛନ୍ତି। ସେ ଇଞ୍ଜିନିୟରିଂ ଇନ୍ ଇନ୍‌ଷ୍ଟ୍ରୁମେଣ୍ଟାଲ ଟେକ୍‌ନୋଲୋଜିରେ ବ୍ୟାଚେଲର ଡିଗ୍ରୀ ହାସଲ କରିଛନ୍ତି।

**ଭି.ଭି.ଏସ୍. ଲକ୍ଷ୍ମଣ:** ଭାରତୀୟ କ୍ରିକେଟ ଇତିହାସର ସବୁଠାରୁ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିବା ଭି.ଭି.ଏସ୍. ଲକ୍ଷ୍ମଣ +୨ ପାସ୍ କରିବା ପରେ ଡାକ୍ତରୀ ପଢିବାକୁ ମେଡିକାଲ କଲେଜରେ ଆଡ୍‌ମିଶନ ନେଇଥିଲେ। ତେବେ କ୍ରିକେଟ ଖେଳିବା ପାଇଁ ୧୯୭୪ରେ ଜନ୍ମିତ ଏହି କ୍ରିକେଟରଙ୍କୁ ଅଧାରୁ ପାଠ ଛାଡିବାକୁ ପଡିଥିଲା।

**ରାହୁଲ ଦ୍ରାବିଡ୍:** ଦି ଗ୍ରେଟ୍ ୱାଲ ଅଫ୍ ଇଣ୍ଡିଆ ବିବେଚିତ ହେଉଥିବା ପୂର୍ବତନ ବ୍ୟାଟ୍ସମ୍ୟାନ ରାହୁଲ ଦ୍ରାବିଡ୍ ଦେଶର ଅନ୍ୟତମ ଉଚ୍ଚଶିକ୍ଷିତ କ୍ରିକେଟର ବିବେଚିତ ହୁଅନ୍ତି। ୪୩ ବର୍ଷୀୟ ଏହି ବ୍ୟାଟ୍ସମ୍ୟାନ ବେଙ୍ଗାଲୁରୁରେ ବିଜ୍‌ନେସ ଆଡ୍‌ମିନିଷ୍ଟ୍ରେଶନ କମ୍ପ୍ଲିଟ କରିଛନ୍ତି।

**ଜାହିର ଖାନ୍:** ପୂର୍ବତନ ଏହି ଦ୍ରୁତ ବୋଲର ଜଣେ ଭଲ ସ୍କୁଲ ଛାତ୍ର ଥିଲେ। +୨ ପାସ୍ କରିବା ପରେ ୧୯୭୮ରେ ଜନ୍ମିତ ଜାହିର ଇଞ୍ଜିନିୟରିଂ ପଢିବା ପାଇଁ ଆଡ୍‌ମିଶନ ନେଇଥିଲେ। ତେବେ କ୍ରିକେଟ ପାଇଁ ତାଙ୍କୁ ଅଧାରୁ ପାଠ ଛାଡିବାକୁ ପଡିଥିଲା।


ରାହୁଲ ଦ୍ରାବିଡ


ରବିଚନ୍ଦ୍ରନ ଅଶ୍ୱିନ


ଜାଭାଗଲ ଶ୍ରୀନାଥ


ଜାହିର ଖାନ୍


ସୁରେଶ ରାଇନା


ଅନିଲ କୁମ୍ବଲେ

## ୪୧ ଶ୍ରମିକଙ୍କୁ ବସ୍‌ରେ ପଠାଇଲା ପ୍ରଶାସନ

ପିପିଲି,(ଡି.ଏନ୍.ଏ./ସ୍ୱ.ପ୍ର.): ପିପିଲି ପୋଲିସ ଉଦ୍ୟମରେ ଗୁରୁବାର ୪୧ଜଣ ଶ୍ରମିକ ଏକ ସ୍ୱତନ୍ତ୍ର ବସ୍‌ରେ ନିଜ ଅଞ୍ଚଳକୁ ଫେରିଛନ୍ତି। ଲକ୍‌ଡାଉନ ଅବଧି ବଢ଼ିବା ପରେ ଶ୍ରମିକମାନେ ଚାଲିଚାଲି ଯାଉଥିଲେ। ପୋଲିସ ସେମାନଙ୍କୁ ଅଟକାଇବା ସହ ଖାଦ୍ୟର ବ୍ୟବସ୍ଥା କରିଥିଲେ। ଏ ନେଇ ଥାନା ଅଧିକାରୀ ଏସ୍‌ପି ଡ. ଉମାଶଙ୍କର ଦାସଙ୍କୁ ଜଣାଇଥିଲେ। ଏହା ପରେ ଏସ୍‌ପି ଦାସ ଏକ ସ୍ୱତନ୍ତ୍ର ବସ ପିପିଲି ଥାନାକୁ ପଠାଇଥଲେ। ଉକ୍ତ ବସ୍‌ରେ ୧୨ ଜଣ ମୟୂରଭଞ୍ଜ ଓ ୨୯ଜଣ ଶ୍ରମିକ ପଶ୍ଚିମବଙ୍ଗ ଯାଇଥିବା ଆଇଆଇସି ଶରତ କୁମାର ସାହୁ କହିଛନ୍ତି।

### ସଂକ୍ଷେପରେ

## ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚୌଦ୍ୱାର,୨୧।୫(ଡି.ଏନ୍.ଏ.): ଚୌଦ୍ୱାର ଥାନା ପୋଲିସ ଗୁରୁବାର ମହିସାଲଣ୍ଡା ପଞ୍ଚାୟତ ଅଞ୍ଚଳରୁ ଜଣେ ୧୩ ବର୍ଷୀୟ ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୦) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗ୍ରାମ ଦାଣ୍ଡରେ ନାବାଳକ ଜଣକ ଭାଇ ସହିତ ଖେଳୁଥିବା ବେଳେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ନାବାଳକ ଜଣକ ଘର ଶେଣୀରେ ଝୁଲିଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥଲା।

## ଶ୍ରାଦ୍ଧବାର୍ଷିକୀରେ ରାଜୀବଙ୍କ ସ୍ମୃତିଚାରଣ

କଟକ ଅଫିସ,୨୧।୫: କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ପୁରୀଘାଟସ୍ଥିତ ସଙ୍ଗଠନ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୦ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। କମିଟି ସଭାପତି ତଥା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ପୌରୋହିତ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜୀବଙ୍କ କାର୍ଯ୍ୟଶୈଳୀ ଓ ସଙ୍ଗଠନ ଭୂମିକା ଉପରେ ଆଲୋଚନା କରାଯାଇଥିଲା। କାଶୀନାଥ ମଲ୍ଲିକ, ନିକୁଞ୍ଜ ପସାୟତ, ଗିରିବାଳା ବେହେରା, ଶୈଳବାଳା ଜେନା, ବିଜୟ ବାରିକ, ଡ. ସନ୍ତୋଷ ବଳ, ଅରୁଣ ସେଠୀ ପ୍ରମୁଖ କର୍ମକର୍ତ୍ତା ରାଜୀବଙ୍କ ସ୍ମୃତିଚାରଣ କରିଥିଲେ।

## ପ୍ରବାସୀଙ୍କୁ ଫେରାଇ ଆଣ: ଭାଜପା

କଟକ ଅଫିସ୍,୨୧।୫: ବାହାର ରାଜ୍ୟରୁ ପ୍ରବାସୀଙ୍କୁ ଫେରାଇ ଆଣିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛି କଟକ ନଗର ଭାଜପା। ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଏନେଇ ଏକ ସ୍ମାରକପତ୍ର ଦିଆଯାଇଛି। ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ ଓ ଅନ୍ୟ ରାଜ୍ୟରେ କାମ କରୁଥିବା ଶ୍ରମିକମାନେ କରୋନା ଆକ୍ରାନ୍ତ। ତେଣୁ କେନ୍ଦ୍ର ସରକାର ବ୍ୟବସ୍ଥା କରିଥିବା 'ଶ୍ରମିକ ସ୍ପେଶଲ୍' ଟ୍ରେନ୍ ତଥା ବସ୍ ମାଧ୍ୟମରେ କଟକ ଜିଲାର ପ୍ରବାସୀ ଶ୍ରମିକଙ୍କୁ ତୁରନ୍ତ ଫେରାଇ ଅଣାଯାଉ। ସରକରୀ ନିର୍ଦ୍ଦେଶାବଳୀ ଅନୁଯାୟୀ, ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଉ ବୋଲି ଦାବି କରାଯାଇଛି।

## ଜେଲ ଗଲେ ୨ ଅଭିଯୁକ୍ତ

ନିମାପଡ଼ା,୨୧।୫(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ହରିଶପୁରସ୍ଥିତ ଏକ ବ୍ୟାଙ୍କ ଏଟିଏମ୍ ଭାଙ୍ଗି ଟଙ୍କା ଚୋରି ଉଦ୍ୟମ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ଯାଁଳା ମଠସାହି ଗ୍ରାମର ବିଷ୍ଣୁ ପ୍ରସାଦ ମହାପାତ୍ର ଓ ବିଷ୍ଣୁ ପ୍ରସାଦ ସ୍ୱାଇଁ। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ନିମାପଡ଼ା ଜେଲକୁ ପଠାଇଦିଆଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ବାଇକ୍ ଓ ଶାବଳ ଜବତ କରାଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଅଭିଯୁକ୍ତମାନେ ଉକ୍ତ ଏଟିଏମ୍ ଭାଙ୍ଗି ଟଙ୍କା ଚୋରି ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ବ୍ୟାଙ୍କର ଶାଖା ପରିଚାଳକ ବିଜୟ୍ କୁମାର ପାଣିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୧୧/୨୦)ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

## ଇ-ବ୍ୟାଟେରି ରିକ୍‌ସା ନାହିଁ

# ରୋଗୀଙ୍କୁ ବୋହୁଛନ୍ତି ସମ୍ପର୍କୀୟ

କଟକ ଅଫିସ,୨୧।୫

କର୍କଟ ରୋଗରେ ପୀଡ଼ିତ ହେବା ପରେ ଜଣଙ୍କୁ ହତାଶା ଘାରିଥିବ। ଏଣେ ସର୍ଜରୀ, ରାଡିଏଶନ କିମ୍ବା କେମୋଥେରାପି ଦ୍ୱାରା ଆହୁରି ଦୁର୍ବଳ ହୋଇପଡ଼ିଥିବ ଶରୀର। ରୋଗୀଟିଏ ପାଦରେ ଚାଲିବା ପାଇଁ ବି ଅସମର୍ଥ ଥିବ। କିନ୍ତୁ ଚିକିତ୍ସା ପାଇଁ ବିଭିନ୍ନ ପରୀକ୍ଷା କ୍ରମରେ ତାଙ୍କୁ ଯେତେବେଳେ ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ ଯିବାକୁ ହେବ, ସେତେବେଳେ ରାଜ୍ୟର ଏକ ପ୍ରମୁଖ ଚିକିତ୍ସାକେନ୍ଦ୍ର ସର୍ବନିମ୍ନ ମୌଳିକ ସୁବିଧା ମଧ୍ୟ ଦେଇପାରିବ ନାହିଁ। ବାଧହୋଇ ରୋଗୀଙ୍କୁ ବୋହିନେବେ ସମ୍ପର୍କୀୟ। ଏଭଳି ଚିତ୍ର ଅନ୍ୟ କର୍କଟ ରୋଗୀଙ୍କ ସହ ସେମାନଙ୍କ ସାଙ୍ଗରେ ଆସିଥିବା ପରିବାର ଲୋକଙ୍କୁ ବ୍ୟଥିତ କରିବ ନିଶ୍ଚୟ। ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ଏବେ ଠିକ୍ ଏହି ଦୃଶ୍ୟ ହିଁ ଦେଖିବାକୁ ମିଳୁଛି। ବିଭିନ୍ନ ପରୀକ୍ଷା କିମ୍ବା ଅନ୍ୟ ଆନୁଷଙ୍ଗିକ ପ୍ରକ୍ରିୟା ପାଇଁ ପ୍ରତିଷ୍ଠାନ ପରିସରରେ ଅମାନବୀୟ ଭାବେ କର୍କଟ ରୋଗୀଙ୍କୁ ସ୍ଥାନାନ୍ତର କରାଯାଉଛି।


ରୋଗୀଙ୍କୁ ତାଙ୍କ ସମ୍ପର୍କୀୟ ବୋହି ନେଉଛନ୍ତି ।

ଉଲ୍ଲେଖଯୋଗ୍ୟ, ଏସ୍‌ସିବିରେ ପ୍ରାୟ ୮ ବର୍ଷ ହେବ ଇ-ବ୍ୟାଟେରି ରିକ୍‌ସା (ଗଲ୍ଫ କାର୍ଟ) ରହିଛି। ଚାଲିବାକୁ ଅସମର୍ଥ ଥିବା ରୋଗୀଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଇଛି। କିନ୍ତୁ ଏହି ସେବା ନିହାତି ଆବଶ୍ୟକ ଥିବା କର୍କଟ ରୋଗ କେନ୍ଦ୍ର ପାଇଁ ଏ ଯାଏ ବ୍ୟବସ୍ଥା କରାଯାଇନାହିଁ। ଏ ନେଇ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଲଲାଟେନ୍ଦୁ ଷଡ଼ଙ୍ଗୀ କହିଛନ୍ତି, ଏହା ଏକ ଭଲ ପ୍ରସ୍ତାବ। ଆମେ ଏନେଇ ତୁରନ୍ତ ଆର୍‌ଡିସି ଓ ଜିଲାପାଳଙ୍କୁ ଅବଗତ କରାଇବୁ । ତାଙ୍କ ସୂଚନା ପରେ ତ୍ୱରିତ ପଦକ୍ଷେପ ମଧ୍ୟ ହୋଇଛି। ଏନେଇ ବିଭାଗ ପକ୍ଷରୁ ଲିଖିତ ପ୍ରସ୍ତାବ ପଠାଯାଇଛି। ଡାକ୍ତର ଷଡ଼ଙ୍ଗୀ ୩ଟି ଇ-ବ୍ୟାଟେରି ରିକ୍‌ସା ସକାଳ ୭ରୁ ସନ୍ଧ୍ୟା ୭ଟା ଯାଏ ଚଳାଇବା, ଏସବୁର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ କର୍ମଚାରୀ ନିଯୁକ୍ତି ଲାଗି ନିବେଦନ କରିଥିଲେ। ଏହାକୁ ଆର୍‌ଡିସି ଅନୁମୋଦନ କରିଥିବା ଜଣାପଡ଼ିଛି।

**ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନ୍‌ସର ପ୍ରତିଷ୍ଠାନ**

- ୩ ଇ-ବ୍ୟାଟେରି ରିକ୍‌ସା ପାଇଁ ପ୍ରସ୍ତାବ ଦେଲେ ନିର୍ଦ୍ଦେଶକ
- ପ୍ରସ୍ତାବକୁ ଅନୁମୋଦନ ଦେଲେ ଆର୍‌ଡିସି


ରାସ୍ତା ବନ୍ଦ ପ୍ରତିବାଦରେ ପୁରୀ ଜିଲା ଚାଳିଶବାଟିଆ ପଞ୍ଚାୟତର ଲୋକେ ଗୁରୁବାର ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି ।

## ଜଳିଗଲା ଦୋକାନ

ପୁରୁଣା ଭୁବନେଶ୍ୱର, ୨୧।୫(ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜ ଥାନା ଅଧୀନ ରବି ଟକିଜ ପଛ ପାର୍ଶ୍ୱ ମୁନ ସାଇନିଂ ଫେଶନ ଡିଜାଇନିଂ ଦୋକାନରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଖବରପାଇ କଳ୍ପନା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିପାଉଁଶ ହୋଇଯାଇଛି। ବାତ୍ୟା ଅମ୍ଫନ୍ ଲାଗି ଦୋକାନ ବନ୍ଦ ରହିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡିନ ଥିବା ବେଳେ ଏ ନେଇ ଦୋକାନ ମାଲିକ ଏ. ଚନ୍ଦ୍ରଶେଖର ରାଓ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଛନ୍ତି।

# ସାମାଜିକ ଦୂରତ୍ୱକୁ ଭୁଲିଗଲେ

ପୁରୀ/ଖୋର୍ଦ୍ଧା ଅଫିସ, ୨୧।୫:

**ସାବିତ୍ରୀ ବ୍ରତ ପାଇଁ ଫଳ ବଜାରରେ ଭିଡ଼**

ଶୁକ୍ରବାର ସାବିତ୍ରୀ ବ୍ରତ। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଏହି ବ୍ରତ ପାଳିବେ ମହିଳା। ସାବିତ୍ରୀରେ ନୂଆ ଶାଢ଼ି, ଚୁଡ଼ି ସହ ବିଭିନ୍ନ ପ୍ରକାର ଫଳମୂଳ ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି। ବିବାହିତା ଝିଅଙ୍କ ଶାଶୁଘରକୁ ମଧ୍ୟ ସାବିତ୍ରୀ ଭାର ପଠାଯାଏ। ଏହି ଭାରରେ ଫଳ ହିଁ ମୁଖ୍ୟ ସ୍ଥାନ ନେଇଥାଏ। ଏଥିପାଇଁ ଗାଁଠୁ ସହର ଚଳଚଞ୍ଚଳ ହୋଇପଡ଼ିଛି। ପୁରୀ ସହରରେ ମଧ୍ୟ ସାବିତ୍ରୀ ବ୍ରତ ପାଇଁ ଲୋକଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଛି। ଲକ୍‌ଡାଉନ କଟକଣା ସତ୍ତ୍ୱେ ଲୁଗା ଦୋକାନଠାରୁ ଫଳ ବଜାର ପର୍ଯ୍ୟନ୍ତ ସବୁଠି ଲାଗିଛି ଗହଳଚହଳ। ସାମାଜିକ ଦୂରତ୍ୱକୁ ଭୁଲି ଯାଇଛନ୍ତି ଅନେକେ। ଗୁରୁବାର ଦିନତମାମ୍ ଫଳ ବଜାରରେ ଭିଡ଼ ଲାଗି ରହିଥିଲା। ଆଉ ଏହାର ଫାଇଦା ଉଠାଇଛନ୍ତି ବ୍ୟବସାୟୀ। କରୋନା କଟକଣା ସାଙ୍ଗକୁ ବାତ୍ୟା ଅମ୍ଫନର ଆଳ ଦେଖାଇ ଚଢା ଦାମ୍‌ରେ ବିକ୍ରି କରୁଛନ୍ତି ଫଳ ଏବଂ ପୂଜା ସାମଗ୍ରୀ। ଫଳ ଦାମ୍ ବାଧୁଥିଲେ ମଧ୍ୟ ବାଧ ହୋଇ କିଣୁଥିଲେ ଗ୍ରାହକ। ଲକ୍‌ଡାଉନ କଟକଣା ପାଇଁ ସନ୍ଧ୍ୟା ୭ଟାରୁ ଦୋକାନ ବଜାର ବନ୍ଦ ହୋଇଯାଉଥିବାରୁ ଗୁରୁବାର ସକାଳ ପ୍ରାୟ ୯ଟାରୁ ମାର୍କେଟରେ ଗହଳି ଆରମ୍ଭ ହୋଇଥିଲା। ମାର୍କେଟ ଛକସ୍ଥିତ ଫଳ ଦୋକାନରୁ ଗ୍ରାହକମାନେ ସେଓ, ଅଙ୍ଗୁର, ସପେଟା, ବେଦନା, କମଳା, ଡାଳିମ୍ବ, ଆମ୍ବ, ପଣସ, ସପୁରି, ଖଜୁରି, ତାଳସଜ ଆଦି କିଣୁଥିଲେ। ପୁରୀରେ ସେଓ କିଲୋ ୨୦୦ ଟଙ୍କା, କମଳା ୧୬୦, ଅଙ୍ଗୁର ୮୦ରୁ ୧୦୦, ସପେଟା ୧୫୦, ଡାଳିମ୍ବ ୧୫୦, ଆମ୍ବ ୭୦ରୁ ୮୦ ଟଙ୍କାରେ ବିକ୍ରି ହେଉଥିଲା। ସେହିପରି ସପୁରି ଗୋଟାକୁ ୩୦ରୁ ୫୦ଟଙ୍କା, କଦଳୀ ଫେଣା ୭୦ରୁ ୮୦ ବିକ୍ରି କରାଯାଉଥିଲା। ପୂର୍ବରୁ ଏହିସବୁ ଫଳ ଦାମ୍ ଯାହା ଥିଲା ସେଥିରେ ୩୦ରୁ ୬୦ଟଙ୍କା ପର୍ଯ୍ୟନ୍ତ ଅଧିକ ଦାମ୍‌ରେ ବିକ୍ରି ହେଉଛି ବୋଲି ଶରଧାବାଲିର ସୁବ୍ରତ ସାହୁ କହିଥିଲେ। ମାର୍କେଟ ଛକରେ ଫଳ କିଣୁଥିବା ସୁଭାଷିନୀ ପଣ୍ଡା କହିଛନ୍ତି, ସାବିତ୍ରୀ ପାଇଁ ବ୍ୟବସାୟୀମାନେ ଅଧିକ ଦାମ୍‌ରେ ଫଳ ବିକ୍ରି କରୁଛନ୍ତି। ଯାହା ବି ଦାମ୍ ହେଉନା କାହିଁକି ଆମକୁ ହିଁ କିଣିବାକୁ ପଡ଼ିବ। ତେଣୁ ଦାମ୍‌କୁ ଏତେଟା ଗୁରୁତ୍ୱ ଦେଉନାହିଁ । ବଳିଆପଣ୍ଡା ଅଞ୍ଚଳର ପ୍ରଭାତ ଦଳେଇ କହିଛନ୍ତି, ଫଳ ଦାମ୍ ବାଧୁଛି। ପୂର୍ବରୁ ଯେଉଁ ସେଓ ୧୨୦ରୁ ୧୫୦ଟଙ୍କା ରହିଥିଲା ବର୍ତ୍ତମାନ ତାହା ୧୮୦ରୁ ୨୦୦ ଟଙ୍କା ହୋଇଯାଇଛି। ସେହିପରି କମଳା ଓ ଅଙ୍ଗୁରରେ ମଧ୍ୟ ୨୦ ଟଙ୍କା ଲେଖାଏ ବୃଦ୍ଧି ପାଇଛି। ସେହିପରି ଖୋର୍ଦ୍ଧା ବଜାର ଫଳ ଦୋକାନରେ ଲୋକଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ଆମ୍ବର ମୂଲ୍ୟ ୫୦ରୁ ୧୦୦ ଟଙ୍କା ରହିଥିବା ବେଳେ କଦଳୀ ଡଜନ ୭୦ ଟଙ୍କା, ନଡିଆ(ଗୋଟିଏ) ୩୦ରୁ ୪୦ଟଙ୍କା, ଅଙ୍ଗୁର ୧୫୦ଟଙ୍କା, କମଳା ୧୨୦ରୁ ୧୫୦ଟଙ୍କା, ଲିଚୁ ୨୦୦ଟଙ୍କା ଏବଂ ପଣସ ବିଭିନ୍ନ କିସମର ଶହେ ଟଙ୍କାରୁ ୩ଶହ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ହାଉସିଂବୋର୍ଡ ଗୋପାଳ ସାମନ୍ତରାୟ କୁହନ୍ତି, ବଜାରରେ ଫଳଦାମ ଦ୍ୱିଗୁଣ ରହିଛି। ୨ଶହ ଟଙ୍କାର ଫଳ କିଣିଲେ ମଧ୍ୟ ବ୍ୟାଗ ଭର୍ତ୍ତି ହେଉନି। ଅନ୍ୟପକ୍ଷରେ ଫଳ କିଣିବା ବେଳେ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତା ରହି ନ ଥିଲା। ଗ୍ରାହକ କିମ୍ବା ବ୍ୟବସାୟୀ କେହି ବି ଏ ଦିଗରେ ସଚେତନ ଥିଲା ଭଳି ଲାଗୁ ନ ଥିଲା।


ପୁରୀ ଫଳ ବଜାରରେ ଲୋକଙ୍କ ଭିଡ଼ ।


କଟକର ବଜ୍ରକବାଟି ରୋଡରେ ଥିବା ଫଳ ଦୋକାନରୁ ଜଣେ ଗ୍ରାହକ ଫଳ କିଣୁଛନ୍ତି ।

## ପକ୍ଷାଘାତ ସ୍ୱାମୀଙ୍କ ପାଇଁ ସବୁଦିନ ସାବିତ୍ରୀ ବ୍ରତ ପାଳୁଛନ୍ତି ସରୋଜିନୀ

କଟକ ଅଫିସ,୨୧।୫

ଓଡ଼ିଆ ଘରର ସଧବା ନାରୀଟିଏ ପାଇଁ ସ୍ୱାମୀ ତାଙ୍କର ପ୍ରାଣଦେବତା। ସ୍ୱାମୀଙ୍କ ଦୀର୍ଘାୟୁ ଓ ମଙ୍ଗଳ କାମନା କରି ପ୍ରତ୍ୟେକ ନାରୀ ସାବିତ୍ରୀ ବ୍ରତ ପାଳନ୍ତି। କିନ୍ତୁ ବହୁତ କମ୍ ମହିଳା ସ୍ୱାମୀଙ୍କ ପାଇଁ ନିଜର ସବୁକିଛି ଜଳାଞ୍ଜଳି ଦେଇ ବଞ୍ଚନ୍ତି। ସେହିଭଳି ଜଣେ ନାରୀ ହେଉଛନ୍ତି କଟକ ଦେଉଳସାହି ଅଞ୍ଚଳର ସରୋଜିନୀ ସେଠୀ। ପକ୍ଷାଘାତରେ ପୀଡ଼ିତ ସ୍ୱାମୀଙ୍କ ସେବା ସହ ସେ ପରିବାର ଗୁଜୁରାଣ ମଧ୍ୟ ଚଳାଉଛନ୍ତି। ସାବିତ୍ରୀ ଅମାବାସ୍ୟା ଭଳି ଗୋଟିଏ ଦିନ ନୁହେଁ, ଜୀବନର ସବୁ ଦିନରାତି ସେ ନିଜ ସ୍ୱାମୀଙ୍କ ପାଇଁ ଉତ୍ସର୍ଗ କରିଥିବା କୁହନ୍ତି।

୩୦ ବର୍ଷ ତଳେ ସରୋଜିନୀ ଶରତଙ୍କ ହାତ ଧରି ନିଜ ଶାଶୁଘର ଦେଉଳସାହି ଚାଲି ଆସିଥିଲେ। କିଛି ବର୍ଷ ଦାମ୍ପତ୍ୟ ଜୀବନ ସୁଖରେ କଟିଥିଲା। ଗୋଟିଏ ପୁଅ ଓ ଝିଅଟିଏ ମଧ୍ୟ ଘରକୁ ଆସିଲେ। ଶରତ ଯାହା କିଛି ରୋଜଗାର କରନ୍ତି, ସେଥିରେ ଚାରି ପ୍ରାଣୀଙ୍କ ପେଟ ପୂରେ। ୨୦୦୫ରେ ପକ୍ଷାଘାତରେ ଶରତଙ୍କ ଡାହାଣ ହାତ ଅଚଳ ହୋଇଗଲା। ନା କାମକୁ ଯାଇ ପାରିଲେ ନା ନିଜ କାମ କରିପାରିଲେ। ଶରତଙ୍କୁ ଯାହା କିଛି ଭତ୍ତା ମିଳେ, ସେଥିରେ ଚଳିବାକୁ ପଡ଼େ। ପିଲାଙ୍କ ପାଠପଢ଼ା ଖର୍ଚ୍ଚ ସାଙ୍ଗକୁ ଘର ଚଳାଇବାରେ ବହୁ ଅସୁବିଧା ହୁଏ। ଧାର କରଜ ଟଙ୍କା ବି ବେଶୀ ଦିନ ଯାଏନି। ବାଧ ହୋଇ ନିଜେ ରୋଜଗାର କରିବେ ଭାବି ଘରେ ଏକ ସିଲେଇ ମେଶିନ ପକାଇଲେ ସରୋଜିନୀ। ସେଥିରୁ ଯାହା ରୋଜଗାର ହେଲା, ପରିବାର ଚଳିଲା। ପିଲା ଦୁଇଜଣ ସ୍ନାତକ ପଢ଼ିବା ପରେ ତାଙ୍କୁ ଅଧିକ ପଢ଼ାଇବା ସରୋଜିନୀଙ୍କ ପକ୍ଷେ ସମ୍ଭବ ନ ଥିଲା। କିଛି ଟଙ୍କା କରଜ କରି ଝିଅର ବିବାହ କରାଇଦେଲେ। ପୁଅ ସୁଜିତ ପରିବା ବ୍ୟବସାୟ ଆରମ୍ଭ କଲା। ବର୍ତ୍ତମାନ ସରୋଜିନୀ ନିଜ ସ୍ୱାମୀଙ୍କ ସେବାରେ ଦିନ କାଟୁଛନ୍ତି। ତାଙ୍କ ପାଖରେ ଖାଲି ରାଶନ କାର୍ଡଟିଏ ରହିଛି, ଏବେ ବି ଭଲ ଘରଟିଏ ନାହିଁ। ସରକାରୀ ସହାୟତା ମିଳିପାରିଲେ ସେ ଉପକୃତ ହେବେ ବୋଲି ସରୋଜିନୀ କହିଛନ୍ତି।


ସ୍ୱାମୀଙ୍କ ସହ ସରୋଜିନୀ ସେଠୀ ।

## ସନ୍ତ୍ରାସବାଦ ନିରୋଧ ଦିବସ ପାଳିତ


ପୋଲିସ କର୍ମଚାରୀମାନେ ଶପଥପାଠ କରୁଛନ୍ତି ।

ପିପିଲି,୨୧।୫(ଡି.ଏନ୍.ଏ./ସ୍ୱ.ପ୍ର.): ସନ୍ତ୍ରାସବାଦ ନିରୋଧ ଦିବସ ଉପଲକ୍ଷେ ଗୁରୁବାର ପିପିଲି ଥାନାରେ ପୋଲିସ ଅଧିକାରୀଙ୍କ ସମେତ ଥାନାର ସମସ୍ତ କର୍ମଚାରୀଙ୍କ ଦ୍ୱାରା ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ଦେଶପ୍ରତି ଉତ୍ସର୍ଗୀକୃତ ସୈନିକ ତଥା ପୋଲିସମାନଙ୍କ ସମ୍ମାନ ଉଦ୍ଦେଶ୍ୟରେ ବିଶ୍ୱରେ ଶାନ୍ତି ଓ ଅହିଂସା ପ୍ରତିଷ୍ଠା କରିବା ପାଇଁ ଆହ୍ୱାନ ଦିଆଯାଇଛି। ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ଆଇଆଇସି ଶରତ କୁମାର ସାହୁ ସମେତ ଥାନାର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆଇଆଇସି ସାହୁ ସମସ୍ତ କର୍ମଚାରୀଙ୍କୁ ପୋଲିସର ସମ୍ମାନ ଏବଂ ଶାନ୍ତି, ମୈତ୍ରୀ ଭାବ ବଜାୟ ରଖିବା ପାଇଁ ଶପଥ ପାଠ କରାଇଥିଲେ।

## ଏପ୍ରିଲରେ ରାଜ୍ୟ ଜିଏସ୍‌ଟି ସଂଗ୍ରହ କମିଲା

ଭୁବନେଶ୍ୱର,୨୧।୫: କରୋନା ଭୂତାଣୁ ପାଇଁ ସାରା ଦେଶରେ ଲକ୍‌ଡାଉନ ଘୋଷଣା ହେବା ଫଳରେ ଆର୍ଥିକ କାର୍ଯ୍ୟକଳାପ କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ଏହା ଓଡ଼ିଶା ଅର୍ଥ ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରିଛି। ଏହି ସବୁ କାରଣ ପାଇଁ ଚଳିତ ଆର୍ଥିକ ବର୍ଷ ପ୍ରଥମ ମାସ ବା ଏପ୍ରିଲରେ ରାଜ୍ୟ ଜିଏସ୍‌ଟି ସଂଗ୍ରହ ୬୯.୪୨% ଖସିଥିବା ଜଣାପଡିଛି। ଏହି ସମୟରେ ଓଡ଼ିଶା ରାଜ୍ୟ ଜିଏସ୍‌ଟି ବାବଦରେ ୪୨୦.୧୨ କୋଟି ଟଙ୍କା ଆଦାୟ କରିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୧୩୭୩.୭୩ କୋଟି ଟଙ୍କା ରହିଥିଲା ବୋଲି ସୂଚନା ରହିଛି। ଏହି କ୍ଷେତ୍ରରେ ଟିକସ ସଂଗ୍ରହ ରାଜ୍ୟ ଜିଏସ୍‌ଟି ଏବଂ ସମନ୍ୱିତ ଜିଏସ୍‌ଟି (ଆଇଜିଏସଟି) ସେଟେଲମେଣ୍ଟ ଅର୍ଥକୁ ବିଚାର କରାଯାଇଥାଏ। ଗତ ମାସରେ ରାଜ୍ୟ ଜିଏସ୍‌ଟି ସଂଗ୍ରହ ୫୮.୮୪% କମିଥିବା ବେଳେ ଆଇଜିଏସ୍‌ଟିରେ ୮୨.୦୩% ହ୍ରାସ ଘଟିଛି।

# ସର୍ତ୍ତମୂଳକ ଖୋଲିବ ବ୍ୟାବସାୟିକ ପ୍ରତିଷ୍ଠାନ

କଟକ ଅଫିସ୍,୨୧।୫

**ଲକ୍‌ଡାଉନ୍ ୪ର୍ଥ ପର୍ଯ୍ୟାୟ**

କରୋନା ଭୂତାଣୁର ସଂକ୍ରମଣ ରୋକିବା ପାଇଁ କେନ୍ଦ୍ର ସରକାର ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି କରିଛନ୍ତି। କିନ୍ତୁ ପୂର୍ବ ଲକ୍‌ଡାଉନ୍‌ଗୁଡ଼ିକ ଅପେକ୍ଷା ଚଳିତ ଥର ଅନେକ କ୍ଷେତ୍ରକୁ କଟକଣାମୁକ୍ତ କରାଯାଇଛି। ବୁଧବାର ଏନେଇ କଟକ ମହାନଗର ନିଗମ (ସିଏମ୍‌ସି)ର କମିଶନର ଅନନ୍ୟା ଦାସ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସହରରେ କେଉଁ ସବୁ ଅନୁଷ୍ଠାନ ଖୋଲିବ ଓ ବନ୍ଦ ରହିବ, ସେନେଇ ଏଥିରେ ସ୍ପଷ୍ଟ କରାଯାଇଛି।

ସମସ୍ତ ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର୍ ବନ୍ଦ ରହିବ। କିନ୍ତୁ ଅନ୍‌ଲାଇନ୍ ପାଠପଢ଼ା ଚାଲିବ। ସେହିଭଳି ସାମାଜିକ, ରାଜନୈତିକ, କ୍ରୀଡ଼ା, ମନୋରଞ୍ଜନ, ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ ଉପରେ କଟକଣା ବଳବତ୍ତର ରହିଛି। ସମସ୍ତ ଧାର୍ମିକ ସ୍ଥଳଗୁଡ଼ିକ ମଧ୍ୟ ବନ୍ଦ ରହିବ। ଖେଳାଳିଙ୍କ ପାଇଁ ଷ୍ଟାଡିୟମ, ସ୍ପୋର୍ଟସ କମ୍ପ୍ଲେକ୍ସ ଖୋଲିବ। କିନ୍ତୁ ଦର୍ଶକଙ୍କ ଉପସ୍ଥିତିକୁ ବାରଣ କରାଯାଇଛି। ଫସି ରହିଥିବା ପର୍ଯ୍ୟଟକ, ପୋଲିସ, ସରକାରୀ ଅଧିକାରୀ ଓ ଡାକ୍ତରଙ୍କ ପାଇଁ ବ୍ୟବହୃତ ହେଉଥିବା ଏବଂ ସଙ୍ଗରୋଧ କେନ୍ଦ୍ର ସୁବିଧା ଥିବା ହୋଟେଲ୍, ଲଜ୍ ଓ ଗେଷ୍ଟ ହାଉସ୍ ହିଁ ଖୋଲା ରହିବ। ସମସ୍ତ ସିନେମା ହଲ୍, ଜିମ୍, ଗେମ୍ ପାର୍ଲର, ସୁଇମିଂ ପୁଲ୍, ଥିଏଟର୍, ବାର୍ ଏବଂ ସମ୍ମିଳନୀ କକ୍ଷ ବନ୍ଦ ରହିବ। ବଡ଼ ବଡ଼ ଶପିଂ ମଲ୍, ଦରଘା ବଜାରରେ ଥିବା ବିଗ୍ ବଜାର ଓ ଚୌଧୁରୀ ବଜାରରେ ଥିବା ଆଇନକ୍ସ କମ୍ପ୍ଲେକ୍ସ ବନ୍ଦ ରହିବ।

ଅପରପକ୍ଷେ ସର୍ତ୍ତମୂଳକ ଭାବେ କେତେକ ବ୍ୟାବସାୟିକ ପ୍ରତିଷ୍ଠାନ ଖୋଲା ରହିପାରିବ। ସମସ୍ତ ପରିବା ଓ ରାଶନ ଦୋକାନ ଖୋଲା ରହିବ। ଜଳଖିଆ ଦୋକାନ ଓ ଛୋଟଛୋଟ ଖାଦ୍ୟ ପ୍ରସ୍ତୁତକାରୀ ଦୋକାନ ଖୋଲା ରହିବ, କିନ୍ତୁ କେବଳ ପାର୍ସଲ୍ ହିଁ ଦିଆଯିବ। ସାଲୁନ୍ ଓ ବିୟୁଟି ପାର୍ଲର ଖୋଲିବ, ହେଲେ କର୍ମଚାରୀମାନେ ଗ୍ଲୋଭ୍‌ସ ଓ ମାସ୍କ ପିନ୍ଧିବାକୁ ବାଧ୍ୟ। ଔଷଧ ଦୋକାନ ବ୍ୟତୀତ ସମସ୍ତ କିରାଣା ଦୋକାନ ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ। ସନ୍ଧ୍ୟା ୭ରୁ ସକାଳ ୭ଟା ପର୍ଯ୍ୟନ୍ତ ସାଧାରଣ ଗତିବିଧି ଉପରେ କଟକଣା ଜାରି ହୋଇଛି। ଫ୍ଲୁ ଲକ୍ଷଣ ଥିଲେ କର୍ମଚାରୀଙ୍କୁ ଛୁଟି ଦେବାକୁ କୁହାଯାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନିମାପଡ଼ା,୨୧।୫(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ହଂସପଡ଼ା ସାମିଲ ତଳଅଣ୍ଡିଆ ଗ୍ରାମରୁ ଗୁରୁବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ଅରୁଣ କୁମାର ବେହେରା(୩୨)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୮/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅରୁଣ ବୁଧବାର ରାତିରେ ଘରେ ଶୋଇଥିଲେ। ଗୁରୁବାର ସକାଳେ ସେ ଉଠିବାକୁ ବିଳମ୍ବ କରିବାରୁ ପରିବାର ଲୋକେ ଘର କବାଟ ବାଡେଇ ଡାକିଥିଲେ। କିନ୍ତୁ କୌଣସି ଉତ୍ତର ମିଳି ନ ଥିଲା। ପରେ ପରିବାର ଲୋକେ ଘର ସ୍କାଏଲାଇଟରେ ଅରୁଣ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଘର କବାଟ ଭାଙ୍ଗିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଥିଲେ। ମୃତକଙ୍କ ଭାଇ ତରୁଣ ଥାନାରେ ଅଭିଯୋଗ କରିଛନ୍ତି।

# ରିପୋର୍ଟ ବିଗାଡ଼ିପାରେ ନକଲି ନମୁନା ସଂଗ୍ରହ ପାତ୍ର

କଟକ ଅଫିସ,୨୧।୫

- ନିଦାନ ବିଭାଗରେ ଅବ୍ୟବସ୍ଥା
- ପ୍ରେସ୍‌କ୍ରିପ୍ସନ ଫଟୋ କପି କରିବାକୁ ରୋଗୀ ହନ୍ତସନ୍ତ

ଏସ୍‌ସିବିରେ ଗରିବ ରୋଗୀଙ୍କ ପାଇଁ ସରକାର ମାଗଣା ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ଏଠାକୁ ଦୈନିକ ହଜାର ହଜାର ରୋଗୀ ରାଜ୍ୟ ଓ ବାହାରୁ ଆସୁଛନ୍ତି। ବିପୁଳ ଆସ୍ଥା ପାଇଥିବା ଏହି ଚିକିତ୍ସାଳୟ କିଛି ନିର୍ଦ୍ଦିଷ୍ଟ ଦିଗରେ ଅବ୍ୟବସ୍ଥା ଯୋଗୁ ରୋଗୀଙ୍କ ଦୁଃଖ ବଢ଼ାଇଦେଉଛି। ଏଠି ଏବେ ନିଦାନ ବିଭାଗରେ ହାତୀ ଚାଲିଯିବା ପାଇଁ ବାଟ ଥିଲାବେଳେ ପିମ୍ପୁଡି ଯିବାକୁ ବାଟ ନାହିଁ ଭଳି ସ୍ଥିତି।

ଏସ୍‌ସିବି ନିଦାନ ବିଭାଗରେ ସମସ୍ତ ପ୍ରକାର ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ପାଇଁ ରୋଗୀଙ୍କୁ ଦେୟ ଦେବାକୁ ପଡୁନାହିଁ। ବାହାରକୁ ପରୀକ୍ଷା ପାଇଁ ଯାଇ ଖର୍ଚ୍ଚାନ୍ତ ହେଉନାହାନ୍ତି ରୋଗୀ। କିନ୍ତୁ ପରୀକ୍ଷା ପୂର୍ବରୁ ରୋଗୀଙ୍କ ପାଇଁ ହସ୍ପିଟାଲ ରଖିଥିବା କିଛି ନିୟମ ବହୁ କଷ୍ଟ ଦେଉଛି। ପ୍ରତ୍ୟେକ ଟେଷ୍ଟ ପାଇଁ ସମ୍ପୃକ୍ତ ବିଭାଗରେ ପ୍ରେସକ୍ରିପ୍ସନର ଫଟୋ କପି ଜମା ରଖିବା ହେଉଛି ସେହିଭଳି ଏକ ନିୟମ ଯାହାକୁ ମାନିବାକୁ ଯାଇ ରୋଗୀ ଓ ତାଙ୍କ ସମ୍ପର୍କୀୟ ହଇରାଣ ହେଉଛନ୍ତି। କେତେଜଣ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି ଯେ, ହସ୍ପିଟାଲ କର୍ତ୍ତୃପକ୍ଷ ଚାହିଁଲେ ପ୍ରେସକ୍ରିପ୍ସନକୁ ସ୍କାନ କରି ରଖିପାରିବେ କିମ୍ବା ସମସ୍ତ ନିଦାନ ବିଭାଗରେ ପୋର୍ଟେବଲ ଜେରକ୍ସ ମେଶିନ ବ୍ୟବସ୍ଥା କରିପାରିବେ। ଅଧିକାଂଶ ପରୀକ୍ଷା ପାଇଁ ହସ୍ପିଟାଲ ନମୁନା ସଂଗ୍ରହ ପାତ୍ର ଯୋଗାଇ ଦେଉଛି। କିନ୍ତୁ କିଛି କ୍ଷେତ୍ରରେ ରୋଗୀମାନେ ବାହାରୁ ନକଲି ପାତ୍ର କିଣୁଛନ୍ତି। କ୍ୟାମ୍ପସ୍ ଭିତରେ ପ୍ରାୟ ୧୫ ଜଣ ଉଠା ବ୍ୟବସାୟୀ ନମୁନା ସଂଗ୍ରହ ପାତ୍ର ବିକୁଛନ୍ତି। ବାହାରେ ମିଳୁଥିବା ଏହି ପାତ୍ରର ଗୁଣବତ୍ତା ତଥା ଶୁଦ୍ଧତା ନେଇ ଅନେକ ଆଶଙ୍କା ପ୍ରକାଶ ପାଉଛି, ଯାହା ଟେଷ୍ଟ ରିପୋର୍ଟକୁ ପ୍ରଭାବିତ କରିପାରେ। ଏପରି ଅବ୍ୟବସ୍ଥା ନେଇ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପଚରାଯିବାରୁ ସେ କହିଛନ୍ତି, ପର୍ଯ୍ୟାୟକ୍ରମେ ଏସବୁ ସମସ୍ୟାର ସମାଧାନ କରାଯିବ।


ଏସିବି ମେଡିକାଲ ପରିସରରେ ନମୂନା ସଂଗ୍ରହ ପାତ୍ର ବିକ୍ରି ହେଉଛି ।

## ସଂକ୍ଷେପରେ

### ଯାଜପୁର: ପୁଣି ୫ କରୋନା ସଂକ୍ରମିତ

**ଯାଜପୁର ଅଫିସ, ୨୧।୫:** ଯାଜପୁର ଜିଲାରେ ଗୁରୁବାର ନୂତନ ୫ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାପରେ ଜିଲାରେ ସମୁଦାୟ ସଂକ୍ରମିତ ସଂଖ୍ୟା ୧୭୯ରେ ପହଞ୍ଚିଛି। ଜିଲାର ଦାନଗଦି ବ୍ଲକରେ ପ୍ରଥମକରି କରୋନା ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଦାନଗଦି ବ୍ଲକ ଉଛବାଲି ପଞ୍ଚାୟତ ସନ୍ତରାଗଡିଆ ଗ୍ରାମର ୪ ଜଣ ବ୍ୟକ୍ତି କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ବୟସ ୩୦, ୪୧, ୪୦ ଓ ୩୪ ବର୍ଷ। ଅନ୍ୟଜଣେ ବରୀ ବ୍ଲକ ହରିପୁର ଗ୍ରାମର ୨୧ ବର୍ଷୀୟ ପୁରୁଷ ବୋଲି ସୂଚନା ମିଳିଛି। ସମସ୍ତ ଆକ୍ରାନ୍ତ ଚେନ୍ନାଇ ଫେରନ୍ତା ବୋଲି ଜଣାପଡିଛି। ତେବେ ଦାନଗଦି ବ୍ଲକର ସଂକ୍ରମିତମାନେ ପୂର୍ବରୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିବାରୁ କୌଣସି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇନାହିଁ।

### ମହିଳାଙ୍କୁ ଗରମ ପାଣି ମାଡ଼

**ଖଣ୍ଡପଡ଼ା, ୨୧।୫(ସ୍ୱ.ପ୍ର.):** ଖଣ୍ଡପଡା ଥାନା ଖଲିସାହି ପଞ୍ଚାୟତ ବରଡାବାରି ଗ୍ରାମର ଜଣେ ମହିଳାଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ୧୩୬/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗକ୍ରମେ ଗୁରୁବାର ସକାଳେ ସାମାନ୍ୟ କଥାକୁ ନେଇ ଗ୍ରାମର ସନ୍ତୋଷ କୁମର ତ୍ରିପାଠୀଙ୍କ ସ୍ତ୍ରୀ ପ୍ରିୟମ୍ବଦାଙ୍କୁ ଶାଶୁ ଓ ନଣନ୍ଦ ନାନା କଟୁକଥା କହି ମାରଧର କରିବାକୁ ଉଦ୍ୟମ କରିଥିଲେ। ଏହାର ପ୍ରତିବାଦ କରିବାରୁ ଉଭୟେ ପ୍ରିୟମ୍ବଦାଙ୍କ ଉପରକୁ ଗରମ ପାଣି ଫିଙ୍ଗିଥିଲେ। ଏଥିରେ ତାଙ୍କ ମୁହଁ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ପାଟିଶୁଣି ପଡିଶା ଘର ଲୋକେ ପହଞ୍ଚି ତାଙ୍କୁ ଚିକିତ୍ସା ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେହିପରି ଅପରପକ୍ଷଙ୍କ ପାଲଟା ଅଭିଯୋଗକ୍ରମେ ୧୩୭/୨୦ରେ ମାମଲା ରୁଜୁ ହୋଇଥିବା ଆଇଆଇସି ବିମଳ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ।

### କୂଅରେ ପଡ଼ି କଲେଜ ଛାତ୍ରୀ ମୃତ

**ନୟାଗଡ଼ ଅଫିସ/ରଣପୁର, ୨୧।୫(ସ୍ୱ.ପ୍ର.):** ରଣପୁର ଥାନା ଲେଖନପୁର ଗାଁରେ ଗୁରୁବାର କୂଅରୁ ପାଣି କାଢୁଥିବାବେଳେ ଖସିପଡି ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପ୍ରଭାତୀ ବେହେରା (୧୪) ଲେଖନପୁର ଗାଁର ପ୍ରଫୁଲ୍ଲ ବେହେରାଙ୍କ ଝିଅ ପ୍ରଭାତୀ ଯୁକ୍ତ୨ରେ ପଢୁଥିଲେ। ପୂର୍ବାହ୍ନରେ ସେ ପଡୋଶୀ ଘରର କୂଅରୁ ପାଣି ଆଣିବା ପାଇଁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ରଣପୁର ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି କୂଅରୁ ପ୍ରଭାତୀଙ୍କ ମୃତଦେହ କାଢ଼ିଥିଲେ।

### ମହିଳାଙ୍କୁ ହତ୍ୟା ଅଭିଯୋଗ: ସ୍ୱାମୀ ଅଟକ

**ବିଞ୍ଝାରପୁର, ୨୧।୫ (ଡି.ଏନ.ଏ.):** ବିଞ୍ଝାରପୁର ଥାନା ଆଖୁନ ମହଲ୍ଲାର ଅନୋରା ବିବିଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଶାଶୁଘର ଲୋକେ ତାଙ୍କୁ ଯୌତୁକ ନିର୍ଯାତନା ଦେଇ ହତ୍ୟା କରିଥିବା ତାଙ୍କ ଭାଇ ସେକ ଅମିରୁଦ୍ଦିନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ୮ବର୍ଷ ତଳେ ଅନୋରା ଆଖୁନମହଲ୍ଲା ଗ୍ରାମର ସେକ୍ ପଞ୍ଚୁଆଙ୍କ ପୁଅ ସେକ ମାହେରଙ୍କୁ ବିବାହ କରିଥିଲେ। ବାହାଘର ପରଠାରୁ ଶାଶୁଘର ଲୋକେ ତାଙ୍କୁ ଯୌତୁକ ବାବଦରେ ୧ଲକ୍ଷ ଟଙ୍କା ଆଣିବାକୁ ନିର୍ଯାତନା ଦେବା ସହ ବାପଘରକୁ ପଠାଇ ଦେଉଥିଲେ। ତେବେ ଶାଶୁଘର ଲୋକେ ତାଙ୍କୁ ଜୀବନରୁ ମାରିଦେବେ ବୋଲି ବୁଧବାର ବିଳମ୍ବିତ ରାତିରେ ତାଙ୍କ ଭାଇଙ୍କୁ ଫୋନ୍ କରି କହିଥିଲେ। ଗୁରୁବାର ଅନୋରାଙ୍କର ମୃତ୍ୟୁ ଘଟିଥିବା ନେଇ ଶାଶୁଘର ଲୋକେ ବାପଘର ଲୋକଙ୍କୁ ଜଣାଇ ନ ଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ବିଞ୍ଝାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଥାନାରେ ୧୩୭/୨୦ନଂ.ରେ ମାମଲା ରୁଜୁ ହୋଇଛି।

# ‘ଆମକୁ ଅଣଦେଖା କଲେ ସରକାର’

**କରୋନା ମୁକାବିଲା: ପଞ୍ଚାୟତ ପ୍ରତିନିଧିଙ୍କ ଅଭିଯୋଗ**

**ୱାର୍ଡ ସଭ୍ୟ, ପଞ୍ଚାୟତ ସମିତି ସଭ୍ୟ, ଜିଲାପରିଷଦ ସଭ୍ୟଙ୍କୁ ଦିଆଯାଉନି ଗୁରୁତ୍ୱ**

**ରସୁଲପୁର, ୨୧।୫ (ଡି.ଏନ୍.ଏ.)**

ମହାମାରୀ କୋଭିଡ୍-୧୯ ମୁକାବିଲା ପାଇଁ ରାଜ୍ୟ ସରକାର ପଞ୍ଚାୟତସ୍ତରରେ ସରପଞ୍ଚମାନଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି। ଏପରିକି ସେମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରାଯାଇଛି। ମହାମାରୀ ମୁକାବିଲା ସକାଶେ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସହାୟତା ନେଇ ସରପଞ୍ଚମାନଙ୍କୁ ଗୁରୁତ୍ୱ ଦେଇଛନ୍ତି, ଯାହାକୁ ରସୁଲପୁର ବ୍ଲକ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ନିର୍ବାଚିତ ଲୋକ ପ୍ରତିନିଧି ନାପସନ୍ଦ କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ମୁଖ୍ୟ ହେଉଛନ୍ତି ସରପଞ୍ଚ। ତାଙ୍କ ଅଧୀନରେ ନିର୍ବାଚିତ ୱାର୍ଡ ସଭ୍ୟମାନେ ରହିଥିବା ବେଳେ ୨ୟ ଶାଖାଟି ପଞ୍ଚାୟତ ସମିତି ଓ ୩ୟ ଜିଲାପରିଷଦ। ସେମାନେ ଯାହା ନିଷ୍ପତ୍ତି ନେବେ ତାକୁ ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ କରାଯାଇଥାଏ। ଏହା ତ୍ରିସ୍ତରୀୟ ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହୋଇଥିବା ବେଳେ କରୋନା ମୁକାବିଲା କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଇଛି। ସରକାର କେବଳ ସରପଞ୍ଚଙ୍କୁ ଗୁରୁତ୍ୱ ଦେଇଥିବାରୁ ଅନ୍ୟ ପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସରପଞ୍ଚଙ୍କ ମଧ୍ୟରେ ସୀମିତ କରିଦିଆଯାଇ ୱାର୍ଡ ସଭ୍ୟ, ପଞ୍ଚାୟତ ସମିତି ସଭ୍ୟ, ଜିଲାପରିଷଦ ସଭ୍ୟମାନଙ୍କୁ ଅଣଦେଖା କରାଯାଇଛି ବୋଲି ଅଭିଯୋଗ ହୋଇଛି। ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ସାମିଲ କରାଯାଇଥିଲେ ଏହି ରୋଗ ସଂକ୍ରମଣ ରୋକିବା ଆହୁରି ସହଜ ହୋଇପାରିଥାନ୍ତା ବୋଲି ମତପ୍ରକାଶ ପାଇଛି।



କରୋନା ମୁକାବିଲା କ୍ଷେତ୍ରରେ ସରକାର, ପ୍ରଶାସନିକ ଅଧିକାରୀମାନେ ସରପଞ୍ଚମାନଙ୍କୁ ଗୁରୁତ୍ୱ ଦେଉଛନ୍ତି। ଆଉ ଅନ୍ୟମାନଙ୍କୁ ଅଣଦେଖା କରି ସେମାନଙ୍କ ସମ୍ମାନକୁ ସାଧାରଣରେ କ୍ଷୁର୍ଣ୍ଣ କରିଛନ୍ତି।

**- ରଶ୍ମିରଞ୍ଜନ ନାୟକ, ୩୪ନଂ. ଜିଲାପରିଷଦ ସଦସ୍ୟ**



ସରକାର କେବଳ ସରପଞ୍ଚଙ୍କୁ କ୍ଷମତାଶାଳୀ ବୋଲି କହି ସମିତିସଭ୍ୟାସଭ୍ୟଙ୍କୁ କୋଣଠେସା କରିଛନ୍ତି। ଫଳରେ ସରପଞ୍ଚମାନଙ୍କର ମନମୁଖି କାର୍ଯ୍ୟ ବଢ଼ିଯାଇଛି। ସରପଞ୍ଚମାନେ କରୋନା ସନ୍ଦିଗ୍ଧ ଅନ୍ତେବାସୀମାନଙ୍କର ସମସ୍ୟାକୁ ଠିକ୍ ଭାବେ ବୁଝୁନାହାନ୍ତି। ଅନ୍ୟ ପ୍ରତିନିଧିମାନଙ୍କ କଥାକୁ ମଧ ଗୁରୁତ୍ୱ ଦେଉନାହାନ୍ତି।

**- ଚୈତନ୍ୟ ନାୟକ, ବାରବାଟୀ ସମିତିସଭ୍ୟ**



ସରପଞ୍ଚ ହେଉଛନ୍ତି ପଞ୍ଚାୟତର ମୁଖ୍ୟ, ତାଙ୍କୁ ଅଧିକ କ୍ଷମତା ଦେବାରେ କିଛି ଅସୁବିଧା ନାହିଁ। ମାତ୍ର ତ୍ରିସ୍ତରୀୟ ବ୍ୟବସ୍ଥାରେ ଥିବା ଅନ୍ୟ ଜନପ୍ରତିନିଧିଙ୍କୁ ଅଣଦେଖା କରିବା ଠିକ୍ ନୁହେଁ। କରୋନା ମୁକାବିଲା ଦିଗରେ ପଞ୍ଚାୟତ ସମିତି, ଜିଲାପରିଷଦ ଜୋନ୍ସ୍ତରୀୟ କମିଟି ଗଠନ କରାଯାଇ କ୍ଷମତାକୁ ବିକେନ୍ଦ୍ରୀକରଣ କରାଯାଇଥିଲେ ଭଲ ହୋଇଥାଆନ୍ତା। ଜଣେ ଜନ ପ୍ରତିନିଧିର ଦାୟିତ୍ୱକୁ ଅଣଦେଖା କରାଯିବା ଉଚିତ ନୁହେଁ।

**- ଶିବପ୍ରସାଦ ମହାନ୍ତି, ବରିଷ୍ଠ ଆଇନଜୀବୀ**

# ରସୁଲପୁର ୪୮ ଘଣ୍ଟା କଣ୍ଟେନ୍ମେଣ୍ଟ ଜୋନ୍



ସଂକ୍ରମିତ ଚିହ୍ନଟ ପରେ ରସୁଲପୁର ଗ୍ରାମକୁ ସାନିଟାଇଜ୍ କରାଯାଉଛି।

**ଆଳି, ୨୧।୫(ଡି.ଏନ୍.ଏ.)**

**ଆଳିରୁ ୩ୟ କରୋନା ସଂକ୍ରମିତ ଚିହ୍ନଟ**

କେନ୍ଦ୍ରାପଡା ଜିଲା ଆଳି ବ୍ଲକ ଅନ୍ତର୍ଗତ ମେଣ୍ଢପୁର ପଞ୍ଚାୟତର ରସୁଲପୁର ଗ୍ରାମରୁ ଜଣେ ମହିଳା କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବୁଧବାର ସନ୍ଧ୍ୟାରେ ଏନେଇ ସୂଚନା ମିଳିଥିବା ବେଳେ ବାତ୍ୟା ଅମ୍ଫାନ୍ ଯୋଗୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଗୁରୁବାର ସକାଳେ ଆକ୍ରାନ୍ତ ମହିଳାଙ୍କୁ ଭୁବନେଶ୍ୱରସ୍ଥିତ ସମ୍ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଏଥିସହ ରସୁଲପୁର ଗ୍ରାମକୁ ୪୮ ଘଣ୍ଟା ପାଇଁ କଣ୍ଟେନ୍ମେଣ୍ଟ ଜୋନ୍ ଘୋଷଣା କରାଯାଇଛି ବୋଲି ବିଡିଓ ଦ୍ୱିବେନ୍ଦୁ ଦାସ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟକର୍ମୀମାନେ ଗ୍ରାମର ଘର ଘର ବୁଲି ସ୍କ୍ରିନିଂ କରିଥିବା ବେଳେ ଅଗ୍ନିଶମ ବାହିନୀ ପକ୍ଷରୁ ସାନିଟାଇଜ କରାଯାଇଛି। ସଂକ୍ରମିତ ମହିଳା ହାଇଦ୍ରାବାଦରୁ ଆସି କେନ୍ଦ୍ରାପଡା କଲେଜରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ଥିଲେ। ତାଙ୍କର ଏକ ଛୋଟ ଶିଶୁ ଥିବାରୁ ଅନୁରୋଧକ୍ରମେ ହୋମ କ୍ୱାରାଣ୍ଟାଇନ୍‌ରେ ରହିବାକୁ ମେ ୧୩ରେ ଛାଡି ଦିଆଯାଇଥିଲା। ମାତ୍ର ସେ ପଟ୍ଟାମୁଣ୍ଡାଇସ୍ଥିତ ସାନଜରିଆରେ ଥିବା ଶାଶୁଘରକୁ ନ ଯାଇ ବାପଘର ରସୁଲପୁରକୁ ଚାଲି ଆସିଥିଲେ। ଏନେଇ ତାଙ୍କ ମା’, ବାପା ଓ ଭାଇଙ୍କ ସମେତ ନିକଟରେ ଥିବା ୨ ପଡୋଶୀଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିବା ବିଡିଓ ଦାସ କହିଛନ୍ତି।

# ଜାଲିଆତି କରି ଧାନ ବିକ୍ରି

**ଓଡ଼ଗାଁ, ୨୧।୫(ସ୍ୱ.ପ୍ର.)**

**ପ୍ରକୃତ ଜମି ମାଲିକ ଧାନ ବିକ୍ରିରୁ ବଞ୍ଚିତ**

ନୟାଗଡ ଜିଲା ଓଡ଼ଗାଁ ବ୍ଲକ ଅଧୀନ ପାଣ୍ଡେରିପଡା ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ଜିଲା ବାହାରେ ସରକାରୀ ଚାକିରି କରୁଥିବା ଜଣେ ମହିଳା ଜାଲିଆତି କରି ୧୩୭ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଅଭିଯୋଗ ହୋଇଛି। ସେ ପାଣ୍ଡେରିପଡାର ମୂଳ ବାସିନ୍ଦା ହୋଇଥିବା ବେଳେ ପଡୋଶୀ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ଅଛନ୍ତି। ଏପରିସ୍ଥଳେ ସେ ଏହି ଜିଲା ନୂଆଗାଁ ତହସିଲ ଅଧୀନ ଆମ୍ବପଡା ଗ୍ରାମର ବିଶ୍ୱନାଥ ମହାପାତ୍ରଙ୍କ ମାଲିକାନାରେ ଆମ୍ବପଡା ମୌଜାରେ ଥିବା ଖାତା ନମ୍ବର ୧୨୦ଅନ୍ତର୍ଗତ ୮୧୨, ୮୪୧, ୮୪୨ ପ୍ଲଟ ଓ କଇଥପଲ୍ଲୀ ମୌଜାର ୧୫୪ ନମ୍ବର ଖାତା ଅନ୍ତର୍ଗତ ୩୩୨ପ୍ଲଟ ଆଦି ଜମି ନୂଆ କିଣାଯାଇଥିବା ଦର୍ଶାଇ ସମ୍ପୃକ୍ତ ସେବା ସମିତି ଜରିଆରେ ୧୩୭ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିକ୍ରି କରିଛନ୍ତି। ଟୋକନ୍ ନମ୍ବର ୬୭, ୫୮ ଓ ୬୧ ମାଧ୍ୟମରେ ସେ ଧାନ ବିକ୍ରି ବାବଦ ସମସ୍ତ ଟଙ୍କା ଓଡ଼ଗାଁସ୍ଥିତ ନୟାଗଡ଼ ଜିଲା ସମବାୟ ବ୍ୟାଙ୍କ ଜରିଆରେ ହାସଲ କରିଥିବା ପ୍ରାପ୍ତ ଦସ୍ତାବିଜରୁ ଜଣାଯାଇଛି। ଜମି ମାଲିକଙ୍କ ପୁତ୍ର ଅନ୍ତର୍ଯାମୀ ମହାପାତ୍ର ଏସବୁ ଜମିର ଖତିୟାନ ଆଧାରରେ ଧାନ ବିକ୍ରି ଉଦ୍ୟମ କରିଥିଲେ। ହେଲେ ଚଳିତବର୍ଷ ତାଙ୍କ ଖତିୟାନ ନମ୍ବରକୁ ଅନ୍ୟ କେହି ପଞ୍ଜୀକୃତ କରି ଆଗରୁ ଧାନ ବିକ୍ରି କରିଥିବାରୁ ସେ ଚଳିତ ବର୍ଷ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ସେ ସମସ୍ତ ଦସ୍ତାବିଜ ହାସଲ କରିବା ପରେ ଜିଲାପାଳ ନୟାଗଡ଼, ଉପ ମହାନିବନ୍ଧକ ସମବାୟ ବିଭାଗ, ଜିଲା ଯୋଗାଣ ଅଧିକାରୀ, ରାଜ୍ୟ ସ୍ୱାସ୍ଥ୍ୟ ସଚିବ, ଜିଲାପାଳ ଗଞ୍ଜାମ ଓ ୫-ଟି ସଚିବଙ୍କୁ ୭ ତାରିଖରେ ରେଜେଷ୍ଟ୍ରି ଡାକ ମାଧ୍ୟମରେ ଲିଖିତ ଅଭିଯୋଗ ପଠାଇଥିବା ଜଣାଇଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କୁ ପଚାରିବାରୁ ସେ ଏସବୁ ଜାଲିଆତିର ତଦନ୍ତ ଏଆର୍‌ସିଏସ୍ ନୟାଗଡ଼ କରୁଥିବା କହି ଫୋନ କାଟିଦେଇଥିଲେ।

### ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷଙ୍କ ଜିଲାପାଳଙ୍କ ସହ ଆଲୋଚନା

**କେନ୍ଦ୍ରାପଡ଼ା ଅଫିସ, ୨୧।୫**

ସାମୁଦ୍ରିକ ଝଡ ଅମ୍ଫାନ୍ କେନ୍ଦ୍ରାପଡା ଜିଲାରେ ପ୍ରଭାବ ପକାଇଛି। ସମୁଦ୍ର ଜୁଆର ପାଣି ଓ ନଦୀ ଜଳ ଉଛୁଳିବା ସହ ଘେରି ବନ୍ଧ ଭାଙ୍ଗିଛି। ରାଜନଗର ଓ ମହାକାଳପଡା ବ୍ଲକ ଅଞ୍ଚଳରେ ଲୁଣି ପାଣି ପଶି ଫସଲ ନଷ୍ଟ ହୋଇଛି। ଝଡ ବାତ୍ୟାର କ୍ଷୟକ୍ଷତି ସମ୍ପର୍କରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଗୁରୁବାର ଜିଲାପାଳ ସମର୍ଥ ବର୍ମାଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ସମୟରେ ସେ ତୁରନ୍ତ ବାତ୍ୟା କ୍ଷୟକ୍ଷତି ଆକଳନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହିତ ବିଦ୍ୟୁତ୍, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ପରି ମୌଳିକ ଆବଶ୍ୟକତା ପୂରଣ ପାଇଁ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଭାଜପା ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ସଲିମ ଖାଁ ପ୍ରମୁଖ ସାମିଲ ହୋଇଥିଲେ।

# ନୟାଗଡ଼ରେ ୧୧ ନୂଆ କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ/ଓଡଗାଁ, ୨୧।୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡଗାଁ ବ୍ଲକର କୁରାଳ କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ୩୨, ୩୫, ୩୫, ୧୭, ୧୭, ୫୨, ୩୩, ୩୮, ୩୫ ଓ ୩୦ ବର୍ଷର ୧୦ଜଣ ଏବଂ ସୁନାମୁହିଁ କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ୪୨ବର୍ଷର ଜଣେ ପ୍ରବାସୀ କରୋନା ଆକ୍ରାନ୍ତ ବୋଲି ବୁଧବାର ଚିହ୍ନଟ ହୋଇଛନ୍ତି। ସିଡିଏମ୍‌ଓ ଶ୍ୱେତ ମହାପାତ୍ରଙ୍କ ସୂଚନା ଅନୁସାରେ କୁରାଳ କ୍ୱାରାଣ୍ଟାଇନ କେନ୍ଦ୍ରରୁ ୪୦ ଓ ସୁନାମୁହିଁ କ୍ୱାରାଣ୍ଟାଇନ କେନ୍ଦ୍ରରୁ ୨୩ଜଣଙ୍କ ସ୍ୱାବ୍ ଟେଷ୍ଟ ପାଇଁ ଯାଇଥିଲା। କୁରାଳ କେନ୍ଦ୍ରରେ ୯ଜଣ ନାଥିଆପଲ୍ଲୀ ଅଞ୍ଚଳର ଓ ଜଣେ କୁରାଳ ଅଞ୍ଚଳର ଆକ୍ରାନ୍ତ ଅଛନ୍ତି। ସେହିଭଳି ସୁନାମୁହିଁ କେନ୍ଦ୍ରରେ ନୂଆଗାଁ ବ୍ଲକ ତୋଡିଗାଡିଆ ଅଞ୍ଚଳର ଜଣେ ଆକ୍ରାନ୍ତ ଅଛନ୍ତି। ସମସ୍ତ ଆକ୍ରାନ୍ତ ସୁରଟରୁ ଆସିଥିଲେ। ନୟାଗଡ ଜିଲାରେ ଗତ ୧୧ ଦିନରେ ୨୧ ଜଣ କରୋନାରେ ଆକ୍ରାନ୍ତ ବୋଲି ଚିହ୍ନଟ ହୋଇ ସାରିଲେଣି। ଏଥିରେ ଓଡଗାଁ ବ୍ଲକର ୧୭ ଓ ଗଣିଆ ବ୍ଲକର ୪ଜଣ ଅଛନ୍ତି। ତେବେ ଶରଣକୁଳ ନିକଟ କରଡା ହରିହରପୁର କ୍ୱାରାଣ୍ଟାଇନ୍ କେନ୍ଦ୍ରର ପ୍ରଥମ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷେ କୁରାଳ କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ୧୦ଜଣ କରୋନା ଅକ୍ରାନ୍ତ ଚିହ୍ନଟ ହେବା ପରେ ସେଠାରେ ନିୟୋଜିତ ୧୦ଜଣ ବ୍ୟକ୍ତି ନିଜ କାମ ଛାଡି ଘରକୁ ପଳାଇଛନ୍ତି।

# ଫଳ ଦୋକାନରେ ଭୁଲିଗଲେ ସାମାଜିକ ଦୂରତ୍ୱ



ଏକ ଫଳ ଦୋକାନରେ ଗହଳି ଲାଗିଛି।

**ଖଣ୍ଡପଡ଼ା, ୨୧।୫(ସ୍ୱ.ପ୍ର.):** ରାତି ପାହିଲେ ସାବିତ୍ରୀ ବ୍ରତ। ଏଥିପାଇଁ ଖଣ୍ଡପଡାର ରାସ୍ତା କଡରୁ ଆରମ୍ଭ କରି ବିଭିନ୍ନ ସାହିବସ୍ତି, ଛକ, ବଜାରରେ ଫଳ ଦୋକାନରେ ଗହଳି ଲାଗିଥିଲା। ସକାଳେ ଖଣ୍ଡପଡା, ଖଲିସାହି, କଣ୍ଟିଲୋ, ବେଣାଗାଡିଆ, ସିଧାମୂଳା ଆଦି ବଜାରରେ ସୀମିତ ପରିମାଣରେ ଫଳ ମହଜୁଦ ଥିବା ବେଳେ ହଠାତ୍ ଲୋକଙ୍କ ଗହଳିକୁ ଦେଖି ଫଳ ବ୍ୟବସାୟୀ ମନଇଚ୍ଛା ଦର ବୃଦ୍ଧି କରିଛନ୍ତି। ଆମ୍ବ କିଲୋ ପ୍ରତି ୬୦ଟଙ୍କା ଥିବାବେଳେ ସେଓ ୧୩୦ରୁ ୧୬୦, ଅଙ୍ଗୁର ୬୦, କମଳା ଶହେରୁ ୧୩୦ ଟଙ୍କା, କଦଳୀ ଡଜନ ୪୦ରୁ ୫୦, ସପୁରୀ ଗୋଟା ୨୫ରୁ ୩୦,ପଣସ ଶହେରୁ ଊର୍ଦ୍ଧ୍ୱ, ନଡ଼ିଆ ଗୋଟାକୁ ୨୫ରୁ ୩୦ଟଙ୍କା ରହିଥିଲା। ଲକ୍‌ଡାଉନ ନିୟମ ଜାରି ରହିଥିଲେ ମଧ୍ୟ ଫଳ ଦୋକାନରେ ଲୋକେ ସାମାଜିକ ଦୂରତ୍ୱ ଭୁଲିଯାଇଥିଲେ।

### ଲକ୍‌ଡାଉନ୍ ଉଠିଲେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାନାନ୍ତର

**ନୟାଗଡ଼ ଅଫିସ, ୨୧।୫:** କେନ୍ଦ୍ରୀୟ ବିଦ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ହାଉସିଂବୋର୍ଡ ନିକଟରେ ଥିବା ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ଚେୟାରମ୍ୟାନ ତଥା ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଥିଲା। ଲକ୍‌ଡାଉନ ଉଠିଲେ କେନ୍ଦ୍ରୀୟ ବିଦ୍ୟାଳୟ ନିଜସ୍ୱ ଗୃହକୁ ସ୍ଥାନାନ୍ତର ହେବ ବୋଲି ଜିଲାପାଳ କହିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ୨୦୧୨ରୁ ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଚାଲୁଛି। ଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଅଭିଭାବକ ସଂଘ ଏହାକୁ ସ୍ଥାନାନ୍ତର ପାଇଁ ଦାବି କରିଆସୁଥିଲେ।

# ଅମ୍ଫାନ୍ ପ୍ରଭାବ: ୬୧୦ ଚାଳଘର ନଷ୍ଟ

**କେନ୍ଦ୍ରାପଡ଼ା ଅଫିସ, ୨୧।୫**

ସାମୁଦ୍ରିକ ଝଡ଼ ଅମ୍ଫାନ୍ ପ୍ରଭାବରେ କେନ୍ଦ୍ରାପଡା ଜିଲାରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ମଙ୍ଗଳବାର ରାତିରୁ ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ହୋଇଥିବା ଝଡବାତ୍ୟାରେ ୮୧୮ ଏଲ୍‌ଟି ପୋଲ୍, ୨୯୭ ଏଚ୍‌ଟି ପୋଲ୍ ଓ ୪୦ ସବ୍‌ଷ୍ଟେଶନ ଉପୁଡି ପଡିଛି। ସେହିପରି ବିଭିନ୍ନ ସ୍ଥାନରେ ୬୯ ସ୍ୱାନ୍ କଣ୍ଡକ୍ଟର ନଷ୍ଟ ହୋଇଛି। ଇତିମଧ୍ୟରେ ୨୪ ଘଣ୍ଟା ବିତିଥିଲେ ମଧ୍ୟ ଜିଲାର ବିଭିନ୍ନ ଅଞ୍ଚଳ ଅନ୍ଧାର ରହିଛି। ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶଙ୍କ ସୂଚନା ଅନୁଯାୟୀ, ଜାତୀୟ ଉଦ୍ୟାନ ଭିତରକନିକାର ବହୁ ଗଛ ଝଡବାତ୍ୟା ପ୍ରଭାବରୁ ନଷ୍ଟ ହୋଇଛି। କାଳିଭଞ୍ଜଡ଼ିଆ, ଡାଙ୍ଗମାଳ, ସାତଭାୟା, ହାବଳୀଖଟି ଅଞ୍ଚଳରେ ସମୁଦ୍ର ଜୁଆର ପାଣି ପଶିବା ଫଳରେ ନୂତନ ବନ ନଷ୍ଟ ହୋଇଛି। ୪ଟି ଡଙ୍ଗା ନଷ୍ଟ ହେବା ସହିତ କେତେକ ସ୍ଥାନରେ ବିଭାଗୀୟ ଘର କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ସ୍ଥାନରେ ତଟକ୍ଷୟ ହୋଇଥିବାରୁ ଏହାର ଅନୁଧ୍ୟାନ ଚାଲିଛି। ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରାଥମିକ ସୂଚନା ଅନୁଯାୟୀ, ଝଡବାତ୍ୟାରେ ୮,୭୧,୯୪୩ଟି ଗୃହପାଳିତ ପଶୁପକ୍ଷୀ ପ୍ରଭାବିତ ହୋଇଛନ୍ତି। ଏପରି କି ଝଡ ପ୍ରଭାବରେ ୨ ଗୋରୁଙ୍କ ମୃତ୍ୟୁ ହୋଇଛି। ଗୋଟିଏ ପକ୍କାଘର ଆଂଶିକ କ୍ଷତି ହୋଇଥିବା ବେଳେ ୬୧୦ଟି ଚାଳଘର ନଷ୍ଟ ହୋଇଛି। ତେବେ ଜିଲାର ବିଭିନ୍ନ ଖାଲୁଆ ଓ ପ୍ରଭାବିତ ଅଞ୍ଚଳରେ ଥିବା ୩୯,୮୬୪ ଜଣଙ୍କୁ ଝଡ ବାତ୍ୟା ପୂର୍ବରୁ ସ୍ଥାନାନ୍ତର କରାଯାଇଥିବାରୁ ଧନ ଜୀବନକୁ ସୁରକ୍ଷିତ କରାଯାଇଛି। ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି ଯେ, ପ୍ରଶାସନିକ ଅଧିକାରୀ, ରାଜନେତା, ସ୍ୱେଚ୍ଛାସେବୀ ସଂଗଠନ, ଏନ୍‌ଡିଆର୍‌ଏଫ୍, ଓଡ୍ରାଫ, ଅଗ୍ନିଶମ ବାହିନୀ ଓ ଜନସାଧାରଣଙ୍କ ସହଯୋଗ ହେତୁ ବାତ୍ୟା ଯୋଗୁ କାହାରି ମୃତ୍ୟୁ ହୋଇନାହିଁ। ରାସ୍ତାଘାଟ, ଫସଲ ଆଦି କ୍ଷୟକ୍ଷତିର ଆକଳନ ଚାଲିଛି। ଖୁବ୍‌ଶୀଘ୍ର ଜିଲାବାସୀ ସ୍ୱାଭାବିକ ଜୀବନଯାତ୍ରାକୁ ଫେରିଆସିବେ ବୋଲି ସେ ମତ ଦେଇଛନ୍ତି।

# ‘ଅଭିଯୋଗକାରୀଙ୍କ ବିରୋଧରେ ଚକ୍ରାନ୍ତ କରାଯାଉଛି’

**ଯାଜପୁର ଅଫିସ, ୨୧।୫**

**ରାଶନ ସାମଗ୍ରୀ ବଣ୍ଟନରେ ଦୁର୍ନୀତି ପ୍ରସଙ୍ଗ**

ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ରାଶନ ସାମଗ୍ରୀ ବଣ୍ଟନରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଥିବା ବେଳେ ସମ୍ପୃକ୍ତ ଡିଲରମାନେ ଅଭିଯୋଗକାରୀଙ୍କ ବିରୋଧରେ ଧର୍ମଶାଳା ଥାନାରେ ମିଥ୍ୟା ମାମଲା ରୁଜୁ କରିଥିବା ଅଭିଯୋଗ ହୋଇଛି। ଏହି ମର୍ମରେ ଜିଲା ଭାଜପା ସାଧାରଣ ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା, ଆଇନଜୀବୀ ସତ୍ୟଜିତ ସ୍ୱାଇଁ, ଯୁବନେତା ଜିତେନ୍ଦ୍ର ବେହେରା ଜିଲା ଯୋଗାଣ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ମହାମାରୀ କରୋନା ସମୟରେ ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ରାଶନ ସାମଗ୍ରୀ ହିତାଧିକାରୀଙ୍କୁ ଦିଆ ନ ଯାଇ ହଡପ କରାଯାଇଛି। ଏ ନେଇ ଭାଜପାର ଜିଲା ସାଧାରଣ ସମ୍ପାଦକ ସର୍ବେଶ୍ୱର ବେହୁରା ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିରେ ବ୍ୟତିବ୍ୟସ୍ତ ହୋଇ ଦୁର୍ନୀତିରେ ସମ୍ପୃକ୍ତ ଡିଲର ଓ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଅଭିଯୋଗକାରୀ ସର୍ବେଶ୍ୱର ବେହୁରାଙ୍କ ନାମରେ ମିଥ୍ୟା ଅଭିଯୋଗ କରି ରାଶନ ସାମଗ୍ରୀ ଦୁର୍ନୀତି ତଦନ୍ତକୁ ପଥଭ୍ରଷ୍ଟ କରିବାକୁ ଚକ୍ରାନ୍ତ କରୁଛନ୍ତି। ତେଣୁ ସମ୍ପୃକ୍ତ ଡିଲରମାନଙ୍କ ରାଶନ ବଣ୍ଟନ ଖାତା ଓ ଗଚ୍ଛିତ ରାଶନ ସାମଗ୍ରୀ ଇତ୍ୟାଦିର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

ଧର୍ମଶାଳା ବ୍ଲକ ଆରୁହା ପଞ୍ଚାୟତର ହିତାଧିକାରୀ ମୃତ ପାର୍ବତୀ ସାହାଣୀ ଓ କମାଗଡ଼ର ରମା ବେହେରାଙ୍କ ନାମରେ ରାଶନ ସାମଗ୍ରୀ ହଡ଼ପ ଘଟଣା ଜଣାପଡିବା ପରେ ହରିଦାସପୁର, ମଙ୍ଗଳପୁର, ଉତ୍ତରପ୍ରତାପ ଗ୍ରାମର ଏକାଧିକ ପରିବାର ନାମରେ ରାଶନ ସାମଗ୍ରୀ ହଡପ ଅଭିଯୋଗ ହୋଇଛି।

# ମନ୍ଦିର, ମସଜିଦ୍‌ରେ ୧୪୪ ଧାରା

**ସାବିତ୍ରୀ ଅମାବାସ୍ୟା, ଇଦୁଲ୍‌ଫିତରକୁ ନେଇ ଜିଲାରେ ଉତ୍ସାହ**

**ଜଗତ୍‌ସିଂହପୁର ଅଫିସ, ୨୧।୫**

ଶୁକ୍ରବାର ସାବିତ୍ରୀ ବ୍ରତ। ଏନେଇ ଜଗତ୍‌ସିଂହପୁର ଜିଲାରେ ଗୁରୁବାର ଉତ୍ସାହ ଦେଖିବାକୁ ମିଳିଛି। ଲୋକେ ଜଗତ୍‌ସିଂହପୁର ସହର ସମେତ ଜିଲାର ବିଭିନ୍ନ ପ୍ରାନ୍ତରେ ବ୍ରତ ସାମଗ୍ରୀ, ଫଳ ଆଦି କିଣିବା ପାଇଁ ଭିଡ ଜମାଇଥିଲେ। ଅନୁରୂପ ଭାବେ ମୁସଲିମ୍ ସମ୍ପ୍ରଦାୟ ଲୋକେ ଇଦ୍-ଉଲ୍-ଫିତର ପାଳନ ନେଇ ଲାଚ୍ଛା ସିମେଇ ସହ ଅତର ଓ ଅନ୍ୟ ସାମଗ୍ରୀ କିଣିବା ପାଇଁ ଭିଡ ଜମାଉଛନ୍ତି। ତେଣୁ ୨ଟି ପର୍ବ ପାଳନ ଦୃଷ୍ଟିରୁ ସହର, ବଜାର ଚଳଚଞ୍ଚଳ ହୋଇପଡିଛି। ତେବେ ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲାରେ ୧୪୪ ଧାରା ଜାରି କରିଛନ୍ତି। ସାବିତ୍ରୀ ବ୍ରତ ନେଇ ଶୁକ୍ରବାର ଓ ଇଦ୍-ଉଲ୍-ଫିତର ଉପଲକ୍ଷେ ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଜିଲାରେ ୧୪୪ ଧାରା ଜାରି କରାଯାଇଛି। ଏହି ନିୟମ କଡାକଡି ପାଳନ କରାଯିବ ବୋଲି ଏସ୍‌ପି ପ୍ରକାଶ ଆର୍ ସୂଚନା ଦେଇଛନ୍ତି।

ଏବେ କରୋନାକୁ ନେଇ ଲକ୍‌ଡାଉନ୍ ଜାରି ରହିଛି। କିନ୍ତୁ ଶୁକ୍ରବାର ସାବିତ୍ରୀ ବ୍ରତ ପାଳନ ହେବାକୁ ଥିବାରୁ ଜଗତ୍‌ସିଂହପୁର ସହରରେ ଫଳ, ପୂଜା ସାମଗ୍ରୀ ଓ ଅନ୍ୟ ଦୋକାନଗୁଡିକରେ ପ୍ରବଳ ଭିଡ ହୋଇଥିଲା। ଯଦ୍ୱାରା ଲୋକେ ସାମାଜିକ ଦୂରତା କଥା ଭୁଲି ଯାଇଥିଲେ। ଦୋକାନୀ ସେଓ, ଅଙ୍ଗୁର, ଡାଳିମ୍ବ, ପଣସ, ସପୁରୀ, କଦଳୀ, ଜାମୁ, ଖଜୁରୀ, କେନ୍ଦୁ, ଲିଚୁ ଓ ନଡିଆ ଆଦି ଫଳ ଚଢ଼ାଦରରେ ବିକ୍ରି କରିଥିଲେ। କାରବାରରୁ ଜଣାଯାଇଥିଲା, ଶୁକ୍ରବାର ବିଭିନ୍ନ ଦେବଦେବୀ ମନ୍ଦିରରେ ଭିଡ ହେବ। ଭିଡ ହେଲେ କରୋନା ସଂକ୍ରମଣ ହେବା ଆଶଙ୍କା କରି ଜିଲା ପ୍ରଶାସନ ୧୪୪ ଧାରା ଜାରି କରିବାକୁ ନିଷ୍ପତ୍ତି ନେଇଛି। ଏହିଦିନ ଜିଲାର ସମସ୍ତ ଦେବଦେବୀ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ଏହି ଧାରା ବଳବତ୍ତର ରହିବ। ମନ୍ଦିର ଓ ଆଖପାଖ ଅଞ୍ଚଳରେ ୪ଜଣରୁ ଅଧିକ ଲୋକ ଏକାଠି ହୋଇପାରିବେନାହିଁ। ଏଥିସହ ଅନ୍ୟ କୌଣସି ସ୍ଥାନରେ ମଧ ଅଧିକ ଲୋକ ଏକତ୍ରିତ ହୋଇ ପୂଜାପାଠ କରିବା ଉପରେ କଟକଣା ଜାରି କରାଯାଇଛି। ଇଦ୍-ଉଲ୍-ଫିତର ପାଳନ ଅବସରରେ ଜିଲାର ସମସ୍ତ ମସଜିଦ୍ ଓ ଇଦ୍‌ଗା ପଡିଆ ପରିସର ଓ ଆଖପାଖ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। କେହି ମସଜିଦ୍ ଓ ଇଦ୍‌ଗା ପଡିଆରେ ଏକତ୍ରିତ ହୋଇ ସମୂହ ପ୍ରାର୍ଥନା କରିପାରିବେ ନାହିଁ। ଏ ସମ୍ପର୍କରେ କେତେଜଣ ଲୋକ କହିଛନ୍ତି, ସହରରେ ରାତିରେ କର୍ଫ୍ୟୁ ଜାରି କରାଯାଇଛି। କିନ୍ତୁ ଲୋକେ ବେଧଡ଼କ ଯାତାୟାତ କରୁଛନ୍ତି। ଦିନରେ ବଜାରରେ ପ୍ରବଳ ଗହଳି ସାଙ୍ଗକୁ ସାମାଜିକ ଦୂରତା ରହୁନି। ଲୁଗା, ପାନ ଦୋକାନଠାରୁ ଆରମ୍ଭ କରି ଏକାଧିକ ଦୋକାନ ଖୋଲିବା ଉପରେ କଟକଣା ଜାରି କରାଯାଇଛି। କିନ୍ତୁ ସବୁ ଦୋକାନ ଖୋଲୁଛି। ପ୍ରଶାସନ କେବଳ ୧୪୪ ଧାରା ଜାରି, ସାମାଜିକ ଦୂରତା ବଜାୟ ରଖିବା କଥା କହୁଛି। ଯାହାକି କରୋନା ଭଳି ମହାମାରୀକୁ ପ୍ରତିହତ କରିହେବ ନାହିଁ। ଲୋକେ ମଧ୍ୟ ସଚେତନ ନ ହେବା ଭବିଷ୍ୟତ ପାଇଁ ବିପଦ ଘନେଇ ଆସୁଥିବା ଅଭିଯୋଗ ହୋଇଛି।



ବଜାରରେ ଲୋକେ ସାମାଜିକ ଦୂରତା ନ ରଖି ସାମଗ୍ରୀ କିଣୁଛନ୍ତି।

**ରହୁନାହିଁ ସାମାଜିକ ଦୂରତ୍ୱ**

## ସଂକ୍ଷେପରେ

### ଝଡ଼ବାତ୍ୟା ନେଲା ଜୀବନ ବିଲରୁ ମୃତଦେହ ଉଦ୍ଧାର

**ବାସୁଦେବପୁର,୨୧।୫(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ତହସିଲ ଅଧୀନ ରାଧାନାଥପୁର ସଂଲଗ୍ନ ପାରାପାଟ ନିକଟସ୍ଥ ବିଲରୁ ଗୁରୁବାର ଜଣେ ଦିବ୍ୟାଙ୍ଗଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଦୟାନିଧି ପରିଡ଼ା(୫୫)। ଚୂଡ଼ାମଣି ସାମୁଦ୍ରିକ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଝଡ଼ବାତ୍ୟାରେ ଦୟାନିଧିଙ୍କର ମୃତ୍ୟୁ ହୋଇଥିବା ତାଙ୍କ ପୁଅ ଦିଲୀପ ପରିଡ଼ା ତହସିଲ ଓ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ସୂଚନା ଅନୁଯାୟୀ ଦୟାନିଧି ଜଣେ ମୂକ ଓ ବଧିର ବ୍ୟକ୍ତି ଅଟନ୍ତି। ବୁଧବାର ସକାଳେ ଗାଈ ଖୋଜିବାକୁ ବିଲକୁ ଯାଇଥିଲେ। ଅପରାହ୍ନରେ ଗାଈଟି ଘରକୁ ଫେରି ଆସିଥିବା ବେଳେ ଦୟାନିଧି ଘରକୁ ଫେରିପାରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଗୁରୁବାର ପାରାପାଟ ବିଲରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା।

### ଅନ୍ଧାରରେ ଖଇରାର ୩ ଶହ ଗ୍ରାମ

**ଖଇରା,୨୧।୫(ଡି.ଏନ.ଏ.):** ବାତ୍ୟା ଅମ୍ଫନ ପ୍ରଭାବରେ ବାଲେଶ୍ୱର ଜିଲା ଖଇରା ଉପଖଣ୍ଡ ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି । ବିଦ୍ୟୁତ ଉପଖଣ୍ଡ ଅଧୀନରେ ଖଇରା ବ୍ଲକ ଓ ଔପଦା ବ୍ଲକ ୬ ପଞ୍ଚାୟତ ରହିଥିବା ବେଳେ ଖଇରା ଔପଦା ଗଣ୍ଡିବେଡ ଭଳି କିଛି ବଜାରକୁ ଛାଡି ଦେଲେ ୩ଶହରୁ ଊର୍ଦ୍ଧ୍ୱ ଗ୍ରାମ ଅନ୍ଧାରରେ ରହିଛି । ଏହି ଉପଖଣ୍ଡ ଅଧୀନରେ ୮୨ଟି ଏଲଟି ବିଦ୍ୟୁତ ଖୁଣ୍ଟ, ୩୮ଟି ୧୧କେଭି ଖୁଣ୍ଟ ସହ ୬ଟି ଟ୍ରାନ୍ସଫର୍ମର ଭାଙ୍ଗିଯାଉଛି। ତେବେ ବିଦ୍ୟୁତ ରକ୍ଷାବେକ୍ଷଣ ଦାୟିତ୍ୱରେ ଥିବା କର୍ମଚାରୀମାନେ ଗଛକାଟି ନଷ୍ଟ ହୋଇଥିବା ତାରକୁ ସଜାଡିବାକୁ ଉଦ୍ୟମ କରିଥିଲେ ହେଁ ସନ୍ଧ୍ୟାସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ।

### ବିଦ୍ୟୁତ୍ ଖୁଣ୍ଟରୁ ଖସି ଲାଇନମ୍ୟାନଙ୍କ ଜୀବନ ଗଲା

**ବାଲେଶ୍ୱର ଅଫିସ/ଜଳେଶ୍ୱର, ୨୧।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ନାମ୍ପୋ ରାସ୍ତାରେ ବାତ୍ୟାରେ ଖରାପ ହୋଇଥିବା ବିଦ୍ୟୁତ୍‌କୁ ସଜାଡ଼ିବା ପାଇଁ ଗୁରୁବାର ହିମାଂଶୁ ମାଇକାପ (୪୪) ନାମକ ଲାଇନମ୍ୟାନ ଖୁଣ୍ଟ ଉପରକୁ ଚଢିଥିବା ବେଳେ କୌଣସି କାରଣରୁ ତଳକୁ ଖସି ପଡ଼ିଥିଲେ । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲେ ମଧ ସହକର୍ମୀମାନେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ ହିମାଂଶୁଙ୍କ ଘର କମାରଗଡିଆ ଗ୍ରାମରେ।

### ଥାନାରେ ଆଇଆଇସିଙ୍କ ଥାର୍ଡ ଡିଗ୍ରୀ ଘଟଣା ତଦନ୍ତ ଦାବି କଲେ ଅଞ୍ଚଳବାସୀ

**ପାଟଣା,୨୧।୫(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଆଇଆଇସି ସନ୍ଧ୍ୟାରାଣୀ ଜେନା ଜଣେ ୨୨ ବର୍ଷୀୟ ଅଭିଯୁକ୍ତଙ୍କୁ ଥାନା ଭିତରେ ଲାଠି ଓ ଗୋଇଠା ମାରୁଥିବାର ଭିଡିଓ ସୋମବାର ଭାଇରାଲ ହେବା ପରେ ବିଭିନ୍ନ ମହଲରୁ ଘଟଣାଟିର ନିରପେକ୍ଷ ତଦନ୍ତ ପାଇଁ ଦାବି ହେଉଛି। ଏନେଇ ପାଟଣା ଅଞ୍ଚଳବାସୀଙ୍କ ତରଫରୁ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରରେ ନିରପେକ୍ଷ ତଦନ୍ତ କରିବାକୁ ଜିଲା ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ରଙ୍କୁ ଲୋକେ ମେଲ୍ ମାଧମରେ ଦେଇଛନ୍ତି। ଏଥିସହ ଏହାର ନକଲ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକ, କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, କେନ୍ଦୁଝର ଜିଲାପାଳ ଓ ଘଟଗାଁ ଏସ୍‌ଡିପିଓଙ୍କୁ ଡାକ ଯୋଗେ ପ୍ରଦାନ କରିଛନ୍ତି।



ଭୋଗରାଇ ଅଞ୍ଚଳରେ ଜଣେ ଚାଷୀ ଜମି ରହିଥିବା ବର୍ଷାପାଣିରୁ ଧାନ ବାହାର କରୁଛନ୍ତି।



ଭାଙ୍ଗିପଡ଼ିଥିବା ପାନବରଜକୁ ଦୁଇ ଚାଷୀ ସଜାଡୁଛନ୍ତି।

# ‘ଅମ୍ଫନ’ ଦେଇଗଲା ଦୁଃଖ

**ଭୋଗରାଇ,୨୧।୫(ଡି.ଏନ.ଏ.)**

- ପାଣିରେ ଭାସୁଛି ପାଚିଲା ଧାନ
- ଧରାଶାୟୀ ପାନବରଜ

ବାତ୍ୟା ‘ଅମ୍ଫନ’ ପ୍ରଭାବରେ ବାଲେଶ୍ୱର ଜିଲାରେ ବ୍ୟାପକ କ୍ଷତି ହୋଇଛି। ବିଶେଷ କରି ଭୋଗରାଇ, ବାଲିଆପାଳ ବ୍ଲକରେ ଚାଷଜମିକୁ ଉଜାଡିଦେବା ସହ ପାନବରଜକୁ ଧରାଶାୟୀ କରିଛି। ପାଚିଲା ଧାନ ପାଣିରେ ଭାସୁଥିବା ଦେଖି ଚାଷୀକୁଳ ଦୁଃଖରେ ଭାଙ୍ଗି ପଡିଛନ୍ତି। କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ଲକ୍‌ଡାଉନ୍ ଚାଲିଥିବା ବେଳେ ବାତ୍ୟା ଚାଷୀଙ୍କୁ ପାଇଁ ବେଡି ଉପରେ କରୋଡ଼ା ମାଡ଼ ସଦୃଶ ପାଲଟିଛି। ମାସ ମାସ ଧରି ପାନଚାଷୀମାନେ ଉଚିତ୍ ମୂଲ୍ୟରେ ପାନ ବିକ୍ରି କରିପାରୁ ନ ଥିବା ବେଳେ ବାତ୍ୟାରେ ପାନବରଜ ଧୂଳିସାତ୍ ହୋଇଯାଇଛି। ଏବେ ପରିବାର ଚଳାଇବା ଚିନ୍ତା ପାନଚାଷୀଙ୍କୁ ଘାରିଛି।

ଭୋଗରାଇ ବ୍ଲକରେ ୧୩ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିବାବେଳେ ୫୦ଶତାଂଶ ପାଚିଲା ଧାନ ନଷ୍ଟ ହୋଇଛି। ସେହିଭଳି ଭୋଗରାଇ ଓ ବାଲିଆପାଳ ବ୍ଲକରେ ୨୪ହଜାରରୁ ଊର୍ଦ୍ଧ୍ୱ ପାନଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏତଦ୍ ଭିନ୍ନ ତୈଳବୀଜ ଚାଷ ଉପରେ ବର୍ଷା ପାଣି ଢ଼େଉ ଖେଳୁଛି। ପନିପରିବା ଚାଷକୁ ବାତ୍ୟା ଉଜାଡ଼ିଦେଇଛି। ବାତ୍ୟାର ପ୍ରକୋପରେ ଗାଁଗହଳିରେ ବଡ଼ ବଡ଼ ଗଛ ଉପୁଡି ପଡିଥିବାରୁ ଗୁରୁବାର ଗାଁ ବାସୀ ଓ ଏନ୍‌ଡ଼ିଆର୍‌ଏଫ୍, ଅଗ୍ନିଶମ ବିଭାଗ ରାସ୍ତାକୁ ସଫା କରୁଛନ୍ତି। ବହୁ ଗ୍ରାମାଞ୍ଚଳରେ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇ ନ ପାରିବାରୁ ପାନୀୟଜଳ ବନ୍ଦ ରହିଛି। ପୁରପଲ୍ଲୀରେ ରାସ୍ତାରେ ପାଣି ନିଷ୍କାସନ ହୋଇ ନ ପାରିବାରୁ ଗମନାଗମନରେ ବ୍ୟାଘାତ ଘଟିଛି। ଭୋଗରାଇ ବ୍ଲକରେ ୧୨୮ ମି.ମି. ବର୍ଷା ହୋଇଥିବା ରେକର୍ଡ଼ କରାଯାଇଥିବା ବେଳେ ଭାଙ୍ଗିରୁଜି ଯାଇଥିବା ଘରଗୁଡ଼ିକର ଆକଳନ ଆରମ୍ଭ ହୋଇଛି।



ଖଇରା ବ୍ଲକ କୁପାରୀ ନିକଟରେ ଏକ ବିଦ୍ୟୁତ୍ ଟାନ୍ସଫର୍ମର ଭାଙ୍ଗିପଡ଼ିଛି।

## ମୟୂରଭଞ୍ଜରେ ୧୫୦୦ କଚ୍ଚାଘର କ୍ଷତିଗ୍ରସ୍ତ

**ବାରିପଦା ଅଫିସ,୨୧।୫**

ବାତ୍ୟା ‘ଅମ୍ଫନ’ ଦ୍ୱାରା ମୟୂରଭଞ୍ଜ ଜିଲାର ୮ଟି ବ୍ଲକ ପ୍ରଭାବିତ ହୋଇଛି। ପ୍ରାଥମିକ ଆକଳନ ଅନୁସାରେ ଜିଲାରେ ୧୫୦୦ଟି କଚା ଘର ଓ ୩୩୦ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଛି। ଜିଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ମିଳିଛି। ସେହିପରି ୮ କିଲୋମିଟର ବିଦ୍ୟୁତ ତାର, ୫୦ଟି ବିଦ୍ୟୁତ ଖୁଣ୍ଟି ନଷ୍ଟ ହୋଇଛି। ବାତ୍ୟା ପୂର୍ବରୁ ୨୮୦୦୦ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା।

**ଅମ୍ଫନର ପ୍ରାଥମିକ କ୍ଷୟକ୍ଷତି ଆକଳନ**

ଜିଲା ବିଜୁ ଜନତା ଦଳର ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ କର୍ମୀମାନଙ୍କ ସହିତ ଗୁରୁବାର ଜିଲାର ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ମୋରଡ଼ା, ରାସଗୋବିନ୍ଦପୁର, ବଡ଼ସାହି, ବେତନଟୀ, ଗୋପବନ୍ଧୁନଗର, କପ୍ତିପଦା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ସମ୍ପର୍କରେ ଲୋକମାନଙ୍କଠାରୁ ପଚାରି ବୁଝିଥିଲେ।

## ବାଲେଶ୍ୱରରେ ବ୍ୟାପକ କ୍ଷତି

**ବାଲେଶ୍ୱର ଅଫିସ, ୨୧।୫**

ବାତ୍ୟା ‘ଅମ୍ଫନ’ ପ୍ରଭାବରେ ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରେ ସର୍ବାଧିକ ଚାଷଜମି ନଷ୍ଟ ହୋଇଛି। ଏହାସହ ବହୁତଗୁଡିଏ କଚ୍ଚାଘର ଭାଙ୍ଗିଯିବା, ବିଦ୍ୟୁତ୍ ଭିତ୍ତିଭୂମି ନଷ୍ଟ ଓ ବଡ ବଡ ଗଛ ଉପୁଡି ପଡିଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି।

ଭୋଗରାଇ, ଜଳେଶ୍ୱର, ବାଲିଆପାଳ, ବସ୍ତା, ବାଲେଶ୍ୱର, ରେମୁଣା, ସୋର, ବାହାନଗା, ସିମୁଳିଆ, ଖଇରା, ଔପଦା, ନୀଳଗିରି ଅଞ୍ଚଳରେ ଆନୁମାନିକ ୯୨୦୬ ହେକ୍ଟର ଜମିରେ ହୋଇଥିବା ଚାଷ ନଷ୍ଟ ହୋଇଯାଇଛି। ସେଥିମଧ୍ୟରୁ ୨୩୧ ପଞ୍ଚାୟତର ୨୮୯୮ ଗ୍ରାମ ଏବଂ ୪ଟି ସହରାଞ୍ଚଳର ୪୪ଟି ୱାର୍ଡ଼ର ୪୯, ୫୬୪ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରାଣ ହରାଇଥିବା ପଶୁପକ୍ଷୀଙ୍କ ମଧ୍ୟରୁ ୧୦୦ କୁକୁଡା ଓ ୪ ଅନ୍ୟାନ୍ୟ ପ୍ରାଣୀ, ୩୫ କଚ୍ଚାଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ୩୬୭୧ କଚ୍ଚା ଘର ଓ ୩୭ଟି ପକ୍କା ଘର ଆଂଶିକ ନଷ୍ଟ ହୋଇଛି। ଲୋକମାନେ ବସବାସ କରୁଥିବା ୭୦୫ଟି କୁଡ଼ିଆ ଏବଂ ୨୯୪ଟି ଗୁହାଳ ମଧ କ୍ଷତିଗ୍ରସ୍ତ ହୋଇଛି। ଏମାନଙ୍କୁ ସରକାରଙ୍କ ତରଫରୁ ଜରୁରୀକାଳୀନ ରିଲିଫ୍ ସାମଗ୍ରୀ ଭାବେ ୧୨ କୁଇଣ୍ଟାଲ ଚାଉଳ, ୮୩ କୁଇଣ୍ଟାଲ ଚୁଡ଼ା, ୨ କୁଇଣ୍ଟାଲ ଗୁଡ଼ଚିନି ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷରେ ୧୨ଟି ମେଡିକାଲ ଟିମ୍ ଏବଂ ୧୨ଟି ପ୍ରାଣୀ ଚିକିତ୍ସକ ଟିମ୍ ପକ୍ଷରୁ ସେବା ଯୋଗାଇ ଦିଆଯାଇଛି। ୪୫.୮୬ କୋଟି ମୂଲ୍ୟରେ ବିଦ୍ୟୁତ ଭିତ୍ତିଭୂମି ନଷ୍ଟ ହୋଇଛି। ଅନ୍ୟପକ୍ଷରେ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷତିର ଆକଳନ କରାଯାଉଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାଯାଇଛି।

## ଚାନ୍ଦବାଲିରେ ବିଦ୍ୟୁତ୍ ସରବରାହ ବନ୍ଦ

**ଚାନ୍ଦବାଲି,୨୧।୫(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ଼ ଅମ୍ଫନ ପ୍ରଭାବରେ ଚାନ୍ଦବାଲିର ସମସ୍ତ ଅଞ୍ଚଳରେ ମଙ୍ଗଳବାରଠାରୁ ବିଦ୍ୟୁତ ସରବରାହ ବନ୍ଦ ରହିଛି। ତେବେ ବୁଧବାର ସନ୍ଧ୍ୟାରେ ବିଭାଗ ପକ୍ଷରୁ ସ୍ଥିତି ସ୍ୱାଭାବିକ ପାଇଁ ଉଦ୍ୟମ କରାଯାଇଥିଲେ ମଧ ଅଧିକାଂଶ ଅଞ୍ଚଳ ଗୁରୁବାର ସୁଦ୍ଧା ଅନ୍ଧାରରେ ରହିଛି। ଫଳରେ ପାଇପ ଯୋଗେ ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ୧୫ଟି ଜେନେରେଟର ସେଟ୍ ସହାୟତାରେ ବିଭିନ୍ନ ପଞ୍ଚାୟତର ପାଣିପ୍ରକଳ୍ପର ପମ୍ପକୁ ଚାଲୁ କରିବାକୁ ଉଦ୍ୟମ କରାଯାଇଛି। ଫଳରେ କେତେକ ସ୍ଥାନରେ ଲୋକ ଦିନରେ ଘଣ୍ଟାଏ ଲେଖାଏଁ ପିଇବା ପାଣି ପାଇଛନ୍ତି। ତେନ୍ତୁଳିଡିହି, ଭାଟପଡା, ବଡଓଡ଼ିଆ, ମହୁଲିଆ, ଉତୁକୁଡା ପଞ୍ଚାୟତରେ ଟ୍ୟାଙ୍କରରେ ପିଇବା ପାଣି ଯୋଗାଣ ହୋଇଛି।



ଚାନ୍ଦବାଲିଠାରେ ବିଦ୍ୟୁତ୍ କର୍ମଚାରୀମାନେ ମରାମତି କାମରେ ଲାଗିଛନ୍ତି।

# ଚଳଚଞ୍ଚଳ ବନ୍ତ ବଜାର




ଦୀର୍ଘଦିନ ପରେ ବନ୍ତ ବଜାରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି।

**ବନ୍ତ,୨୧।୫(ଡି.ଏନ୍.ଏ.)**

**ସୂଚନା ନ ଥିବା ଯୋଗୁ ଦ୍ୱନ୍ଦ୍ୱରେ ବ୍ୟବସାୟୀ**

କରୋନା ମହାମାରୀ ରୋକିବା ନେଇ ଗତ ମାର୍ଚ୍ଚ ଶେଷ ସପ୍ତାହ ଠାରୁ ସରକାର ଲକ୍‌ଡାଉନ୍ ନିୟମ ଲାଗୁ କରିଥିଲେ। ସେହିଦିନ ଠାରୁ ଭଦ୍ରକ ଜିଲା ବନ୍ତ ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା । କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଓ ଔଷଧ ଦୋକାନଗୁଡିକ ଖୋଲା ରହିଥିଲା। ଏବେ କେନ୍ଦ୍ର ସରକାର ୪ର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଘୋଷଣା କରିଛନ୍ତି । ଏଥିନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ କଟକଣା ଲାଗୁ କରିଛନ୍ତି । ଏ ପରିପ୍ରେକ୍ଷୀରେ ଗୁରୁବାର ବନ୍ତ ବଜାରର ସମସ୍ତ ଦୋକାନ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ସାବିତ୍ରୀ ବ୍ରତ ଥିବାରୁ ବଜାରରେ ଲୋକଙ୍କ ଭିଡ ଦେଖାଯାଇଥିଲା। ମାତ୍ର ଦୋକାନ ଖୋଲିବା ନେଇ ବ୍ୟବସାୟୀମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି । ଜିଲା ପ୍ରଶାସନ ସ୍ତରରେ ପ୍ରତ୍ୟେକ ରିଟେଲ୍ ଶପ୍ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଏବଂ ଔଷଧ ଦୋକାନ ଓ ପେଟ୍ରୋଲ ପମ୍ପ ସକାଳ ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରଖିବା ପାଇଁ ନିର୍ଦ୍ଦେଶ ହୋଇଛି। ଏପରିସ୍ଥଳେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ଡାକବାଜି ଯନ୍ତ୍ର ସହାୟତାରେ ବ୍ୟବସାୟୀମାନଙ୍କୁ କୁହାଯାଇନାହିଁ। ଫଳରେ ବନ୍ତ ବ୍ଲକର ବିଭିନ୍ନ ବଜାରର ବ୍ୟବସାୟୀମାନେ ଦୋକାନ ଖୋଲିବେ କି ନାହିଁ ଚିନ୍ତାରେ ପଡିଛନ୍ତି। ବ୍ୟବସାୟୀଙ୍କ କହିବା ଅନୁଯାୟୀ ଆମେ ଦୋକାନ ଖୋଲିବା ପରେ ପ୍ରଶାସନ ଆସି ବନ୍ଦ କରିବ ଏବଂ ଆମ ଉପରେ ଜରିମାନା ଲାଗୁ କରିବ। ତେଣୁ ବ୍ଲକ ପ୍ରଶାସନ ତରଫରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଦୋକାନ ଖୋଲାଯିବା ସମ୍ପର୍କରେ ସୂଚନା ଦେବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।

## ଗୋଟିଏ ଦିନରେ ୩ ଆକ୍ରାନ୍ତ, ଜଣେ ସୁସ୍ଥ

**ବାରିପଦା ଅଫିସ/ ଠାକୁରମୁଣ୍ଡା,୨୧।୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲାରେ ଗୁରୁବାର ୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ବାରିପଦା ସହରର ୨ ଜଣ ଓ ଠାକୁରମୁଣ୍ଡା ବ୍ଲକର ଜଣେ ଥିବା ପ୍ରଶାସନ ସୂଚନା ଦେଇଛି। ଠାକୁରମୁଣ୍ଡାରେ ଚିହ୍ନଟ ପ୍ରଥମ ସଂକ୍ରମିତ ଜଣକ ପୁରୁଷ ଓ ତାଙ୍କ ବୟସ ୭୦ ବର୍ଷ । ବାରିପଦା ସହରର ୨ ମହିଳା ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ବୟସ ଯଥାକ୍ରମେ ୪୪ ଓ ୪୯। ସମସ୍ତେ ଆନ୍ଧ୍ରପ୍ରଦେଶ ଫେରନ୍ତା। କିଛିଦିନ ତଳେ ସେମାନେ ଆନ୍ଧ୍ରପ୍ରଦେଶକୁ ତୀର୍ଥ କରିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ସେମାନେ କ୍ୱାରାଣ୍ଟାଇନ୍‌ରେ ଥିଲେ। ସେହିଭଳି ଜିଲାର ଜଣେ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜିଲାରେ ମୋଟ ୧୪ ଆକ୍ରାନ୍ତଙ୍କ ମଧ୍ୟରୁ ୮ ଜଣ ସୁସ୍ଥ ହୋଇ ସାରିଲେଣି। ଏବେ ଆଉ ୬ ଜଣ ଚିକିତ୍ସିତ ହେଉଛନ୍ତି। ଗୁରୁବାର ଚିହ୍ନଟ ହୋଇଥିବା ୩ ଆକ୍ରାନ୍ତଙ୍କୁ ବାଙ୍କିଶୋଲସ୍ଥିତ କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

## ପ୍ରବାସୀଙ୍କୁ ଧରି ଫେରୁଥିବା ବସ୍ ଓଲଟିଲା: ୩ ଗୁରୁତର

**ଜଳେଶ୍ୱର, ୨୧।୫(ସ୍ୱ.ପ୍ର.)**

କେରଳରୁ ୪୦ଜଣ ପ୍ରବାସୀଙ୍କ ଧରି ପଶ୍ଚିମବଙ୍ଗ ଆସୁଥିବା ଏକ ବସ୍ ଗୁରୁବାର ସକାଳେ ବାଲେଶ୍ୱର ଜିଲା ଜଳେଶ୍ୱର ନିକଟବର୍ତ୍ତୀ ୬୦ନମ୍ବର ଜାତୀୟ ରାଜପଥ ଟୋଲପ୍ଲାଜା ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଛି। ଏଥିରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଆହତମାନେ ହେଲେ ବର୍ଦ୍ଧମାନ ଜିଲାର ସେକ୍ ମହେଦୁନ(୩୦), ସେକ୍ ସପନ (୪୨), ସେକ୍ ଆଲିମୁଦ୍ଦିନ (୪୩)। ଏଥିରେ ୨ଜଣ ଡ୍ରାଇଭର ଓ ଜଣେ ହେଲପର ମଧ ଅଛନ୍ତି। ଏହି ବସ୍ ୧୮ତାରିଖ ରାତିରେ କେରଳରୁ ବାହାରି ପଶ୍ଚିମବଙ୍ଗର ବର୍ଦ୍ଧମାନ ଓ ବୀରଭୂମ ଅଭିମୁଖେ ଯାତ୍ରା କରିଥିଲା। ଜଳେଶ୍ୱର ପୋଲିସ ପହଞ୍ଚି ପ୍ରବାସୀମାନଙ୍କୁ ଅନ୍ୟ ଏକ ବସ୍‌ରେ ଫେରିବାର ବନ୍ଦୋବସ୍ତ କରିଛି।

## ଗାଈକୁ ଟାଣିନେଲା କୁମ୍ଭୀର

**ଆରଡ଼ି, ୨୧।୫(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଅମୃତମଣୋହି ଗ୍ରାମ ନିକଟରେ ବୈତରଣୀ ନଦୀପଠାରେ ଚରୁଥିବା ଏକ ଗାଈକୁ ଗୁରୁବାର କୁମ୍ଭୀର ଟାଣି ନେଇଥିଲା। ଖବରପାଇ ଲୋକମାନେ ନଦୀରୁ ଗାଈର ମୃତଦେହ ଉଦ୍ଧାର କରିଛନ୍ତି। ଗାଈଟି ଅମୃତମଣୋହୀ ଗ୍ରାମର ନାରଣ ପଡିହାରୀଙ୍କର। ଖରାଦିନରେ ବୈତରଣୀ ନଦୀରୁ ଗାଈକୁ କୁମ୍ଭୀର ଟାଣିନେବା ଘଟଣାକୁ ସ୍ଥାନୀୟ ବାସିନ୍ଦା ବିଶ୍ୱାସ କରିପାରୁନାହାନ୍ତି। ବାତ୍ୟା ପାଇଁ ନଦୀରେ ଜୁଆର ପାଣି ଭରପୂର ଥିବାରୁ କୁମ୍ଭୀର ଉପରମୁଣ୍ଡକୁ ଉଠିଆସିଥିବା କୁହାଯାଉଛି। ଆରଆଇ ଦେବାଶିଷ ରାୟ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ନଦୀରେ ନ ଗାଧୋଇବାକୁ ଲୋକଙ୍କୁ ସତର୍କ କରାଇଛନ୍ତି।

## ଯାଞ୍ଚ ନ କରି ସଂଯୋଗ ଦେଲା ବିଦ୍ୟୁତ୍ ବିଭାଗ

**ସଜନାଗଡ଼/ଭଦ୍ରକ ଅଫିସ, ୨୧।୫(ଡି.ଏନ.ଏ.)**

**ସଂସ୍ପର୍ଶରେ ଆସି ୫ ଗୋରୁ ମୃତ**

ବାତ୍ୟା ଅମ୍ଫନ ପ୍ରଭାବରେ ବୁଧବାର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ଓହଳି ରହିଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ଯାଞ୍ଚ କରା ନ ଯାଇ ସଂଯୋଗ ଦିଆଯିବାରୁ ସଂସ୍ପର୍ଶରେ ଆସି ବାଲେଶ୍ୱର ଓ ଭଦ୍ରକ ଜିଲାର ୫ ଗୋରୁଙ୍କ ମୃତ୍ୟୁ ହୋଇଛି।

ବାଲେଶ୍ୱର ଜିଲା ନୀଳଗିରି ବିଦ୍ୟୁତ୍ ଷ୍ଟ୍ରକ୍ଚରକୁ ଶେରଗଡ଼ ଆଡୁ ଆସିଥିବା ୩୩କେଭି ବିଦ୍ୟୁତ୍ ତାର ଖୁଣ୍ଟିରୁ ଖସି ତଳେ ଓହଳି ରହିଥିଲା। ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଯାଞ୍ଚ କରା ନ ଯାଇ ସଂଯୋଗ ଦିଆଯାଇଥିଲା। ଫଳରେ ସିମୁଳିଆ ଗ୍ରାମର ୨ଟି ଗୋରୁ ବିଦ୍ୟୁତ୍ ଖୁଣ୍ଟ ପାଖରେ ଚରୁଥିବା ବେଳେ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ଅନ୍ୟ ଏକ ଗୋରୁ ଗୁରୁତର ହୋଇଛି। ଏହି ଘଟଣା ପରେ ନୀଳଗିରି ଏନ୍‌ଏସି ଅଞ୍ଚଳର ଲୋକେ ସେଠାରେ ପହଞ୍ଚି ହୋହଲ୍ଲା କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ନୀଳଗିରି ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଓଲଡ଼ଙ୍ଗ ଅଞ୍ଚଳରେ ବିଦ୍ୟୁତ୍ ଆଘାତରେ ୬ଟି ଗୋରୁ ମୃତ୍ୟୁବରଣ କରିଥିଲେ। ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିଲେ ମଧ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହା ବିଭାଗର ଅପାରଗତାକୁ ପଦାରେ ପକାଇଛି।

ସେହିପରି ଭଦ୍ରକ ବ୍ଲକ କାଉପୁର ପଞ୍ଚାୟତ ବଙ୍ଗାଳିସାହି ଓ ବେହେରା ସାହି ଦେଇ ଯାଇଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇଟି ଗାଈ ଓ ଗୋଟିଏ ବଳଦର ମୃତ୍ୟୁ ହୋଇଛି। ବୁଧବାର ବାତ୍ୟାରେ ବିଦ୍ୟୁତ୍ ତାର ବିଲରେ ଛିଣ୍ଡି ପଡ଼ିଥିଲା। ଏହାକୁ ଯାଞ୍ଚ କରା ନ ଯାଇ ସଂଯୋଗ ଦିଆଯାଇଥିଲା। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଗାଈ ଓ ଗୋଟିଏ ବଳଦର ମୃତ୍ୟୁ ହୋଇଛି।

## ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସଂଯୋଗ ଖୁବ୍‌ଶୀଘ୍ର

**ଭଦ୍ରକ ଅଫିସ, ୨୧।୫**

ଭଦ୍ରକ ଜିଲାରେ ଅମ୍ଫନ୍ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ମୁଖ୍ୟତଃ ଚାଳଘର, ଆଜବେଷ୍ଟ ଘର ଓ ବିଦ୍ୟୁତ ଖୁଣ୍ଟ ଗୁଡ଼ିକ ଭୂଇଁରେ ଲୋଟିପଡ଼ିଛି। ସମୁଦ୍ରକୂଳିଆ ବାସୁଦେବପୁର, ଚାନ୍ଦବାଲି ଓ ଧାମରା ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଥିବା ପ୍ରାଥମିକ ଆକଳନ କରାଯାଇଛି। ଏନେଇ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ସମସ୍ତ ବିଭାଗକୁ ତୁରନ୍ତ କ୍ଷୟକ୍ଷତିର ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଭୂଇଁରେ ଲୋଟି ପଡ଼ିଥିବା ଏଲ୍‌ଟି ଲାଇନ୍ ଓ ଏଚ୍‌ଟି ଲାଇନ ମରାମତି କରି ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସମସ୍ତ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳ କୁହାଯାଉଥିବା ଭଦ୍ରକ, ଧାମନଗର, ବାସୁଦେବପୁର ଓ ଚାନ୍ଦବାଲି ଅଞ୍ଚଳରେ ବୁଧବାର ରାତି ସୁଦ୍ଧା ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା ବେଳେ ଅଧିକାଂଶ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ପବନ କାରଣରୁ ଭାଙ୍ଗି ପଡ଼ିଥିବା ଯୋଗୁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇପାରି ନାହିଁ। କେତେକ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପକୁ ଜେନେରେଟର୍ ସାହଯ୍ୟରେ ପାନୀୟ ଜଳ ଯୋଗାଣ କରାଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ରାଜସ୍ୱ ବିଭାଗୀୟ କର୍ମଚାରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ କୃଷି ବିଭାଗୀୟ କର୍ମକର୍ତ୍ତାଙ୍କୁ ନେଇ କ୍ଷୟକ୍ଷତି ଆକଳନ କାର୍ଯ୍ୟ ଜୋରସୋରରେ ଚାଲିଛି। ଜିଲାପାଳ ଡ. ଦାସଙ୍କ କହିବା ମୁତାବକ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା କ୍ଷୟକ୍ଷତିର ଆକଳନ ସରିବା ପରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ କ୍ଷୟକ୍ଷତି ରିପୋର୍ଟ ଆଧାରରେ କ୍ଷତିପୂରଣ ପ୍ରଦାନ କରାଯିବ। ଗୁରୁବାର ଜିଲାପାଳ ଡ. ଦାସ ସର୍ବାଧିକ କ୍ଷତିଗ୍ରସ୍ତ ଧାମରା ଅଞ୍ଚଳ ବୁଲି ତୁରନ୍ତ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ଜିଲାପାଳ ଜ୍ଞାନରଞ୍ଜନ ଦାସ ଅନ୍ୟ ଅଧିକାରୀମାନଙ୍କ ସହ ଧାମରା ଅଞ୍ଚଳ ବୁଲି ଦେଖୁଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଫରେଷ୍ଟର ମୃତ

ପାତ୍ରପୁର,୨୧।୫(ଡି.ଏନ୍.ଏ.):ଜରଡ଼ା ଥାନା ଅଧିନ ସୁରଙ୍ଗି ଫରେଷ୍ଟର୍ ଶିବ ବେହେରାଙ୍କର ଗୁରୁବାର ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ପଙ୍କାଳ ନିକଟ ନର୍ସରୀକୁ ଯାଇ ମଧ୍ୟାହ୍ନରେ ଫେରିବାବେଳେ ରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ପ୍ରାୟ ସାତମାସ ହେଲା ସୁରଙ୍ଗିରେ କାର୍ଯ୍ୟରେ ଯୋଗ ଦେଇଥିଲେ। ଖରିଆଗୁଡ଼ା ଫାଣ୍ଡି ପୋଲିସ୍ ପହଞ୍ଚି ତଦନ୍ତ ଚଳାଇଛି।

### କାର୍‌ରୁ ଗଞ୍ଜେଇ ଜବତ, ୨ ଗିରଫ




ଶଙ୍କରାଖୋଲ,୨୧।୫(ଡି.ଏନ୍.ଏ.): ଚକାପାଦ ପୋଲିସ ଡଙ୍ଗା ଗାଁଛକରେ ଚଢ଼ାଉ କରି ଏକ କାର(ଓଆର୍୦୫ଏକ୍ୟୁ-୫୧୪୩)ରୁ ୪୦.୪କେଜି ଗଞ୍ଜେଇ ଜବତ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଫୁଲବାଣୀ ଗୋପାଳସାହିର ଇବ୍ରାହିମ୍ ଖାନ୍ ଓ ଖଜୁରିପଡ଼ା ତାଡାପାଜୁ ଗ୍ରାମର ଘାସିଆ ପ୍ରଧାନ। ଗୋଛାପଡା ଅଞ୍ଚଳରୁ ଭୁବନେଶର ନେଉଥିବା ସେମାନେ କହିଛନ୍ତି। ନଂ.୨୪/୨୦ରେ ମାମଲା ରୁଜୁ କରି ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ତପନ ତରୁଣ ବେହେରା କହିଛନ୍ତି।

### ଅନ୍ତେବାସୀ ମହିଳାଙ୍କୁ ସରପଞ୍ଚ ଦେଲେ ସାବିତ୍ରୀ ଭାର

ଭଞ୍ଜନଗର,୨୧।୫(ଡି.ଏନ.ଏ): ରାତି ପାହିଲେ ସାବିତ୍ରୀ ବ୍ରତ। ଗଞ୍ଜାମ ଜିଲାର ବିଭିନ୍ନ କ୍ୱାରାଣ୍ଟଶଇନ୍ ସେଣ୍ଟରରେ ବହୁ ମହିଳା ଅଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟର ଅଞ୍ଚଳରେ ୧୪୪ ଧାରା ଲାଗୁ ହୋଇଥିବାରୁ ସେଠାକୁ ବାହାର ଜିନିଷି ପ୍ରାୟ ଯାଇ ପାରୁନାହିଁ। ଫଳରେ ସେଠାରେ ଥିବା ମହିଳାମାନେ କିଭଳି ସାବିତ୍ରୀ ବ୍ରତ କରିବେ ଚିନ୍ତାରେ ଥିଲେ। ଏହିଭଳି ପରିସ୍ଥିତିରେ ବେଲଗୁଣ୍ଠା ବ୍ଲକ ଗୋବରା ପଞ୍ଚାୟତ ସରପଞ୍ଚ ଇନ୍ଦିରାବାଇ ରାଜୁ ତାଙ୍କ ପଞ୍ଚାୟତର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ମହିଳାମାନଙ୍କୁ ସାବିତ୍ରୀ ବ୍ରତ ପାଇଁ ଯାହା ଆବଶ୍ୟକ ତାହା ଗୁରୁବାର ଯୋଗାଇ ଦେଇଛନ୍ତି।

### ଶିକ୍ଷାକେନ୍ଦ୍ରକୁ କ୍ୱାରାଣ୍ଟାଇନ୍ ସେଣ୍ଟର ନ କରିବାକୁ ଦାବି

ବୁଗୁଡ଼ା,୨୧।୫(ଡି.ଏନ.ଏ.): ବୁଗୁଡ଼ା ସହରର ସାହି ମଧ୍ୟରେ ଅବସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ କ୍ୱାରାଣ୍ଟାଇନ୍ ସେଣ୍ଟର ନ କରିବାକୁ ଗୁରୁବାର ସାହିବାସିନ୍ଦା ବୁଗୁଡ଼ା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଉକ୍ତ ଅନୁଷ୍ଠାନଟି ସାହି ମଝିରେ ଥିବାବେଳେ ଏହା ନିକଟରେ ପରିବା ମାର୍କେଟ ରହିଛି। ପ୍ରତିଦିନ ପଶ୍ଚିମବଙ୍ଗରୁ ଆଳୁ, ପିଆଜ ଆଦି ସାମଗ୍ରୀ ଟ୍ରକ ଏଠାକୁ ଆସିଥାଏ। ସେମାନଙ୍କଠାରୁ ମଧ ସଂକ୍ରମଣ ଆଶଙ୍କା ରହୁଛି। ଏଠାରେ କ୍ୱାରାଣ୍ଟାଇନ୍ ସେଣ୍ଟର କଲେ ସାହି ଲୋକେ କରୋନା ସଂକ୍ରମଣ ଆଶଙ୍କାରେ ଘରୁ ବାହାରିପାରିବେ ନାହିଁ। ତେଣୁ ଉକ୍ତ ଶିକ୍ଷାକେନ୍ଦ୍ରକୁ କ୍ୱାରାଣ୍ଟାଇନ୍ ସେଣ୍ଟର ନ କରିବାକୁ ସାହି ଲୋକେ ଦାବି କରିଛନ୍ତି।

# ଗଞ୍ଜାମରେ ସୁସ୍ଥଙ୍କ ସଂଖ୍ୟା ୧୫୪

ଛତ୍ରପୁର/ଆସିକା/ ପୋଲସରା, ୨୧।୯(ଡି.ଏନ.ଏ.)

**ଘରକୁ ଗଲେ କ୍ୱାରାଣ୍ଟାଇନ୍ ଅବଧି ସାରିଥିବା ପ୍ରବାସୀ**



ପ୍ରବାସୀମାନଙ୍କୁ ଘରକୁ ପଠାଯାଉଛି।

ଗଞ୍ଜାମ ଜିଲାରେ ବୁଧବାର ସୁଦ୍ଧା ୧୩୨ କରୋନା ଆକ୍ରାନ୍ତ ସୁସ୍ଥ ହୋଇ କୋଭିଡ୍ ହସ୍ପିଟାଲରୁ ଘରକୁ ଫେରିଥିଲେ। ଗୁରୁବାର ଆଉ ୨୨ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଏ ପର୍ଯ୍ୟନ୍ତ ମୋଟ ୧୫୪ ଜଣ ସୁସ୍ଥ ହୋଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୨୧ ଦିନିଆ ସଙ୍ଗରୋଧ ଅବଧି ସାରିଥିବା ପ୍ରବାସୀଙ୍କୁ ଦ୍ୱିତୀୟ ଦଫାରେ ଗୁରୁବାର ଘରକୁ ପଠାଯାଇଛି। ଏମାନେ ଘରେ ଆଉ ୭ ଦିନ ସଙ୍ଗରୋଧରେ ରହିବେ । କ୍ୱାରାଣ୍ଟାଇନ୍ ସେଣ୍ଟର ଛାଡୁଥିବା ପ୍ରବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ଉତ୍ସବ ଆୟୋଜନ ହୋଇଥିଲା । ଝୋଟି ଉପରେ ପୂର୍ଣ୍ଣକୁମ୍ଭ ବସାଯିବା ସହ ଘରକୁ ଯାଉଥିବା ଲୋକଙ୍କ ଉପରେ ଫୁଲ ପକାଯାଇଥିଲା। ସେମାନଙ୍କୁ କୋଭିଡ୍ ସ୍ୱାସ୍ଥ୍ୟକର୍ମୀ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରଯାଇଥିଲା। ଆସିକା ବ୍ଲକ ବରଗାଁ ପଞ୍ଚାୟତସ୍ଥିତ ଡ଼ି'ପଲ ସ୍କୁଲରେ ୨୧ ଦିନିଆ ସଙ୍ଗରୋଧ ଅବଧି ସାରିଥିବା ୧୧୬ ଜଣଙ୍କୁ ପ୍ରଶାସନ ପକ୍ଷରୁ ନିଜ ଗ୍ରାମକୁ ପଠାଯିବା ବ୍ୟବସ୍ଥା କରାଯାଇଥିବା ବିଡିଓ ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ଏମାନଙ୍କ ମଧ୍ୟରେ ଜଗନ୍ନାଥପ୍ରସାଦ ବ୍ଲକର ୬୬, ବୁଗୁଡା ବ୍ଲକର ୪୬, ବେଲଗୁଣ୍ଠାର ୩ ଓ ଭଞ୍ଜନଗର ବ୍ଲକର ଜଣେ ଥିଲେ। ସେହିପରି ପୋଲସରା ବ୍ଲକ କଳମ୍ବ ପାଠାଗାର ସଙ୍ଗରୋଧ ଗୃହରୁ ୫୬ ଓ ଜିଲୁଣ୍ଡା ସଙ୍ଗରୋଧ ଗୃହରୁ ୪୩ ଏପରି ମୋଟ ୯୯ଜଣଙ୍କୁ ଘରକୁ ପଠାଯାଇଥିବା ବିଡ଼ିଓ ଶମ୍ଭୁନାଥ ନନ୍ଦି ସୂଚନା ଦେଇଛନ୍ତି।

# ସଙ୍ଗରୋଧ କେନ୍ଦ୍ରରେ ଅନ୍ତେବାସୀଙ୍କ ଭଙ୍ଗାରୁଜା

ଜି.ଉଦୟଗିରି,୨୧।୫(ଡି.ଏନ.ଏ.)

ଜି.ଉଦୟଗିରି ଶ୍ରୀରାମପଦାସ୍ଥିତ ଅନ୍‌ସ୍ଲୋ ସଙ୍ଗରୋଧ କେନ୍ଦ୍ରରେ ଥିବା ୩ ଅନ୍ତେବାସୀ ବୁଧବାର ଭଙ୍ଗାରୁଜା ସହ କାର୍ଯ୍ୟରତ କର୍ମଚାରୀଙ୍କ ସହ ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରେସିଙ୍ଗିଆ ସରପଞ୍ଚ ଜି.ଉଦୟଗିରି ଥାନାରେ ଏତଲା ଦେବାପରେ ନଂ.୩୯/୨୦ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଧୀରଜ କୁମାର ଲେଙ୍କା କହିଛନ୍ତି। ବୁଧବାର ବିଦ୍ୟୁତ୍ କଟି ଯାଇଥିବାରୁ ପାଣି ଯୋଗାଣରେ ବିଳମ୍ବ ହୋଇଥିଲା। ସଙ୍ଗରୋଧ କେନ୍ଦ୍ରରେ ଥିବା ୩ ପ୍ରବାସୀ କେନ୍ଦ୍ର ପାଇପ, ପାଇଖାନା, ବେଶିନ୍ ଆଦି ଭାଙ୍ଗିବା ପରେ କାର୍ଯ୍ୟରତ କର୍ମଚାରୀଙ୍କ ସହ ଗଣ୍ଡଗୋଳ କରିଥିଲେ। ବିଶୃଙ୍ଖଳା କରୁଥିବା ୩ ଅନ୍ତେବାସୀଙ୍କୁ କାଳିଙ୍ଗା ଟିଏମ୍‌ସି କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ବୋଲି ଜି.ଉଦୟଗିରି ବିଡିଓ ଶାନ୍ତନୁ କୁମାର ନାୟକ କହିଛନ୍ତି। କୋଭିଡ୍ ନିୟମ ଉଲ୍ଲଘଂନ ସହ ସରକାରୀ ସମ୍ପତ୍ତି ନଷ୍ଟ କରିଥିବାରୁ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଅଟୋ ଓଲଟି ୪ ଆହତ

ଛତ୍ରପୁର,୨୧।୫(ଡି.ଏନ୍.ଏ.)

ଛତ୍ରପୁରସ୍ଥିତ ଡିଆରଡିଏ କାର୍ଯ୍ୟାଳୟ ନିକଟରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୪ ଆହତ ହୋଇଛନ୍ତି। ସେମାନେ ହେଲେ ଚାଳକ ଗୌତମ ପ୍ରଧାନ, ଖଲ୍ଲିକୋଟ ବ୍ଲକ କହ୍ନେଇପୁର ପଞ୍ଚାୟତ ମାଣିକପୁର ଗାଁର ଆଶାକର୍ମୀ ଆଶାରାଣୀ ପ୍ରଧାନ, ମଲି ସିଂ ଓ ତାଙ୍କ ଝିଅ ପ୍ରତିମା ନାହାକ। ଅଟୋ (ନଂ.ଓଆର ୦୭ଟି ୦୩୭୪) ବ୍ରହ୍ମପୁର ବଡ଼ ମେଡିକାଲକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବରପାଇ ଛତ୍ରପୁର ଦମକଳ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରିଥିଲା।

# ୩ ଧରାପଡ଼ିଲେ, ୪ ଜଣଙ୍କ ପତ୍ତା ମିଳୁନି

ବ୍ରହ୍ମପୁର ଅଫିସ,୨୧।୫

**ବାଳସୁଧାର ଗୃହରୁ ଅନ୍ତେବାସୀ ଫେରାର ଘଟଣା**

ବ୍ରହ୍ମପୁରରେ ବାଳସୁଧାର ଗୃହ ରହିଛି। ସେଠାରେ ବିଭିନ୍ନ ଅପରାଧିରେ ସମ୍ପୃକ୍ତ ଥିବା ଶିଶୁ ଓ କିଶୋରମାନଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ଼ ନିର୍ଦ୍ଦେଶକ୍ରମେ ରଖାଯାଉଛି। ଏଠାରେ ରହୁଥିବା ପ୍ରାୟ ୮୭ ଅନ୍ତେବାସୀଙ୍କ ମଧ୍ୟରୁ ୭ ଜଣ ସେଠାକାର ଜଗୁଆଳଙ୍କୁ ମାଡ ମାରି ୩ ଦିନ ତଳେ ଫେରାର ହୋଇଯାଇଥିଲେ। ବୈଦ୍ୟନାଥପୁର ପୋଲିସ ୩ ଜଣଙ୍କୁ ଗୁରୁବାର ଧରିଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ କହିଛନ୍ତି। ଅନ୍ୟପଟେ ମାଷ୍ଟରମାଇଣ୍ଡଙ୍କ ସମେତ ଅନ୍ୟ ୪ ଜଣଙ୍କୁ ପୋଲିସ ଧରିପାରି ନ ଥିବା ଜଣାପଡିଛି। ସେମାନଙ୍କୁ ଧରିବା ପାଇଁ ଗଠିତ ଟିମ୍ ଏବେ ରାୟଗଡା ଅଭିମୁଖେ ଯାଇଥିବା ଜଣାପଡିଛି। ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଷଡଙ୍ଗୀ ଘଟଣା ପରେ ବାଳସୁଧାର ଗୃହକୁ ଯାଇ ତଦନ୍ତ କରିଥିଲେ। କାର୍ଯ୍ୟରେ ଅବହେଳା ପାଇଁ ଜଗୁଆଳିଙ୍କୁ ନିଲମ୍ବନ ପାଇଁ ଉପ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଗଲା କି ନାହିଁ, ସେ ସମ୍ପର୍କରେ ବାଳସୁଧାର ଗୃହର ଅଧୀକ୍ଷକ ପ୍ରଶାନ୍ତ କୁମାର ହର ମୁହଁ ଖୋଲୁନାହାନ୍ତି। ଗୃହ ଚାରିପଟେ ଉଚ୍ଚ ପାଚେରି, ସିସି ଟିଭି କ୍ୟାମେରା ଲାଗିଥିବା ସହ ୨୪ ଘଣ୍ଟିଆ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ସେଠାରେ ଥିବା ୭ ଅନ୍ତେବାସୀ କେଉଁ ପରିସ୍ଥିତିରେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରି ଫେରାର ହୋଇ ଯାଇଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବ୍ରହ୍ମପୁର ଆଇଟିଆଇର ପୁଣି ନୂଆ ଉଦ୍ଭାବନ

ବ୍ରହ୍ମପୁର ଅଫିସ,୨୧।୫

- ପ୍ରସ୍ତୁତ ହେଲା ଅଟୋମେଟିକ୍ ସାନିଟାଇଜର ମେଶିନ
- ୭ ମଡେଲର ୫୦୦ ବିକ୍ରି ଲକ୍ଷ୍ୟ
- ଭାରତର ସମସ୍ତ ଆଇଟିଆଇକୁ ଦିଆଯିବ ତାଲିମ



ଆଇଟିଆଇ ପକ୍ଷରୁ ପ୍ରସ୍ତୁତ ସାନିଟାଇଜର ମେଶିନ ।

କରୋନା ପାଇଁ ସ୍ୱୟଂଚାଳିତ ଓ ପଦଚାଳିତ ସାନିଟାଇଜର ମେଶିନ ପ୍ରସ୍ତୁତ କଲା ବ୍ରହ୍ମପୁର ଆଇଟିଆଇ। ଇଲେକ୍ଟ୍ରିକାଲ ଓ ପ୍ଲମ୍ବର ସ୍କ୍ରାପ୍ ସାମଗ୍ରୀକୁ ବିନିଯୋଗ କରି ୭ ମଡେଲର ଅଟୋମେଟିକ୍ ହ୍ୟାଣ୍ଡ ସାନିଟାଇଜର ଡିସ୍ପେନ୍‌ସିଭ୍ ମେଶିନ୍‌କୁ ଆଇଟିଆଇ ପ୍ରସ୍ତୁତ କରିଛି। ସେଥିମଧ୍ୟରେ ୬ ଭିନ୍ନଭିନ୍ନ ପ୍ରକାରର ପଦଚାଳିକ ତଥା ମାନୁଆଲ ମେଶିନ ଥିବା ବେଳେ ଗୋଟିଏ ସ୍ୱୟଂଚାଳିତ ସାନିଟାଇଜର ମେଶିନ ରହିଛି। ଏହାର ମୂଲ୍ୟ ୪୯୯ ରୁ ଆରମ୍ଭ କରି ୧୪୯୯ ଟଙ୍କା ପର୍ଯ୍ୟନ୍ତ ରଖାଯାଇଛି। ସାନିଟାଇଜର ଅପଚୟକୁ ରୋକିବା ସହ ଆବଶ୍ୟକତା ଅନୁସାରେ ବ୍ୟବହାରକୁ ଲକ୍ଷ୍ୟକରି ଏହାକୁ ପ୍ରସ୍ତୁତ କରାଯାଇଛି। ଏହା ଭାରତର ସବୁଠୁ ଶସ୍ତା ସାନିଟାଇଜର ମେଶିନ ହୋଇଥିବା ବେଳେ ଆଗାମୀ ଦିନରେ ଏହି ୭ମଡେଲର ୫୦୦ ସାନିଟାଇଜର ମେଶିନ୍ ଆଇଟିଆଇ ପକ୍ଷରୁ ବିକ୍ରି କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଅଧକ୍ଷ ଡ. ରଜତ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ପୂର୍ବରୁ ଆଇଟିଆଇ ଦ୍ୱାରା ପ୍ରସ୍ତୁତ ୟୁଭିସି ସାନିଟାଇଜର ମେଶିନକୁ କେନ୍ଦ୍ର ସରକାର କରୋନା ମୁକାବିଲା କ୍ଷେତ୍ରରେ ଭାରତ ସର୍ବୋତ୍କୃଷ୍ଟ ଉଦ୍ଭାବନ ଭାବେ ଘୋଷଣା କରିବା ସହ କେନ୍ଦ୍ର ସରକାରଙ୍କ ଏମ୍ଏସ୍ଏମ୍ଇ ହୋମ୍ ପେଜ୍‌ରେ ଆଇଟିଆଇ ଓ ୟୁଭିସି ମେଶିନକୁ ସ୍ଥାନିତ କରିଥିବା ଅଧକ୍ଷ କହିଛନ୍ତି। ଏଥିସହ ଆସନ୍ତା ମଙ୍ଗଳବାର ସାରା ଭାରତର ୧୩୦୦୦ ଆଇଟିଆଇକୁ ଫେସ୍ ସିଲ୍ ପ୍ରସ୍ତୁତି ନେଇ ଅନ୍‌ଲାଇନ୍ ମାଧ୍ୟମରେ ବ୍ରହ୍ମପୁର ଆଇଟିଆଇ ତାଲିମ୍ ଦେବ ବୋଲି ଅଧକ୍ଷ କହିଛନ୍ତି ।

# ଆନ୍ଧ୍ରରେ ଫସି ରହିଛନ୍ତି କନ୍ଧମାଳର ୧୩ ଶ୍ରମିକ

ବାଲିଗୁଡା,୨୧।୫(ଡି.ଏନ୍.ଏ.)

**ପଞ୍ଜୀକରଣ ପରେ ବି ଫେରିବା ବାଟ ଫିଟୁନି**

ଲକ୍‌ଡାଉନ୍ ଯୋଗୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ଶ୍ରମିକଙ୍କ ଦୁର୍ଦ୍ଦଶା ସରୁନି। ଅବଧି ବୃଦ୍ଧି ସହ କମ୍ପାନୀ ଓ ଟ୍ରେନ୍ ଚଳାଚଳ ବନ୍ଦ ସେମାନଙ୍କୁ ଦୁର୍ଦ୍ଦଶାକୁ ଆହୁରି ବଢାଇ ଦେଇଛି। ପରିବାର ଲୋକେ ପଞ୍ଜୀକରଣ କରି ସେମାନଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କ.ନୂଆଗାଁ ବ୍ଲକ ସୀର୍ତ୍ତିଗୁଡା ପଞ୍ଚାୟତର ୧୩ ଶ୍ରମିକ ଆନ୍ଧ୍ରପ୍ରଦେଶ ଚିତ୍ତୋର ଜିଲା ଶ୍ରୀସିଟି ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ ବିଲ୍ଡିଂ ନିର୍ମାଣ କାମରେ ନିୟୋଜିତ ଥିଲେ। ଏବେ ସେମାନେ ଖାଇବାକୁ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକ ଭିଡିଓ ମାଧ୍ୟମରେ ଓଡିଶା ସରକାର ଓ ଜିଲା ପ୍ରଶାସନକୁ ଫେରିବା ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି। ସେପଟେ ପରିବାର ଲୋକେ ବି ଏନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।



ଫସି ରହିଥିବା ମହିଳା ଓ ପୁରୁଷ ଶ୍ରମିକମାନେ ।

# ଜଗୁଆଳିଙ୍କୁ ତାଲା ପକାଇ ମନ୍ଦିରରୁ ଚୋରି

ପାତ୍ରପୁର,୨୧।୫(ଡି.ଏନ୍.ଏ.)

ଜରଡ଼ା ଥାନା ପାତ୍ରପୁର ଓ ସାମନ୍ତିଆପଲ୍ଲୀ ମଧ୍ୟସ୍ଥଳରେ ଥିବା ମା' ବାଗ୍‌ଦେବୀଙ୍କ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ଓ ଟଙ୍କା ହୋଇଛି । ମନ୍ଦିରର ଜଗୁଆଳି ଭୋଳାନାଥ ପଣ୍ଡା ତାଙ୍କ କୋଠାରିରେ ଥିଲେ ମଧ୍ୟ ତାଙ୍କୁ ବାହାରୁ ତାଲା ପକାଇ ଦୁର୍ବୃତ୍ତମାନେ ଲୁଟ୍ କରିଛନ୍ତି। ଗୁରୁବାର ସକାଳେ ପୂଜକ ମନ୍ଦିରକୁ ଯିବାବେଳେ ମୁଖ୍ୟ ଗ୍ରୀଲ ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ପରେ ବନ୍ଦ କଠୋରିରୁ ଉଦ୍ଧାର ପାଇଁ ଜଗୁଆଳି ଜଣକ ଡାକ ପକାଉଥିବା ଶୁଣି ପୂଜକ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ମନ୍ଦିର କମିଟି ଓ ଗ୍ରାମବାସୀ ପହଞ୍ଚି ଜଗୁଆଳିଙ୍କୁ ଉଦ୍ଧାର କରିବା ସହ ମା'ଙ୍କ ସବୁ ଗହଣା ଓ ହୁଣ୍ଡି ଭାଙ୍ଗି ଲୁଟ ହୋଇଥିବା ଦେଖିଥିଲେ। ଏ ନେଇ ଜରଡ଼ା ଥାନାକୁ ଖବର ଦିଆଯାଇଥିଲା। ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଏନ୍ଏସ୍ଏ ଲଗାଇବାକୁ ଓଏଏସ୍ ସଂଘର ଦାବି

ଛତ୍ରପୁର,୨୧।୫(ଡି.ଏନ୍.ଏ.)



ଓଏଏସ୍ ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

**ବିଡିଓଙ୍କୁ ଦୁର୍ବ୍ୟବହାର ଘଟଣା, ଜଣେ ଗିରଫ**

କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନ ପାଇଁ ଯିବା ବେଳେ ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶଙ୍କୁ ଦୁର୍ବ୍ୟବହାର, ଆକ୍ରମଣ ଓ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଜଣଙ୍କୁ ଗୁରୁବାର ଗିରଫ କରାଯାଇଛି। ସେ ହେଲେ ଗଞ୍ଜାମ ଥାନା ଅଗ୍ନିନୂଆଗାଁ ପଞ୍ଚାୟତ ଟେଲ୍ଲୁଗୁନୂଆଗାଁର ସରୋଜ ଦାସ ଓରଫ ବାପି। ଗଞ୍ଜାମ ଥାନାରେ ରୁଜୁ ହୋଇଥିବା ମାମଲା ନଂ.୬୨/୨୦ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଗୁରୁବାର ପୂର୍ବାହ୍ନରେ ଗଞ୍ଜାମ ଜିଲା ଓଏଏସ୍ ସଂଘର ଏକ ବୈଠକ ସଭାପତି ତଥା ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓଙ୍କୁ ଆକ୍ରମଣ ଘଟଣାର ନିନ୍ଦା କରାଯାଇଥିଲା। ପରେ ସଂଘ ପକ୍ଷରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଏସ୍‌ପି ବ୍ରିଜେଶ କୁମାର ରୟଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆକ୍ରମଣ ଘଟଣାରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଏନ୍ଏସଏ ଲଗାଇବା, ମହାମାରୀ ଆଇନ ୧୮୯୭, ଜାତୀୟ ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ ଓ କୋଭିଡ୍-୧୯ ନିୟମ ୨୦୨୦ ଲଗାଇବାକୁ ସଂଘ ଦାବି କରିଛି। ସେହିପରି କୋଭିଡ୍ –୧୯ ସରିବା ପର୍ଯ୍ୟନ୍ତ ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ପିଏସଓ ପ୍ରଦାନ, ବିଡ଼ିଓ ଏନ୍‌ଫୋର୍ସମେଣ୍ଟରେ ଯିବାବେଳେ ଆବଶ୍ୟକ ଫୋର୍ସ ବ୍ୟବସ୍ଥା ଆଦି କରିବାକୁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ବୁଧବାର ଅପରାହ୍ନରେ ଅଗସ୍ତିନୂଆଗାଁରେ୨୦ରୁ ଉର୍ଦ୍ଧ୍ୱ ଯୁବକ କୋଭିଡ୍ ନିୟମ ଉଲ୍ଲଂଘନ କରି କ୍ରିକେଟ ଖେଳୁଥିଲେ। ସେ ସମୟରେ କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନରେ ଯାଉଥିବା ବିଡିଓ ଦାଶ ଓ ତହସିଲଦାର ନୀଳମାଧବ ଭୋଇ ସେମାନଙ୍କୁ ତାଗିଦ କରିବାରୁ ବାପି ଓ ଅନ୍ୟମାନେ ଦୁଇ ଅଧିକାରୀଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ବିଡିଓଙ୍କ ଏତଲାକ୍ରମେ ମାମଲା ରୁଜୁ ହୋଇଛି। ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି ।

# ୩ବର୍ଷ ହେଲା ପାନୀୟଜଳ ପ୍ରକଳ୍ପ ଅଚଳ

ପାଟପୁର,୨୧।୫



ଅଚଳ ହୋଇଥିବା ପାଣି ଟାଙ୍କି ।

**ସମସ୍ୟା ସମାଧାନ ପାଇଁ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ଦାବିପତ୍ର**

ସାନଖେମୁଣ୍ଡି ବ୍ଲକ ପଟିଗୁଡା ପଞ୍ଚାୟତ ବରମୁଣ୍ଡୁଳି ଗ୍ରାମରେ ୩ ବର୍ଷ ହେଲା ପାନୀୟଜଳ ପ୍ରକଳ୍ପ ଅଚଳ ହୋଇ ପଡିଛି। ଫଳରେ ଗ୍ରାମବାସୀ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ପୋଖରୀ ଓ ଭଙ୍ଗା ନଳକୂପରୁ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି।

ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୨୦୦ ପରିବାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ୩ ବର୍ଷ ତଳେ ୪୦ ହଜାର ଲିଟର ବିଶିଷ୍ଟ ଏକ ପାଣି ଟାଙ୍କି ନିର୍ମାଣ ହୋଇଥିଲା। ଉଦ୍‌ଘାଟନର ପ୍ରାୟ ୧୦ ଦିନ ପରେ ପାଇପ୍ ଫାଟିଯିବା ସହ ପମ୍ପ ଅଚଳ ହୋଇଯାଇଥିଲା। ଏହାକୁ ସଜାଡିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଲେନାହିଁ। ଗୁରୁବାର ଗ୍ରାମର ମନୋଜ କୁମାର ବିଷୋୟୀ, ଅଜିତ କୁମାର ବେହେରା, ରାମହରି ଗୌଡ଼, ବାବୁଲା ଗୌଡ଼ ଓ ସୁନୀଲ ବେହେରା ପ୍ରମୁଖ ସାନଖେମୁଣ୍ଡି ବ୍ଲକରେ ପହଞ୍ଚି ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଉପମା ଘଡ଼ାଇଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଅଚଳ ପାନୀୟଜଳ ପ୍ରକଳ୍ପ ସଜାଡି ଗ୍ରାମରେ ଜଳ ଯୋଗାଣ ପାଇଁ ପ୍ରଶାସନ ପଦକ୍ଷେପ ନ ନେଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି। ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରି ମାସେ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ଯନ୍ତ୍ରୀ ଘଡାଇ କହିଥିଲେ।

# ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ, ୬ହଜାର ଜରିମାନା ଆଦାୟ

ବୁଗୁଡ଼ା,୨୧।୫(ଡି.ଏନ.ଏ.)

ବୁଗୁଡ଼ା ସହରରେ ସାବିତ୍ରୀ ବ୍ରତ ପାଇଁ କିଣାକିଣି କରିବାକୁ ଗୁରୁବାର ଲୋକଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ସାମାଜିକ ଦୂରତ୍ୱ ରକ୍ଷା କରିବା, ମାସ୍କ ପିନ୍ଧିବା ଏବଂ ଛେପ ନ ପକାଇବା ଆଦି ନିୟମକୁ ସମସ୍ତେ ଭୁଲିଯାଇଥିଲେ। ଏହି ଅବସରରେ ସ୍ଥାନୀୟ ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନ୍ଏସି ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରା ମିଳିତ ଭାବେ ଚଢାଉ କରି ୩୦ ଜଣ ନିୟମ ଉଲ୍ଲଘଂନକାରୀଙ୍କଠାରୁ ୨୦୦ ଟଙ୍କା ଲେଖାଏ ୬ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ।

# ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କଲେ ସଚିବ



ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ ବେଳେ ସଚିବ ପଚାରି ବୁଝୁଛନ୍ତି ।

ବୁଗୁଡ଼ା,୨୧।୫(ଡି.ଏନ.ଏ.)

ବୁଗୁଡ଼ା ବ୍ଲକର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରଗୁଡ଼ିକୁ ପାନୀୟ ଜଳ ଓ ପରିମଳ ବିଭାଗ ଆସିଷ୍ଟାଣ୍ଟ ସେକ୍ରେଟାରୀ ଆଶିଷ ପାଟିଲ ପରିଦର୍ଶନ କରି ଫେରିଛନ୍ତି। ପାଟିଲ ବୁଗୁଡ଼ା ବ୍ଲକ ଗୋଳିଆ ପଞ୍ଚାୟତ ଅନ୍ତର୍ଗତ ଶ୍ରୀକାନ୍ତ ସ୍ୱାମୀ ତପୋବନ ହାଇସ୍କୁଲ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଥିବା ସଙ୍ଗରୋଧ କେନ୍ଦ୍ର ଏବଂ ପାଙ୍ଗିଡ଼ି ପଞ୍ଚାୟତରେ ପାଙ୍ଗିଡ଼ି ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରି ଅନ୍ତେବାସୀଙ୍କ ଖାଦ୍ୟ, ପାନୀୟ, ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ସମସ୍ତ ନିୟମ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସେମାନେ କେନ୍ଦ୍ରରେ ପ୍ରଶିକ୍ଷିତ ହୋଇ ଯେପରି ଅନ୍ୟମାନଙ୍କୁ ପ୍ରଶିକ୍ଷଣ କରାଇ କାର୍ଯ୍ୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ବିଡିଓ ତଥା ନୋଡାଲ ଅଧିକାରୀ ତନ୍ମୟ ପାତ୍ରଙ୍କ ସମେତ ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚ ଉପସ୍ଥିତ ଥିଲେ।

# ପ୍ରସ୍ତାବିତ ୪୫୬ପ୍ରକଳ୍ପ ଅନୁମୋଦିତ

**ସୋନପୁର,୨୧।୫(ନି.ପ୍ର.)**



ବୈଠକରେ ଉପସ୍ଥିତ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପଦ୍ମନାଭ ବେହେରା, ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଜିଲାପାଳ ଓ ପିଡି ଡିଆରଡିଏ ପ୍ରମୁଖ।

■ସୁବର୍ଣ୍ଣପୁର ଜିଲା ପରିଷଦର ସ୍ୱତନ୍ତ୍ର ଜରୁରୀ ବୈଠକ

■ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ମେଶିନ୍‌ରେ ହେଉଥିବା ଅଭିଯୋଗ

ସୁବର୍ଣ୍ଣପୁର ଜିଲା ପରିଷଦର ସ୍ୱତନ୍ତ୍ର ଜରୁରୀ ବୈଠକ ଜିଲାପାଳଙ୍କ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ଉଷା କୁମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା(ପିଏମଜିଏସୱାଇ)-୩ ଦ୍ୱାରା ମୋଟ ୨୩୮ଟି ଗ୍ରାମ୍ୟ ମୁଖ୍ୟ ରାସ୍ତାର ଉନ୍ନତୀକରଣ ଓ ସମ୍ପ୍ରସାରଣ ବିଷୟରେ ଆଲୋଚନା ହୋଇଥିଲା। ସେହିପରି ଏମ୍‌ଜିଏନଆରଇଜିଏସ୍‌ରେ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ଓ କ୍ଷୁଦ୍ର ଜଳସେଚନ ଖଣ୍ଡ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତାବିତ ପ୍ରକଳ୍ପ ଆଲୋଚନା ପରିସରକୁ ଆସିଥିଲା। କେନ୍ଦ୍ର ସରକାରଙ୍କ ପିଏମଜିଏସୱାଇ-୩ ନିୟମାବଳୀ ଅନୁଯାୟୀ ଗ୍ରାମାଞ୍ଚଳ ଭିତ୍ତିଭୂମି ସୁଦୃଢ ସକାଶେ କୃଷିଭିତ୍ତିକ ଗ୍ରାମ୍ୟ ବଜାର, ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାସ୍ତା ସଂଯୋଗ ପାଇଁ ଗୁରୁତ୍ୱ ଦିଆଯାଇଛି। ତେଣୁ ବିନିକା ବ୍ଲକର ୩୪, ବୀରମହାରାଜପୁର ବ୍ଲକର ୫୧, ଡୁଙ୍ଗୁରିପାଲି ବ୍ଲକର ୪୭, ସୋନପୁର ବ୍ଲକର ୩୨, ତରଭା ବ୍ଲକର ୨୬ ଓ ଉଲୁଣ୍ଡା ବ୍ଲକର ପ୍ରସ୍ତାବିତ ୪୮ଟି ରାସ୍ତା ନିର୍ମାଣ ପାଇଁ ବୈଠକରେ ଅନୁମୋଦନ ମିଳିଥିଲା ।

ଏମ୍‌ଜିଏନଆରଇଜିଏସ୍‌ରେ ବନ ବିଭାଗ ଦ୍ୱାରା ପ୍ରସ୍ତାବିତ ୧୪୨ଗୋଟି ପ୍ରକଳ୍ପ ଓ କ୍ଷୁଦ୍ର ଜଳସେଚନ ବିଭାଗର ୭୬ଟି ଜଳସେଚନ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ ମିଳିଥିଲା। ଜିଲା ପରିଷଦ ଦ୍ୱାରା ଅନୁମୋଦିତ ପ୍ରସ୍ତାବକୁ ସରକାରଙ୍କ ନିକଟକୁ ପଠାଯିବ। ଏହି ଅବସରରେ ଏମ୍‌ଜିଏନଆରଇଜିଏସ୍‌ରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୬ଟି ବ୍ଲକରେ ୨୧.୬୩ ଲକ୍ଷ ଶ୍ରମ ଦିବସ ସୃଷ୍ଟି ପାଇଁ ଲେବର ବଜେଟ୍‌କୁ ଅନୁମୋଦନ କରା ଯାଇଥିଲା। ତେବେ ଜିଲାରେ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ଠିକ୍ ଭାବେ ତଦାରଖ ହେଉନାହିଁ । ଅନୁଦାନ ଖର୍ଚ୍ଚ ହୋଇ ପାରୁ ନ ଥିବା ସଭ୍ୟାସଭ୍ୟ ଅଭିଯୋଗ କରିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ ପୂର୍ବରୁ ସୂଚନା ଫଳକ ଲଗାଯାଉନାହିଁ । ପ୍ରକଳ୍ପ ମୂଲ୍ୟ ଗ୍ରାମବାସୀ ଜାଣୁନାହାନ୍ତି। ଚଞ୍ଚକତା କରି ମେଶିନ ଦ୍ୱାରା କାମ କରାଯାଉଛି । ତେଣୁ ଶ୍ରମିକମାନେ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ଜିଲା ପରିଷଦ ସଦସ୍ୟା ଗାୟତ୍ରୀ ପାଣିଗ୍ରାହୀ ଅଭିଯୋଗ କରିଥିଲେ। ବିଜୁ କେବିକେରେ ଲାଇଟ୍ ଓ ଅମୃତଧାରା ପ୍ରକଳ୍ପ କାର୍ଯ୍ୟ ବିଳମ୍ବକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ତଥା ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ନିଜ ମତ ରଖିଥିଲେ । ଜିଲାପାଳ ମୋନିଷା ବାନାର୍ଜୀ, ଭାରପ୍ରାପ୍ତ ପିଡି ଡିଆରଡିଏ ନିତି ରଞ୍ଜନ ସେନ୍, ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ର କିଶୋର ମହଲା, ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସତ୍ୟବ୍ରତ ବେହେରା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ବିପିନ ବିହାରୀ ଦାଶ, ବିଭିନ୍ନ ବ୍ଲକର ଅଧ୍ୟକ୍ଷମାନେ ଆଲୋଚନାରେ ଭାଗ ନେଇଥିଲେ ।

## ସଂକ୍ଷେପରେ

### ସମ୍ବଲପୁରରେ ପୁଣି ୨ କରୋନା ରୋଗୀ ଚିହ୍ନଟ

#### ପଶ୍ଚିମବଙ୍ଗ ଓ ରାଉରକେଲା ଲିଙ୍କ୍

**ସମ୍ବଲପୁର,୨୧।୫(ବ୍ୟୁରୋ):** ସମ୍ବଲପୁର ଜିଲାରେ ଗୁରୁବାର ଆଉ ୨ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏନେଇ ଜିଲାପାଳ ଶୁଭମ୍ ସକ୍‌ସେନା ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦୁଇ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ସରକାରୀ କ୍ୱାରାଣ୍ଟାଇନରେ ରହିଥିବା ବେଳେ ଆଉ ଜଣେ ହୋମ୍ କ୍ୱାରାଣ୍ଟାଇନରେ ଥିଲେ । ତେଣୁ ଭୟଭୀତ ହେବାର କାରଣ ନାହିଁ । ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫ରେ ପହଞ୍ଚିଛି । ହୋମ୍ କ୍ୱାରାଣ୍ଟାଇନରେ ଥିବା ଆକ୍ରାନ୍ତ ଜଣେ ୨୯ ବର୍ଷୀୟା ଯୁବତୀ । ସମ୍ପୃକ୍ତ ଯୁବତୀଙ୍କ ଲିଙ୍କ୍ ରାଉରକେଲା ବିର୍ସା ଅଞ୍ଚଳରେ ରହିଛି । ସେ ସେଠାକୁ ଯାଇ ଫେରିବା ପରେ ପ୍ରଶାସନ ତାଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ କହିଥିଲା। ଅନ୍ୟ ଆକ୍ରାନ୍ତ ଜଣେ ୪୦ ବର୍ଷିୟା ମହିଳା। ସେ ପଶ୍ଚିମବଙ୍ଗରୁ ଫେରି ଲରପଙ୍କ ସରକାରୀ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ । ସେ ପଶ୍ଚିମବଙ୍ଗରେ ଏକ ସାମାଜିକ କାର୍ଯ୍ୟରେ ଯୋଗଦେଇ ବସ୍‌ରେ ଗତ ୧୧ ତାରିଖରେ ଫେରିଥିଲେ। ତାଙ୍କ ସହିତ ଆସିଥିବା ଆଉ ୨ ଜଣ ପୁରୁଷ କରୋନାରେ ଆକ୍ରାନ୍ତ ହୋଇଥିବା ଗତ ୧୯ ତାରିଖରେ ଚିହ୍ନଟ ହେବା ପରେ ଉଭୟଙ୍କୁ ରାଉରକେଲା କୋଭିଡ୍-୧୯ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଗୁରୁବାର ଚିହ୍ନଟ ଆକ୍ରାନ୍ତଙ୍କୁ ମଧ୍ୟ ରାଉରକେଲା କୋଭିଡ୍-୧୯ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ ପ୍ରଥମେ ରେଢ଼ାଖୋଲ ଅଞ୍ଚଳର ଜଣେ ଯୁବକ କରୋନାରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ସେ ଅହମ୍ମଦାବାଦରୁ ଫେରି ସରକାରୀ କ୍ୱାରାଣ୍ଟାଇନରେ ରହୁଥିଲେ ।

### ସୁରକ୍ଷା କର୍ମୀଙ୍କୁ ଆକ୍ରମଣ, ଲୁଟ୍ ଅଭିଯୋଗ

**ଦେବଗଡ଼,୨୧।୫(ଡି.ଏନ.ଏ):** ଦେବଗଡ଼,୨୧।୫(ଡି.ଏନ.ଏ): ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ଝରାବେରିଣୀ ଗ୍ରାମରେ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଯୋଜନାରେ ଗ୍ୟାସ ପାଇପ ଲାଇନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ନିୟୋଜିତ ନିର୍ମାଣକାରୀ ସଂସ୍ଥା ଗେଲ ଇଣ୍ଡିଆର ୨ଜଣ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ ସହ ବନ୍ଧୁକ ମୁନରେ ଲୁଟ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ ଝରାବେରିଣୀ ଗ୍ରାମରେ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଯୋଜନାରେ ଗ୍ୟାସ୍ ପାଇପ ଲାଇନ ପ୍ରକଳ୍ପ ସ୍ଥଳରେ ବିଶ୍ରାମ ଗୁଡିଆ (୨୦) ଓ ସୁଶାନ୍ତ ପାତ୍ର (୩୪) ନାମକ ୨ଜଣ ସୁରକ୍ଷା କର୍ମୀ କାର୍ଯ୍ୟରତ ଥିବାବେଳେ ଗତ ୧୯ ତାରିଖ ରାତ୍ରି ପ୍ରାୟ ୧୨ଟା ସମୟରେ କେତେକ ମୁଖା ପିନ୍ଧା ଯୁବକ ସେଠାକୁ ଆସିଥିଲେ । ଉକ୍ତ ଯୁବକମାନେ ଦୁଇ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିବା ସହ ବନ୍ଧୁକ ମୁନରେ ଭୟଭୀତ କରି ସେମାନଙ୍କ ଠାରୁ ମୋବାଇଲ, ନଗଦ ଅଢେଇ ହଜାର ଟଙ୍କା ଓ ସେଠାରେ ଥିବା ଏକ୍ସାଭେଟର ମ୍ୟାସିନରୁ ୨ଟି ବ୍ୟାଟେରୀ ଖୋଲି ନେଇ ଯାଇଥିଲେ । ଏ ସମ୍ପର୍କରେ ବୁଧବାର କୁଣ୍ଢେଇଗୋଲା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା ।

### ପ୍ରଥମ ଦିନ ଉଠିଲା ୭ଶହ କୁଇଣ୍ଟାଲ ୬୪ କେଜି

**କଲମପୁର, ୨୧।୫ (ଡି.ଏନ.ଏ.):** କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ମଣ୍ଡଲ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ମଣ୍ଡଲ, ମିନଗୁର ଏବଂ ଭଇଁରି ମଣ୍ଡିରେ ଗୁରୁବାର ରବିଧାନ କିଣା ଶୁଭାରମ୍ଭ ହୋଇଛି । ପ୍ରଥମ ଦିନରେ ଏହି ତିନି ମଣ୍ଡିରେ ୯ଜଣ ଚାଷୀଙ୍କ ୭ଶହ କୁଇଣ୍ଟାଲ ୬୪ କେଜି ଧାନ କ୍ରୟ କରାଯାଇଛି। ଏହି ମଣ୍ଡିଗୁଡ଼ିକର ଦାୟିତ୍ୱ ନିର୍ବାହ କରୁଥିବା ପ୍ୟାକ୍ସ ସମ୍ପାଦକ ନବୀନ ନାଗ ସୂଚନା ଦେଇଛନ୍ତି। ପୂର୍ବରୁ ମଣ୍ଡଲ ସରପଞ୍ଚ ପ୍ରଦୀପ କୁମାର ଭୋଇ ଏବଂ ପ୍ରଦୀପ କୁମାର ବେହେରା ମଣ୍ଡିର ଶୁଭ ଉଦ୍‌ଘାଟନ କରିଥିଲେ । ସମିତି ସଭ୍ୟ ଚିନ୍ତାମଣି ବେହେରା, ନୂଆଗାଁ ସରପଞ୍ଚ ସୁଶୀଲା ନାଏକ, କୃଷକ ନେତା ଅଜିତ ମୁଣ୍ଡ, ଭିଏଡବ୍ଲ୍ୟୁ ସୁଶାନ୍ତ ରାଉତ, ଲାଲସିଂ ନାଏକ, ବିଶିକେଶନ ସାହୁ, କିଶୋର ହଂସ, ଆରଏମ୍‌ସି କର୍ମଚାରୀ, ମଣ୍ଡଲ ପ୍ୟାକ୍ସର ସମସ୍ତ କର୍ମଚାରୀ, ସମସ୍ତ ମିଲର୍ସ ଏଜେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ ।

### ୨୧ ପଜିଟିଭ ଚିହ୍ନଟ ପରେ ଆଡେଣୀଗଡ଼ ପଞ୍ଚାୟତ ଶଟ୍‌ଡାଉନ

**ବୌଦ୍ଧ,୨୧।୫ (ସ୍ୱ.ପ୍ର.)**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବୌଦ୍ଧ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୩ ଛୁଇଁଛି। ଏଥିପାଇଁ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଗୋଟିଏ ଦିନରେ ୨୮ ପିଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି। ଫଳରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ୨୮ ପିଜିଟିଭ ମଧ୍ୟରୁ ୨୧ ଜଣ ହରଭଙ୍ଗା ବ୍ଲକ ଆଡେଣୀଗଡ ପଞ୍ଚାୟତର ଆଡେଣୀଗଡ ଛାତ୍ରୀ ନିବାସ ଠାରେ ଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାହାରିଛନ୍ତି। ଏହି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୧ ଜଣ ପ୍ରବାସୀ ଶ୍ରମିକ ରହୁଥିଲେ । ଜଣଙ୍କ ପଜିଟିଭ ବାହାରିବା ପରେ ପଞ୍ଚାୟତର ସରପଞ୍ଚ ଝିଲିରାଣୀ ପ୍ରଧାନ ସଂକ୍ରମଣକୁ ରୋକିବା ଲାଗି ୨୦ ତାରିଖରୁ ପଞ୍ଚାୟତକୁ ତିନି ଦିନ ପାଇଁ ଶଟ୍ ଡାଉନ୍ ଘୋଷଣା କରିଛନ୍ତି। ୨୨ ତାରିଖ ପର୍ଯ୍ୟନ୍ତ ଜନସାଧାରଣ ସହଯୋଗ କରିବାକୁ ସରପଞ୍ଚ ପ୍ରଧାନ ନିବେଦନ କରିଛନ୍ତି।

# ୨ ମାସ ହେଲା ଜନସାଧାରଣଙ୍କୁ କଲେକ୍ଟୋରେଟ୍ ମନା

**ଝାରସୁଗୁଡ଼ା ଅଫିସ,୨୧।୫**



ପ୍ରବେଶ ଦ୍ୱାରରେ ମୁତୟନ ସିକ୍ୟୁରିଟି ଗାର୍ଡ ଅଭିଯୋଗ ଗ୍ରହଣ କରୁଛନ୍ତି।

■ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଏହି ନିଷ୍ପତ୍ତି: ଅତିରିକ୍ତ ଜିଲାପାଳ

■ ମୋବାଇଲ ଆପ୍‌ର ଉପଯୋଗ କରନ୍ତୁ ଜନସାଧାରଣ

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଗତ ୨ ମାସ ହେବ ଜନସାଧାରଣଙ୍କ ପ୍ରବେଶ ନିଷେଧ କରାଯାଇଛି। କାର୍ଯ୍ୟାଳୟର ଦୁଇଟି ପ୍ରବେଶ ଦ୍ୱାରରେ ଦୁଇଜଣ ଲେଖାଏ ସିକ୍ୟୁରିଟି ଗାର୍ଡ ମୁତୟନ କରାଯାଇଛି। କୌଣସି ଆପତ୍ତି ଅଭିଯୋଗ କିମ୍ବା କାର୍ଯ୍ୟ ଲିଖିତ ଭାବେ ଦେବାକୁ ସିକ୍ୟୁରିଟି ଗାର୍ଡମାନେ କହୁଛନ୍ତି। କରୋନା ମୁକାବିଲା ଯୋଗୁ କରାଯାଇଥିବା ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ୍ ସମୟରୁ ଏହି ସ୍ଥିତି ଏଠାରେ ଦେଖିବାକୁ ମିଳିଛି। ଏପରି କି ପ୍ରତି ସୋମବାର ହେଉଥିବା ମିଳିତ ଜନ ଅଭିଯୋଗ ଶୁଣାଣି ମଧ୍ୟ ବନ୍ଦ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଦ୍ୱାରା ଲୋକଙ୍କ ସୁବିଧା ପାଇଁ ମୋବାଇଲ ଆପ୍‌ରେ ଅଭିଯୋଗ କରାଯିବା ବ୍ୟବସ୍ଥା କରାଯାଇଛି। ଗତ ୨ ତାରିଖରେ ଆରମ୍ଭ ହୋଇଥିବା ଏହି ପୋର୍ଟାଲରେ ଅଦ୍ୟାବଧି ୫୦ଟି ଅଭିଯୋଗ ଆସିଛି। ତେବେ ପ୍ରଚାର ପ୍ରସାର ଅଭାବ ଯୋଗୁ ଲୋକେ ଅଧିକାରୀଙ୍କ ନିକଟକୁ ଅଭିଯୋଗ କରିବାକୁ ଆସୁଛନ୍ତି। ହେଲେ ସେମାନଙ୍କୁ କଲେକ୍ଟୋରେଟ୍ ଭିତରକୁ ପଶିବାକୁ ଦିଆଯାଉ ନାହିଁ। ବେଲପାହାଡ଼ ଅଞ୍ଚଳର ବିକାଶ ମହାପାତ୍ର କୁହନ୍ତି, ସେ ତାଙ୍କ ଗ୍ରାମର ସାମୂହିକ ସମସ୍ୟା ନେଇ ଜିଲାପାଳଙ୍କୁ ସାକ୍ଷାତ୍ କରିବାକୁ ଆସିଥିଲେ। ହେଲେ ତାଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଛଡ଼ା ଯାଇ ନ ଥିଲା। ଫଳରେ ମୁତୟନ ହୋଇଥିବା ସୁକ୍ୟୁରିଟି ଗାର୍ଡଙ୍କୁ ଅଭିଯୋଗ ପତ୍ର ଦେଇ ଫେରି ଆସିଥିଲେ। ଏହି ଅଭିଯୋଗ କେବେ ଜିଲାପାଳଙ୍କ ନିକଟକୁ ଯିବ ଏବଂ ଏହାର ସମାଧାନ ହେବା ତାହା ସେ ଜାଣିପାରୁ ନାହାନ୍ତି। ବ୍ରଜରାଜନଗର ଅଞ୍ଚଳର କୈଳାସ ପଣ୍ଡାଙ୍କ କହିବାନୁସାରେ ସ୍ଥାନୀୟ ଅଞ୍ଚଳର ପାଣି ସମସ୍ୟା ନେଇ ସେ ଜିଲାପାଳଙ୍କ ଅଫିସକୁ ଆସିଥିଲେ। ହେଲେ ତାଙ୍କୁ ଭିତରକୁ ଯିବାକୁ ଦିଆଯାଇ ନ ଥିଲା। ଏ ନେଇ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରୁ ଲକ୍‌ଡାଉନ ଯୋଗୁ କାର୍ଯ୍ୟାଳୟକୁ ଆସିବାକୁ ମନା କରାଯାଇଛି ଏବଂ ପ୍ରବେଶ ଦ୍ୱାରରେ ଲୋକଙ୍କ ଆପତ୍ତି ଅଭିଯୋଗ ଲିଖିତ ଭାବେ ଗ୍ରହଣ କରାଯାଉଛି। ଏହାର ବିକଳ୍ପ ବ୍ୟବସ୍ଥା ପାଇଁ ମୋବାଇଲ ଆପ୍‌ରେ ଅଭିଯୋଗ କରିବାକୁ ବ୍ୟବସ୍ଥା କରାଯାଇଛି। ମୋବାଇଲ ଆପ୍ ଜରିଆରେ ଆସିଥିବା ଅଭିଯୋଗରୁ ୭୦ପ୍ରତିଶତର ସମାଧାନ କରାଯାଇଛି ବୋଲି ସେ କହିଛନ୍ତି।

# ପୌର ଅଫିସ୍ ଘେରିଲେ ରାସ୍ତାକଡ଼ ଦୋକାନୀ

**ଦେବଗଡ଼,୨୧।୫(ଡି.ଏନ.ଏ)**

ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ତଥା କୋର୍ଟ ନିକଟ ରାସ୍ତାକଡରେ ଦୀର୍ଘବର୍ଷ ଧରି ଅସ୍ଥାୟୀ ଭାବେ ଟାଇପ୍ ରାଇଟର, ଷ୍ଟାମ୍ପ ଭେଣ୍ଡର, ଜେରକ୍ସ ଦୋକାନ ଖୋଲି ପରିବାର ପ୍ରତିପୋଷଣ କରୁଥିବା ଉଠାଦୋକାନୀ ଓ ନୋଟାରୀ ଅଫିସ୍ ଖୋଲିଥିବା ଆଇନଜୀବୀଙ୍କୁ ଆଗାମୀ ୭୨ ଘଣ୍ଟା ମଧ୍ୟରେ ଉକ୍ତ ସ୍ଥାନ ଖାଲି କରିବାକୁ ଗୁରୁବାର ଦେବଗଡ ପୌର ପରିଷଦ ପକ୍ଷରୁ ନୋଟିସ ଜାରି କରାଯାଇଥିଲା । ଫଳରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସେମାନେ ଗୁରୁବାର ପୌର ପରିଷଦ କାର୍ଯ୍ୟାଳୟ ଘେରାଉ କରିଥିଲେ । ନୋଟାରୀ ପ୍ରଦୀପ କୁମାର ଧଳ, ପ୍ରଭାଶ କୁମାର ମିଶ୍ର, ସରୋଜ କୁମାର ପାତ୍ର, ଦଲିଲ ଲେଖକ ସୁକାନ୍ତ କୁମାର ମିଶ୍ର, ଜନକ ବେହେରା, ଗୌରହରି ବେହେରାଙ୍କ ସମେତ ବହୁ ଅସ୍ଥାୟୀ ଦୋକାନୀ ଦେବଗଡ ପୌର ପରିଷଦ କାର୍ଯ୍ୟାଳୟକୁ ଯାଇ ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନଙ୍କୁ ସାକ୍ଷାତ କରିବା ସହ ନିଷ୍ପତ୍ତିର ପୁନଃ ବିଚାର କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।




ଅସ୍ଥାୟୀ ଦୋକାନୀ ମାନେ ପୌର ପରିଷଦ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

## ଫଟୋରେ ଖବର...



ଅମାନିଆ ଜନସାଧାରଣ: ଗୁରୁବାର ସମ୍ବଲପୁର ଗୋଲବଜାରରେ ସାବିତ୍ରୀ ବ୍ରତ ସାମଗ୍ରୀ କିଣିବାକୁ ଭିଡ ।

# ମନ୍ଦିର ସେବକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ବିନିକା,୨୧।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ରାଷ୍ଟ୍ରୀୟ ମନ୍ଦିର ସେବକ ସଂଘ ପକ୍ଷରୁ ସେବାୟତଙ୍କ ସମସ୍ୟା ନେଇ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଏସ୍.ରାମପୁରସ୍ଥ ତାଙ୍କ ବାସଭବନ ଠାରେ ପ୍ରଦାନ କରାଯାଇଛି । ମନ୍ଦିର ସେବକ ସଂଘ ସଭାପତି ସଚ୍ଚିଦାନନ୍ଦ ଦାଶ ଏବଂ ସମ୍ପାଦକ ସର୍ବେଶ୍ୱର ପୁରୋହିତ ଏହି ଦାବିପତ୍ର ପ୍ରଦାନ କରିଥିଲେ । ଏହି ସମୟରେ ଜିଲା ସଙ୍ଗଠନର ସ୍ୱତନ୍ତ୍ର ଅଧିକାରୀ ବାଲଗୋପାଳ ପୁରୋହିତ, ସଦାନନ୍ଦ ପାଣ୍ଡିଆ, ଜିଲା ମିଡିଆ ସେଲ୍ ପ୍ରଭାରୀ ବିପ୍ଳବ ରଞ୍ଜନ ଦାଶ, ଉପେନ୍ଦ୍ର ଚାନ୍ଦ ଓ ବିଭିନ୍ନ ପଞ୍ଚାୟତ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, କରୋନା ମହାମାରୀ ଯୋଗୁ ରାଜ୍ୟର ପ୍ରାୟ ୫ଲକ୍ଷ ମନ୍ଦିର ସେବକ ତଥା ସେବାୟତଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି । ମନ୍ଦିର ସେବକ, ସେବାୟତ, ନାମ ସଂକୀର୍ତ୍ତନମଣ୍ଡଳୀ, ପୁରୋହିତଙ୍କ ରୋଜଗାର ବନ୍ଦ ହୋଇଯାଇଛି । ରାଜ୍ୟ ସରକାର କରୋନା ଭଳି ଆପାତକାଳୀନ ପରିସ୍ଥିତିରେ କୃଷକ, ଶ୍ରମିକ ତଥା ଗରିବ ଲୋକଙ୍କୁ ସହାୟତାର ହାତ ବଢାଇଛନ୍ତି । ଦୁର୍ଦ୍ଦିନରେ ଦିନ କାଟୁଥିବା ମନ୍ଦିର ସେବକଙ୍କୁ ଆର୍ଥିକ ସହଯୋଗ କରିବାକୁ ଦାବି କରାଯାଇଛି ।

# ରାଉରକେଲାରେ ପହଞ୍ଚିଲା ଶ୍ରମିକ ସ୍ପେଶାଲ ଟ୍ରେନ୍

**ରାଉରକେଲା ଅଫିସ,୨୧।୫**

**ଆନ୍ଧ୍ର ପ୍ରଦେଶରୁ ଫେରିଲେ ୩ ଶହ ପ୍ରବାସୀ ଶ୍ରମିକ**

ଗୁରୁବାର ସନ୍ଧ୍ୟା ସାଢ଼େ ୬ଟାରେ ରାଉରକେଲାରେ ପହଞ୍ଚିଛି ଶ୍ରମିକ ସ୍ପେଶାଲ ଟ୍ରେନ । ଏଥିରେ ଆନ୍ଧ୍ର ପ୍ରଦେଶରେ ଫସି ରହିଥିବା ୩ ଶହ ଶ୍ରମିକ ଫେରିଛନ୍ତି। ସେମାନଙ୍କୁ ନିର୍ଦ୍ଧାରିତ କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଇବା ପାଇଁ ପ୍ରଶାସନିକ ଅଧିକାରୀମାନେ ବ୍ୟବସ୍ଥା କରିଛନ୍ତି । ଏଥିଲାଗି ଜିଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଥିଲା। ଫେରିଥିବା ଶ୍ରମିକମାନେ କି ଭଳି ସୁରକ୍ଷିତ ଭାବେ ଗନ୍ତବ୍ୟସ୍ଥଳରେ ପହଞ୍ଚିବେ ସେନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା । ରେଳ ଷ୍ଟେଶନ ନିକଟରୁ ମଧୁସୂଦନ ମାର୍ଗ ଓ ନୂଆ ବସ୍‌ଷ୍ଟାଣ୍ଡ ଯାଏ ୧୪୪ ଧାରା ଜାରି କରାଯାଇଥିଲା । ସେହି ଅଞ୍ଚଳରେ ଥିବା ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନକୁ ଦିନ ୧୨ଟାରୁ ରାତି ୧୨ଟା ଯାଏ ବନ୍ଦ ରଖିବାକୁ ପ୍ରଶାସନିକ ନିର୍ଦ୍ଦେଶ ରହିଥିଲ।



ଟ୍ରେନରେ ଫେରିଥିବା ପ୍ରବାସୀ ଶ୍ରମିକମାନେ।

# ଋଣ ଶୁଝିବାକୁ ଚାଷୀଙ୍କ ପାଖରେ ଅର୍ଥ ନାହିଁ

**ରାଉରକେଲା ଅଫିସ,୨୧।୫**

**କୃଷି ଅଧିକାରୀଙ୍କୁ ଭେଟିଲେ କୃଷକ ମୋର୍ଚ୍ଚା କର୍ମକର୍ତ୍ତା**

କରୋନା ଯୋଗୁ ସୁନ୍ଦରଗଡ଼ ଜିଲାର କୃଷିକ୍ଷେତ୍ର ଓ କୃଷକ ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ଚାଷୀ ଅର୍ଥାଭାବରୁ ଋଣ ଅର୍ଥ ଶୁଝିବା ଅବସ୍ଥାରେ ନାହାଁନ୍ତି। ବିଭିନ୍ନ କାରଣରୁ ଚଳିତବର୍ଷ ଚାଷବାସ ଆଶା କ୍ଷୀଣ ବୋଲି ବହୁ ଚାଷୀ କହିଛନ୍ତି। ପରିସ୍ଥିତି ଦୃଷ୍ଟିରୁ ସାର ବିହନ କିଣି ଚାଷ ପ୍ରତି ମନ ବଳାଇବା ଆଉ ପ୍ରାୟ ସମ୍ଭବ ହେବ ନାହିଁ। ଯେଉଁମାନେ ଚଳିତ ବର୍ଷ ପନିପରିବା ଉତ୍ପାଦନ କରି ଅଣ୍ଟା ସଳଖିବାକୁ ଆଶା ରଖିଥିଲେ ତାହା ମଧ୍ୟ ପାଣିପାଗ ଓ ବଜାର ଅଭାବରୁ ସମ୍ଭବ ହୋଇପାରିନାହିଁ। ଅଭାବୀ ବିକ୍ରିର ସମ୍ମୁଖୀନ ଚାଷୀ ମୂଳ ଟଙ୍କା ଉଠାଇବାକୁ ସମର୍ଥ ହେଲେ ନାହିଁ। ଆଗକୁ ପରିସ୍ଥିତି ଅଣାୟତ୍ତ ହେବ ବୋଲି ଏବେଠୁ ଆଶଙ୍କା ପ୍ରକାଶ ପାଇଲାଣି। ଏମିତି ଅବସ୍ଥାରେ ସରକାରୀ ପ୍ରୋତ୍ସାହନ ନିହାତି ଆବଶ୍ୟକ। ଏଥିରେ ଅବହେଳା କରାଗଲେ ପରିସ୍ଥିତି ସଙ୍ଗୀନ ହେବ ବୋଲି କହିଛନ୍ତି କୃଷକ ମୋର୍ଚ୍ଚା ସଭାପତି ମଳୟ ମହାପାତ୍ର।



କୃଷି ଅଧିକାରୀଙ୍କ ସହ କୃଷକ ମୋର୍ଚ୍ଚା କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ଏନେଇ ଜିଲା କୃଷକ ମୋର୍ଚ୍ଚାର ଏକ ପ୍ରତିନିଧି ମଣ୍ଡଳୀ ବିଭାଗୀୟ କୃଷି ଅଧିକାରୀଙ୍କୁ ଭେଟି ଏ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପରିସ୍ଥିତିର ମୁକାବିଲା ନେଇ ଅଧିକ କୃଷକ ବଜାର ସୃଷ୍ଟି କରିବା, ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପଦକ୍ଷେପ ନେବା, ଉଚିତ ସମୟରେ ଚାଷୀଙ୍କୁ ସାର ବିହନ ଉପଲବ୍ଧ କରାଇବା ଦିଗରେ ପ୍ରତିନିଧି ମଣ୍ଡଳୀ ଗୁରୁତ୍ୱାରୋପ କରିଛନ୍ତି। ବିଶେଷ କରି ପ୍ରଧାନମନ୍ତ୍ରୀଙ୍କ କୃଷକ ସମ୍ମାନ ଯୋଜନାରେ ଅଧିକ ଚାଷୀ କିପରି ଉପକୃତ ହେବେ ସେ ଦିଗରେ ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ କୃଷକ ମୋର୍ଚ୍ଚା ପକ୍ଷରୁ ପରାମର୍ଶ ଦିଆଯାଇଛି । ଉଚିତ୍ ସମୟରେ ଚାଷୀ କିଭଳି କୃଷ ଋଣ ପାଇ ଉପଯୋଗ କରିବ ସେ ଦିଗରେ ଯତ୍ନବାନ ହେବାକୁ କୃଷକ ମୋର୍ଚ୍ଚା କର୍ମକର୍ତ୍ତା ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଓକିଲ ସଂଘ ନିର୍ବାଚନ ସ୍ଥଗିତ, ଅନ୍ତରୀଣ କମିଟି କାର୍ଯ୍ୟ କରିବ

**ବରଗଡ଼ ଅଫିସ୍,୨୧।୫:** ଘାତକ କରୋନା (କୋଭିଡ୍-୧୯)ସଂକ୍ରମଣ ଯୋଗୁ ଦେଶବ୍ୟାପୀ ଲକ୍ ଡାଉନ୍ କଟକଣା ଲାଗୁ ହୋଇଛି । ଏଥିରେ କୋର୍ଟ କାର୍ଯ୍ୟ ଗୁଡ଼ିକ ମଧ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରତିବର୍ଷ ମାର୍ଚ୍ଚ ମାସରେ ବରଗଡ଼ ଜିଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥାଏ । ମାତ୍ର ଚଳିତବର୍ଷ କୋଭିଡ୍-୧୯ ସଂକ୍ରମଣ ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ବାର୍ କାଉନସିଲ୍ ଏହି ନିର୍ବାଚନକୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେବା ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ନ ହେବା ତଥା ଅନ୍ୟ ଜରୁରୀକାଳୀନ ନିଷ୍ପତ୍ତି ଗ୍ରହଣ ସକାଶେ ଏକ ଅନ୍ତରୀଣ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ରାଜ୍ୟ ବାର୍ କାଉନସିଲର ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲା ଓକିଲ ସଂଘର ଏକ ୫ଜଣିଆ ଅନ୍ତରୀଣ କମିଟି ଗଠନ କରାଯାଇଛି। ଏଥିରେ ବରିଷ୍ଠ ଆଡ଼ଭୋକେଟ୍ ଅଶୋକ କୁମାର ଦାଶଙ୍କୁ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଆଡ଼ଭୋକେଟ୍ ବିମଳ କିଶୋର ଦେବତା, ନିପନ କୁମାର ଦାଶ, ଦ୍ୟୁତୀଶ କୁମାର ଆଚାର୍ଯ୍ୟ, ଲିପ୍‌ସିତ କୁମାର ମିଶ୍ରଙ୍କୁ ପରିଚାଳନା କମିଟି ସଭ୍ୟ ଭାବେ ମନୋନୀତ କରାଯାଇଛି । ଏହି ଅନ୍ତରୀଣ କମିଟି ବରଗଡ଼ ଜିଲା ଓକିଲ ସଂଘର ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି ନିର୍ବାଚନ ଅଧିକାରୀ ଶଙ୍କର୍ଷଣ ମିଶ୍ର ସୂଚନା ଦେଇଛନ୍ତି ।

### ଲକ୍ଷାଧିକ ଟଙ୍କାର ସାଇଜ ପଟା ଜବତ

**ଲୋଇସିଂହା, ୨୧।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବନ ବିଭାଗ ମୋଇବାଲ ସ୍କ୍ୱାଡ ତାଲଜୁରୀ ଓ ଡୁଡଙ୍କାମୁଣ୍ଡାରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ସାଇଜ ପଟା ଜବତ କରିଛି। ତେବେ କାଠ ଚୋରାଚାଲାଣକାରୀ ଚଢ଼ାଉରୁ ଖସିଯାଇଛନ୍ତି। ଏସିଏଫ ବାବଜୀ ଚରଣ ରାଉଳ, ମୋବାଇଲ ସ୍କ୍ୱାଡ ଫରେଷ୍ଟ ସୁନୀଲ ମିଶ୍ର,ପାଟଣାଗଡ ରେଞ୍ଜ ଅଫିସର ବାସୁଦେବ ନାଗ ଆଗଲପୁର ବ୍ଲକ ଡୁଡୁକାମୁଣ୍ଡାର ସାଧୁ ସାହୁଙ୍କ ଘରେ ଚଢ଼ାଉ କରିଥିଲେ। ତାଙ୍କ ବାରିପଟରୁ ୪୦ ସେଫଟି ସେମେଲ କାଠ ଗଣ୍ଡି ସମେତ ଗମ୍ହାରି, ଆଗୁଆ, ଶିରିଶ ଇତ୍ୟାଦି ସାଇଜପଟା ଜବତ କରାଯାଇଥିବା ଏସିଏଫ ରଉଳ ସୂଚନା ଦେଇଛନ୍ତି।

### ୪ ଶାଗୁଆନ ଗଣ୍ଡି ଜବତ

**ମନମୁଣ୍ଡା,୨୧।୫ (ଡି.ଏନ.ଏ):** ବନବିଭାଗ ପକ୍ଷରୁ ମନମୁଣ୍ଡା ଥାନା ଅଧୀନ ବଡଡୁଙ୍ଗୁରିପାଲିର ଏକ ସରକାରୀ ପ୍ଲଟରୁ ଗୁରୁବାର ୪ଟି ବଡ ଶାଗୁଆନ କାଠଗଣ୍ଡି ଜବତ ହୋଇଛି । ଜଙ୍ଗଲରୁ ଶାଗୁଆନ କାଠ ଗଣ୍ଡି ଚୋରା ଚାଲାଣ ହେଉଥିବା ନେଇ ମନମୁଣ୍ଡା ବନ ବିଭାଗ ରେଞ୍ଜ ଅଫିସର ନାରାୟଣ ସ୍ୱାଇଁ ଖବର ପାଇଥିଲେ । ଫଳରେ ସ୍ୱାଇଁଙ୍କ ନେତୃତ୍ୱରେ ବୁଧବାର ମଧ୍ୟରାତ୍ରିରୁ ବନାଞ୍ଚଳରେ ପାଟ୍ରୋଲିଂ କଡାକଡି କରାଯାଇଥିଲା । ଏହି ସମୟରେ ବଡଡୁଙ୍ଗୁରିପାଲିର ଏକ ସରକାରୀ ପ୍ଲଟରେ ୪ଟି ବଡ ଶାଗୁଆନ କାଠ ଗଣ୍ଡି ପଡିଥିବା ଦେଖି ଜବତ କରିବା ସହ ମାମଲା ରୁଜୁ କରିଥିଲେ।

### ନିମ୍ନମାନର ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ

**କୋକସରା, ୨୧।୫ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ଼ ପୂର୍ତ୍ତ ବିଭାଗ ଅଧୀନ ସାନପୋଡ଼ାଗୁଡାଠାରୁ ଗୋତମୁଣ୍ଡା ରାସ୍ତାର ଏବେ ଦୋହରୀକରଣ ଚାଲିଛି। ଏଥିଲାଗି ସୂଚନା ଫଳକ ଲଗା ଯାଇନାହିଁ। ପୁନଶ୍ଚ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାସଂସ୍ଥା କାମ କରୁଛି। ଯାହା ବି କାମ ହେଉଛି ତାହା ନିମ୍ନମାନର ହେଉଥିବା ଗୋତମୁଣ୍ଡା ଗାଁର ଯଦୁମଣି ଦୁର୍ଗା, ହେମନ୍ତ ମାଝି, ରତନ ମାଝି, ହରିହର ବାଗ, ବଳିଆରସିଂ ମେହେର, ସୁକଚନ ହଂସ, ଭୁବନେ ଖର୍ସେଲ, ଅର୍ଜୁନ ବାଗ, ଧନେଶ୍ୱର ସୁନା ପ୍ରମୁଖ ଅଭିଯୋଗ କରିଛନ୍ତି। ଗୁରୁବାର ଗୋତମୁଣ୍ଡା ଗ୍ରାମବାସୀ ଏହାର ପ୍ରତିବାଦ କରିବା ସହ କାମକୁ ବନ୍ଦ କରି ଦେଇଛନ୍ତି। ସମ୍ପୃକ୍ତ ଜେଇ ନରେନ୍ଦ୍ର ସାଙ୍ଖୁ ପଚାରିବାରୁ ଆମ ପାଖରେ ଏ ନେଇ କେହି ଅଭିଯୋଗ କରିନାହାନ୍ତି। ଯଦି ନିମ୍ନମାନର ଅଭିଯୋଗ ଗ୍ରାମବାସୀ କରୁଛନ୍ତି ତା'ହେଲେ ତଦନ୍ତ କରାଯିବ। ତଦନ୍ତରେ ସତ୍ୟତା ଥିଲେ ଠିକାଦାରଙ୍କ ବିରୋଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରାଯିବ ବୋଲି କହିଛନ୍ତି ।

# ଉପଯୁକ୍ତ କ୍ଷତିପୂରଣ ନ ଦେଲେ ଆନ୍ଦୋଳନ

**ମନମୁଣ୍ଡା, ୨୧।୫ (ଡି.ଏନ.ଏ)**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ନିମନ୍ତେ କ୍ଷତିଗ୍ରସ୍ତ ହେବାକୁ ଥିବା ମନମୁଣ୍ଡା ଥାନା ଅଧୀନ ବିଚଣାପାଟି ମୌଜାର ୨୦ ପରିବାରଙ୍କୁ ଜମିର ଉପଯୁକ୍ତ ମୂଲ୍ୟ ପ୍ରଦାନ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରାଯାଇ ପ୍ରତାରଣା କରାଯାଇଛି । ବଜାର ଦରକୁ ଦେଖି ଜମିର ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ବିଚଣାପାଟି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । କୌଣସି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରିବା ପୂର୍ବରୁ କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକଙ୍କୁ ଡାକି ସଭା କରିବା କଥା । ଏଥିସହ ସେମାନଙ୍କ ମତାମତ, ଆପତ୍ତି, ଅଭିଯୋଗ ଶୁଣିବା ପରେ ଜମିର ମୂଲ୍ୟାଙ୍କନ କରି କ୍ଷତିପୂରଣ ପ୍ରଦାନ କରାଯିବାର ନିୟମ ରହିଛି । କିନ୍ତୁ ପ୍ରସ୍ତାବିତ ଖୋର୍ଦ୍ଧା- ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ଜିଲାର ଅନ୍ୟ ଗ୍ରାମ ପରି ବିଚଣାପାଟି ମୌଜାରେ ଉକ୍ତ ନିୟମ ପାଳନ କରାଯାଇ ନ ଥିବା ଅଭିଯୋଗ ହୋଇଛି । ଉକ୍ତ ପ୍ରକଳ୍ପର ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ତଥା ଅନ୍ୟ ଅଧିକାରୀଗଣ କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକଙ୍କୁ ଅନ୍ଧାରରେ ରଖି ବିଭିନ୍ନ ଫର୍ମରେ ଦସ୍ତଖତ ନେଇ ସେମାନଙ୍କ ଇଚ୍ଛା ମୁତାବକ କ୍ଷତିପୂରଣ ଅର୍ଥ ରାଶି ନେବାକୁ କହି ପ୍ରତାରଣା କରିଥିବା ଅଭିଯୋଗ ହୋଇଛି ।

ଉକ୍ତ ଗ୍ରାମର କ୍ଷତିଗ୍ରସ୍ତ ଲୋକଙ୍କୁ ସ୍ୱଚ୍ଛତା ଓ କ୍ଷତିପୂରଣ ଅଧିକାର ଆଇନ ୨୦୧୩ ଧାରା ୨୧ ଉପଧାରା ୪ ଓ ୫ ଅନୁଯାୟୀ ଅଧିଗ୍ରହଣ ହେବାକୁ ଥିବା ଜମି ସକାଶେ ଗତ ମାର୍ଚ୍ଚ ୧୩ ତାରିଖରେ ନିଜର ଦାବି ଓ ଆପତ୍ତି ଜଣାଇବା ପାଇଁ ଗତ ଫେବୃୟାରୀ ୨୮ ତାରିଖରେ ନୋଟିସ ଦିଆଯାଇଥିଲା । କିନ୍ତୁ ଉକ୍ତ ଦିନ ଅଧିକାରୀଗଣ କାହାରି ଅଭିଯୋଗ ନ ଶୁଣି ଟଙ୍କା ପାଇଲା ଦିନ ଶୁଣାଯିବ ବୋଲି କହିଥିଲେ । ଗତ ୯ ତାରିଖରେ ପାଇଥିବା ନୋଟିସ ଅନୁଯାୟୀ ୧୧ ତାରିଖରେ ଗ୍ରାମବାସୀ ଗାଁରେ ଅନୁଷ୍ଠିତ କ୍ୟାମ୍ପକୁ ରେଭିନ୍ୟୁ ଷ୍ଟାମ୍ପ, ଆଧାରକାର୍ଡ, ଖଜଣା ରସିଦ, ବ୍ୟାଙ୍କ ପାସବୁକ୍ ଇତ୍ୟାଦି ଧରି ଯାଇଥିଲେ । ହେଲେ ସେମାନଙ୍କ ଜମିର ମୂଲ୍ୟ ବଜାର ଦରଠାରୁ ବହୁତ କମ ଟଙ୍କାରେ ସ୍ଥିର କରାଯାଇଥିବା ଜାଣିବାକୁ ପାଇଥିଲେ । ବିଚଣାପାଟି ଗ୍ରାମ ଏନଏଚ-୫୭ ଠାରୁ ମାତ୍ର ୩ କିମି ଦୂର ଓ ସୁବର୍ଣ୍ଣପୁର ସଦର ମହକୁମାଠାରୁ ୪ କିମି ଦୂରରେ ଥିବା ବେଳେ ପ୍ରସ୍ତାବିତ ମନମୁଣ୍ଡା ଏନଏସିରେ ଏହି ଗ୍ରାମ ଅନ୍ତର୍ଭୁକ୍ତ ହେବାର ଅଛି । ଏହି ଅଞ୍ଚଳରେ ଜମିବାଡି ଏକର ପ୍ରତି ୧.୩୦ କୋଟି ଟଙ୍କା ମୂଲ୍ୟରେ କିଣାବିକା ହେଉଛି । ଏହି ଦରରେ ମନମୁଣ୍ଡା ବାଇପାସ ଏନଏଚ- ୫୭ ପାଇଁ ଜମି ଅଧିଗ୍ରହଣ ମଧ୍ୟ ହୋଇଛି । ଏଠାରେ ଶାରଦଜଳ (୧) କିସମ ଜମି ୪୬ ହଜାର ଓ ଶାରଦଜଳ (୨) ୬୪ ହଜାର ସରକାରୀ ମୂଲ୍ୟ ରହିଛି । ଏସବୁକୁ ଦେଖିଲେ ଏହି ଖୋର୍ଦ୍ଧା- ବଲାଙ୍ଗୀର ରେଳପଥ ପ୍ରକଳ୍ପ ପାଇଁ ଉପରୋକ୍ତ ମୂଲ୍ୟ ଠାରୁ ପ୍ରାୟ ୩ ଗୁଣ କମ୍ ରହିଥିବା ଜାଣିବାକୁ ମିଳିଛି । ସେହି ଦରରେ ଟଙ୍କା ପାଇଲେ ଚିରଦିନ ପାଇଁ ଭିଟାମାଟି ହରାଉଥିବା କ୍ଷତିଗ୍ରସ୍ତ ଲୋକେ ସେତିକି ପରିମିତ ଜାଗା ମଧ୍ୟ କିଣି ପାରିବେ ନାହିଁ । ଫଳରେ ପରିବାରକୁ ନେଇ ସେମାନେ କେଉଁଠି ଜାଗା କିଣି ବସବାସ କରି ରହିବେ ଚିନ୍ତାରେ ପଡି ଯାଇଛନ୍ତି ।

ଅପରପକ୍ଷରେ ଜମି ଅଧିଗ୍ରହଣ ପାଇଁ ଅଧିକାରୀଗଣ ଗ୍ରାମକୁ ଆସି ଲୋକଙ୍କୁ ନିୟମ ସମ୍ପର୍କରେ ନ ବୁଝାଇ ଠିକ ମୂଲ୍ୟ ପାଇବ ବୋଲି କହି ପ୍ରତାରଣା କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାର ପୁନଃ ବିଚାର କରି ଉଚିତ୍ କ୍ଷତିପୂରଣ ପ୍ରଦାନ ପାଇଁ ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳପ୍ରକଳ୍ପ, ବୌଦ୍ଧଙ୍କୁ ଏବଂ ବୌଦ୍ଧ ଜିଲାପାଳଙ୍କୁ ଗତ ୧୮ ତାରିଖରେ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ପୂରଣ ନ ହେଲେ କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହାର ସମାଧାନ କରା ନ ଗଲେ ପ୍ରକଳ୍ପ କାମ ଶେଷ ହେବାରେ ବିଳମ୍ବ ହେବାର ସମ୍ଭାବନା ଦେଖାଦେଇଛି । ଏନେଇ ଜିଲା ଭୂ-ଅର୍ଜନ ଅଧିକାରୀ ଅମୂଲ୍ୟ ସାହୁଙ୍କୁ ପଚାରିବାରେ ଦାବିପତ୍ର ପାଇଥିବା ସ୍ୱୀକାର କରିଥିବା ବେଳେ ନିୟମ ଅନୁସାରେ ସମସ୍ତ କାର୍ଯ୍ୟ କରାଯାଇଛି ବୋଲି କହିଥିଲେ ।

**ଖୋର୍ଦ୍ଧା- ବଲାଙ୍ଗୀର ରେଳପଥ ପ୍ରକଳ୍ପ ଜମି ଅଧିଗ୍ରହଣ**




# ଜନପ୍ରତିନିଧିଙ୍କୁ ଅଟକାଇଲା ପୋଲିସ

**ସମ୍ବଲପୁର,୨୧।୫(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ନାନା ସମସ୍ୟା ରହିଛି । ଏହାର ସମାଧାନ ପାଇଁ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ଭାଜପା କର୍ମକର୍ତ୍ତାଙ୍କ ସମେତ ଅନ୍ୟ ଜନ ପ୍ରତିନିଧିମାନେ ଗୁରୁବାର ଜିଲାପାଳ ଶୁଭମ୍ ସକସେନାଙ୍କୁ ଭେଟିବାକୁ ଯାଇଥିଲେ । ହେଲେ ଜିଲାପାଳ ସକ୍‌ସେନା ସେମାନଙ୍କୁ ଭେଟିବାକୁ ଅନୁମତି ଦେଇ ନ ଥିଲେ । ଏହାକୁ ନେଇ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଛନ୍ତି । ପୂର୍ବତନ ବିଧାୟକ ରବି ନାଏକ କହିଛନ୍ତି, ଜନପ୍ରତିନିଧିମାନେ ସମସ୍ୟା ଜଣାଇବାକୁ ଯାଇଥିଲେ । ହେଲେ ପୋଲିସ ମୁଖ୍ୟ ଗେଟରେ ଅଟକାଇଥିଲା । ପ୍ରାୟ ୧୫ ମିନିଟ ଅଟକି ରହିବା ପରେ ମଧ୍ୟ ଜିଲାପାଳ ସେମାନଙ୍କୁ ଭେଟିବାକୁ ସମୟ ଦେଇ ନ ଥିଲେ । ଜିଲାପାଳ ଭିଡିଓ କନଫରେନ୍ସରେ ବ୍ୟସ୍ତ ଥିବା ଜଣେ ପୋଲିସ କର୍ମଚାରୀ ଆସି ସୂଚନା ଦେଇଥିଲେ । ସେହି ରାସ୍ତାଦେଇ ଯାଉଥିବା ଅତିରିକ୍ତ ଜିଲାପାଳ ବିନୋଦ ବିହାରୀ ଦାସ ବିଧାୟକ ନାଏକଙ୍କୁ ଦେଖି ତାଙ୍କ ପାଖକୁ ଆସି ସମସ୍ୟା ଉପରେ ଆଲୋଚନା କରି ଦାବିପତ୍ର ଗ୍ରହଣ କରିଥିଲେ। ଜିଲାପାଳ ସକସେନାଙ୍କୁ ଯୋଗାଯୋଗ କରାଯାଇଥିଲେ ବି ପ୍ରତିକ୍ରିୟା ମିଳି ପାରିନାହିଁ। ବିଧାୟକ ନାଏକ କହିଛନ୍ତି, ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରର ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଭେଟିବାକୁ ଯାଉଥିଲୁ । ହେଲେ ସେ ସମୟ ଦେଇ ନ ଥିଲେ । କରୋନା ସମୟରେ ସମସ୍ତେ ମିଳିମିଶି କାମ କରିବା ଉଚିତ୍ । ଏଥିରେ ଜିଲା ପ୍ରଶାସନ ସହିତ ଆମର ବି ସହଯୋଗ ରହିଛି।


ସମ୍ବଲପୁର ଜିଲାପାଳ ଅଫିସରେ ବିଧାୟକ ନାଉରୀ ନାଏକ ଓ ଭାଜପା ପ୍ରତିନିଧିମାନଙ୍କୁ ଗେଟରେ ପୋଲିସ କର୍ମଚାରୀ ଅଟକାଇ ରଖିଛନ୍ତି ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଚିନ୍ତା

**ବରଗଡ଼ ଅଫିସ୍,୨୧।୫**

ବରଗଡ଼ ଜିଲାପାଳ ଅଫିସ ପରିସର ଓସ୍ୱାନ ହଲ୍ ପରିସରରେ ଗୁରୁବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବର୍ଷାଋତୁରେ ଦେଖାଯାଉଥିବା ସମସ୍ୟାର ଆଶୁ ସମାଧାନ ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା । ଜିଲାର ତଳି ଅଞ୍ଚଳ ଭେଡ଼େନ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଡୁମୁର, ଗଣ୍ଡଡୁମୁର, ଅମ୍ବାଭୋନା ବ୍ଲକର ଚିଖିଲି, ଗଣ୍ଡିଆପାଲି, ଗାଇସିଲେଟ ବ୍ଲକର କିଛି ଅଞ୍ଚଳ ବନ୍ୟାଜଳ ଦ୍ୱାରା ପ୍ରଭାବିତ ହୋଇଥାଏ ବୋଲି ସୂଚନା ଦିଆଯାଇଥିଲା । ଏହି ସବୁ ସ୍ଥାନରେ ପ୍ରାକ୍ ପ୍ରସ୍ତୁତି କରିବା ପାଇଁ ଜିଲାପାଳ ପ୍ରଧାନ ପ୍ରତ୍ୟେକ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଝାଡ଼ାବାନ୍ତି, ଜ୍ୱର, କାଶ ଔଷଧ, ସାପ କାମୁଡ଼ା ଇଞ୍ଜେକ୍ସନ, ଓଆରଏସ ଆଦି ବହୁଳ ପରିମାଣରେ ଗଚ୍ଛିତ ଥିବାବେଳେ ଆମ୍ବୁଲାନ୍ସ ଓ ୨୬ଟି ରାପିଡ୍ ରେସପନ୍ସ ଟିମ୍ ପ୍ରସ୍ତୁତ ରହିଛି ବୋଲି ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବୃନ୍ଦବତୀ ସାହୁ ସୂଚନା ଦେଇଥିଲେ। ସେହିପରି ଗୋଖାଦ୍ୟ, ପ୍ରତିଷେଧକ ଟିକା ଉପଲବ୍ଧ ଥିବା ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ପଣ୍ଡା ସୂଚନା ଦେଇଥିଲେ। ପାନୀୟଜଳର ସମସ୍ତ ସୁବିଧା କରିବା ପାଇଁ ସହରାଞ୍ଚଳରେ ପିଏଚ୍‌ଡିର ଏସ୍‌ଡ଼ିଓ ଏବଂ ଗ୍ରାମାଞ୍ଚଳରେ ଆରଡବ୍ଲ୍ୟୁଏସଏସ୍ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କୃଷି ବିଭାଗ ପକ୍ଷରୁ ଆବଶ୍ୟକୀୟ ବିହନ, ଚାଷ କ୍ଷୟକ୍ଷତି ଆକଳନ, କୀଟନାଶକ ଉପରେ ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ ସୂଚନା ଦେଇଥିଲେ। ବୈଠକରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେପୁର ବିଧାୟିକା ରୀତା ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

# ଅସ୍ତ୍ରୋପଚାର ପରେ ଘରେ ବସିଛନ୍ତି ଗତିକୃଷ୍ଣ

**ଲୋଇସିଂହା, ୨୧।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲିଆମୁଣ୍ଡା ଗାଁର ଗତିକୃଷ୍ଣ ନାଏକ(୩୫)। ଲକ୍‌ଡାଉନ ୧.୦ରେ ଗତ ଏପ୍ରିଲ ୨ତାରିଖ ସନ୍ଧ୍ୟାରେ ଗାଁମୁଣ୍ଡ କଲଭର୍ଟ ପାଚେରିରେ ବସିଥିଲେ । ଏହି ସମୟରେ ପୋଲିସ ଭ୍ୟାନକୁ ଦେଖି ଦୌଡି ପଳାଇବା ସମୟରେ ଏକ ଗାତରେ ପଡି ତାଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିଲା। ବୁର୍ଲା ମେଡିକାଲରେ ଅସ୍ତ୍ରୋପଚାର ପରେ ଏବେ ଘରେ ବସି ରହିଛନ୍ତି ଗତିକୃଷ୍ଣ। ସ୍ତ୍ରୀ ମଞ୍ଜୁ, ପୁଅ ସୁଜଳ(୫), ୩ ମାସର ଝିଅ ସାହିନୀକୁ ନେଇ ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଛନ୍ତି ସେ ।

ବଲାଙ୍ଗୀର/ବରପାଲି ପାଉଁରୁଟି କାରଖାନାରେ ଗତିକୃଷ୍ଣ କାମ କରୁଥିଲେ। ଯାହା ରୋଜଗାର କରୁଥିଲେ ସେଥିରେ ତାଙ୍କ ପରିବାରର ଗୁଜୁରାଣ ମେଣ୍ଟୁଥିଲା। ଲକ୍‌ଡାଉନ ଯୋଗୁ ଫ୍ୟାକ୍ଟ୍ରି ବନ୍ଦ ହୋଇଯିବାରୁ ଗାଁକୁ ଆସିଥିଲେ। ଗୁଲୁଗୁଲି ହେଉଥିବାରୁ ଏପ୍ରିଲ ୨ ତାରିଖ ସନ୍ଧ୍ୟାରେ ଅନ୍ୟ କେତେଜଣଙ୍କ ସହ ଗାଁମୁଣ୍ଡ କଲଭର୍ଟ ପାଚେରିରେ ବସିଥିଲେ। ଏହି ସମୟରେ ଗାଁ ଆଡକୁ ଏକ ପୋଲିସ ଭ୍ୟାନ ଆସୁଥିବା ଦେଖି ସେମାନେ ଦୌଡିବାକୁ ଉଦ୍ୟମ କରୁଥିବା ବେଳେ ଏକ ଗାତରେ ସେ ପଡିଯାଇଥିଲେ। ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନିଆଯାଇଥିଲା । ପରେ ଅସ୍ତ୍ରୋପଚାର ଲାଗି ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୧୩ ଦିନ ରହି ଚିକିତ୍ସିତ ହୋଇଥିଲେ। ଚିକିତ୍ସା ବାବଦକୁ ଖର୍ଚ୍ଚ ହୋଇଛି ୨୦ ହଜାର ଟଙ୍କା। ଏହି ପରିସ୍ଥିତିରେ ପରିବାର ପ୍ରତିପୋଷଣ ଓ ଧାର ଟଙ୍କା ଶୁଝିବା ଚିନ୍ତାରେ ଘାରି ହେଉଛନ୍ତି ଗତିକୃଷ୍ଣ। ଏହି ଗରୀବ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।


ଗତିକୃଷ୍ଣ ନାଏକ।

- **ପୋଲିସ ଦେଖି ଦୌଡିବାରୁ ଗାତରେ ପଡି ଗୋଡ ଭାଙ୍ଗିଥିଲା**
- **ଆର୍ଥିକ ଅନଟନରେ ଘାଣ୍ଟି ହେଉଛନ୍ତି ସାରା ପରିବାର**

# ସଙ୍ଗରୋଧ କେନ୍ଦ୍ରରୁ ପଳାଇଲେ ୧୭ ସୁରଟ ଫେରନ୍ତା

**ନୂଆପଡା ଅଫିସ,୨୧।୫**

ନୂଆପଡା ଜିଲା ସଦର ମହକୁମାର ଏକ ସଙ୍ଗରୋଧ କେନ୍ଦ୍ରରୁ ୧୭ଜଣ ସୁରଟ ଫେରନ୍ତା ଗଞ୍ଜାମ ଅଭିମୁଖେ ଚାଲି ଚାଲି ଯାଉଛନ୍ତି। ବାଟରେ ଲୋକେ ଅଟକାଇ ବୁଝାସୁଝା କରିବା ପରେ ମଧ୍ୟ ସେମାନେ ଚାଲି ଚାଲି ଗଞ୍ଜାମକୁ ଯିବେ ବୋଲି ଅଡିବସିଛନ୍ତି । ସୁରଟ ଫେରନ୍ତା ଜାତୀୟ ରାଜପଥରେ ଚାଲି ଚାଲି ଯିବା ଖବର ପ୍ରଚାରିତ ହେବା ପରେ ଲୋକେ ଭୟଭୀତ ହୋଇପଡିଛନ୍ତି। ରାଜ୍ୟର ସୀମାନ୍ତରେ ଥିବା ନୂଆପଡା ଜିଲା ସଦର ମହକୁମାଠାରେ ବିଭିନ୍ନ ଜିଲା ତଥା ରାଜ୍ୟ ବାହାରୁ ଆସୁଥିବା ଲୋକମାନଙ୍କୁ ରଖିବା ପାଇଁ ସଙ୍ଗରୋଧ କେନ୍ଦ୍ର କରାଯାଇଛି। ପ୍ରତିଦିନ ଏଠାକୁ ଅନ୍ୟ ଜିଲା ତଥା ରାଜ୍ୟରୁ ଶ୍ରମିକମାନେ ଆସୁଛନ୍ତି। ଏହି କ୍ରମରେ ୧୭ଜଣ ଯୁବକ ସୁରଟରୁ ଏହି ବାଟ ଦେଇ ଗଞ୍ଜାମ ଜିଲାକୁ ଯାଉଥିଲେ । ପୋଲିସ ଏମାନଙ୍କୁ ଅଟକାଇ ସ୍ଥାନୀୟ ସଙ୍ଗରୋଧ କେନ୍ଦ୍ରରେ ରଖିଥିଲା। ହେଲେ କୁଆଡେ ଠିକ୍ ଭାବେ ଖାଦ୍ୟପେୟ ଦିଆଯାଉ ନ ଥିବା ଦର୍ଶାଇ ଗୁରୁବାର ସକାଳ ୮ଟାବେଳେ ସେମାନେ ନିଜ ଘରକୁ ବାହାରି ଯାଇଥିଲେ। ଏ ନେଇ ଏନଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କୁ ପଚାରିବାରୁ ବାହାର ଜିଲାର ଶ୍ରମିକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ସହ ଗାଡି ଯୋଗେ ଗନ୍ତବ୍ୟସ୍ଥଳକୁ ପଠାଯାଉଛି । ଏଥିରେ ପ୍ରବାସୀମାନେ ବ୍ୟସ୍ତ ହେବା କଥା ନୁହେଁ ବୋଲି ସେ କହିଛନ୍ତି ।

# ତାମିଲନାଡୁରୁ ପହଞ୍ଚିଲା ଶ୍ରମିକ ସ୍ପେଶାଲ ଟ୍ରେନ

**ବଲାଙ୍ଗୀର ଅଫିସ, ୨୧।୫**

ବଲାଙ୍ଗୀର ରେଳ ଷ୍ଟେଶନ୍‌ରେ ଗୁରୁବାର ତାମିଲନାଡୁର ଥିରୁଭଲ୍ଲୁରଠାରୁ ଆସିଥିବା ଶ୍ରମିକ ସ୍ପେଶାଲ ଟ୍ରେନ୍ ଆସି ପହଞ୍ଚିଥିଲା । ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ପହଞ୍ଚିଥିବା ଟ୍ରେନ୍‌ରେ ୧୩୭୬ ପ୍ରବାସୀ ଓହ୍ଲାଇଥିଲେ । ଏଥିରେ ବଲାଙ୍ଗୀର ଜିଲାର ୫୧୨ ପ୍ରବାସୀଙ୍କ ସମେତ କଳାହାଣ୍ଡି ଜିଲାର ୨୬୦, ନୂଆପଡାର ୧୯୭, ଗଞ୍ଜାମର ୧୦୬, କେନ୍ଦୁଝରର ୫୨, ମୟୂରଭଞ୍ଜର ୩୭, କନ୍ଧମାଳର ୨୫, ବରଗଡର ୨୨, କେନ୍ଦ୍ରପଡାର ୧୯ ବାଲେଶ୍ୱର ଜିଲାର ୨୮ ଓ ଅନ୍ୟ ଜିଲାର ମିଶାଇ ସମୁଦାୟ ୧୩୭୬ ପ୍ରବାସୀ ଆସିଥିଲେ। ସମସ୍ତଙ୍କ ପ୍ରବାସୀଙ୍କ ପଞ୍ଜୀକରଣ, ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଇଥିଲା। ପ୍ରଶାସନ ପକ୍ଷରୁ କେବଳ ରେଳଷ୍ଟେଶନ୍ ଅଞ୍ଚଳରେ ୧୪୪ ଧାରା ଓ କର୍ଫ୍ୟୁ ଲଗାଯାଇଥିଲା । ଜିଲାପାଳ ଅରିନ୍ଦମ ଡାକୁଆ ଓ ଏସପି ସନ୍ଦୀପ ମାଡକରଙ୍କ ତତ୍ତ୍ୱାବଧାନରେ ସରକାରୀ ଅଧିକାରୀମାନେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ପରିଚାଳନା କରିଥିଲେ ।


ତାମିଲନାଡୁରୁ ପହଞ୍ଚିଥିବା ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ଆସିଥିବା ପ୍ରବାସୀ ବଲାଙ୍ଗୀର ପହଞ୍ଚିଛନ୍ତି ।

# ବାର୍‌ହା ଉପଦ୍ରବ ଯୋଗୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା

**ମନମୁଣ୍ଡା,୨୧।୫(ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ବନବିଭାଗ ଅଧୀନ କଲରାଝୁଲି, କଦମପାଲ, ଯୋଗୀନ୍ଦ୍ରପୁର, ରତାଖଣ୍ଡି, ଡିମିରିଝୁଲି, ଟିଲାଟିଙ୍ଗା, ବଡରାହାଯୋର ଗ୍ରାମରେ ବାର୍‌ହା ପଶି ବ୍ୟାପକ ଫସଲ ନଷ୍ଟ କରିଥିଲା। ଏହିସବୁ ଗ୍ରାମର କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲ ନଷ୍ଟ ବାବଦକୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ବନପାଳ ଅଜିତ ଆଚାର୍ଯ୍ୟ, ବନରକ୍ଷୀ ଦୀପକ ପ୍ରଧାନ, ଜ୍ୟୋତିରଞ୍ଜନ ବାରିକ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କ୍ଷତିଗ୍ରସ୍ତ ଚାଷୀ କଲରାଝୁଲିର ମୁରଲି ସାହୁ, କଦମପାଲର ଇନ୍ଦ୍ରମଣି ବେହେରା, ଯୋଗୀନ୍ଦ୍ରପୁରର ରାଘବ ପ୍ରଧାନ, ରତାଖଣ୍ଡିର ସନ୍ତୋଷ ପ୍ରଧାନ, ଡିମିରିଝୁଲିର ଗୌରହରି ମହାକୁଡ, ଶ୍ରୀକର କର୍ମୀଙ୍କୁ ବନାଞ୍ଚଳ ଅଧିକାରୀ ନାରାୟଣ ସ୍ୱାଇଁ ୪୪୦୦ ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲେ ।

# ଆନ୍ଧ୍ର ବେପାରୀଙ୍କ କବ୍‌ଜାରେ ଆଦିବାସୀଙ୍କ ଜୀବନ ଜୀବିକା

**ଲାଞ୍ଜିଗଡ଼,୨୧।୫(ଡି.ଏନ୍.ଏ.)**

ଜଙ୍ଗଲରୁ ଚାର, ମହୁଲ, ପଣସ, ସପୁରି, ଆମ୍ବ, ତେନ୍ତୁଳି ସମେତ ଫୁଲଝାଡୁ, ଶିଆଳି ପତ୍ର ଆଦି ସଂଗ୍ରହ ଏବଂ ଉତ୍ପାଦନ କରି କୁଟିଆ ଓ ଝରଣିଆ କନ୍ଧମାନେ ଜୀବିକା ନିର୍ବାହ କରନ୍ତି । କଳାହାଣ୍ଡି ଜିଲାର ଆଦିବାସୀ ବହୁଳ ତଥା ନିୟମଗିରି ପାହାଡ଼ ସଂଲଗ୍ନ ୧୧୨ଟି ଗାଁରେ ରହୁଥିବା ଏହି ଜନଜାତିର ଲୋକେ ବହୁ ବର୍ଷ ଧରି ଦଲାଲ ଓ ଆନ୍ଧ୍ର ବେପାରୀଙ୍କ ଦ୍ୱାରା ଶୋଷିତ ହେଉଥିବା ଅଭିଯୋଗ ହୋଇଆସୁଛି । ଏହାକୁ ଦୃଷ୍ଟିରେ ରଖି ଚଳିତ ଲକ୍‌ଡାଉନ୍ ସମୟରେ ସରକାରୀ ପ୍ରାୟୋଜିତ ସଂସ୍ଥା ଟିଡିସିସି(ଟ୍ରାଇବାଲ ଡେଭଲପମେଣ୍ଟ କୋଅପରେଟିଭ କର୍ପୋରେଶନ ଅଫ୍ ଓଡ଼ିଶା), କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଲାଞ୍ଜିଗଡସ୍ଥିତ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଦ୍ୱାରା ଆଦିବାସୀଙ୍କଠାରୁ ଧାର୍ଯ୍ୟ ମୂଲ୍ୟରେ ଜଙ୍ଗଲଜାତ ଦ୍ରବ୍ୟ କିଣିବାକୁ ବ୍ୟବସ୍ଥା କରାଯାଇଛି। ହେଲେ ପୂର୍ବରୁ ଦଲାଲ ଓ ଆନ୍ଧ୍ର ବେପାରୀମାନେ ସେହି ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କରିଥିବାରୁ ଏବେ ବି ଅନେକ ଆଦିବାସୀ ସେମାନଙ୍କ କଷ୍ଟ ଉପାର୍ଜିତ ଦ୍ରବ୍ୟକୁ ଦଲାଲଙ୍କ ହାତରେ ଟେକି ଦେଉଛନ୍ତି। ଏପରି କି ଦଲାଲମାନେ ବହୁ ପୂର୍ବରୁ ମାଣ୍ଡିଆ, କାନ୍ଦୁଲ, ଝୁଣା, କଟିନ୍ ଆଦି ଶସ୍ତା ଦରରେ କିଣି ସାରିଛନ୍ତି। ଏବେ ସରକାରୀ ବ୍ୟବସ୍ଥା କେଉଁ କାମକୁ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏଣୁ ଆଦିବାସୀଙ୍କ ଉତ୍ପାଦିତ ଓ ସଂଗୃହୀତ ଦ୍ରବ୍ୟର ବିକ୍ରିବଟା ପାଇଁ ପ୍ରଶାସନ ବର୍ଷ ଆରମ୍ଭରୁ ଅନ୍ୟ କୌଣସି ନିରପେକ୍ଷ ସଂସ୍ଥାକୁ ଦାୟିତ୍ୱ ଦେବା ଉଚିତ ବୋଲି ମତ ପ୍ରକାଶ ପାଇଛି। ଏବେ ସ୍ୱୟଂ ସହାୟକ ଗୋଷ୍ଠୀକୁ ସେହି ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି।

ଏଠାରେ ରାୟଗଡ଼ା ଜିଲାରେ ଉଦାହରଣ ନିଆଯାଇପାରେ। ନିୟମଗିରି ଅପରପାର୍ଶ୍ୱରେ ଥିବା ରାୟଗଡା ଜିଲା ବିଷମକଟକ ବ୍ଲକ ଚାଟିକଣାସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ଆଦିବାସୀଙ୍କ ଉତ୍ପାଦିତ ଓ ସଂଗୃହୀତ ଦ୍ରବ୍ୟ ବିକ୍ରିବଟା ପାଇଁ ଯୋଜନା କରାଯାଇଥିଲା । ଚାଟିକଣା ଗଦଗଦା ଜଳପ୍ରପାତ ନିକଟରେ ସ୍ୱତନ୍ତ୍ର ଭାବେ ଆଦିବାସୀ ବଜାର ନିର୍ମାଣ କରାଯାଇଥିଲା । କିନ୍ତୁ ୪ ବର୍ଷ ତଳେ ତିଆରି ହୋଇଥିବା ଏହି ବଜାର ସେମିତି ଖାଲି ପଡିଛି । ଆଜି ବି ଆନ୍ଧ୍ର ଓ ଛତିଶଗଡ଼ ବେପାରୀଙ୍କ କବ୍‌ଜାରେ ଜଙ୍ଗଲଜାତ ଦ୍ରବ୍ୟ ରହିଛି । ଏଣୁ ଯୋଜନାବଦ୍ଧ ପ୍ରୟାସ ନ ହେଲେ କଳାହାଣ୍ଡି ଜିଲାରେ ବି ସେମିତି ପରିସ୍ଥିତି ସୃଷ୍ଟି ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

ଏ ସମ୍ପର୍କରେ ରାଜ୍ୟ ଟିଡିସିସି ଅଧ୍ୟକ୍ଷ ଡମ୍ବରୁଧର ମାଝିଙ୍କ ଦୃଷ୍ଟିଆକର୍ଷଣ କରାଯିବାରୁ ସେ କହିଛନ୍ତି, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ ଟିଡିସିସି ଦାୟିତ୍ୱ ନେଇଥିଲେ ହେଁ ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟଶୈଳୀ ହିଁ ଆମକୁ ସଫଳତା ଆଣିଦେବ। ଏହାକୁ ନେଇ ମୁଁ ବେଶ୍ ଆଶାବାଦୀ ଅଛି ।



## ୪ ଦୋକାନ ବନ୍ଦ କଲା ପୋଲିସ

ବଇଣ୍ଡା, ୨୧।୫(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ସାମାଜିକ ଦୂରତ୍ୱ ରକ୍ଷା ନ କରି ବ୍ୟବସାୟ କରୁଥିବା ୪ ଦୋକାନୀଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ବଇଣ୍ଡା ହାଇସ୍କୁଲ ରୋଡ଼ରେ ଥିବା ଚିତ୍ରସେନ ଦାସ, ସୁଶୀଲ କୁମାର ସାହୁଙ୍କ ଭେରାଇଟି ଷ୍ଟୋର, ସୁରେଶ ସାଥୁଆ ମହାପାତ୍ରଙ୍କ ସୁନା ଦୋକାନ ଏବଂ ପ୍ରଦୀପ କୁମାର ସାହୁଙ୍କ ଲୁଗା ଦୋକାନ ଉପରେ ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ଚଡ଼ାଉ କରିଥିଲେ। ଏ ନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ୍ ଜାରି କରାଯିବା ସହ ପୋଲିସକୁ ଏହାର ନକଲ ଦିଆଯାଇଛି।

## ସଂକ୍ଷେପରେ

### ଆଉ ୨ ପଜିଟିଭ ଚିହ୍ନଟ

**ଅନୁଗୋଳ ଅଫିସ, ୨୧।୫:** ଅନୁଗୋଳରେ ଗୁରୁବାର ଆଉ ୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ପଜିଟିଭ ସଂଖ୍ୟା ୧୯ରେ ପହଞ୍ଚିଛି। ଦୁଇ ସଂକ୍ରମିତଙ୍କ ମଧ୍ୟରୁ ଜଣେ ୧୯ ବର୍ଷୀୟ ଯୁବକ ଆନ୍ଧ୍ରପ୍ରଦେଶରୁ ଏବଂ ଅନ୍ୟଜଣେ ୨୧ ବର୍ଷୀୟ ଯୁବକ ତାମିଲନାଡୁରୁ ଫେରିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଉଭୟ ଆଠମଲ୍ଲିକ ବ୍ଲକ ଅଞ୍ଚଳର ହୋଇଥିବାବେଳେ ସେମାନେ ନିଜସ୍ୱ ଉଦ୍ୟମରେ ବସ୍ ଯୋଗେ ୧୭ ତାରିଖରେ ଅନୁଗୋଳରେ ପହଞ୍ଚିଥିଲେ। ସେମାନଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇ ୧୮ ତାରିଖରେ ନମୁନା ସଂଗ୍ରହ କରାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ଉଭୟଙ୍କୁ ତାଳଚେର କୋଭିଡ-୧୯ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

### କରୋନା ବାହାନା, ଅଭିଯୁକ୍ତଙ୍କ ହେବ କୋଭିଡ୍ ଟେଷ୍ଟ

**ଅନୁଗୋଳ ଅଫିସ, ୨୧।୫:** ବାଲିଘାଟକୁ ନେଇ ଗଣ୍ଡଗୋଳ ଓ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ତାଳଚେର ପୋଲିସ ଦ୍ୱାରା ବୁଧବାର ଗିରଫ ହୋଇଥିବା ଅର୍ଜୁନ ମହାନ୍ତି ଗୁରୁବାର କରୋନା ବାହାନା କରିବା ଚର୍ଚ୍ଚାର ବିଷୟ ହୋଇଛି। କୋର୍ଟଚାଲାଣ ପରେ ପ୍ରଥମେ ଅଭିଯୁକ୍ତ ଜଣକ ଥଣ୍ଡା କାଶ ହେଉଥିବା କହିଥିଲେ। ପୋଲିସ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲା। ହେଲେ ସେଠାରେ ସେ ପେଟ ଗରମରୁ ଏପରି କାଶ ହେଉଥିବା କହିଥିଲେ। ଅଭିଯୁକ୍ତ ଏପରି ବାହାନା କରୁଥିବାରୁ ପ୍ରକୃତ ଘଟଣା ଜାଣିବା ପାଇଁ ଶୁକ୍ରବାର ତାଙ୍କର ସ୍ୱାବ୍ ସଂଗ୍ରହ କରାଯାଇ କୋଭିଡ୍ ପରୀକ୍ଷା ପାଇଁ ପଠାଯିବ ବୋଲି ମେଡିକାଲ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତ ଜଣକ ଯେପରି ଫେରାର ହୋଇ ନ ଯାନ୍ତି ସେଥିପାଇଁ ବ୍ୟବସ୍ଥା କରାଯାଇଥିବା ପୋଲିସ କହିଛି।

### ୫୦ ପ୍ରବାସୀଙ୍କ ସ୍ୱାବ୍ ସଂଗ୍ରହ



**ବଇଣ୍ଡା, ୨୧।୫(ଡି.ଏନ.ଏ.):** ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିଶୋରନଗର ବ୍ଲକ ନୁନୁକାପଶି ରାମଦେଓ ଉଚ୍ଚ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରୁ ଗୁରୁବାର ୨୫ ଜଣ ଓଡ଼ିଆ ପ୍ରବାସୀ ଶ୍ରମିକଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ସେହିପରି ଗାଁ ବଇଣ୍ଡା ସଙ୍ଗରୋଧ କେନ୍ଦ୍ରରୁ ୧୭, ଇଚ୍ଛାପୁରରୁ ୩, ଲୁହାମୁଣ୍ଡାରୁ ୫ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ନିଆଯାଇଛି। ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ, ସ୍ୱାସ୍ଥ୍ୟକର୍ମୀ ନାରାୟଣ ଦେହୁରୀ, ମନୋଜ ପ୍ରଧାନ, ଆଶାକର୍ମୀ ମାନିଜା ସେଠୀ, କୋଭିଡ ଷ୍ଟାଫ ନର୍ସ ନିହାରିକା ନାୟକ, ଚନ୍ଦନା ସାହୁ, ବିଦ୍ୟୁସ୍ମିତା ବେହେରା ପ୍ରମୁଖ ସ୍ୱାବ୍ ସଂଗ୍ରହ କରିଥିଲେ।

### ଯୁବକଙ୍କ ମୃତଦେହ ଉଦ୍ଧାର

**ରାସୋଳ, ୨୧।୫(ଡି.ଏନ.ଏ.):** ରାସୋଳ ଥାନା ବାବନ୍ଧ ପଞ୍ଚାୟତ ଗୋଚ୍ଛାୟତ ସାହିର ପ୍ରତାପ ଗୋଚ୍ଛାୟତ (୨୧)ଙ୍କ ମୃତଦେହ ଗୁରୁବାର ସ୍ଥାନୀୟ ଗୋଶାଳା ନିକଟ ପୋଖରୀରୁ ଉଦ୍ଧାର କରାଯାଇଛି। ଅଞ୍ଚଳବାସୀଙ୍କ କହିବା କଥା, ପ୍ରତାପଙ୍କ ମାନସିକ ଅବସ୍ଥା ଭଲ ନ ଥିଲା। ପୋଖରୀରେ ଗାଧୋଉଥିବାବେଳେ ବାତ ମାରିବାରୁ ହୁଏତ ତାଙ୍କର ମୃତ୍ୟୁ ଘଟିଥାଇପାରେ। ତେବେ ପ୍ରତାପଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**ଛେଣ୍ଡିପଦା, ୨୧।୫(ସ୍ୱ.ପ୍ର.):** ଛେଣ୍ଡିପଦା ବନାଞ୍ଚଳ ମାରୁଢିପ ସଂରକ୍ଷିତ ଜଙ୍ଗଲରେ ଗୁରୁବାର ଭାଲୁ ଆକ୍ରମଣରେ ଡାହି ସେଠୀ ଗୁରୁତର ହୋଇଛନ୍ତି। ଡାହି ବନ ବିଭାଗ ପକ୍ଷରୁ ଜଙ୍ଗଲରେ ଚାରାରୋପଣ ପାଇଁ ଲଟାବୁଦା ସଫା କରୁଥିବାବେଳେ ଭାଲୁ ଆକ୍ରମଣ କରିଥିଲା। ରେଞ୍ଜର ମନମୋହନ ସ୍ୱାଇଁ ଓ ଫରେଷ୍ଟର କଳାକାର ପ୍ରଧାନ ଏବଂ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ୧,୮୫,୨୧୦ ହେକ୍ଟରରେ ଖରିଫ୍ ଚାଷ

**ଢେଙ୍କାନାଳ ଅଫିସ, ୨୧।୫**




ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ।

■ଯୁଗ୍ମ ଭାବେ ଯାଞ୍ଚ ହେବ ଜଳସେଚିତ ଜମି
■ସାର ମହଜୁଦ ପାଇଁ ର୍ୟାଗ୍ କରିବାକୁ ନିର୍ଦ୍ଦେଶ

କରୋନା ପ୍ରଭାବିତ ଢେଙ୍କାନାଳ ଜିଲାରେ ଖରିଫ୍ ଚାଷକୁ ସୁବ୍ୟବସ୍ଥିତ କରିବାକୁ ଅଣ୍ଟା ଭିଡିଛି ପ୍ରଶାସନ। ଖରିଫ୍-୨୦୨୦ ନେଇ ଗୁରୁବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୧,୮୫,୨୧୦ ହେକ୍ଟର ଜମିରେ ଖରିଫ୍ ଚାଷ କରିବାକୁ ନିର୍ଦ୍ଧାରଣ କରାଯାଇଛି। ଜଳସେଚିତ ଜମିରେ ପାଣି ପହଞ୍ଚିବାରେ ଯେପରି କୌଣସି ସମସ୍ୟା ନ ଉପୁଜେ ସେଥିଲାଗି ଯୁଗ୍ମ ଯାଞ୍ଚ କରିବାକୁ ଆର୍‌ଆଇ, ଗ୍ରାମସେବକ ଏବଂ ସେଚ ବିଭାଗ ଅଧିକାରୀଙ୍କୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଛନ୍ତି।

କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଚଳିତବର୍ଷ ୯୫,୦୦୦ ହେକ୍ଟର ଜମିରେ ଧାନ, ୨୩,୦୦୦ ହେକ୍ଟରରେ ଡାଲିଜାତୀୟ, ୨୦,୫୦୦ ହେକ୍ଟରରେ ତୈଳବୀଜ, ୧୩୦ ହେକ୍ଟରରେ କପା ଓ ଝୋଟ, ୩୭,୫୦୦ ହେକ୍ଟରରେ ପରିବା, ୫,୨୦୦ ହେକ୍ଟରରେ ମସଲା, ୪୦୦ ହେକ୍ଟରରେ ଆଖୁ ଏବଂ ୨,୮୮୦ ହେକ୍ଟର ଜମିରେ ଅନ୍ୟାନ୍ୟ ଫସଲ କରାଯିବ। ୧ଲକ୍ଷ ୪ହଜାର ୭୫୭ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଆବଶ୍ୟକ ପରିମାଣର ସାର ମହଜୁଦ୍ ରଖିବା ଲାଗି ର୍ୟାଗ୍ (ଗୋଦାମ ଗୃହ) କରାଯିବ। ଚାଷୀଙ୍କ ପାଖରେ ପର୍ଯ୍ୟାପ୍ତ ବିହନ ଉପଲବ୍ଧ କରାଯିବ। କରୋନା ସଂକ୍ରମଣ ପ୍ରତିରୋଧ କରିବାକୁ ସାମାଜିକ ଦୂରତ୍ୱ ଅବଲମ୍ବନ କରି କୃଷିକାର୍ଯ୍ୟ ପରିଚାଳନା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ନେଇ ଅଧିକ ଫାର୍ମପଣ୍ଡ ଖୋଳିବା, ଚାଷୀଙ୍କୁ ସୁବିଧାରେ ଋଣ ଯୋଗାଣ କରିବା ଦିଗରେ ଆଲୋଚନା କରାଯାଇଥିଲା।

ବୈଠକରେ ଜିଲା କୃଷି ଉପନିର୍ଦ୍ଦେଶକ ରାଜକିଶୋର ନାୟକ, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉଦ୍ୟାନକୃଷି ଉପନିର୍ଦ୍ଦେଶକ ଭଗବାନ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଅଗ୍ରଣୀ ବ୍ୟାଙ୍କ ପରିଚାଳକମାନେ ଉପସ୍ଥିତ ଥିଲେ।

# ପ୍ରକଳ୍ପ କାମ ନିମ୍ନମାନର

**ପରଜଙ୍ଗ, ୨୧।୫(ଡି.ଏନ.ଏ.)**



ପାଣି ଟାଙ୍କି।

■ଜିଲାପାଳଙ୍କ ନିକଟରେ ଅଭିଯୋଗ
■ଠିକାଦାରଙ୍କ ବିଲ୍ ବନ୍ଦ କରାଯାଇଛି: ଯନ୍ତ୍ରୀ

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସୀ ପଞ୍ଚାୟତ ଅଧୀନ ଅଁଳାକଟା ଗ୍ରାମରେ ବସୁଧା ଯୋଜନାରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଜିଲାପାଳଙ୍କୁ ଲିଖିତ ଭାବେ ଦାବି ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ବସୁଧା ଯୋଜନାରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ ଚାଲିଛି। ଏକ ଠିକାସଂସ୍ଥାକୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ହେଲେ କାମ ସମୟରେ ଠିକାଦାର ଗ୍ରାମ ରାସ୍ତାକୁ ଖୋଳି ଦେଇଛନ୍ତି। ମାପ ଅନୁଯାୟୀ ପାଇପ୍ ବିଛାଯାଇନାହିଁ। ନିମ୍ନମାନର କାମ ହୋଇଥିବାରୁ ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଠିକାସଂସ୍ଥା ବିରୋଧରେ ଗ୍ରାମବାସୀ ବିଭାଗୀୟ ଯନ୍ତ୍ରୀ ଏବଂ ବ୍ଲକ ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଓଲଟି ଅଭିଯୋଗ କରିବା ପରେ ସ୍ଥାନୀୟ ପେଟି କଣ୍ଟ୍ରାକ୍ଟର ସେମାନଙ୍କୁ ଗାଳିଗୁଲଜ କରିଥିଲେ। ତେଣୁ ବାଧହୋଇ ସେମାନେ ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହ ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଏ ନେଇ ବିଭାଗୀୟ ଯନ୍ତ୍ରୀ ତ୍ରିଲୋଚନ ପ୍ରଧାନ କୁହନ୍ତି, ଠିକାଦାର କଂକ୍ରିଟ୍ ରାସ୍ତା ଖୋଳି ଦେଇଥିଲେ। କହିବା ସତ୍ତ୍ୱେ ସେ ଏହାକୁ ମରାମତି କରୁ ନ ଥିବାରୁ ତାଙ୍କର ବିଲ୍ ବନ୍ଦ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ଜୟନ୍ତ ଓକିଲ ସଂଘ ଅନ୍ତରୀଣ କମିଟି ସମ୍ପାଦକ



ଓକିଲ ସଂଘ ଅନ୍ତରୀଣ କମିଟିର ପ୍ରଥମ ବୈଠକ।

**ଢେଙ୍କାନାଳ ଅଫିସ, ୨୧।୫**

ଢେଙ୍କାନାଳ ଜିଲା ଓକିଲ ସଂଘର ନବନିର୍ବାଚିତ ଅନ୍ତରୀଣ କମିଟିର ପ୍ରଥମ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଗଣେଶ୍ୱର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମ୍ପାଦକ ଭାବେ ଜୟନ୍ତ କୁମାର ମିଶ୍ର, କୋଷାଧ୍ୟକ୍ଷ ଭାବେ ଅକ୍ଷୟ କୁମାର ଭୋଇ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ରାଜ୍ୟ ବାର୍ କାଉନସିଲ୍‌ଙ୍କ ନିର୍ଦ୍ଦେଶକ୍ରମେ ଗତ ୧୯ ତାରିଖରେ ୩ ପୂର୍ବତନ ସଭାପତି ଓ ୪ ପୂର୍ବତନ ସମ୍ପାଦକଙ୍କୁ ଅନ୍ତରୀଣ କମିଟିକୁ ମନୋନୀତ କରାଯାଇଥିବା ସୂଚନା ଦିଆଯାଇଛି। ସଦସ୍ୟ ପ୍ରତାପ ନାରାୟଣ ତ୍ରିପାଠୀ, ଶିବସାଇ ମହାପାତ୍ର, ପ୍ରଦୀପ୍ତ ତ୍ରିପାଠୀ, ଜୟନ୍ତ ମିଶ୍ର, ସୁଶାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

### ଭୁଶୁଡ଼ିଲା ଛାତ୍ରୀନିବାସ ପାଚେରି

**କାମାକ୍ଷାନଗର, ୨୧।୫(ଡି.ଏନ.ଏ.)**

କାମାକ୍ଷାନଗର କାନପୁରା ପଞ୍ଚାୟତିରାଜ ହାଇସ୍କୁଲସ୍ଥିତ ଅନୁସୂଚିତ ଜନଜାତି ବାଳିକା ଛାତ୍ରୀନିବାସ ପାଚେରି ବୁଧବାର ଭୁଶୁଡ଼ି ପଡ଼ିଛି। ୧୧୦ ଶଯ୍ୟାର ଛାତ୍ରୀ ନିବାସ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ। ବିଭାଗରୁ ମିଳିଥିବା ଅନୁଦାନ ଅର୍ଥରେ ପଞ୍ଚାୟତ ସମିତି ଦ୍ୱାରା ଏହି ପାଚେରି ନିର୍ମାଣ କରାଯାଇଥିଲା। ତେବେ ନିମ୍ନମାନର କାମ ଯୋଗୁ ପାଚେରି ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ମାନସ କୁମାର ମିଶ୍ର କୁହନ୍ତି, ଗଣମାଧ୍ୟମଠାରୁ ସୂଚନା ମିଳିଛି। ଏବେ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ସ୍କୁଲ ଖୋଲିବା ପରେ ପାଚେରି ତିଆରି ଦିଗରେ ପଦକ୍ଷେପ ନିଆଯିବ।

### ଚୋରା କୋଇଲା, ମିନିଟ୍ରକ୍ ଜବତ

**ବଅଁରପାଳ, ୨୧।୫(ଡି.ଏନ.ଏ.)**

ବଅଁରପାଳ ଥାନା ମହୀଧରପୁର ନିକଟରୁ ପୋଲିସ ଏକ ମିନିଟ୍ରକ୍ ସହ ପ୍ରାୟ ୪ ଟନ୍ କୋଇଲା ଜବତ କରିଛି। ରାତିରେ ଟ୍ରକ୍‌ଟି ଚୋରା କୋଇଲା ନେଇ ଅନୁଗୋଳରୁ ହିନ୍ଦୋଳ ଆଡକୁ ଯାଉଥିବାବେଳେ ପୋଲିସ ହାତରେ ଧରା ପଡିଥିଲା। ପୋଲିସ ଏକ ମାମଲା ରୁଜୁ କରିଛି।

# ଛଟେଇର ପ୍ରତିବାଦ କଲେ ଠିକା ବିଦ୍ୟୁତ୍ କର୍ମଚାରୀ

**ଢେଙ୍କାନାଳ ଅଫିସ, ୨୧।୫**

ଚୁକ୍ତି ଅବଧି ସରିବା ପରେ ଛଟେଇର ଶିକାର ହୋଇଥିବା ଠିକା ବିଦ୍ୟୁତ୍ କର୍ମଚାରୀମାନେ ଗୁରୁବାର ଶୋଭାଯାତ୍ରାରେ ଆସି ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଦୁଇଦିନ ତଳେ ଅନୁରୂପ ଭାବେ ଏକ ଦାବିପତ୍ର ଦିଆଯାଇଥିବାବେଳେ ଦ୍ୱିତୀୟ ଥର ଲାଗି ସେମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। କରୋନା ସମୟରେ ବୃତ୍ତି ହରାଇ କର୍ମଚାରୀମାନେ ଦୁର୍ଦ୍ଦିନରେ କାଳତିପାତ କରୁଛନ୍ତି। ଥଇଥାନ ନ କରାଗଲେ ସେମାନଙ୍କ ପରିବାରକୁ ଖାଇବାକୁ ମିଳିବନାହିଁ। ସମସ୍ୟାର ସମାଧାନ ଲାଗି ପ୍ରଶାସନ ହସ୍ତକ୍ଷେପ କରିବାକୁ ସମ୍ପୃକ୍ତ କର୍ମଚାରୀମାନେ ଦାବି କରିଛନ୍ତି। ଏହା ନ ହେଲେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତଙ୍କ ନେତୃତ୍ୱରେ ବିବେକ ମହାପାତ୍ର, ମନୋରଞ୍ଜନ ବେହେରା, ପ୍ରଦ୍ୟୁମ୍ନ ବେହେରା, ସୁନୀଲ ମିଶ୍ର, ସତ୍ୟ ନାୟକ ପ୍ରମୁଖ ୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଛନ୍ତି, ଦାବିପତ୍ର ମିଳିଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ଯାହାକିଛି ପଦକ୍ଷେପ ନିଆଯିବ।

## ଫଟୋରେ ଖବର...




ଅନୁଗୋଳ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥରେ ଏକ ଟ୍ରକ୍ ଉପରେ ଶ୍ରମିକମାନେ ବିପଦସଙ୍କୁଳ ଅବସ୍ଥାରେ ଯାଉଛନ୍ତି।

### ସହାୟତା ଆଳରେ ଝାମ୍ପିନେବା ଉଦ୍ୟମ

#### ଧରାପଡ଼ି ଛେଚା ଖାଇଲେ ୨

**ରାସୋଳ, ୨୧।୫(ଡି.ଏନ.ଏ.)**

ଜଣେ ମହିଳାଙ୍କଠାରୁ ଟଙ୍କା ଝାମ୍ପିନେବାକୁ ଉଦ୍ୟମ କରୁଥିବାବେଳେ ୨ ଅଭିଯୁକ୍ତ ଧରାପଡ଼ି ପ୍ରବଳ ଛେଚା ଖାଇଛନ୍ତି। ହିନ୍ଦୋଳ ବ୍ଲକ ରାସୋଳ ଥାନା କୁନୁଆ ଗ୍ରାମରେ ଗୁରୁବାର ଏହା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗ୍ରାମର ତୁଳସୀ ମାଝି ୟୁକୋ ବ୍ୟାଙ୍କକୁ ୫୦ ହଜାର ଟଙ୍କା ଉଠାଇବାକୁ ଯାଇଥିଲେ। ସେଠାରେ ୨ଜଣ ଯୁବକ ସହାୟତା ଆଳରେ ତାଙ୍କର ଫର୍ମ ପୂରଣ କରିଦେଇଥିଲେ। ତେବେ ତୁଳସୀ ଘରକୁ ଫେରିବାର କିଛି ସମୟ ପରେ ସମ୍ପୃକ୍ତ ୨ ଯୁବକ ତାଙ୍କ ଘରେ ପହଞ୍ଚି ବ୍ୟାଙ୍କରେ ଦିଆଯାଇଥିବା ଟଙ୍କା ନକଲି ଏବଂ ଏହାକୁ ବଦଳାଇଦେବାକୁ ପରାମର୍ଶ ଦେଇଥିଲେ। ତୁଳସୀ ଟଙ୍କା ଦେଖାଇବା ବେଳେ ଉଭୟେ ଝାମ୍ପି ନେଇ ପଳାଇବାକୁ ଉଦ୍ୟମ କରିଥିଲେ। ମହିଳା ଜଣକ ଅଭିଯୁକ୍ତଙ୍କ ଗୋଡ଼କୁ ଜାବୁଡ଼ି ଧରି ଚିତ୍କାର କରିବାରୁ କେତେଜଣ ଯୁବକ ପହଞ୍ଚି ୨ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚୁରା କରୁଛି।

# ଅନୁଗୋଳରେ ଅଟକିଲେ ୩୨ ଶ୍ରମିକ



ବରଗଡ଼ରୁ ଅନୁଗୋଳ ଯାଏ ଆସିଥିବା ପ୍ରବାସୀମାନେ।

**ଅନୁଗୋଳ ଅଫିସ, ୨୧।୫**

ବାହାର ରାଜ୍ୟରୁ ଓଡ଼ିଶା ଫେରୁଥିବା ୩୨ ଶ୍ରମିକ ଗୁରୁବାର ଅନୁଗୋଳ ଜିଲାରେ ଅଟକି ଯାଇଛନ୍ତି। ବରଗଡ଼ରୁ ଏକ ଟ୍ରକ୍‌ରେ ଅନୁଗୋଳ ଆସିବା ପରେ ସେମାନଙ୍କୁ ପ୍ରଶାସନ ପକ୍ଷରୁ କ୍ୱାରାଣ୍ଟାଇନରେ ରଖାଯାଇଛି। ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କ ଘର ପୁରୀ ଓ ନୟାଗଡ଼ ଜିଲାରେ ବୋଲି ଜଣାପଡ଼ିଛି। ଅନୁଗୋଳ ମେଡିକାଲ ଛକରେ ପହଞ୍ଚିବା ପରେ ସେମାନେ ଥାନା ଓ ପରେ ଜିଲା କାର୍ଯ୍ୟାଳୟକୁ ଆସିଥିଲେ। ସେମାନଙ୍କୁ ବାଳିକା ଉଚ୍ଚ ବିଦ୍ୟାଳୟରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସେହିପରି ଗୟାରୁ ୧୦ ଜଣ ଲୋକଙ୍କୁ ଆଣିଥିବା ଏକ ଟ୍ରକ୍ ଅନୁଗୋଳରେ ଛାଡ଼ି ଚାଲିଯାଇଥିଲା। ସେମାନଙ୍କ ଘର କୋରାପୁଟରେ ବୋଲି ଜଣାପଡ଼ିଛି। ସମସ୍ତଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ମନ୍ଦିର ନ ଯିବାକୁ ପରାମର୍ଶ

**ଅନୁଗୋଳ ଅଫିସ, ୨୧।୫**

କରୋନା କଟକଣା ବଳବତ୍ତର ଥିବାରୁ ଶୁକ୍ରବାର ସାବିତ୍ରୀ ବ୍ରତ ପାଇଁ ଜିଲାର ବ୍ରତଧାରୀ ମନ୍ଦିର ନ ଯିବାକୁ ଅନୁଗୋଳ ପୋଲିସ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ସମସ୍ତେ ନିଜ ନିଜ ଘରେ ବ୍ରତ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ସାମାଜିକ ଦୂରତ୍ୱ ନିୟମ ପାଳନ କରି କୌଣସି ସ୍ଥାନରେ ଏକତ୍ରିତ ହୋଇ ପୂଜା ନ କରିବାକୁ ମଧ୍ୟ କୁହାଯାଇଛି। କରୋନା ମୁକାବିଲା ପାଇଁ ସରକାର ଓ ପ୍ରଶାସନକୁ ସହଯୋଗ କରିବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ମନ୍ଦିର ପରିସରରେ କାହାରିକୁ ବ୍ରତ ପାଳନ ପାଇଁ ଅନୁମତି ନ ଦେବାକୁ ପୂଜକମାନଙ୍କୁ ମଧ୍ୟ କୁହାଯାଇଛି। ଏଥିସହ ଜିଲାରେ ଥିବା ୨୧ଟି ଥାନା ଅଞ୍ଚଳରେ ୨୧ ଜଣ ମାଜିଷ୍ଟ୍ରେଟଙ୍କୁ ତଦାରଖ ପାଇଁ ନିୟୋଜିତ କରାଯାଇଛି। ସେହିପରି ୪୨ ପୋଲିସ ଅଧିକାରୀଙ୍କୁ ୧୪୯ଟି ମନ୍ଦିରର ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲାର ୪ ଉପଖଣ୍ଡ ପୋଲିସ ଅଧିକାରୀ (ଏସ୍‌ଡିପିଓ) ମଧ୍ୟ ଏହି ଦାୟିତ୍ୱରେ ରହିଛନ୍ତି। ଏହା ଉପରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ନଜର ରଖିବେ। ମନ୍ଦିରଗୁଡ଼ିକରେ ଭୋର ୪ଟାରୁ ପୋଲିସ ଅଧିକାରୀଙ୍କ ସହ ମାଜିଷ୍ଟ୍ରେଟ ଯାଇ ପହଞ୍ଚିବା ପାଇଁ ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



ପୋଲିସ ପକ୍ଷରୁ ମନ୍ଦିର ପୂଜାରୀଙ୍କୁ ସଚେତନ କରାଯାଉଛି।

## ସାବିତ୍ରୀ ବ୍ରତ ପାଇଁ ମାନିଲେନି କଟକଣା

# କିଣାକିଣି କରିବାକୁ ଠେଲାପେଲା

**ଅନୁଗୋଳ ଅଫିସ, ୨୧।୫**

ରାତି ପାହିଲେ ସାବିତ୍ରୀ ବ୍ରତ ଥିବାରୁ ଗୁରୁବାର ଅନୁଗୋଳ ବଜାରରେ ଗହଳି ଜମିଯାଇଥିଲା। କରୋନା ପାଇଁ ଜାରି ସବୁ କଟକଣାକୁ ଭୁଲି ଲୋକେ ଫଳ, ଶାଢ଼ି ସହ ଅନ୍ୟାନ୍ୟ ବ୍ରତ ସାମଗ୍ରୀ କିଣିବାକୁ ପ୍ରବଳ ଭିଡ଼ ଲଗାଇଥିବା ଦେଖିବାକୁ ମିଳିଥିଲା। ପୋଲିସର ତାଗିଦ୍ ସତ୍ତ୍ୱେ ସହରବାସୀ ତାହାକୁ ଖାତିର କରି ନ ଥିଲେ। ଫଳରେ ପୋଲିସ କେତେଜଣଙ୍କଠାରୁ ଫାଇନ କାଟିଥିବା ଜଣାଯାଇଛି।

ସହର ମଝିରେ ଥିବା ଡେଲି ମାର୍କେଟରେ ଶାଢୀ, ଫଳ, ପୂଜା ସାମଗ୍ରୀ, ବହି ଆଦି ବିଭିନ୍ନ ଦୋକାନରେ ଲୋକଙ୍କ ଗହଳି ହୋଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ଅନୁଗୋଳ ପୋଲିସ ପକ୍ଷରୁ ପଇଁତରା ମରାଯିବା ସହ ସାମାଜିକ ଦୂରତ୍ୱ ରଖିବାକୁ ତାଗିଦ୍ କରାଯାଇଥିଲା। ହେଲେ ଲୋକେ ଏହାକୁ ନ ମାନି ଗହଳି କରିଥିଲେ। ବହୁ ସଂଖ୍ୟାରେ ଲୋକଙ୍କ ସହ ବ୍ୟବସାୟୀ ଏଥିପାଇଁ ଜରିମାନା ମଧ୍ୟ ଗଣିଥିଲେ। ସାବିତ୍ରୀ ବ୍ରତ ସହ ପ୍ରଶାସନ ପକ୍ଷରୁ ନିୟମ କୋହଳ କରାଯାଇଥିବାରୁ ସେମାନେ ବଜାରକୁ ଆସି ଜିନିଷପତ୍ର କିଣୁଥିବା କେତେଜଣ ଗ୍ରାହକ ପ୍ରକାଶ କରିଛନ୍ତି। ଅନୁଗୋଳ ଥାନାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ମାସ୍କ ପିନ୍ଧି ନ ଥିବା ଏବଂ ସାମାଜିକ ଦୂରତା ରକ୍ଷା କରି ନ ଥିବା ଲୋକ ଏବଂ ବ୍ୟବସାୟୀଙ୍କ ନିକଟରୁ ଜରିମାନା ଆଦାୟ କରାଯାଇଛି। ଲୋକମାନେ ଅମାନିଆ ହୋଇ ହାଉଯାଉ ହୋଇଥିଲେ। ସେମାନେ ନିଜେ ସଚେତନ ନ ହେଲେ କିଛି କରିହେବ ନାହିଁ ବୋଲି ପୋଲିସ ଅଧିକାରୀ ଜଣକ କହିଛନ୍ତି।



ଅନୁଗୋଳ ବଜାରରେ ପ୍ରବଳ ଗହଳି।

## ସଂକ୍ଷେପରେ

### ଚାଲି ଚାଲି ଫେରିଲେ ୪୦ ପ୍ରବାସୀ

ଗୋଷାଣୀ,୨୧।୫(ଡି.ଏନ୍.ଏ.): ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ତାମିଲନାଡ଼ୁରୁ ଚାଲି ଚାଲି ଫେରିଛନ୍ତି ୪୦ ପ୍ରବାସୀ ଓଡ଼ିଆ। ଗଜପତି ଜିଲାର ଗୋଷାଣୀ ବ୍ଲକ୍ ଅଧୀନ ଆନ୍ଧ୍ର ସୀମାନ୍ତ ଧାମୁଣିଗାଁ ନାକା ପଏଣ୍ଟରେ ବୁଧବାର ଏହି ଶ୍ରମିକମାନେ ପହଞ୍ଚିଥିଲେ। ଏମାନେ ସମସ୍ତେ ଗଜପତି ଜିଲା ରାୟଗଡ଼, ଗୁମ୍ମା, ନୂଆଗଡ଼ ଏବଂ ଗୋଷାଣୀ ବ୍ଲକ୍ ଅଞ୍ଚଳର ବୋଲି ଜଣାପଡ଼ିଛି। ବାହାର ରାଜ୍ୟରେ ଏମାନେ ଶ୍ରମିକଭାବେ କାମ କରୁଥିବାବେଳେ ଲକ୍‌ଡାଉନ୍ ଯୋଗୁ କାରଖାନା ବନ୍ଦ ହୋଇଥିଲା। ସରକାର ଶ୍ରମିକମାନଙ୍କୁ ଭିଟାମାଟିକୁ ଫେରାଇନେବେ ବୋଲି ଘୋଷଣା କରିବା ପରେ ଏମାନେ ନାମ ପଞ୍ଜୀକରଣ କରିଥିଲେ। ତେବେ ବିଳମ୍ବ ଘଟିବାରୁ ବାଧ ହୋଇ ସେମାନେ ଅଳ୍ପବାଟ ଟ୍ରକ୍ ଓ ବସ୍ ଯୋଗେ ଆସିଥିଲେ। ପରେ ସେମାନେ ଚାଲି ଚାଲି ଆସି ପହଞ୍ଚିଥିଲେ। ନାକା ପଏଣ୍ଟରେ ପହଞ୍ଚିବା ପରେ ସେମାନଙ୍କ ବିଶ୍ରାମର ବ୍ୟବସ୍ଥା କରାଯାଇଥିଲା। ସେଠାରେ ନାମ ପଞ୍ଜୀକରଣ ପରେ ବସ୍ ଯୋଗେ ନିଜ ଅଞ୍ଚଳର ସଙ୍ଗରୋଧ କେନ୍ଦ୍ରକୁ ପଠାଯାଇଥିବା ସୂଚନା ମିଳିଛି।

### ପାନୀୟ ଜଳ ଯୋଗାଣ ନେଇ ଦାବିପତ୍ର

ଜୟପୁର,୨୧।୫(ଡି.ଏନ.ଏ./ନି.ପ୍ର.)- କୋରାପୁଟ ଜିଲା ଜୟପୁର ବ୍ଲକର କଙ୍ଗା ପଞ୍ଚାୟତର ୬ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ସାମାଜିକ କର୍ମୀ ବି.ହରିପ୍ରସାଦ ଏହା ପ୍ରଦାନ କରିଛନ୍ତି। ଗ୍ରୀଷ୍ମଋତୁରେ ବଡ ଡୁମୁରାଗୁଡ଼ା, ସାନ ଡୁମୁରାଗୁଡ଼ା, ଦଳେଇଗୁଡ଼ା, ମାଳିଗୁଡ଼ା, ଜାଡାଗୁଡ଼ା, କଦମଗୁଡ଼ା ପ୍ରଭୃତି ଗ୍ରାମରେ ଜଳସଙ୍କଟ ଦେଖାଦେଉଛି। ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଅଧିକାଂଶ ନଳକୂପ ଅଚଳ ହୋଇପଡୁଛି। ପାଇପ ଜଳ ଯୋଗାଣ ବ୍ୟବସ୍ଥା ନ ଥିବା ହେତୁ ଗ୍ରାମବାସୀ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ପାଣି ସଙ୍କଟ ଦୂରକରିବା ସହ ପାଇପ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।

### କାଠପଟା ଜବତ, ୩ ଗିରଫ

ଡାବୁଗାଁ,୨୧।୫(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧୀନ ନାଗଯୋଡ଼ି ଗ୍ରାମ କାଜୁବଗିଚା ଓ ବାଇଗାଁ ବିଟ୍‌ର ଅଞ୍ଚଳା ସଂରକ୍ଷିତ ଜଙ୍ଗଲରେ ଡାବୁଗାଁ ବନ କର୍ମଚାରୀ ଚଢ଼ାଉକରି ବହୁ ପରିମାଣରେ କାଠପଟା ଓ ବହ୍ଲା ଜବତ କରିବା ସହ ୩ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ନାଗଯୋଡ଼ି ଗ୍ରାମର ସୁଶାନ୍ତ ପନକା (୩୦), ହଳଦୀ ଗ୍ରାମର ଚୟନସିଂ ଜାନି (୪୮) ଓ କପିଳାସ ପୂଜାରୀ (୨୮)। ନାଗଯୋଡ଼ି ଗ୍ରାମର ସୁଶାନ୍ତ ବିଭିନ୍ନ ଗଛକୁ କାଟି ପଟା କରି ବିକ୍ରି ପାଇଁ ନିଜ ଘରେ ରଖିଥିଲେ। ଖବର ପାଇ ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁ ରଞ୍ଜନୀ ଗମାଙ୍ଗଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀମାନେ ଚଢ଼ାଉକରି ସୁଶାନ୍ତଙ୍କ ଘରୁ ବିପୁଳ ପରିମାଣର କାଠପଟା ଜବତ କରିଥିଲେ। ପଟା କାଟିବା ପାଇଁ ବୈଦ୍ୟୁତିକ ମେଶିନ, ହାତ ମେଶିନ ମଧ୍ୟ ଜବତ କରିଥିଲେ। ସେହିପରି ଡାବୁଗାଁ ବନାଞ୍ଚଳ ବାଇଗାଁ ବିଟ୍ ଅନ୍ତର୍ଗତ ଅଞ୍ଚଳା ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ହଳଦୀ ଗ୍ରାମର ୨ ଜଣ ଜଙ୍ଗଲରୁ ୨୦ଟି ବହ୍ଲା କାଟି ନେବା ସମୟରେ ପାଟ୍ରୋଲିଂ କରୁଥିବା ଡାବୁଗାଁ ବନ ବିଭାଗ କର୍ମଚାରୀଙ୍କ ହାତରେ ଧରା ପଡ଼ିଥିଲେ। ସେମାନଙ୍କ ନିକଟରୁ ୨ଟି ଟାଙ୍ଗିଆ ମଧ୍ୟ ଜବତ କରାଯାଇଛି।

# ମାଲକାନଗିରି: ପୁଣି ଜଣେ କରୋନା ପଜିଟିଭ

କାଲିମେଳା/ମାଲକାନଗିରି, ୨୧।୫ (ଡି.ଏନ୍.ଏ.)



**୨ଦିନରେ ତିନିକୁ ବଢ଼ିଲା ସଂଖ୍ୟା**
- ଗ୍ରାମରେ ସରପଞ୍ଚ ଘୋଷଣା କଲେ ଶଟ୍‌ଡାଉନ
- ଗଠନ ହୋଇଛି ତିନିଜଣିଆ ଟିମ୍
- ସାମଗ୍ରୀ କିଣିବାକୁ ପରିବାରରୁ ଯାଇପାରିବେ ଜଣେ

ମାଲକାନଗିରି ଜିଲାରେ ବୁଧବାର ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଏମ୍‌ଭି-୭୨ ଅଞ୍ଚଳରୁ ୨ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ଗୁରୁବାର ପୁଣି ସେହି ଅଞ୍ଚଳରୁ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ କୋଭିଡ୍-୧୯ ହସ୍ପିଟାଲକୁ ପଠାଯାଇଛି। ବୁଧବାର ଚିହ୍ନଟ ବ୍ୟକ୍ତିଙ୍କୁ ମଧ୍ୟ ଭୁବନେଶ୍ୱର ପଠାଇ ଦିଆଯାଇଥିଲା। ଏହି ଆକ୍ରାନ୍ତମାନେ ଏମ୍‌ଭି-୭୨ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ସେମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ପ୍ରଥମେ ୨ ଜଣଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ଗୁରୁବାର ଆଉ ଜଣକ ରିପୋର୍ଟ ପଜିଟିଭ ଆସିଛି। ଏହି ୨ ଦିନର ଚିହ୍ନଟ ଆକ୍ରାନ୍ତମାନେ ସମସ୍ତେ ଟିଗଲ ପଞ୍ଚାୟତର ଏକ ଗ୍ରାମର ବୋଲି ସୂଚନା ମିଳିବା ପରେ ସୁରକ୍ଷା ଦୃଷ୍ଟିରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଗ୍ରାମକୁ ଟିଗଲ ସରପଞ୍ଚ ବଜା ମାଡକାମି ଶଟ୍‌ଡାଉନ ଘୋଷଣା କରିଛନ୍ତି। ଗୁରୁବାର ସକାଳୁ ଗ୍ରାମର ଆଶା ,ଅଙ୍ଗନୱାଡି କର୍ମୀ,ଏଏନ୍ଏମ୍‌ଙ୍କୁ ନେଇ ତିନିଜଣିଆ ଟିମ୍ ଗଠନ କରାଯାଇଛି। ସେମାନେ ଗ୍ରାମରେ ଥିବା ୧୮୦ଟି ଘରକୁ ଯାଇ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ସହ ପଞ୍ଜୀକରଣ କରିଛନ୍ତି । ଗ୍ରାମରେ ସାନିଟାଇଜର ଛିଞ୍ଚନ କରାଯିବା ସହ ପରିମଳ ବ୍ୟବସ୍ଥାର ସୁଧାର ଅଣାଯାଉଛି। ସିଡିଏମ୍‌ଓ ଏବଂ ଏଡିଏମ୍ ବୀରସେନ ପ୍ରଧାନ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି । ଗ୍ରାମରେ କାହାକୁ ବାହାରକୁ ବାହାରିବା ପାଇଁ ବାରଣ କରାଯାଇଛି । ଅତ୍ୟାବଶ୍ୟକ ସାମଗ୍ରୀ ଆଣିବା ପାଇଁ ପରିବାରର ମାତ୍ର ଜଣେ ବ୍ୟକ୍ତି ବାହାରକୁ ଯାଇ ସାମଗ୍ରୀ ଆଣିବାକୁ କୁହାଯାଇଛି ।

# ଲୁଣ କଳାବଜାର ଉପରେ ଚଢ଼ାଉ

କାଲିମେଳା,୨୧।୫(ଡି.ଏନ୍.ଏ.)

**ଦୋକାନ ସିଲ୍, ମାଲିକ ଥାନାରେ ଅଟକ**

ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ଲୁଣ କଳାବଜାର ହେଉଥିବା ଅଭିଯୋଗ ହୋଇଛି। ଲୁଣ ଏକ ଅତ୍ୟାବଶ୍ୟକ ସାମଗ୍ରୀ ହୋଇଥିବାରୁ ଗୁରୁବାର କାଲିମେଳାରେ ତହସିଲଦାର ଆଲୋକ କୁମାର ଅନୁଗୁଳିଆ ବଜାରରେ ଚଢାଉ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ତହସିଲଦାର ଅନୁଗୁଳିଆଙ୍କ ନେତୃତ୍ୱରେ ଆର୍‌ଆଇ ସୁରେଶ ପୂଜାରୀ ବେଜାଙ୍ଗିବାଡାର ଜୟକୃଷ୍ଣ ସାହୁ ଏବଂ ମାଲକାନଗିରି ଯୋଗାଣ ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ କିରାନା ଦୋକାନ ଉପରେ ଚଢାଉ କରାଯାଇଥିଲା। ଲୁଣ କେଜିପ୍ରତି ୧୦ ଟଙ୍କା ଦାମ ଥିବାବେଳେ କେତେଜଣ ବ୍ୟବସାୟୀ ଏହାକୁ ୨୦ରୁ ୨୫ ଟଙ୍କାରେ ବିକ୍ରି କରୁଥିଲେ। ଦୋକାନଗୁଡିକ ଯାଞ୍ଚ କରାଯିବା ସହ ଚଢା ଦରରେ ଲୁଣ ବିକ୍ରି କରୁଥିବା ଦୋକାନକୁ ସିଲ୍ କରାଯାଇଥିଲା। ବଜାରରେ ଥିବା ପି.ପ୍ରସାଦ ରାଓଙ୍କ ଦୋକାନକୁ ସିଲ୍ କରାଯିବା ସହ ତାଙ୍କୁ ଥାନାରେ ଅଟକ ରଖାଯାଇଛି। ଏଥିସହ କାଲିମେଳା ଅଞ୍ଚଳର କେତେକ ଗୋଦାମ ଉପରେ ମଧ୍ୟ ଚଢ଼ାଉ କରାଯାଇଥିବା ଜଣାପଡିଛି। କେବଳ ଲୁଣ ନୁହେଁ, ଯେକୌଣସି ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର ହେଉଥିବା ଜଣାପଡ଼ିଲେ ଚଢ଼ାଉ ହେବ ବୋଲି ତହସିଲଦାର କହିଛନ୍ତି।

# ଏଣେତେଣେ ବୁଲିଲେ ପ୍ରବାସୀ ଶ୍ରମିକ

ପାରଳାଖେମୁଣ୍ଡି,୨୧।୫(ସ୍ୱ.ପ୍ର.):

ତାମିଲନାଡୁର ତିରିପୁର ଅଞ୍ଚଳରୁ ୫ ପ୍ରବାସୀ ଶ୍ରମିକ ଗୁରୁବାର ଗଜପତି ଜିଲାର ରାୟଗଡ଼ ବ୍ଲକ୍‌ରେ ପହଞ୍ଚିଛନ୍ତି। ତେବେ ଶ୍ରମିକମାନେ ଏଣେ ତେଣେ ବୁଲୁଥିବାରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଜିଲାର ନୂଆଗଡ଼ ବ୍ଲକ୍‌ର ୫ ଶ୍ରମିକ ନିଜ ଖର୍ଚ୍ଚରେ ଆସି ସକାଳେ ପାରଳାଖେମୁଣ୍ଡିରେ ପହଞ୍ଚିଥିଲେ। ତେବେ ସେମାନେ ପୂର୍ବରୁ ନାମ ପଞ୍ଜୀକରଣ କରି ନ ଥିବାରୁ କୌଣସି ପ୍ରକାର ସହଯୋଗ ମିଳି ନ ଥିଲା ; ଯଦ୍ୱାରା ଚାଲି ଚାଲି ସେମାନେ ରାୟଗଡ଼ରେ ପହଞ୍ଚିଥିଲେ। ସ୍ଥାନୀୟ ଶିବମନ୍ଦିର ନିକଟରେ ୪ ଘଣ୍ଟା ଅପେକ୍ଷା କରିବା ପରେ ଏଣେ ତେଣେ ବୁଲୁଥିଲେ। ସ୍ଥାନୀୟ ଲୋକେ ସନ୍ଦେହରେ ସେମାନଙ୍କୁ ପଚାରିଥିଲେ। ବାହାର ରାଜ୍ୟରୁ ଫେରିଥିବା ଜାଣି ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ରାୟଗଡ଼ ପୋଲିସ ପହଞ୍ଚି ଶ୍ରମିକମାନଙ୍କୁ ନେଇ ସଙ୍ଗରୋଧରେ ରଖିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ବିଡିଓ ଲୁକାଶ ପ୍ରଧାନ କହିଛନ୍ତି, ସେମାନେ ପୂର୍ବରୁ ପଞ୍ଜୀକରଣ କରି ନ ଥିଲେ। ଘଟଣା ଆମ ନଜରକୁ ଆସିବା ପରେ ସେମାନଙ୍କୁ ନିଜ ବ୍ଲକ୍‌କୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଉଲ୍ଲେଖଯୋଗ୍ୟ, ବିଭିନ୍ନ ରାଜ୍ୟରୁ ପ୍ରବାସୀ ଫେରୁଥିବା ଜାଣି ମଧ୍ୟ ବ୍ଲକ୍ ପ୍ରଶାସନର ଏପରି ଖାମଖିଆଲ ନୀତିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ରାୟଗଡରେ ପହଞ୍ଚିଥିବା ଶ୍ରମିକମାନେ ଏଣେତେଣେ ବୁଲୁଛନ୍ତି ।

**ଖାମଖିଆଲ ନୀତି**

# ନାବାଳିକାଙ୍କୁ ବଳାତ୍କାର

ନବରଙ୍ଗପୁର,୨୧।୫(ବି.ପ୍ର.):

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଥାନା ଅଧୀନ ଏକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅଞ୍ଚଳଗୁମ୍ମା ଗ୍ରାମର ଜଣେ ଯୁବକ ବଳାତ୍କାର କରିଥିବା ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୀଡ଼ିତାଙ୍କ ପରିବାର ଲୋକେ ନବରଙ୍ଗପୁର ମା’ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଅଧକ୍ଷା ତ୍ରିପାଠୀ ପୀଡ଼ିତାଙ୍କ ପରିବାର ସହିତ ନବରଙ୍ଗପୁର ଏସ୍‌ପି ନୀତିନ କୁଶଲକରଙ୍କ ନିକଟକୁ ଯାଇ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ଏସ୍‌ପି ଏ ନେଇ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ପରମାନନ୍ଦ ସୁନାନୀଙ୍କ ସହ ଆଲୋଚନା ପରେ ସେ ଅଞ୍ଚଳଗୁମ୍ମା ଯାଇ ନିଜ ଆଡୁ ତଦନ୍ତ ଆରମ୍ଭ କରିଛନ୍ତି।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖ ରାତିରେ ତାଙ୍କୁ ଘରୁ ବାହାରକୁ ଆସିବା ପାଇଁ ଫୋନ କରି ଯୁବକ ଜଣକ ଧମକାଇଥିଲେ। ସେ ଘରୁ ବାହାରକୁ ଆସିବା ପରେ ଯୁବକ ଜଣକ ତାଙ୍କ ସହଯୋଗୀ ସହିତ ତାଙ୍କୁ ନିର୍ମାଣାଧୀନ ଏକ ଘରର ଛାତ ଉପରକୁ ନେଇ ବଳାତ୍କାର କରିଥିଲେ> ପରଦିନ ଯୁବକ ଜଣକ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ନେଇ ୨ ଦିନ ରଖି ବଳାତ୍କାର କରିଥିଲେ। ଗତ ୧୭ ତାରିଖ ସକାଳେ ତାଙ୍କ ଗାଁକୁ ଯିବା ରାସ୍ତାରେ ଛାଡିଦେଇଥିଲେ। ନାବାଳିକା ଘରକୁ ଯାଇ ତାଙ୍କ ମା’ଙ୍କୁ ସବୁକଥା କହିବା ପରେ ସେହିଦିନ ହିଁ ଗାଁରେ ବୈଠକ ବସିଥିଲା। ପୀଡ଼ିତାଙ୍କ ପରିବାର ଲୋକେ ଗ୍ରାମବାସୀଙ୍କ ସହିତ ଯୁବକଙ୍କ ଘରକୁ ଯାଇଥିଲେ। ନାବାଳିକାଙ୍କୁ ଗ୍ରହଣ କରିବେ ନାହିଁ ବୋଲି ଯୁବକଙ୍କ ଘର ଲୋକେ କହିବାରୁ ସେମାନେ ନିରାଶରେ ଫେରିଥିଲେ।

# କେରଳରୁ ଟ୍ରେନ୍‌ରେ ଫେରିଲେ ୨୧୬ ପ୍ରବାସୀ

ରାୟଗଡ଼ା ଅଫିସ,୨୧।୫:

ରୋଜଗାର ପାଇଁ କେରଳର ବିଭିନ୍ନ ଅଞ୍ଚଳକୁ ଯାଇଥିବା ପ୍ରବାସୀ ଶ୍ରମିକମାନେ ଲକ୍‌ଡାଉନ୍ ଯୋଗୁ ଫସିରହିଥିଲେ। ଏହି ପ୍ରବାସୀ ଓଡ଼ିଆଙ୍କୁ ନେଇ ଥିରୁଭାଲ୍ଲାରୁ ବାହାରିଥିବା ଏକ ସ୍ୱତନ୍ତ୍ର ଟ୍ରେନ୍ ଗୁରୁବାର ରାୟଗଡ଼ାରେ ପହଞ୍ଚିଛି। ୨୧୬ ଶ୍ରମିକ ରାୟଗଡ଼ା ଷ୍ଟେଶନରେ ଓହ୍ଲାଇଥିବାବେଳେ ସେମାନଙ୍କ ମଧ୍ୟରେ ରାୟଗଡ଼ା ଜିଲାର ୧୭ ଜଣ, ଗଜପତିର ୪୧, କୋରାପୁଟର ୧୧, ନବରଙ୍ଗପୁରର ୧୨୧, କନ୍ଧମାଳର ୨୩ ଏବଂ ମାଲକାନଗିରି ଜିଲାର ୩ ଜଣ ରହିଛନ୍ତି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆର୍‌ଡିଏ ଅମୃତ ଋତୁରାଜ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ପ୍ରବାସୀମାନଙ୍କୁ ସ୍ୱାଗତ କରିଥିଲେ। ପରେ ସମ୍ପୃକ୍ତ ଜିଲାର ଅଧିକାରୀମାନେ ଶ୍ରମିକମାନଙ୍କୁ ନିଜ ଜିଲାକୁ ନେଇ ଯାଇଥିବା ସୂଚନା ମିଳିଛି। ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ୍‌ର ୫ ଶ୍ରମିକ, ଗୁଣପୁର ବ୍ଲକ୍‌ର ୩ ଏବଂ ମୁନିଗୁଡ଼ା ବ୍ଲକ୍‌ର ୯ ଶ୍ରମିକଙ୍କୁ ସମ୍ପୃକ୍ତ ବିଡିଓମାନଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।



ଟ୍ରେନରେ ଫେରିଥିବା ପ୍ରବାସୀମାନେ ।

# ସାହି, ଛକ ବୁଲି ସଚେତନ କଲେ ଜିଲାପାଳ

ରାୟଗଡ଼ା ଅଫିସ,୨୧।୫:

ରାୟଗଡ଼ା ଜିଲା ଏଯାବତ୍ ଗ୍ରୀନ୍ ଜୋନ୍‌ରେ ରହିଛି। ତଥାପି କରୋନାକୁ ହାଲ୍‌କାଭାବେ ନ ନେଇ ସତର୍କ ରହିବାକୁ ଗୁରୁବାର ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ନିଜେ ସହରବାସୀଙ୍କୁ ସଚେତନ କରିଛନ୍ତି। ବିଭିନ୍ନ ଛକ ଓ ସାହି ବୁଲି ସରକାରଙ୍କ ନିୟମକୁ ମାନିବାକୁ ଅନୁରୋଧ କରିଥିଲେ। ମାସ୍କ ନ ପିନ୍ଧି ବୁଲୁଥିବା କେତେଜଣ ଅମାନିଆଙ୍କୁ ତାଗିଦ କରିବା ମଧ୍ୟ ଦେଖାଯାଇଥିଲା। ସେହିପରି ସହରର ବିଭିନ୍ନ ଅଞ୍ଚଳରେ ପରିମଳ ବ୍ୟବସ୍ଥା ମଧ୍ୟ ଅନୁଧ୍ୟାନ କରିଥିଲେ। ଗୋଟିଏ ପରେ ଗୋଟିଏ ଜିଲାକୁ ସଂକ୍ରମଣ ବ୍ୟାପୁଥିବାବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ତେଣୁ ଅଧିକ ସତର୍କ ହେବାକୁ ଜିଲାପାଳ ଲୋକଙ୍କୁ ବୁଝାଇଛନ୍ତି। ସହରର କପିଳାସ ଛକ, ଜ୍ୟୋତି ମହଲ ଅଞ୍ଚଳ, ଶିବମନ୍ଦିର ଛକ, ବସ୍‌ଷ୍ଟାଣ୍ଡ, ରିଂରୋଡ୍ ଆଦି ଅଞ୍ଚଳ ବୁଲି ଲକ୍‌ଡାଉନ୍ ନିୟମ ଖିଲାପକାରୀଙ୍କୁ ତାଗିଦ କରିଛନ୍ତି। ପୋଲସ ଓ ପ୍ରଶାସନକୁ ସହଯୋଗ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିବା ଦେଖିବାକୁ ମିଳିଛି।



# ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

ଦାମନଯୋଡି,୨୧।୫(ଡି.ଏନ୍.ଏ.)

କୋରାପୁଟ ଜିଲା ଦାମନଯୋଡ଼ି ନିକଟସ୍ଥ ପଦମପୁର ପଞ୍ଚାୟତର ଚୌଗାଁ ସେବାଶ୍ରମ ବିଦ୍ୟାଳୟ ପରିସରରେ ନାଲ୍‌କୋ ଫାଉଣ୍ଡେଶନ ସହାୟତାରେ ନିର୍ମିତ ଶ୍ରେଣୀଗୃହକୁ ଗୁରୁବାର ବିଧାୟକ ରଘୁରାମ ପଡାଲ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନାଲ୍‌କୋ ଖଣି ବିଶୋଧନାଗାରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ, ମହାପ୍ରବନ୍ଧକ ସୁଶୀଲ ପାଢ଼ୀ, ମହାପ୍ରବନ୍ଧକ ବ୍ରଜକିଶୋର ଦାସ, ମହାପ୍ରବନ୍ଧକ ଅମରେନ୍ଦ୍ର କୁମାର ମିଶ୍ର, ନାଲ୍‌କୋ ଫାଉଣ୍ଡେଶନର କାର୍ଯ୍ୟ ପରିଚାଳନା ଅଧିକାରୀ ସୁବାସ ଚନ୍ଦ୍ର ରାୟ,ବିଚ୍ଛନ୍ଦ ଦାସ, ସୁକାନ୍ତ ଦାସ, ମନୋଜ ମାଝି,ପଦ୍ମପୁର ସରପଞ୍ଚ କୁମାରୀ ଲକ୍ଷ୍ମୀ ହାଞ୍ଜରିଆ, ବିଧାୟକ ପ୍ରତିନିଧି ମନୋଜ ବାଗ, ଆଇଟିଡିଏର ସହାୟକ ଯନ୍ତ୍ରୀ ବିଜୟ ଖରା ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ପ୍ରକଳ୍ପ ସଞ୍ଚାଳକ ତାପସ ପଣ୍ଡା, ପ୍ରମୋଦ କୁମାର ହିଆଲ, ସଂଯୋଜକ ଗୀତାଞ୍ଜଳି ମହାପାତ୍ର, ସୌଭାଗ୍ୟ ରଞ୍ଜନ ଜେନା ପ୍ରମୁଖ ପରିଚାଳନା କରିଥିଲେ।



ଅଧିକାରୀମାନେ ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ କରୁଛନ୍ତି ।

# କରୋନା ପଜିଟିଭ ପରେ ୨ ବ୍ଲକରେ କଡ଼ାକଡ଼ି ହେଲା କଟକଣା

ଚିତ୍ରକୋଣ୍ଡା/କୋରୁକୋଣ୍ଡା, ୨୧।୫(ଡି.ଏନ୍.ଏ.)

ଗ୍ରୀନ୍ ଜୋନ୍‌ଭାବେ ମାଲକାନଗିରି ଜିଲାରେ ଅନେକ କଟକଣା କୋହଳ କରାଯାଇଥିଲା। ତେବେ ବୁଧବାର ଏମ୍‌ଭି-୭୨ ଅଞ୍ଚଳରୁ ୨ ପଜିଟିଭ୍ ଚିହ୍ନଟ ହେବା ପରେ ଚିତ୍ରକୋଣ୍ଡା ଓ କୋରୁକୋଣ୍ଡା ବ୍ଲକରେ ପୋଲିସ ଓ ପ୍ରଶାସନ ପକ୍ଷରୁ କଟକଣାକୁ ବଢ଼ାଇ ଦିଆଯାଇଛି। ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରାଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ଚିତ୍ରକୋଣ୍ଡା ସହରାଞ୍ଚଳ ଏବଂ ଦୈନିକ ବଜାରରେ ଡାକବାଜି ଯନ୍ତ୍ର ଜରିଆରେ ଲୋକଙ୍କୁ ସଚେତନ କରିଛନ୍ତି। ସରକାରୀ ନିୟମକୁ ମାନିବା, ସାମାଜିକ ଦୂରତା ରଖିବା, ମାସ୍କ ପିନ୍ଧିବା, ଦୋକାନୀମାନେ ନିର୍ଦ୍ଧାରିତ ଦରଠାରୁ ଅଧିକ ମୂଲ୍ୟରେ ସାମଗ୍ରୀ ବିକ୍ରି ନ କରିବା, ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଘରେ ରହିବା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ସେହିପରି ଆଇଆଇସି ଯୁଗଳ ଶବର ଏବଂ ଟିମ୍ ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଂକୁ କରିବା ସହ ଅଯଥା ବାହରେ ନ ବୁଲିବାକୁ ଲୋକଙ୍କୁ ସଚେତନ କରିଛନ୍ତି। ଏହି ସମୟରେ ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ସ୍ୱାଇଁ,ଆର୍‌ଆଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିପରି କୋରୁକୋଣ୍ଡା ବ୍ଲକ୍ ବାଲିମେଳା ଏନ୍‌ଏସି ଅଞ୍ଚଳରେ ପ୍ରଶାସନ ପକ୍ଷରୁ ବିଭିନ୍ନ କଟକଣା ଜାରି କରାଯାଇଛି। ପିଲାଙ୍କୁ ଏକାଠିକରି ଶିକ୍ଷକ ଟ୍ୟୁଶନ ନ କରିବା, ପାନ, ଗୁଟ୍‌ଖା ଆଦି ବିକ୍ରି ଉପରେ ରୋକ ଲଗାଯାଇଛି। ସର୍ବସାଧାରଣରେ ଛେପ ନ ପକାଇବା ଲାଗି କୁହାଯାଇଛି। ଗ୍ରସେରି, ପରିବା ଓ ଔଷଧ ଦୋକାନ ସକାଳ ୧୦ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥିସହିତ ପ୍ରଶାସନ ପକ୍ଷରୁ ସାମାଜିକ ଦୂରତା ରକ୍ଷା କରିବା ଏବଂ ମାସ୍କ ପିନ୍ଧିବା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଛି। ତେବେ ଏହିସବୁ ନିୟମ ବାଲିମେଳା ଏନ୍‌ଏସିରେ ପାଳନ କରାଯାଉ ନ ଥିବା ଦେଖିବାକୁ ମିଳୁଛି। ସାମାଜିକ ଦୂରତାକୁ ନ ମାନି ଲୋକେ ଦୋକାନଗୁଡିକରେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି। କେତେକ ଦୋକାନରେ ବେଆଇନ ଭାବେ ଗୁଟ୍‌ଖା ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ ଯେ, ବୁଧବାର ମାଲକାନଗିରିରେ ୨ ଜଣଙ୍କ କରୋନା ରିପୋର୍ଟ ପଜିଟିଭି ଆସିଥିଲା। ଉଭୟେ ଦାଦାପୁତୁରା ବୋଲି ଜଣାପଡିଛି।

# ମନ୍ଦିର ନ ଯିବାକୁ ନିର୍ଦ୍ଦେଶନାମା ଜାରି

ମାଲକାନଗିର,୨୧।୫ (ଡି.ଏନ୍.ଏ.)

ଶୁକ୍ରବାର ହେବାକୁ ଥିବା ସାବିତ୍ରୀ ବ୍ରତ ଉପଲକ୍ଷେ ମାଲକାନଗିରି ଏସ୍‌ପି ହ୍ରିଷିକେଶ ଡି. ଖିଲାରି ମହିଳାମାନେ ପୂଜା କରିବାକୁ ମନ୍ଦିରକୁ ନ ଯିବା ଲାଗି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସମସ୍ତେ ନିଜ ନିଜ ଘରେ ବ୍ରତ ପାଳନ କରିବାକୁ ସେ ନିବେଦନ କରିଥିବା ଜଣାପଡିଛି। ଆମେ ଆମର ପରମ୍ପରାକୁ ବଜାୟ ରଖି ସମାଜକୁ ସୁରକ୍ଷିତ ରଖିବା ଆମର କର୍ତ୍ତବ୍ୟ ହେବା ଉଚିତ୍ ବୋଲି ସେ କହିଛନ୍ତି।

# ଲକ୍‌ଡାଉନ୍ ମାନିଲେନି, ଖୋଲିଲେ ଶପିଂ ମଲ୍

ଜୟପୁର,୨୧।୫(ଡି.ଏନ୍.ଏ.)

- ପ୍ରଶାସନ ପହଞ୍ଚି ବନ୍ଦ କଲା ଶପିଂ ମଲ୍
- ସନ୍ଧ୍ୟା ୭ରୁ ସକାଳ ୭ଟା ପର୍ଯ୍ୟନ୍ତ କର୍ଫ୍ୟୁକୁ ଲୋକେ ମାନୁନାହାନ୍ତି

୪ର୍ଥ ପର୍ଯ୍ୟାୟ ଲକ୍‌ଡାଉନ ନିୟମ ଅନୁଯାୟୀ କୋରାପୁଟ ଜିଲା ଜୟପୁର ସହରରେ ସନ୍ଧ୍ୟା ୭ ଟାରୁ ସକାଳ ୭ ଟା ମଧ୍ୟରେ ଜାରି କରାଯାଇଥିବା କର୍ଫ୍ୟୁକୁ ଲୋକେ ମାନୁନାହାନ୍ତି । ଏପରିକି ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁ ସନ୍ଧ୍ୟାରୁ ଦୋକାନ ବଜାର ବନ୍ଦ ରହୁଥିଲେ ସୁଦ୍ଧା ଲୋକମାନେ ଚାଲି ଚାଲି, ବାଇକ, ଗାଡି ନେଇ ଯାତାୟାତ କରୁଛନ୍ତି। ଫଳରେ ସହରର ମୁଖ୍ୟରାସ୍ତା, ସାହି ଓ ଗଳିରେ ଜନଗହଳି ଦେଖିବାକୁ ମିଳୁଛି । ସେହିପରି ଗୁରୁବାର ୩ଟି ଶପିଂ ମଲ୍ ଖୋଲାଯାଇଥିଲା। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ମେନ୍‌ରୋଡ୍ ଠାରେ ରହିଥିବା ଦୁଇଟି ଶପିଂ ମଲ୍‌କୁ ବନ୍ଦ କରିଥିଲେ । କିନ୍ତୁ ପୁଣି କିଛି ସମୟ ପରେ ଶପିଂ ମଲ୍‌ର ଅଧା ଶଟର ଖୋଲାଯାଇ ସାମଗ୍ରୀ ବିକ୍ରି କରାଯାଇଥିଲା । ସେହିପରି ପାରାବେଢା ମୁଖ୍ୟ ରାସ୍ତାରେ ଏକ ଶପିଂ ମଲ୍ ଖୋଲାଯାଇଥିଲା। ତେବେ ଉକ୍ତ ଶପିଂ ମଲ୍‌କୁ ଦୋକାନ ଭାବେ ଖୋଲିବାକୁ ପୌର କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ଅନୁମତି ପତ୍ରକୁ ଶପିଂ ମଲ୍ ମ୍ୟାନେଜର ଦେଖାଇଥିଲେ। ଏ ନେଇ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲାପାଳ ନିର୍ଦ୍ଦେଶନାମା ଜାରି କରିବେ। ଏହାକୁ ସ୍ଥାନୀୟ ପ୍ରଶାସନ ପାଳନ କରିବେ । ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ନିର୍ଦ୍ଦେଶ ପାଳନର ତଦାରଖ କରିବେ ବୋଲି କହିଛନ୍ତି ।

# ସରପଞ୍ଚଙ୍କୁ ଜିଲାପାଳ କ୍ଷମତା: ଗ୍ରାମବାସୀ ମାନୁନାହାନ୍ତି ନିୟମ

ମାଲକାନଗିରି,୨୧।୫ (ଡି.ଏନ୍.ଏ.)–

ବର୍ତ୍ତମାନ କରୋନା ପାଇଁ ସମଗ୍ର ବିଶ୍ୱ ଚିନ୍ତିତ ରହିଛି। ଏଥିରେ ଲକ୍ଷାଧିକ ଲୋକଙ୍କ ଜୀବନ ଗଲାଣି । ଆମ ଦେଶ ଏବଂ ରାଜ୍ୟରେ ଏହି ରୋଗକୁ କିପରି ନିୟନ୍ତ୍ରଣ କରାଯିବ ସେନେଇ ସଚେତନତା ସୃଷ୍ଟି କରାଯାଉଛି। ବିଭିନ୍ନ ନିୟମ ପାଳନ କରିବାକୁ କୁହାଯାଉଛି। ଅମାନିଆଙ୍କୁ ଶାସନ କରିବା, ପ୍ରତି ଗ୍ରାମବାସୀ ନିୟମ ପାଳନ କରିବା, ସଙ୍ଗରୋଧ ଗୃହର ପରିଚାଳନା କରିବା, ପ୍ରବାସୀଙ୍କ ଥଇଥାନ, ରାଜ୍ୟ ବାହାରୁ ଲୁଚିକରି ଆସି ରହୁଥିବା ଲୋକଙ୍କୁ ଚିହ୍ନଟ କରି ସଙ୍ଗରୋଧ ଗୃହରେ ରଖିବା ପାଇଁ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚମାନଙ୍କୁ ସରକାର ଜିଲାପାଳଙ୍କ କ୍ଷମତା ଦେଇଛନ୍ତି। ମାତ୍ର ମାଲକାନଗିରି ଜିଲାରେ ଅନେକ ପଞ୍ଚାୟତରେ ସରପଞ୍ଚଙ୍କୁ ମାନୁ ନ ଥିବା ଦେଖିବାକୁ ମିଳୁଛି। ଏନେଇ ସରପଞ୍ଚମାନେ ମଧ୍ୟ ଅଭିଯୋଗ କରିଛନ୍ତି। ମାଲକାନଗିରି ସଦର ବ୍ଲକ ସେରପାଲି ପଞ୍ଚାୟତର ଟାଙ୍ଗିଣିତଙ୍ଗ, ଗୁଦୁନାଡ, କୁସୁମବାହାଲ ଗ୍ରାମରେ ଲୋକମାନେ କରୋନା ନିୟମ ମାନୁ ନ ଥିବା ଦେଖିବାକୁ ମିଳିଛି। ଏହି ୩ ଗ୍ରାମର ଯୁବକମାନେ ଗୁରୁବାର ଏକ କ୍ରିକେଟ ଟୁର୍ନାମେଣ୍ଟରେ ଏକାଠି ହୋଇ କୋଭିଡ୍-୧୯ ନିୟମକୁ ଉଲ୍ଲଂଘନ କରିଛନ୍ତି। ସେମାନେ ସାମାଜିକ ଦୂରତା ରଖି ନ ଥିବା ବେଳେ ମାସ୍କ ମଧ୍ୟ ପିନ୍ଧି ନ ଥିଲେ। ସେହିପରି ଗୁଦୁନାଡ ଗ୍ରାମର ଶତାଧିକ ମହିଳା ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ଶେଷ ପର୍ବ ଦିନ ଚୁଡ଼ା ବଣ୍ଟାକରି ଖାଉଥିବା ଜଣାପଡିଛି। ଏହି ସମୟରେ ସେମାନେ ସାମାଜିକ ଦୂରତା ରଖିନାହାନ୍ତି କି ମୁହଁରେ ମାସ୍କ ପରିଧାନ କରି ନାହାନ୍ତି। କେବଳ ଏହି ଗ୍ରାମଗୁଡିକ ନୁହେଁ, ଜିଲାର ଅନେକ ଆଭ୍ୟନ୍ତରୀଣ ଅଞ୍ଚଳରେ ଗ୍ରାମବାସୀ ନିୟମ ମାନୁ ନ ଥିବା ଜଣାପଡିଛି। ଗ୍ରାମାଞ୍ଚଳର ଦୋକାନ ବଜାର ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବା ସହ ଦୋକାନଗୁଡ଼ିକରେ ଗହଳି ଦେଖିବାକୁ ମିଳୁଛି । ଏ ସମ୍ପର୍କରେ ସେରପାଲି ସରପଞ୍ଚ ଦଶରଥ ଡୁରୁକାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସବୁ ଗ୍ରାମ ବୁଲି କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ କ୍ରିକେଟ ଖେଳିବାକୁ ବାରଣ କରିଥିଲେ। ମାତ୍ର ମୋ କଥା କେହି ଶୁଣୁନାହାନ୍ତି। ଏ ସମ୍ପର୍କରେ ମୁଁ ପୋଲିସକୁ ଜଣାଇବି ବୋଲି ଡୁରୁକା କହିଛନ୍ତି।



କ୍ରିକେଟ ଖେଳିବାକୁ ଆସିଥିବା ଯୁବକମାନେ ।



ଏକାଠି ହୋଇ ପର୍ବ ପାଳୁଛନ୍ତି ମହିଳା ।

- କ୍ରିକେଟ ଟୁର୍ନାମେଣ୍ଟରେ ଏକାଠି ହେଉଛନ୍ତି ଯୁବକ
- ପର୍ବ ପାଳୁଛନ୍ତି ଗୋଟିଏ ସ୍ଥାନରେ ଶତାଧିକ ମହିଳା
- ଥାନାରେ ଅଭିଯୋଗ କରିବେ ସରପଞ୍ଚ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ମେ ୨୨/୨୦୨୦ Friday, May 22/2020

# 'ଏକାକୀ ସମାଧାନ କରିପାରିବନି ପିଏମ୍‌ଓ'

## ଭାରତ ସାମ୍ନା କରୁଛି ଅର୍ଥନୈତିକ ବିପତ୍ତି: ରାଜନ



**ନୂଆଦିଲ୍ଲୀ,୨୧।୫**

ଭାରତୀୟ ଅର୍ଥ ବ୍ୟବସ୍ଥାର ଗତି ଗତ କିଛି ତ୍ରୈମାସ ହେବ ଲଗାତର ଭାବେ ନିମ୍ନଗାମୀ ହୋଇ ଚାଲିଥିଲା। ବିଶ୍ୱ ମାନ୍ଦାବସ୍ଥା, ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ଏବଂ ଘରୋଇ ବଜାରର କିଛି ସମସ୍ୟା ଯୋଗୁ ଅର୍ଥ ବ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥିଲା। କରୋନା ଆସିବା ପରେ ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ବୋଝ ଉପରେ କୋରଡା ମାଡ଼ ଭଳି ଘଟଣା ସାମ୍ନାକୁ ଆସିଛି। ଅର୍ଥ ବ୍ୟବସ୍ଥା ସାମ୍ନାରେ ହଠାତ୍ କୋଭିଡ୍-୧୯ ଭଳି ସଙ୍କଟ ମାଡି ଆସିବା ଫଳରେ ଏହା ଏବେ ଅର୍ଥନୈତିକ ବିପତ୍ତିର ସାମ୍ନା କରୁଛି ବୋଲି ଭାରତୀୟ ଅର୍ଥନୀତିଜ୍ଞ ତଥା ଆର୍‌ବିଆଇର ପୂର୍ବତନ ଗଭର୍ନର ରଘୁରାମ ରାଜନ ଗୁରୁବାର କହିଛନ୍ତି।

ଏହି ପ୍ରସଙ୍ଗରେ ସେ ମତ ରଖି କହିଛନ୍ତି ଯେ, ଦେଶ ସାମ୍ନାରେ ଉଭା ହୋଇଥିବା ଏହି ସମସ୍ୟାକୁ ନେଇ ବେଶ୍ ଚିନ୍ତିତ। ସ୍ଥିତିକୁ ସୁଧାରିବା ଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଏକାକୀ ସକ୍ଷମ ହୋଇପାରିବ ନାହିଁ। ସରକାର ବିପକ୍ଷରେ ଥିବା ପ୍ରତିଭାବାନ ବ୍ୟକ୍ତିଙ୍କ ମତାମତ ମଧ୍ୟ ନେବା ଆବଶ୍ୟକ। ସବୁ ପ୍ରକାର ବିକଳ୍ପକୁ ନେଇ ସରକାର ବିଚାର କରନ୍ତୁ। ଏଭଳି ସ୍ଥିତିରେ ଯଦି ଅଧିକ ପଦକ୍ଷେପ ସରକାର ଗ୍ରହଣ ନ କରନ୍ତି ତେବେ ଅର୍ଥ ବ୍ୟବସ୍ଥା ଆହୁରି କ୍ଷତିଗ୍ରସ୍ତ ହେବ। ବର୍ତ୍ତମାନ ଦେଶର ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। ଏହାକୁ ସୁଧାରିବା ଲାଗି ସରକାର ରାଜନୈତିକ ବିଚାରଧାରାଠାରୁ ଊର୍ଦ୍ଧ୍ୱକୁ ଯାଇ ଆର୍ଥିକ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। କେବଳ କରୋନାଜନିତ ଲକ୍‌ଡାଉନ ଲାଗି ହୋଇଥିବା କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ସଜାଡିବା ଏକ ଚ୍ୟାଲେଞ୍ଜ ନୁହେଁ। ପୂର୍ବର ୩ରୁ ୪ ବର୍ଷରେ ହୋଇଥିବା ଅର୍ଥନୈତିକ କ୍ଷତିକୁ ବିଚାର କରିବାକୁ ହେବ। ଦେଶରେ ଅର୍ଥ ବ୍ୟବସ୍ଥା ଏବେ ବିଗିଡ଼ିଥିବା ମାନିବାକୁ ହେବ। ଦେଶରେ ଅନେକ ପ୍ରବୀଣ ଲୋକ ଅଛନ୍ତି। ସରକାର ସେମାନଙ୍କ ପରାମର୍ଶ ନେଇ ପାରିବେ। ପୂର୍ବତନ ଅର୍ଥମନ୍ତ୍ରୀମାନଙ୍କର ପରାମର୍ଶ ମଧ୍ୟ ସରକାର ନେଇପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଅର୍ଥ ବ୍ୟବସ୍ଥାକୁ ଧୀରେ ଧୀରେ ଟ୍ରାକ୍‌କୁ ଆଣିବା ଲାଗି ରାଜନ କିଛି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ସରକାର ଭିତ୍ତିଭୂମି ବିକାଶ ଦ୍ୱାରା ନିର୍ମାଣ କ୍ଷେତ୍ର କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିପାରିବେ। କରୋନା ଭାଇରସ୍ ବିରୋଧରେ ଲଢିବା ଯେଭଳି ଗୁରୁତ୍ୱପୂର୍ଣ୍ଣ, କ୍ଷତିଗ୍ରସ୍ତ ଅର୍ଥବ୍ୟବସ୍ଥାକୁ ସେଥିରୁ ବାହାରକୁ ଆଣିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ପ୍ୟାକେଜକୁ ରାଜନ ଅପର୍ଯ୍ୟାପ୍ତ ବୋଲି ବିବେଚନା କରିଛନ୍ତି। ଭାରତ କ୍ଷେତ୍ରରେ ଏହା ଆଂଶିକ ହେବ। ଏଣୁ ସରକାରଙ୍କୁ ସବୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ ବୋଲି ସେ ମତ ରଖିଛନ୍ତି। ଯଦି ସରକାର ଠିକ୍ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଗୋଟିଏ ବର୍ଷରେ ସ୍ଥିତି କ'ଣ ହେବ ବୋଲି ଏକ ପ୍ରଶ୍ନରେ ରାଜନ କହିଛନ୍ତି, ସ୍ଥିତି ସମ୍ଭାଳିବା ବହୁତ କଷ୍ଟକର ହୋଇପଡିବ। ବିତ୍ତୀୟ ନିଅଣ୍ଟ ବଢ଼ିଗଲେ ରେଟିଂ ଏଜେନ୍ସିଗୁଡିକ ଭାରତକୁ କ'ଣ କହି ତଉଲିବେ ସେ ନେଇ ସରକାର ବେଶି ଚିନ୍ତିନ ନ ହେବା ଉଚିତ। ଅର୍ଥ ବ୍ୟବସ୍ଥାକୁ ବଞ୍ଚାଇବା ଲାଗି ଖର୍ଚ୍ଚ ବଢାଇବା ଆବଶ୍ୟକତା ରହିଛି । ସବୁ କିଛି ଠିକ୍ ହୋଇଗଲେ ଅର୍ଥବ୍ୟବସ୍ଥାକୁ ଟ୍ରାକ୍‌କୁ ଆଣିବା ଦିଗରେ ପଦକ୍ଷେପମାନ ଯୋଗଦାନ ରଖିବ।

ସେ ପୁଣି କହିଛନ୍ତି, ବର୍ତ୍ତମାନ ବେକାର ହୋଇ ବସିଥିବା ପ୍ରବାସୀ ଶ୍ରମିକଙ୍କୁ ମାଗଣା ଖାଦ୍ୟ ସାମଗ୍ରୀ ଯୋଗାଇଦେଲେ ସବୁ କିଛି କାମ ଶେଷ ହୋଇଗଲା ବୋଲି ଭାବିନେବା ଭୁଲ୍। ଜୀବନଧାରଣ ଲାଗି ବାସସ୍ଥାନ ସହ ଅନ୍ୟ ପ୍ରସଙ୍ଗ ମଧ୍ୟ ଏହା ମଧ୍ୟରେ ସାମିଲ ରହିଛି। ସରକାର ବିଗିଡ଼ିଥିବା ସହରଗୁଡିକର ସ୍ଥିତିକୁ ଠିକ୍ କରି ଗାଁକୁ ପଳାଇଥିବା ପ୍ରବାସୀଙ୍କୁ ପୁଣି କାମ ଲାଗି ଆକୃଷ୍ଟ କରିପାରିବେ। ନିକଟରେ ଅମର୍ତ୍ତ୍ୟ ସେନ ଏବଂ ଅଭିଜିତ ବାନାର୍ଜୀଙ୍କ ଏକ ଲେଖାରେ ଗରିବଙ୍କ ନିକଟକୁ ପ୍ରତ୍ୟକ୍ଷ ଅର୍ଥ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତ୍‌କାରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ ଯେ, ଋଣ ଏବଂ କ୍ରେଡିଟ ଗ୍ୟାରେଣ୍ଟି ଦୀର୍ଘମିଆଦୀ ଭିତ୍ତିରେ ସମସ୍ୟାକୁ ସମାଧାନ କରିବ। ସୀତାରାମନଙ୍କ ଏହି ମତ ଉପରେ ରାଜନ କହିଛନ୍ତି ଯେ, ଋଣ ଯୋଗାଣ ଦ୍ୱାରା ଅର୍ଥ ବ୍ୟବସ୍ଥାକୁ କ୍ରିୟାଶୀଳ କରାଇବାକୁ ସମୟ ଲାଗିବ। ବର୍ତ୍ତମାନର କ୍ଷୁଧା ଏବଂ ଦାରିଦ୍ର୍ୟ ସମସ୍ୟା ସମାଧାନ ଲାଗି ଏହା ବିକଳ୍ପ ନୁହେଁ। ଏବେ ଏମ୍‌ଏସ୍‌ଏମ୍‌ଇଗୁଡିକ ଋଣ ଭାରରେ ରହିଥିବା ବେଳେ ସରକାର ମଧ୍ୟ ଋଣ ଦେବା ଲାଗି ଘୋଷଣା କରିଛନ୍ତି, ଯାହା ସେମାନଙ୍କ ଋଣବୋଝକୁ ଆହୁରି ବଢ଼ାଇବ। ଏହା ଉଭୟ କମ୍ପାନୀ ଏବଂ ବ୍ୟାଙ୍କଗୁଡିକ ଲାଗି ସମସ୍ୟା ସୃଷ୍ଟି କରିବ। ବ୍ୟାଙ୍କଗୁଡିକୁ ଋଣ ପ୍ରଦାନ କରିବାରେ ଏହା ସମସ୍ୟା ସୃଷ୍ଟି କରିବ। କ୍ରେଡିଟ ଗ୍ୟାରେଣ୍ଟିକୁ ବେଲ୍ ଆଉଟ ଦିଗରେ ବ୍ୟବହାର କରାଯାଇପାରେ। ବିମାନ ଶିଳ୍ପ, ପର୍ଯ୍ୟଟନ ସହ ବେଶି କ୍ଷତିଗ୍ରସ୍ତ କ୍ଷେତ୍ରଗୁଡିକୁ ଆମେରିକା ଭଳି ବେଲ୍ ଆଉଟ ପ୍ରଦାନ କରିପାରିବେ ନାହିଁ। ମାତ୍ର ଋଣ କ୍ଷେତ୍ରରେ ଆଶ୍ୱସ୍ତି ପ୍ରଦାନ କରିପାରିବେ। ଦେଶର ଆର୍ଥିକ କ୍ଷେତ୍ରକୁ ପୁନର୍ଗଠନ, ପୁନଃ ପୁଞ୍ଜି ପ୍ରଦାନ ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଉନ୍ନତ ପରିଚାଳନା କରିବାକୁ ହେବ। କୃଷିକ୍ଷେତ୍ର ଲାଗି ସରକାର ଆଣିଥିବା ସଂସ୍କାର ଏବଂ ଶିଳ୍ପ କ୍ଷେତ୍ରରେ ହଟାଯାଇଥିବା ଲାଇସେନ୍ସ ରାଜ ପ୍ରଶଂସାଯୋଗ୍ୟ, ମାତ୍ର ଏହାର କାର୍ଯ୍ୟକାରିତା ଠିକ୍ ଭାବେ ହେବା ଉଚିତ। ଏହାକୁ ଅମଲାତନ୍ତ୍ର ଦ୍ୱାରା ଖରାପ ଅର୍ଥରେ ବ୍ୟବହାର କରାଯିବାର ଭୟ ରହିଛି। ମୋଟାମୋଟି ଭାବେ ଦେଶରେ ଇଜ ଅଫ୍ ଡୁଇଁ ବିଜ୍‌ନେସ୍‌କୁ ତ୍ୱରାନ୍ୱିତ କରିବା ଲାଗି ସରକାର କାର୍ଯ୍ୟ କରନ୍ତୁ ବୋଲି ରାଜନ ମତ ପ୍ରକାଶ କରିଛନ୍ତି।

# ବିମାନ ଭଡ଼ାରେ ସୀମା ଜାରିକଲେ ସରକାର



**ନୂଆଦିଲ୍ଲୀ,୨୧।୫**

ସରକାର ଗୁରୁବାର ବିମାନ ଭଡ଼ା ଉପରେ ମୂଲ୍ୟ ସୀମା ନିର୍ଦ୍ଧାରଣ କରିଛନ୍ତି। ବିମାନ ଯାତ୍ରାର ସମୟକୁ ନେଇ ଏହାକୁ ୭ ବର୍ଗରେ ରଖାଯାଇଛି। ଅଗଷ୍ଟ ୨୪ ଯାଏ ଏହି ନିୟମ କାମ କରିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୪୦ ମିନିଟର କମ୍ ସମୟ ଅବଧି ଉଡ଼ାଣକୁ ପ୍ରଥମ ବ୍ୟାଣ୍ଡରେ ରଖାଯାଇଛି। ସେହିଭଳି ଦ୍ୱିତୀୟ, ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ବ୍ୟାଣ୍ଡରେ ଯଥାକ୍ରମେ ୪୦-୬୦ ମିନିଟ, ୬୦-୯୦ ମିନିଟ, ୯୦ରୁ ୧୨୦ ମିନିଟ, ୧୨୦-୧୫୦ ମିନିଟ ସାମିଲ ରହିଛି। ଷଷ୍ଠ ଏବଂ ସପ୍ତମ ବ୍ୟାଣ୍ଡରେ ଯଥାକ୍ରମେ ୧୫୦ରୁ ୧୮୦ ଏବଂ ୧୮୦ରୁ ୨୧୦ ମିନିଟ ସାମିଲ ରହିଥିବା ପୁରୀ ସ୍ପଷ୍ଟ କରିଛନ୍ତି। ବିମାନର ୪୦% ସିଟ୍ କମ୍ ଫେୟାର ଲାଗି ସଂରକ୍ଷିତ କରାଯିବ। ମେ ୨୫ ଠାରୁ କଟକଣା ସହ ଦେଶ ମଧ୍ୟରେ ବିମାନ ସେବା ଆରମ୍ଭ କରାଯିବ। ମାର୍ଚ୍ଚ ୨୫ରେ ଲକ୍‌ଡାଉନ ଲାଗି ଦେଶରେ ଉଭୟ ଡୋମେଷ୍ଟିକ ଏବଂ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରହିଛି।

# ରେଲ୍‌ୱେର କାଉଣ୍ଟର ଟିକେଟ ବୁକିଂ ଶୀଘ୍ର



**ନୂଆଦିଲ୍ଲୀ,୨୧।୫ :** କରୋନା ମାମଲା ଥମୁ ନ ଥିବାରୁ ବର୍ତ୍ତମାନ ସାରା ଦେଶରେ ରେଳସେବା ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ହୋଇପାରି ନାହିଁ। ୧୫ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ସହ ପ୍ରବାସୀଙ୍କୁ ଫେରାଇ ଆଣିବା ଲାଗି ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍ ଏବେ ଚଳାଚଳ କରୁଛି। ବର୍ତ୍ତମାନ ସୁଦ୍ଧା ରେଲୱେର ଟିକେଟ କାଉଣ୍ଟରଗୁଡ଼ିକରେ ଟିକେଟ କାଟିବା ବ୍ୟବସ୍ଥା କରାଯାଇନାହିଁ। ଲୋକମାନେ ଆଇଆର୍‌ସିଟିସି ୱେବ୍‌ସାଇଟକୁ ଯାଇ ଟିକେଟ କ୍ରୟ କରୁଛନ୍ତି। ଏହି ସମସ୍ୟାକୁ ଧ୍ୟାନରେ ରଖି ଶୀଘ୍ର କାଉଣ୍ଟରରେ ଟିକେଟ ଯୋଗାଣ ବ୍ୟବସ୍ଥା କରିବାକୁ ରେଲୱେ ଯୋଜନା ରଖିଛି। ଶୁକ୍ରବାର ସୁଦ୍ଧା ୧.୭୦ ଲକ୍ଷ କମନ ସର୍ଭିସ ସେଣ୍ଟରରେ ଦ୍ୱାରା ଲୋକଙ୍କୁ ଟିକେଟ କରିବା ସୁବିଧା ଦିଆଯିବ। ଆଗାମୀ ୨ରୁ ୩ ଦିନରେ ରେଲୱେର ଟିକେଟ କାଉଣ୍ଟରଗୁଡିକ ମଧ୍ୟ ଏହି ଯୋଜନାରେ ଯୋଡି ହେବେ। ଜୁନ୍ ପହିଲାରୁ ୨୦୦ ଅଣଏସି ଟ୍ରେନ୍ ଚଳାଇବା ଲାଗି ରେଳ ମନ୍ତ୍ରଣାଳୟ ଯୋଜନା ରଖିଛି। ଏଥିଲାଗି ଗୁରୁବାରଠାରୁ ଟିକେଟ ବୁକିଂ ଆରମ୍ଭ ହୋଇଛି। ଅଢେଇ ଘଣ୍ଟାରେ ୪ରୁ ୫ ଲକ୍ଷ ଟିକେଟ ବୁକିଂ ହୋଇଥିବା ରେଳମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଛନ୍ତି। ପୂର୍ବ ଏବଂ ଉତ୍ତର ପୂର୍ବାଞ୍ଚଳ ଭାଗକୁ ଟ୍ରେନ୍ ଏଥିରେ ସାମିଲ ନାହିଁ। ଜୁନ୍‌ରୁ ଅଧିକ ଟ୍ରେନ୍ ଯୋଡ଼ିବା ଲାଗି ରେଲୱେ ଆଶାବାଦୀ ରହିଛି।



୧୩ତମ ଶ୍ରାଦ୍ଧବାର୍ଷିକୀ
୰ ଶର୍ମିଷ୍ଠା ମିଶ୍ର
(ସିପ୍ପୁ)
ହତଭାଗ୍ୟ ସ୍ୱାମୀ
ରଶ୍ମି ରଞ୍ଜନ ପାଢ଼ୀ (ଲିଲୁ)
ଆବିର୍ଭାବ: ତା୨୧।୦୬।୧୯୮୪
ତିରୋଧାନ: ତା୨୨।୦୫।୨୦୦୭
ଆଜି ୧୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ପାଢ଼ୀ ପରିବାର ପକ୍ଷରୁ ବିନମ୍ର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
Beauty Palace NX, Jawahar Chouk, Dhenkanal



ଓଡ଼ିଶା ସରକାର
ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ
ଆଧାର ପଞ୍ଜିକରଣ ଏବଂ ସଂଶୋଧନ କାର୍ଯ୍ୟକ୍ରମ

COVID-19 ପାଇଁ ସାମୟିକ ଭାବେ ବନ୍ଦ ହୋଇଥିବା ଓକାକ୍ ଅଧିନସ୍ଥ ଆଧାର କେନ୍ଦ୍ରଗୁଡିକ ପୁର୍ନବାର ଚାଲୁ କରାଯାଇଛି । ଏଣୁ ଜନସାଧାରଣମାନଙ୍କୁ ଅନୁରୋଧ ସେମାନେ କରୋନା ସମ୍ବନ୍ଧୀୟ ସରକାରଙ୍କ ନିୟମାବଳୀ ଗୁଡିକର ଅନୁପାଳନ ପୂର୍ବକ ମାସ୍କ ପିନ୍ଧି ଏବଂ ସାମାଜିକ ଦୂରତା ରକ୍ଷା କରି ଆଧାର କେନ୍ଦ୍ରଗୁଡ଼ିକରୁ ଆବଶ୍ୟକୀୟ ସେବା ଉପଲବ୍ଧ କରନ୍ତୁ ।


## ଖେଳ ଖବର

# ଟୋକିଓ ଅଲିମ୍ପିକ୍ସ ଲାଗି ୨୦୨୧ ଅନ୍ତିମ ବିକଳ୍ପ

**ଟୋକିଓ, ୨୧।୫:** କରୋନା ଭାଇରସ ସଂକ୍ରମଣଜନିତ ପ୍ରଭାବରୁ ଟୋକିଓ ଅଲିମ୍ପିକ୍ସ ୨୦୨୧କୁ ଘୁଞ୍ଚିଛି। ମାତ୍ର ଆସନ୍ତାବର୍ଷ ଯଦି ଏହା ସମ୍ଭବ ନ ହୁଏ ତେବେ ବାତିଲ ହେବ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ମୁଖ୍ୟ ଥୋମାସ ବ୍ୟାକ୍ ପ୍ରକାଶ କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜାପାନ ସରକାର ଓ ଆଇଓସି ୨୦୨୦ ଅଲିମ୍ପିକ୍ସକୁ ଏକ ବର୍ଷ ଅର୍ଥାତ୍ ୨୦୨୧କୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲେ। ତେବେ କରୋନା ଭାଇରସ ସଂକ୍ରମଣଜନିତ ସ୍ଥିତି ନିୟନ୍ତ୍ରଣାଧୀନ ନ ହେଲେ ୨୦୨୧ରେ ଅଲିମ୍ପିକ୍ସ ସମ୍ଭବ ନୁହେଁ ବୋଲି ଜାପାନ ପ୍ରଧାନମନ୍ତ୍ରୀ ଶିନ୍‌ଜୋ ଆବେ କିଛିଦିନତଳେ ପ୍ରକାଶ କରିଥିଲେ। ଏହି ଭାଇରସ୍‌ରେ ଜାପାନରେ ୧୭,୧୦୦ ସଂକ୍ରମିତ ହୋଇଥିବା ବେଳେ ୭୯୭ ଜଣ ମୃତ୍ୟୁବରଣ କରିଛନ୍ତି। ବ୍ୟାକ୍ କହିଛନ୍ତି ଯେ, ଆମେ ପରିସ୍ଥିତିକୁ ବୁଝୁଛୁ। କାରଣ ଏପରି ସ୍ଥିତିରେ କେବେହେଲେ ଆୟୋଜକ କମିଟିରେ ୩,୦୦୦ କିମ୍ବା ୫,୦୦୦ ଲୋକଙ୍କୁ ରଖା ଯାଇ ପାରିବ ନାହିଁ। ଅନ୍ୟପକ୍ଷରେ ଆମେ କେବେହେଲେ ପ୍ରତିବର୍ଷ ବିଶ୍ୱବ୍ୟାପୀ ସମସ୍ତ ପ୍ରମୁଖ ଫେଡେରେଶନଗୁଡ଼ିକର ସମଗ୍ର କ୍ରୀଡ଼ା କ୍ୟାଲେଣ୍ଡରକୁ ପରିବର୍ତ୍ତନ କରାଯାଇ ପାରିବନାହିଁ। ଆଥଲେଟ୍‌ଙ୍କ କ୍ୱାରାଣ୍ଟାଇନ୍ ସମେତ ବିଭିନ୍ନ ଦୃଷ୍ଟିକୋଣକୁ ବିଚାରରେ ରଖି ଆଇଓସି ଆସନ୍ତାବର୍ଷ ଅଲିମ୍ପିକ୍ସ ଆୟୋଜନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏ ସବୁ କାର୍ଯ୍ୟ ଅଲିମ୍ପିକ୍ସ ଭିଲେଜରେ ହିଁ ଅନୁଷ୍ଠିତ ହେବ। ସମ୍ପୂର୍ଣ୍ଣ ଦୃଶ୍ୟପଟକୁ ବିଚାରରେ ରଖି ବିଭିନ୍ନ ବିକଳ୍ପକଥା ଚିନ୍ତା କରାଯାଉଛି। ଏହାକୁ ବର୍ତ୍ତମାନ ପ୍ରକାଶ କରାଯିବା ସମ୍ଭବ ନୁହେଁ ବୋଲି ବ୍ୟାକ୍ କହିଛନ୍ତି। ୨୦୨୧ ଜୁଲାଇ ୨୩ ବେଳକୁ ସମ୍ପୂର୍ଣ୍ଣ ବିଶ୍ୱର ସ୍ଥିତି କିପରିଥିବ ଏହାକୁ ଦୃଷ୍ଟିରେ ରଖି ଆମେ ଉପଯୁକ୍ତ ନିଷ୍ପତ୍ତି ନେବୁ ବୋଲି ସେ ପ୍ରକାଶ କରିଛନ୍ତି।



ଥୋମାସ ବ୍ୟାକ୍

## ମନୋହରଙ୍କ ସ୍ଥାନରେ ଗାଙ୍ଗୁଲି ଉପଯୁକ୍ତ

**ଜୋହାନ୍ସବର୍ଗ, ୨୧।୫ (ପି.ଟି.):** ଆଇସିସି ଚେୟାରମ୍ୟାନ ଶଶାଙ୍କ ମନୋହରଙ୍କ କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେଉଥିବାବେଳେ ତାଙ୍କର ପରବର୍ତ୍ତୀ ଉତ୍ତରାଧିକାରୀ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ହିଁ ଯୋଗ୍ୟ ବ୍ୟକ୍ତି ବୋଲି କହିଛନ୍ତି କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍‌ଏ)ର କ୍ରିକେଟ ନିର୍ଦ୍ଦେଶକ ଗ୍ରେମ୍ ସ୍ମିଥ୍। ସିଇଓ ଜ୍ୟାକ୍ସ ଫାଉଲ ସ୍ମିଥ୍‌ଙ୍କ ମନ୍ତବ୍ୟକୁ ସମର୍ଥନ କରିଛନ୍ତି। ଜଣେ ଭାରତୀୟ ଯଦି ପରବର୍ତ୍ତୀ ଆଇସିସି ମୁଖ୍ୟ ହୁଅନ୍ତି ଆମର କୌଣସି ଆପତ୍ତି ନାହିଁ ବୋଲି ସେ କହିଛନ୍ତି। କରୋନାଭାଇରସ୍ ଯୋଗୁ ବର୍ତ୍ତମାନ ପରିସ୍ଥିତିରେ ହୁଏତ ମନୋହରଙ୍କ କାର୍ଯ୍ୟକାଳ ୨ ମାସ ବୃଦ୍ଧି କରାଯାଇପାରେ। ଆଇସିସି ଚେୟାରମ୍ୟାନ ପଦବୀ ପାଇଁ ଏପର୍ଯ୍ୟନ୍ତ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)ର ପୂର୍ବତନ ଚେୟାରମ୍ୟାନ କଲିନ୍ ଗ୍ରେଭ୍ସ ଫେଭରାଇଟ୍ ରହି ଆସିଥିବାବେଳେ ଗ୍ରେମ୍ ସ୍ମିଥ୍‌ଙ୍କ ମନ୍ତବ୍ୟ ଏହି ପ୍ରସଙ୍ଗରେ ନୂଆ ମୋଡ଼ ଆଣିଦେଇଛି। ସୌରଭ ଗାଙ୍ଗୁଲି ହେଉଛନ୍ତି ଜଣେ ମହାନ୍ କ୍ରିକେଟର ଓ ସମ୍ମାନାସ୍ପଦ ବ୍ୟକ୍ତି। ଆଧୁନିକ କ୍ରିକେଟକୁ ସେ ଉଚିତ୍ ଦିଗ୍‌ଦର୍ଶନ ଦେଇ ପାରିବେ ବୋଲି ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ସ୍ମିଥ୍ କହିଛନ୍ତି। ଏହା ପୂର୍ବରୁ କିଛିଦିନ ତଳେ ଇଂଲଣ୍ଡର ପୂର୍ବତନ ଅଧିନାୟକ ଡେଭିଡ୍ ଗାୱାର ଗାଙ୍ଗୁଲିଙ୍କ ସପକ୍ଷରେ ମତ ଦେଇଥିଲେ।

# ଅଗଷ୍ଟ ଶେଷରେ ଭାରତ, ଦକ୍ଷିଣ ଆଫ୍ରିକା ୩ ଟି୨୦ ଖେଳିବେ

**ନୂଆଦିଲ୍ଲୀ,୨୧।୫ (ପି.ଟି.):** ଆସନ୍ତା ଅଗଷ୍ଟ ମାସ ଶେଷରେ ଭାରତ ଓ ଦକ୍ଷିଣ ଆଫ୍ରିକା ୩ଟି ଟି୨୦ ମ୍ୟାଚ୍ ଖେଳିବେ। ତେବେ କୋଭିଡ୍-୧୯ ମହାମାରୀ କମିଲେ ଅର୍ଥାତ୍ ନିୟନ୍ତ୍ରଣକୁ ଆସିଲେ ଉଭୟ ଦେଶର ସରକାର ଏହି ସିରିଜ ଆୟୋଜନ ନେଇ ଅନୁମତି ଦେବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏ ନେଇ ଇଚ୍ଛା ଜାହିର କରିଥିବାରୁ କ୍ରିକେଟ ସାଉଥ୍ ଆଫ୍ରିକା ମୁଖ୍ୟ କାର୍ଯ୍ୟନିର୍ବାହୀ ଜ୍ୟାକ୍ୟୁସ ଫାଉଲ୍ ବେଶ୍ ଉତ୍ସାହିତ





ହୋଇଛନ୍ତି। ଅନ୍ୟ ଏକ ନୂଆ ତାରିଖରେ ଏହାକୁ ଆୟୋଜନ କରିବାକୁ ଉଭୟ ପକ୍ଷ ଇଚ୍ଛୁକ ନୁହନ୍ତି ବୋଲି ସେ କହିଛନ୍ତି। ଚୁକ୍ତିକୁ ସମ୍ମାନ ଦେବାକୁ ବିସିସିଆଇ ଚାହୁଁଛି। ପୁଣି ଯଦିବି ଏହି ସିରିଜ୍‌କୁ ଘୁଞ୍ଚାଯାଏ ତା'ହେଲେ ସାମନ୍ୟ ବିଳମ୍ବ ହେବ। ବିସିସିଆଇ ସହିତ ଏ ସଂକ୍ରାନ୍ତରେ ଆମର ଭଲ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି।

ଯଦି ସରକାର ଅନୁମୋଦନ କରନ୍ତି ତା'ହେଲେ ଏହି ସିରିଜ ଆୟୋଜନ ହୋଇପାରେ ବୋଲି ବିସିସିଆଇ ତରଫରୁ କୁହାଯାଇଛି। ପ୍ରଥମେ ଗ୍ରୀନ୍ ଜୋନ୍‌ରେ ସବୁ ଖେଳାଳିଙ୍କୁ ଅଣାଯାଇ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯିବ। ଯଦି ସବୁକିଛି ଠିକ୍‌ଠାକ୍ ଚାଲେ ତା'ହେଲେ ଦକ୍ଷିଣ ଆଫ୍ରିକା ସହିତ ଆମେ ଖେଳିବୁ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ସିରିଜ ଆୟୋଜନ ଆଳରେ ବିସିସିଆଇ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ କରିବାନେଇ ଦକ୍ଷିଣ ଆଫ୍ରିକାର ସମର୍ଥନ ମଧ୍ୟ ହାସଲ କରିପାରିବ। ତେବେ ଯଦି ଟି୨୦ ବିଶ୍ୱକପ୍ ଆୟୋଜନ ନ ହୁଏ ତେବେ ଅକ୍ଟୋବର- ନଭେମ୍ବରରେ ଏପରି ହେବାର ସମ୍ଭାବନା ରହିଛି।

ଏ ସଂକ୍ରାନ୍ତରେ ଦକ୍ଷିଣ ଆଫ୍ରିକା ସରକାରଙ୍କଠାରୁ ଅନୁମୋଦନ ପାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି ଫାଉଲ୍ କହିଛନ୍ତି। ଯଦି ଆବଶ୍ୟକ ହୁଏ ରୁଦ୍ଧଦ୍ୱାରରେ ଏହି ମ୍ୟାଚ୍ ସବୁ ଆୟୋଜନ ହେବ। ଏହି ଗସ୍ତ ଆମ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଭାରତ ଏ ନେଇ ଇଚ୍ଛୁକ ଥିବାରୁ ଆମେ ମଧ୍ୟ ବହୁତ ଉତ୍ସାହିତ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଅନ୍ୟ କ୍ରୀଡ଼ା ଭଳି କ୍ରିକେଟ ମଧ୍ୟ କୋଭିଡ୍-୧୯ ମହାମାରୀ କାରଣରୁ ପ୍ରଭାବିତ ହୋଇଛି। ମାର୍ଚ୍ଚ ମାସ ପ୍ରାରମ୍ଭରୁ ବିଶ୍ୱରେ କ୍ରିକେଟ ଠପ୍ ହୋଇଛି।



Your
FAVOURITE FASHION SHOWROOM
IS BACK
NOW OPEN with all necessary hygiene, sanitation and crowd control measures.
kalamandir କଳାମନ୍ଦିର
ODISHA'S MOST POPULAR FASHION SHOP
Shop with a smile.
3, Western Market, Bhubaneswar 751009
BENARASIS | KANJEVARAMS | ODISSIS | PRINTED SILKS | BROCADES | JAMEVARS | SOUTH SILKS | GADWALS
FANCY SAREES | LEHENGAS | SUITINGS | SHIRTINGS | SUITS | JACKETS | KURTA PYJAMAS | SHERWANIS | EXCLUSIVE READYMADES
WOMEN'S WEAR | KIDSWEAR | FURNISHINGS | DRESS MATERIALS


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ